ଯା ଦେବୀ ସର୍ବଭୂତେଷୁ
ମାତୃ ରୂପେଣ ସଂସ୍ଥିତା
ନମସ୍ତସ୍ୟୈ ନମସ୍ତସ୍ୟୈ
ନମସ୍ତସ୍ୟୈ ନମୋନମଃ

# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17



Vol. 33 | ISSUE 189 | ଭାଗ ୩୩ | ସଂଖ୍ୟା ୧୮୯ Monday 29 September 2025 | Page 8 Rs. 5.00 ● ଭୁବନେଶ୍ୱର ସୋମବାର ୨୯ ସେପ୍ଟେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା

ମମିତା ମେହେର୍ ଆତ୍ମହତ୍ୟା ମାମଲା

# ଖୋଲିବ ଗୋବିନ୍ଦ ମୃତ୍ୟୁ ଫାଇଲ୍!



● ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ପରିବାର ଲୋକେ
● ସିବିଆଇ ତଦନ୍ତ ଦାବି ରଖିଲେ

**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ ଶିକ୍ଷୟିତ୍ରୀ ମମିତା ମେହେର ଆତ୍ମହତ୍ୟା ଏକଦା ରାଜ୍ୟ ରାଜନୀତିରେ ହଇଚଇ ସୃଷ୍ଟି କରିଥିଲା। ମମିତାଙ୍କ ଆତ୍ମହତ୍ୟା ପଛରେ ତତ୍କାଳୀନ ଗୃହ ରାଷ୍ଟ୍ରମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ସହ ବିଜେଡିର କେତେକ ହାଇଫାଇ ନେତାଙ୍କ ସମ୍ପୃକ୍ତି ଥିବା ନେଇ ଚର୍ଚ୍ଚା ଜୋର୍ ଧରିଥିଲା। ତେବେ ବିଜେଡି କ୍ଷମତାରେ ଥିବାରୁ ଏହି ଘଟଣାକୁ ଚାପି ଦେଇଥିବା ବେଳେ କଳାହାଣ୍ଡି ମହାଲିଙ୍ଗସ୍ଥିତ ଉକ୍ତ ସନ୍‌ସାଇନ୍ ଇଂଲିଶ୍ ମିଡିୟମ୍ ସ୍କୁଲ୍‌ର ଅନ୍ୟତମ ପୃଷ୍ଠପୋଷକ ଗୋବିନ୍ଦ ସାହୁଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ପ୍ରାରମ୍ଭରୁ ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଦିବ୍ୟଶଙ୍କର ଓ ଅନ୍ୟାନ୍ୟ ପ୍ରଭାବଶାଳୀ ନେତାଙ୍କୁ ବଞ୍ଚାଇବା ସକାଶେ ଗୋବିନ୍ଦଙ୍କୁ ମୋହରା ବନାଯାଇଥିବା ଚର୍ଚ୍ଚା ହେଉଥିଲା। ଗିରଫ ହେବାର କିଛି ଦିନ ପରେ ଗୋବିନ୍ଦ କଣ୍ଟାବାଞ୍ଜି ସବ୍‌ଜେଲ୍‌ରେ ଆତ୍ମହତ୍ୟା କରିବା ପରେ ଘଟଣା ଆହୁରି ରହସ୍ୟାବୃତ୍ତ ହୋଇଥିଲା। କିନ୍ତୁ ଦଳ କ୍ଷମତାରେ ଥିବାରୁ ଏହି ଘଟଣାକୁ ସମ୍ପୂର୍ଣ୍ଣ ଭାବେ ଚାପିଦିଆଯାଇଥିଲା। କିନ୍ତୁ ଏବେ ଏହି ମାମଲାର ପୁଣିଥରେ ତଦନ୍ତ ସମ୍ଭାବନା ଦେଖାଦେଇଛି। ଆଜି ଗୋବିନ୍ଦଙ୍କ ପରିବାର ଲୋକେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟିଛନ୍ତି। ଲୋକଙ୍କ ମୁଖ୍ୟମନ୍ତ୍ରୀ ଭାବେ ପରିଚିତ ଶ୍ରୀ ମାଝୀ ସାକ୍ଷାତାଲୋଚନା ସମୟରେ ଗୋବିନ୍ଦଙ୍କ ପତ୍ନୀ ଓ କନ୍ୟାଙ୍କୁ ମାମଲାର ଉପଯୁକ୍ତ ତଦନ୍ତ ହେବା ନେଇ ପ୍ରତିଶ୍ରୁତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ସେମାନେ ଏକ ଦାବିପତ୍ର ପ୍ରଦାନ କରିବା ସହ ଏଥିରେ ଗୋବିନ୍ଦଙ୍କ ➪ପୃଷ୍ଠା-୬

ଏସିଆ କପ୍ ଫାଇନାଲ




# ଭାରତ ଚାମ୍ପିଅନ

## ତିଲକ୍ ପିନ୍ଧାଇଲେ ବିଜୟ ତିଲକ

**ଦୁବାଇ,୨୮।୯ :** ଦୁବାଇ ଇଣ୍ଟରନ୍ୟାସନାଲ ଷ୍ଟାଡିୟମଠାରେ ରବିବାର ଖେଳାଯାଉଥିବା ଏସିଆ କପ ଫାଇନାଲ ମ୍ୟାଚରେ ତିଲକ ବର୍ମାଙ୍କ ଧୂଆଁଧାର ଇନିଂସ ବଳରେ ଭାରତ ଉତ୍କଣ୍ଠାପୂର୍ଣ୍ଣ ବିଜୟ ହାସଲ କରିଛି। ପାକିସ୍ତାନ ପକ୍ଷରୁ ଦିଆଯାଇଥିବା ୧୪୭ ରନ ଟାର୍ଗେଟକୁ ଭାରତ ୫ ୱିକେଟ ହରାଇ ୧୯.୪ ଓଭରରେ ଜିତି ନେଇଛି। ଏହି ବିଜୟ ସହ ଭାରତ ୯ମ ଥର ଲାଗି ଏସୀୟ ଚାମ୍ପିଅନ ହେବାର ସୌଭାଗ୍ୟ ଲାଭ କରିଛି।

ଭାରତ ପକ୍ଷରୁ ଅଭିଷେକ ଶର୍ମା ୫, ଶୁବମନ ଗିଲ ୧୨, ସୂର୍ଯ୍ୟକୁମାର ଯାଦବ ୧ ରନ କରି ଆଉଟ ହୋଇଯିବା ପରେ ପାକିସ୍ତାନ ଖେଳାଳି ଉତ୍ସାହିତ ହୋଇପଡ଼ିଥିଲେ। ପରେ ସଞ୍ଜୁ ସାମସଙ୍ଗ ବ୍ୟକ୍ତିଗତ ୨୪ ରନ କରି ପ୍ୟାଭିଲିୟନ ଛାଡ଼ିଥିଲେ। ହେଲେ ନିର୍ଭରଯୋଗ୍ୟ ବ୍ୟାଟ୍ସମ୍ୟାନ ତିଲକ ବର୍ମାଙ୍କ ଦମଦାର ପ୍ରଦର୍ଶନ ଭାରତର ବିଜୟ ପଥକୁ ସୁଗମ କରିଥିଲା। ସେ ୪ ଛକା ଓ ୩ ଚୌକା ସହ ବ୍ୟକ୍ତିଗତ ୬୯ ରନ କରି ଅପରାଜିତ ରହିଥିଲେ। ତାଙ୍କୁ ସହଯୋଗ କରିଥିଲେ ଅଲରାଉଣ୍ଡର ଶୁଭମ ଦୁବେ। ସେ ୨୨ ବଲରେ ୨ ଛକା ସହ ୩୩ ରନ କରି କ୍ୟାଚ ଆଉଟ ହୋଇଥିଲେ। ଶିବମ ଦୁବେ ଆଉଟ ହେବା ପରେ ରିଙ୍କୁ ସିଂ କ୍ରିଜକୁ ଆସି ବିଜୟ ଚୌକା ମାରି ଭାରତକୁ ବିଜୟୀ କରିଥିଲେ। ପାକିସ୍ତାନ ପକ୍ଷରୁ ସଫଳ ବୋଲର ଭାବେ ଫହୀମ ଅଶ୍ରଫ ୩ ୱିକେଟ ହାସଲ କରିଥିଲେ।

ପୂର୍ବରୁ ପାକିସ୍ତାନ ପ୍ରଥମେ ବ୍ୟାଟିଂ କରି ଭାରତକୁ ୧୪୭ ରନର ଟାର୍ଗେଟ ଦେଇଥିଲା। ପାକିସ୍ତାନ ୧୯.୧ ଓଭରରେ ୧୪୬ ରନ କରି ଅଲଆଉଟ ହୋଇଯାଇଥିଲା। ଏହି ମ୍ୟାଚରେ ଭାରତ ଅଲରାଉଣ୍ଡର ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବିନା ପଡ଼ିଆକୁ ଓହ୍ଲାଇଥିଲା। ପାକିସ୍ତାନର ଦୁଇ ଓପନର ଫକର ଜମାନ ଓ ସାହିବଜାଦା ଫରହାନ ➪ପୃଷ୍ଠା-୬

ଓଡ଼ିଶା ରିସର୍ଚ୍ଚ ସେଣ୍ଟର-ଟିଆଇଏସଏସ ମୁମ୍ବାଇ ଚୁକ୍ତି ସ୍ୱାକ୍ଷରିତ

# ସାମାଜିକ ଗବେଷଣାକୁ ମିଳିବ ପ୍ରୋତ୍ସାହନ: ଧର୍ମେନ୍ଦ୍ର



● ସାମାଜିକ ଗବେଷଣା ଓ ବିକାଶ କ୍ଷେତ୍ରରେ ଆରମ୍ଭ ହେବ ନୂଆ ଅଧ୍ୟାୟ

**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଓଡ଼ିଶା ରିସର୍ଚ୍ଚ ସେଣ୍ଟର (ଓଆରଏସ), ଭୁବନେଶ୍ୱର ଓ ଟାଟା ଇନଷ୍ଟିଚ୍ୟୁଟ ଅଫ୍ ସୋସିଆଲ ସାଇନ୍ସ (ଟିଆଇଏସଏସ), ମୁମ୍ବାଇ ମଧ୍ୟରେ ହୋଇଥିବା ବୁଝାମଣାପତ୍ର (ଏମଓୟୁ) ସାମାଜିକ ଗବେଷଣାକୁ ପ୍ରୋତ୍ସାହନ ସହ ରାଜ୍ୟର ଭବିଷ୍ୟତ ଓ ଯୁବପିଢ଼ିର ଗବେଷଣା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଆଜି ଏଠାରେ ଅନୁଷ୍ଠିତ ଚୁକ୍ତି ସ୍ୱାକ୍ଷର ସମାରୋହରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ବ୍ୟକ୍ତ କରିଛନ୍ତି। ଶ୍ରୀ ପ୍ରଧାନଙ୍କ ଉପସ୍ଥିତିରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିବା ବେଳେ ସେ ଉଭୟ ଅନୁଷ୍ଠାନକୁ ଶୁଭେଚ୍ଛା ଜଣାଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ ଏହା କେବଳ ଦୁଇଟି ଶିକ୍ଷାନୁଷ୍ଠାନ ମଧ୍ୟରେ ଚୁକ୍ତିନାମା ନୁହେଁ, ବରଂ ଓଡ଼ିଶାର ଭବିଷ୍ୟତ ତଥା ଯୁବପିଢ଼ିର ଗବେଷଣାକୁ ଆଗକୁ ନେବା ପାଇଁ ଏକ ମହତ୍ୱାକାଂକ୍ଷୀ ଉଦ୍ୟମ। ଏହି ପଦକ୍ଷେପ ଓଡ଼ିଶାର ସାମାଜିକ ଗବେଷଣା ଓ ବିକାଶ କ୍ଷେତ୍ରରେ ନୂଆ ଅଧ୍ୟାୟ ଆରମ୍ଭ କରିବ। ଇତିହାସ ଦର୍ପଣ ସ୍ୱରୂପ। କୌଣସି ଜାତି ତା'ର ଇତିହାସକୁ ମନେ ନ ପକାଇ ଭବିଷ୍ୟତକୁ ଦେଖିପାରିବନି। ଓଡ଼ିଶାରେ ସଂଘଟିତ କଳିଙ୍ଗ ଯୁଦ୍ଧର ଇତିହାସ ମଧ୍ୟ ଅନ୍ୟ ଦେଶରେ ରହିଛି। ନାକଟିଦେଉଳ ନିକଟସ୍ଥ ଭୀମମଣ୍ଡଳୀ ପରି ଐତିହାସିକ ସ୍ଥାନ, ଜଗତସିଂହପୁର ଜିଲ୍ଲାର ତିର୍ତ୍ତୋଲ ଅଞ୍ଚଳ ପୁରାତନ ମାନବ ସଭ୍ୟତା ସହ ଯୋଡ଼ି ହୋଇରହିଥିବା ପ୍ରମାଣ ଦେଉଛି। ପୁରୀ ଶ୍ରୀମନ୍ଦିର, କୋଣାର୍କ ସୂର୍ଯ୍ୟମନ୍ଦିର, ଲିଙ୍ଗରାଜ ମନ୍ଦିରର ➪ପୃଷ୍ଠା-୬

# ଉତ୍ତରାଧିକାରୀ ଘୋଷଣା ପୂର୍ବରୁ ବିଦାହେବେ ବରିଷ୍ଠ



## ଦିଲ୍ଲୀରେ ନବୀନ ଆରମ୍ଭ କରିଛନ୍ତି ଛେଦନ ପ୍ରକ୍ରିୟା

**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଗତ ୨୦୨୪ ନିର୍ବାଚନରେ ବିଜେଡି ବିରୋଧୀ ଦଳକୁ ଆସିବା ପରେ ଦଳରେ ଭବିଷ୍ୟତକୁ ନେଇ ଅନେକ ଆଲୋଚନା ପର୍ଯ୍ୟାଲୋଚନା ଚାଲିଛି। ନବୀନ ପଟ୍ଟନାୟକଙ୍କ ଅସୁସ୍ଥତା ସହ ବିଜେପି ସହ ସମ୍ପର୍କକୁ ନେଇ ମଧ୍ୟ ଏଭଳି ଚର୍ଚ୍ଚା ହେବା ସ୍ୱାଭାବିକ। ତେବେ ଗତ ୨୮ ବର୍ଷ ଧରି ଆଜି ପର୍ଯ୍ୟନ୍ତ ନବୀନଙ୍କ ରଣନୀତିକୁ କୌଣସି ରାଜନେତା କି ସମୀକ୍ଷକ କେବେ ଆକଳନ କରିପାରିନଥିଲେ। ତେଣୁ ଏବେବି କେହି ଆକଳନ କରିପାରୁନାହାନ୍ତି।

କିଛି ରାଜନୈତିକ ବିଶ୍ଳେଷକ ନବୀନଙ୍କ ବର୍ତ୍ତମାନର ଗତିବିଧିକି ଦେଖି ଆକଳନ କରୁଛନ୍ତି କି ବିଜେଡି ସଭାପତି ଏବେ ଦଳର ପକ୍ଷ୍ୟ ଛେଦନ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ପ୍ରଫୁଲ୍ଲ ମଲ୍ଲିକଙ୍କ ନିଲମ୍ବନ ଠାରୁ ଆରମ୍ଭ କରି ଭାସ୍କର ରାଓ ଓ ଲାଲବିହାରୀ ହିମିରିକା ଦଳରୁ ଇସ୍ତଫା ଦେବା ପର୍ଯ୍ୟନ୍ତ ସବୁକିଛି ପ୍ରମାଣିତ କରୁଛି ନବୀନଙ୍କ ନୂଆ ଗେମ ପ୍ଲାନକୁ। ସରକାରରେ ଥିବା ବେଳେ ଧୁଆ ମୂଳାଠୁ ଅଧୁଆ ମୂଳା ସମସ୍ତେ ସଫଳ ରାଜନେତା ବୋଲାଉଥିଲେ। ହେଲେ ବିଜେଡି ବିରୋଧୀ ଆସନରେ ବସିବା ପରେ କିଏ ସଫଳ ନେତା ଓ କିଏ ଦଳ ପାଇଁ ଅବାଞ୍ଛିତ ତା'ର ଆକଳନ କରୁଛନ୍ତି ନବୀନ।

ଦଳର କେଉଁ ନେତା ତାଙ୍କର ଉତ୍ତରାଧିକାରୀ ହୋଇପାରିବେ ଓ ବିନା ବିଦ୍ରୋହରେ ଗ୍ରହଣୀୟ ହେବେ ତାର ସମୀକ୍ଷା କରିଛନ୍ତି ନବୀନ। ତେବେ ଉତ୍ତରାଧିକାରୀଙ୍କ ନାଁ ଘୋଷଣା ପୂର୍ବରୁ ନବୀନ ବିଜେଡିକୁ ଯୁବକଙ୍କ ଦଳରେ ପରିଣତ କରିବା ପ୍ରକ୍ରିୟା ଆରମ୍ଭ କରିଦେଇଛି। ବରିଷ୍ଠ ନେତାମାନେ ଧିରେ ଧିରେ ମାର୍ଗଦର୍ଶକ ଭାବେ ସଙ୍କୁଚିତ ହେଇଯିବେ। ଯୁବ ନେତାମାନେ ଦଳର ମଙ୍ଗ ଧରିବେ ଆଉ ନୂଆ ନୂଆ ନେତାଙ୍କୁ ପ୍ରାଧାନ୍ୟ ଦିଆଯିବ।

ସମୀକ୍ଷକଙ୍କ ଆକଳନ କହୁଛି, ବିଜେପି ମଧ୍ୟ ବିଜେଡିକୁ ଖଣ୍ଡବିଖଣ୍ଡିତ କରିବାକୁ ଚାହୁଁନି। କାରଣ ବିଜେଡି ଦୁର୍ବଳ ହେଲେ କଂଗ୍ରେସ ଫାଇଦା ନେଇପାରେ। ଏହି ଦୃଷ୍ଟିରୁ ବିଜେଡିକୁ ବଞ୍ଚେଇ ରଖିବ ବିଜେପି। ଆଉ ବିଜେପିର ଏହି ରାଜନୈତିକ ➪ପୃଷ୍ଠା-୬

ଯୁକ୍ତ ଦୁଇ ଶିକ୍ଷାର୍ଥୀଙ୍କୁ ଯିବାକୁ ପଡିବନି ଟ୍ୟୁସନ

# ପରୀକ୍ଷା ପାଇଁ ପ୍ରସ୍ତୁତ କରିବ ଏଆଇ

**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଏଣିକି ଯୁକ୍ତ ଦୁଇ ଛାତ୍ରଛାତ୍ରୀଙ୍କ ଟ୍ୟୁସନ ଯିବାକୁ ପଡିବନି। ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚଏସଇ) ନୂଆ ବ୍ୟବସ୍ଥା କରୁଛି। ଏବେ ଶିକ୍ଷାର୍ଥୀଙ୍କୁ ପାଠ ସହ ପରୀକ୍ଷା ପାଇଁ ପ୍ରସ୍ତୁତ କରିବ ଏଆଇ। ଯୁକ୍ତ ଦୁଇ ଶିକ୍ଷାରେ ପରିବର୍ତ୍ତନ ଆଣିବା ଲକ୍ଷ୍ୟ ନେଇ ଲୋକାର୍ପିତ ହୋଇଛି ସିଏଚଏସଇ ଓଡ଼ିଶା ଏକଜାମ ପ୍ରିପେୟାର ପୋର୍ଟାଲ। ଏଣିକି ଆଉ ଛାତ୍ରଛାତ୍ରୀଙ୍କୁ ଟିଉସନ ଯିବାକୁ ପଡିବନି। ଘରେ ବସି ଏଆଇ ଟୁଲ ଜରିଆରେ ପରୀକ୍ଷା ପ୍ରସ୍ତୁତି କରିପାରିବେ ଛାତ୍ରଛାତ୍ରୀ। ଏହି ପୋର୍ଟାଲରେ ଏଆଇ ସାହାଯ୍ୟରେ ସଂପୂର୍ଣ୍ଣ ସିଲାବସ ଆଧାରିତ ପ୍ରଶ୍ନପତ୍ର ଏଥରେ ଉପଲବ୍ଧ ରହିବ। ଛାତ୍ରଛାତ୍ରୀ ନିଜ ଆବଶ୍ୟକୀୟ ବିଷୟ ଆଧାରିତ ଅଭ୍ୟାସ ମଡ୍ୟୁଲ, ମକ ପରୀକ୍ଷା ସହ ଜେଇଇ, ନିଟ, କ୍ଲାଟ ଭଳି ପ୍ରତିଯୋଗିତା ପାଇଁ ନିଜକୁ ପ୍ରସ୍ତୁତ କରିପାରିବେ। ଗ୍ରାମାଞ୍ଚଳରୁ ସହରାଞ୍ଚଳ ସମସ୍ତ ଛାତ୍ରଛାତ୍ରୀଙ୍କ ପାଇଁ ସମାନ ସୁବିଧା




ମିଳିପାରିବ। ପରବର୍ତ୍ତୀ ସମୟରେ କଲେଜରେ ହେଉଥିବା ଇଣ୍ଟରନାଲ ଆସେସମେଣ୍ଟ ପରୀକ୍ଷାରେ ମଧ୍ୟ ଏଆଇ ସହଭାଗିତାରେ କରିବାର ଲକ୍ଷ୍ୟ ରଖିଛି ପରିଷଦ। ପ୍ରଥମ ପର୍ଯ୍ୟାୟରେ ବିଜ୍ଞାନ ଓ ବାଣିଜ୍ୟର ସମସ୍ତ ବିଷୟ ➪ପୃଷ୍ଠା-୬

ଓଡ଼ିଶା-ଛତିଶଗଡ଼ ସୀମାରେ ଏନକାଉଣ୍ଟର

# ୩ ମାଓବାଦୀ ନିହତ



**ମାଲକାନଗିରି,୨୮।୯(ସଂଚାର ବ୍ୟୁରୋ):** ଓଡ଼ିଶା-ଛତିଶଗଡ଼ ସୀମାରେ ଆଜି ଏକ ବଡ଼ ଧରଣର ଏନକାଉଣ୍ଟର ହୋଇଛି, ଯେଉଁଥିରେ ୩ ଜଣ ଦୁର୍ଦ୍ଦାନ୍ତ ମାଓବାଦୀ ନିପାତ ହୋଇଛନ୍ତି। ଛତିଶଗଡ କାଙ୍କେର ଜିଲ୍ଲା ଅନ୍ତର୍ଗତ ଛିନ୍ଦଖଡକ ଜଙ୍ଗଲରେ ସର୍ଚ୍ଚ ଅପରେସନ୍ ସମୟରେ ସୁରକ୍ଷାକର୍ମୀ ଓ ମାଓବାଦୀମାନେ ମୁହାଁମୁହିଁ ହୋଇଥିଲେ। ସୁରକ୍ଷାକର୍ମୀଙ୍କ ଗୁଳିରେ ୩ ଜଣ ମାଓବାଦୀ ନିହତ ହୋଇଛନ୍ତି। ସେମାନଙ୍କ ଭିତରେ ରହିଛନ୍ତି ୨ ଜଣ ପୁରୁଷ ଓ ଜଣେ ମହିଳା। ଜଙ୍ଗଲରେ ମାଓ କ୍ୟାମ୍ପ ଚାଲିଥିବା ସୂଚନା ପାଇ ମିଳିତ ଅପରେସନ୍ ଆରମ୍ଭ କରିଥିଲେ ଡିଆରଜି ଓ ସିଆରପିଏଫ୍। ଏହି ➪ପୃଷ୍ଠା-୬

ବିଜେଡି ନେତା ତୁମ୍ବନାଥଙ୍କ ଭାଇଙ୍କୁ ସାତଖୁଣ ମାଫ୍-୩

# ତଦନ୍ତ କଲାନି ଯୋଗାଣ ନିଗମ, ଭିଜିଲାନ୍ସରେ ତୁଣ୍ଡି

**ବ୍ରହ୍ମପୁର,୨୮।୯(ସଂଚାର ବ୍ୟୁରୋ):** ବିଜେଡି ମୁଖପାତ୍ର ତୁମ୍ବନାଥ ପଣ୍ଡାଙ୍କ ଭାଇ ସନତ ପଣ୍ଡାଙ୍କୁ ଜିଲ୍ଲା ପ୍ରଶାସନର ଅହେତୁକ ଅନୁକମ୍ପା ପଦାରେ ପଡ଼ିଛି। ବାରମ୍ବାର ଅଭିଯୋଗ ପରେ ବି ଯୋଗାଣ ବିଭାଗ କେମିତି ନିରବ ବସିଛି, ତାହାକୁ ନେଇ ଉଠିଛି ବଡ଼ ପ୍ରଶ୍ନ। ଏପରିକି ସାଧାରଣ ପ୍ରଶାସନ (ଭିଜିଲାନ୍ସ)ରେ ଅଭିଯୋଗ ପରେ ବି ତଦନ୍ତ ହୋଇନି। ଗିରଫ ଜିଲ୍ଲା ଯୋଗାଣ ଅଧିକାରୀ ପୁଷ୍ପା ମୁଣ୍ଡାଙ୍କ ପ୍ରଭାବରେ ଏପରି ହେଉଥିବା ଜଳଜଳ ଦିଶୁଥିଲା ବେଳେ ବିଜେଡି ନେତା ତୁମ୍ବନାଥ ପଣ୍ଡାଙ୍କ ଭାଇ ହୋଇଥିବାରୁ ସନତଙ୍କୁ ସାତଖୁଣ ମାଫ୍ ହେଉଥିବା ଅଭିଯୋଗ ହୋଇଛି। ମଧୁଚନ୍ଦ୍ରିକାରେ



ମିଲର୍ସ-ଅଧିକାରୀଙ୍କ ପକେଟ ଗରମ ହେଉଥିବା ବେଳେ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବା ଅଭିଯୋଗ ହୋଇଛି।

ସୂଚନାନୁସାରେ, ଜଣେ ବ୍ୟକ୍ତି ନିଜେ କିମ୍ବା ନିଜର ରକ୍ତ ସମ୍ପର୍କୀୟ ନାଁରେ ଲେଭୁଲ-୨ କଣ୍ଟ୍ରାକ୍ଟ ଓ କଷ୍ଟମ ରାଇସ୍ ମିଲର୍ସ ନେଇପାରିବ ନାହିଁ। ଯୋଗାଣ ବିଭାଗ ଲେଭୁଲ-୨ କଣ୍ଟ୍ରାକ୍ଟର ନିଯୁକ୍ତି ବେଳେ ଏଭଳି ସତ୍ୟପାଠ ଦେବାକୁ ହୋଇଥାଏ। ହେଲେ ବିଜେଡି ନେତା ତୁମ୍ବନାଥ ପଣ୍ଡାଙ୍କ ଭାଇ ସନତ ପଣ୍ଡା ଗଞ୍ଜାମ ଜିଲ୍ଲାର ୨ଟି ବ୍ଲକରେ ଉଭୟ ଲେଭୁଲ-୨ କଣ୍ଟ୍ରାକ୍ଟର ଓ କଷ୍ଟମ ରାଇସ୍ ମିଲର୍ସ ହୋଇପାରିଛନ୍ତି। ସେ ଗତ ୨୦୨୩ରେ ସୋରଡ଼ା ବ୍ଲକ ଓ ଏନ୍ଏସି ଲାଗି ଲେଭୁଲ-୨ କଣ୍ଟ୍ରାକ୍ଟର ଟେଣ୍ଡର ହାତେଇଛନ୍ତି। ଏହାର କିଛିଦିନ ପରେ ପୁରୁଷୋତ୍ତମପୁର ବ୍ଲକ ଅଲାଡି ଗାଁରେ ମା' ଦକ୍ଷିଣକାଳୀ ମଡର୍ଣ୍ଣ ରାଇସ୍ ମିଲ୍ କରିଛନ୍ତି। ଏହି ରାଇସ୍ ମିଲକୁ ଦର୍ଶାଇ ସେ କଷ୍ଟମ୍ ରାଇସ୍ ମିଲର୍ସ ଅନୁମତି ପାଇଛନ୍ତି, ଯାହା ଯୋଗାଣ ବିଭାଗର ଲେଭୁଲ-୨ କଣ୍ଟ୍ରାକ୍ଟର ଟେଣ୍ଡର ନିୟମାବଳୀର ଉଲ୍ଲଂଘନ କରିଛି।

ଏହା ଜାଣିବା ପରେ ଜନୈକ ବ୍ୟକ୍ତି ଏ ସମ୍ପର୍କରେ ଯୋଗାଣ ବିଭାଗ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଗତ ➪ପୃଷ୍ଠା-୬



କାନ ଡେରିଥା

ସ୍ନେହ ଶ୍ରଦ୍ଧା ସବୁ ବଳି ପଡିଯାଏ
କେତେ ପଦାଘାତ ଖାଇ
ଜନମ ମରଣ ମାଇନା ରଖୁନି
ସ୍ୱାର୍ଥ ସବୁ ଖୋଜୁଥାଇ
ଶତ୍ରୁ ଯେ ସାଜୁଛି ଭାଇ...
ସାତ ପର ଏଠି ନିଜ ଲୋକ
ହୁଏ
ସମ୍ପର୍କ ଡାକୁଛି ତ୍ରାହି ।

■ ଦେବାଶିଷ

# ଆଶା ସଞ୍ଚାର କରୁଛି ମଧ୍ୟସ୍ଥତା ସମ୍ମିଳନୀ

**ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ) :** ଓଡିଶାରେ ଦ୍ୱିତୀୟ ମଧ୍ୟସ୍ଥତା ସମ୍ମିଳନୀ ମହା ସମାରୋହରେ ସଫଳତାରାର ସହ ଆୟୋଜିତ ହେବାପରେ ଏବେ ସୀମା ଓ ନଦୀବନ୍ଧ ବିବାଦ ରହିଛି। ସବୁଠାରୁ ପୁରୁଣା ବିବାଦ ହେଉଛି କୋଟିଆ ବିବାଦ। ଏହାକୁ ନେଇ ଷାଠିଏ ଦଶକରୁ ଅଦାଲତି ଲଢେଇ ଚାଲିଛି। ଅଦାଲତରେ ମାମଲା ଥିଲେ

## ସୀମା ବିବାଦ ତୁଟିବା ଆଶା
## ଆନ୍ଧ୍ର ଓ ଛତିଶଗଡ଼ ସହ ଚାଲିଛି ବିବାଦ



ପଡୋଶୀ ରାଜ୍ୟଗୁଡିକ ସହିତ ଚାଲିଥିବା ଦୀର୍ଘଦିନର ବିବାଦ ମଧ୍ୟସ୍ଥତା ଜରିଆରେ ସମାଧାନର ଆଶା ଅଙ୍କୁରିତ ହୋଇଛି। ବିଶେଷକରି ଏହି ସମ୍ମିଳନୀ ପରେ କେନ୍ଦ୍ର ସରକାର ଏ ଦିଗରେ ଆଗକୁ ବଢ଼ିବେ ବୋଲି ଅନେକ ଆଶା କରୁଛନ୍ତି।

ଆନ୍ଧ୍ରପ୍ରଦେଶ ସହିତ ଓଡିଶାର ମଧ୍ୟ ଆନ୍ଧ୍ର ଅନେକ ସମୟରେ ଓଡିଶା ସୀମାରେ ଅନୁପ୍ରବେଶ କରିବା ସହିତ ନିର୍ମାଣକାର୍ଯ୍ୟ ଚଳାଉଛନ୍ତି। ଏହାକୁ ନେଇ ଦୁଇ ଦେଶର ପୁଲିସ୍ ଏପରିକି ରାଜନୈତିକ ନେତା ମଧ୍ୟ ହାତାହାତି ହେଉଛନ୍ତି। ସୀମାରେ ଥିବା ଲୋକଙ୍କ ପ୍ରଲୋଭିତ ପାଇଁ ଆନ୍ଧ୍ର ପାଣି ଭଳି ପଇସା ଖର୍ଚ୍ଚ କରୁଛି।

ସେହିଭଳି ପୋଲାଭରମକୁ ନେଇ ମଧ୍ୟ ଆନ୍ଧ୍ର ସହିତ ବିବାଦ ଜଟିଳ ହେବାରେ ଲାଗିଛି। କାରଣ ଏହି ପ୍ରକଳ୍ପ ଦ୍ୱାରା ମାଲକାନଗିରିର ପ୍ରାୟ ୨୦ଟି ଗାଁ ଜଳମଗ୍ନ ହୋଇଯିବ। ହଜାର ହଜାର ଏକର ବୈବ ବିବିଧତା ପାଣିରେ ବୁଡି ଲୋପ ପାଇଯିବ। ତେଣୁ ଓଡିଶା ପକ୍ଷରୁ ପୋଲାଭରମ ବନ୍ଧକୁ ନେଇ ବାରମ୍ବାର ଆପତ୍ତି କରାଯାଉଛି। ହେଲେ ଏଥିପ୍ରତି କେନ୍ଦ୍ର ସରକାର କର୍ଣ୍ଣପାତ କରୁନାହାନ୍ତି।

ସେହିଭଳି ଛତିଶଗଡ ସହିତ ଓଡିଶାର ଜଳ ବିବାଦ ଚାଲିଛି। ମାମଲା ଏବେ ମହାନଦୀ ଟ୍ରିବ୍ୟୁନାଲରେ। ଛତିଶଗଡ ମହାନଦୀର ଉପରମୁଣ୍ଡରେ ବନ୍ଧ ବାନ୍ଧି ପାଣିକୁ ଅଟକାଇବା ଫଳରେ ଖରାଦିନେ ମହାନଦୀ ଶୁଖିଲା ପଡିଯାଉଛି। ଚାଷବାସ ପାଇଁ ପାଣି ମିଳୁନାହିଁ। ମହାନଦୀର ଜଳ ଉପରେ ନିର୍ଭରଶୀଳ ଲୋକେ ଜୀବିକା ହରାଇଲେଣି। ଏହାକୁ ନେଇ ଉଭୟ ରାଜନୈତିକ ଓ ଅଦାଲତ ଲଢେଇ ଦିନକୁ ଦିନ ଜଟିଳ ହେଉଛି। ତେବେ ମହାନଦୀ ଟ୍ରିବ୍ୟୁନାଲରେ ମାମଲା ଚାଲିଥିବାବେଳେ ➪ପୃଷ୍ଠା-୬

# ବିହାର ନିର୍ବାଚନ ସହ ହେବ ନୂଆପଡ଼ା ଉପନିର୍ବାଚନ

## ନିର୍ବାଚନ କମିଶନ୍ ଦେଲେ ସୂଚନା

**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଆସନ୍ତା ନଭେମ୍ବରରେ ବିହାର ବିଧାନସଭା ନିର୍ବାଚନ ହେବାର ସମ୍ଭାବନା ଥିବା ବେଳେ ଏହି ସମୟରେ ଓଡ଼ିଶାରେ ନୂଆପଡ଼ା ଉପନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ। ଏନେଇ ଆଜି ଭାରତୀୟ ନିର୍ବାଚନ କମିଶନ୍ (ଇସିଆଇ) ସୂଚନା ଦେଇଛନ୍ତି। ବିହାର ବିଧାନସଭା ସହ ୭ଟି ରାଜ୍ୟର ୮ଟି ବିଧାନସଭା ଆସନରେ ଉପନିର୍ବାଚନ ଅନୁଷ୍ଠିତ ହେବ। ୭ଟି ରାଜ୍ୟରେ ହେବାକୁ ଥିବା ଉପନିର୍ବାଚନ ମଧ୍ୟରେ ନୂଆପଡ଼ା ଆସନଟି ରହିଛି। ଗତ ୮ ତାରିଖରେ ବିଜେଡି ବିଧାୟକ ରାଜେନ୍ଦ୍ର ଢୋଲକିଆ ମୃତ୍ୟୁବରଣ କରିବା ପରେ ଏହି ଆସନଟି ଖାଲି ପଡ଼ିଛି। ଶ୍ରୀ ଢୋଲକିଆ ୪ ଥର ଏହି ଆସନରୁ ନିର୍ବାଚିତ ହୋଇଥିଲେ। ସେହିପରି ସେ ୨୦୨୨ରୁ ୨୦୨୪ ପର୍ଯ୍ୟନ୍ତ ନବୀନ ପଟ୍ଟନାୟକ କ୍ୟାବିନେଟ୍‌ରେ ମନ୍ତ୍ରୀ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ➪ପୃଷ୍ଠା-୬



ପୁଷ୍ପଲତା ମିଶ୍ର



# ଶିଶୁର ଜୀବନଶୈଳୀରେ ସମୟ

ଆଜିକାଲି ଦେଖା ଯାଉଛି ସମସ୍ତଙ୍କ ଘରେ ଗୋଟିଏ ସନ୍ତାନ ଗୋଟିଏ ପିଲା ର ଯତ୍ନ ପାଇଁ ଅଭିଭାବକ ମାନେ ତତ୍ପର ହୋଇ ଉଠୁଛନ୍ତି କିନ୍ତୁ ସେମାନଙ୍କ ପାଖରେ ଯଥେଷ୍ଟ ସମୟ ନାହିଁ ପିଲା ଙ୍କ ର ହାନି ଲାଭ ବୁଝିବା ପାଇଁ,ପିଲା କଣ ଚାହେଁ ? ତାର ଭାବନା କଣ ପିଲା ର ମନୋଭାବ କୁ ଜାଣିବାକୁ ସମୟ କାହିଁ?

ମନୋସ୍ତତବିତଙ୍କ ମତରେ ପିଲା କଣ ଚାହେଁ, କଣ ତାର ଭାବନା କେବଳ ମାଆ ହିଁ ବୁଝିପାରେ ତାଙ୍କ ମତ ରେ ମାଆ ହିଁ ଜଣେ ଫିଲୋ ସଫର ! କିନ୍ତୁ ଆଜି ର ମାଆ ଟଙ୍କା ରୋଜଗାର କରିବାରେ ଏପରି ଛନ୍ଦି ହୋଇ ରହୁଛନ୍ତି ପିଲା କୁ ସମୟ ଦବା ଦୂର ର କଥା ଆୟା ଦ୍ଵାରା ପରିଚାଳିତ ହେଉଛି ଛୁଆ !

ଅଭିଭାବକ ଙ୍କ ର ସମୟ ର ଅଭାବ ପିଲା ମାନଙ୍କ ର ଜିଦ୍ ର କାରଣ ନୁହେଁ ତ ?

ବର୍ତ୍ତମାନ ର ଅଭିଭାବକ ପିଲା ମାନଙ୍କୁ ଅ ପ୍ରାକୃତିକ ସୌନ୍ଦର୍ଯ୍ୟ ଭରପୁର ସ୍ଥାନ କୁ ତଥା ମଲ୍, ବହୁ ତଳ ପ୍ରାସାଦ ମଧ ରେ ଖେଳାଇବା ଶିଶୁର ବିକାଶ ବୃଦ୍ଧିକୁ ବିରୋଧର ସମ୍ମୁଖୀନ ହେଉଛନ୍ତି। ଖୋଲା ପବନ ଖୋଲା ପରିବେଶରେ ଶିଶୁ ର ମାନସିକ ବୃଦ୍ଧି ହୁଏ ବୋଲି ମନୋ ସ୍ତତ ବିତ ଙ୍କ ମତ। ପାପା ଓ ମାଙ୍କ ପାଖରେ ସମୟ ର ଅଭାବ ଓ ସଦୁପଯୋଗ କୁ ନେଇ ଗୋଟିଏ ଗଳ୍ପ। ରମାକାନ୍ତ ବାବୁ ବ୍ୟସ୍ତେ ବହୁଳ କାର୍ଯ୍ୟ ପରେ ଘରେ ପହଞ୍ଚିଲା ବେଳକୁ ନଅ ଟା ବାଜିଲାଣି ସ୍ତ୍ରୀ କବାଟ ଖୋଲୁ ଖୋଲୁ କବାଟର ଠକ୍ ଠକ୍ ଶବ୍ଦ ରେ ପୁଅ ରାହୁଲ ବିଛଣା ରୁ ଉଠି ଆସି ପହଁଚି ଗଲା,ସବୁଦିନ ପରି ସେ ଦିନ ବି ଶୋଇ ନ ଥିଲା, ପିଲା ଟିକୁ ଟିକେ ଗେହ୍ଲା କରି କହିଲେ କଣ ଆଜି ଶୋଇବା ହେଇନି ,ନିଦ ଲାଗୁନି କିରେ ବାବା ? ଆଗରୁ ରମାକାନ୍ତ ବାବୁ ପୁଅ କୁ ଗପ କହି ଶୁଆଇ ଦେଉଥିଲେ। ଆଜି କାଲି କିନ୍ତୁ ଆଉ ଗପ ନାହିଁ କମ୍ପାନୀ ରୁ ଫୁରସତ ମିଳିଲେ ତ କାମ ର ଅଧିକ ଚାପ ହେତୁ ସମୟ ମିଳୁନି କିଛି ସମୟ ପାଇଲେ ପତ୍ନୀ ସହ ଟିକେ ଆଳାପ ଆଲୋଚନା ଭୂଳନ୍ତି ନାହିଁ ରମାକାନ୍ତ ବାବୁ ,ପୁଅ କିନ୍ତୁ ନିରାଶ ହୋଇ ଶୋଇ ପଡେ। ରମାକାନ୍ତ ବାବୁ ପୋଷାକ ବଦଳାଇବା ବେଳେ ପୁଅ ରହିଲ ଆସି ପଚାରିଲା ପାପା ଗୋଟେ କଥା କହିବି ? ରମାକାନ୍ତ ବାବୁ ଅନ୍ୟ ମନସ୍କ ଭାବେ କହିଲେ କହ,ତୁମେ ଅଫିସ ରୁ ଏକ ଘଣ୍ଟା କୁ କେତେ ଟଙ୍କା ପାଅ ପାପା! ପୁଅ ର ପ୍ରଶ୍ନ ଶୁଣି ରମାକାନ୍ତ ବାବୁ ରାଗି ଗଲେ ଇଏ କି ପ୍ରଶ୍ନ ଆରେ.........। ଏତେ ଛୋଟ ପିଲା ତୋର ଏତେ କଥା ଜାଣିବା କଣ ଦରକାର ? ତଥାପି କହିଲେ ମୋର ଘଣ୍ଟାକୁ ରୋଜଗାର ଦୁଇଶହ ହବ। ପୁଅ କହିଲା ପାପା ମତେ ପଚାଶ ଟଙ୍କା ଦବ ? ଦିଅନା ପାପା ମୋର ପଚାଶ ଟଙ୍କା ଦରକାର, ରମାକାନ୍ତ ବାବୁ ଆହୁରି ରାଗିଗଲେ ଓ କହିଲେ ବଦମାସ ଶୋଇଛୁ ନା ନାହିଁ କାନକୁ ଧରି ପଚାରିଲେ ଟଙ୍କା କଣ କରିବୁ ଆଯେ ବାଜେ ପିଲାଙ୍କ ସହିତ ମିଶି ମନଇଚ୍ଛା ଯାହା ନାହିଁ ତାହା କିଣା ହବ ? ଯା..ଶୋଇବୁ ଯା ,ପୁଅ ଆଖି ଛଳ ଛଳ କରି ଗୋଡ଼ କଚାଡି ଶୋଇବା ଘରକୁ ଚାଲି ଗଲା ,ଖାଇ ପିଇ ଟିଭି ଦେଖୁ ଦେଖୁ ରମାକାନ୍ତ ଙ୍କ ର ମନେ ପଡ଼ିଲା ପୁଅ କଥା ପୁଅ ଶୋଇଲା କି ନାହିଁ ? କଣ ଗୋଟିଏ କିଣିବ ବୋଲି ପଚାଶ ଟଙ୍କା ମାଗୁଥିଲା ଷ୍ଟିକର ଫିକର କି କିଛି ଖେଳଣା କିଣିବ ନିଜ ବ୍ୟବହାର ପାଇଁ ତାଙ୍କୁ ଟିକେ ଦୋଷୀ ଦୋଷୀ ଲାଗିଲା ଏମିତି ବି ପୁଅ ଟାକୁ ସେ ଜମା ସମୟ ଦେଇ ପାରୁ ନାହାଁନ୍ତି,ନିଦ ରୁ ଉଠିଲା ବେଳ କୁ ପୁଅ ସ୍କୁଲ ପାଳାଉଛି ତ ଅଫିସ ରୁ ଫେରିବା ପୂର୍ବରୁ ପୁଅ ଶୋଇ ପଡୁଛି। କିଛି କିଣି ନ ପାରିଲେ ସାଙ୍ଗ ମାନଙ୍କ ପାଖରେ ଛୋଟ ଲାଗିବ ତାକୁ ........।

ପାପା ଶୋଇବା ଘର କୁ ଯିବାର ପାଦ ଶବ୍ଦ ରେ ପୁଅ କମ୍ବଳ ତଳୁ କଇଁଛ ପରି ଚାହିଁ ପୁଣି ଶୋଇ ପଡ଼ିଲା, ରମାକାନ୍ତ ବାବୁ ଖଟ ଉପରେ ବସି ପୁଅ ର ମୁଣ୍ଡ କୁ ଆଉଁସି ଆଦରରେ ପଚାରିଲେ ମୋ ସୁନା ପୁଅକୁ ନିଦ ଆସୁନି କି ? ପୁଅ ଆଖି ପତା ଉଠାଇ ପୁଣି ବନ୍ଦ କରି ଦେଲା। ରମାକାନ୍ତ ବାବୁ ବୁଝି ଗଲେ ପୁଅ ଅଭିମାନ କରିଛି। ପୁଅକୁ କୋଳ କୁ ଉଠେଇ ନେଲେ ଗେଲ କରୁ କରୁ କହିଲେ ପଚାଶ ଟଙ୍କା ମାଗୁଥିଲୁ ପରା ,ନେ ପଚାଶ ଟଙ୍କା ଆଉ ଶୋଇପଡ଼।

ପାପା ଙ୍କ ହାତ ରୁ ଟଙ୍କା ନେଇ ଖୁସି ରେ କୋଳ ରୁ ଡେଇଁ ପଡ଼ି ଖଟ ର ଗୋଟେ ମୁଣ୍ଡ ରୁ ବିଛଣା ଟେକି କିଛି ରେଜା ଟଙ୍କା ବାହାର କରି ଆଣି ଗଣି ବସିଲା ଦଶ କୋଡ଼ିଏ ପଚାଶ ଏମିତି କେତେ କଣ ? ଏହା କୁ ଦେଖି ରମାକାନ୍ତ ବାବୁ ଭୀଷଣ ରାଗି କି କହିଲେ ପାଖରେ ଏତେ ଟଙ୍କା ରଖିଛୁ ପୁଣି ମତେ ଟଙ୍କା ମାଗୁଛୁ। ପାପା ଙ୍କ ଗାଳି କୁ ନ ଶୁଣି ପୁଅ ପଇସା ଗଣୁ ଥିଲା,ଗଣି ସରିଲା ପରେ ପାପା ଙ୍କ ମୁଁହ କୁ ଅନେଇକି କହିଲା........ ପାପା ମୁଁ ଟିଫିନ୍ ନ ଖାଇ ରଖି ଥିଲି କୋଡ଼ିଏ ଟଙ୍କା, ମାମୁଁ ଦେଇଥିଲେ ପଚାଶ ଟଙ୍କା, ଆଉ ମାଉସୀ ଯୋଉ ଦିନ ଆସିଥିଲେ ସେ ମତେ ପଚାଶ ଟଙ୍କା ଦେଇଥିଲେ, ଦାଦା ଦେଇଥିଲେ ତିରିଶି ଟଙ୍କା ଆଉ ତୁମେ ଦେଲ ପଚାଶ ଟଙ୍କା ଏମିତି ମିଶି ହେଲା ଦୁଇଶହ ଟଙ୍କା !!

ରମାକାନ୍ତ ବାବୁ କହିଲେ ହଁ ଦୁଇଶହ ହେଲା ଏତେ ଟଙ୍କା କଣ କରିବୁ ଧମକେଇଲା ଭଳି ପଚାରିଲେ। ପାପା ଙ୍କ ରାଗ କୁ ନ ଶୁଣି ପୁଅ ରାହୁଲ କହିଲା ପାପା ! ତୁମେ ପରା ଅଫିସ ରେ ଏକ ଘଣ୍ଟା କୁ ଦୁଇଶହ ଟଙ୍କା ପାଅ ? ହଁ କଣ ହେଲା ସେଠୁ ପାପା କହିଲେ, ନିଅ ପାପା ଏ ଦୁଇଶହ ଟଙ୍କା ନିଅ ସମସ୍ତ ଟଙ୍କା କୁ ରମାକାନ୍ତ ବାବୁ ଙ୍କ ହାତରେ ଧରେଇ ଦେଇ ପାପା ଙ୍କ ବେକ ଚାରିପଟେ ଦୁଇ ହାତ ବଢ଼େଇ କାନ୍ଧ ରେ ମୁଣ୍ଡ ରଖି ଶୋଇଗଲା। ସେମିତି ଶୋଇ ଶୋଇ ଆଖି ବୁଜି ପୁଅ ରାହୁଲ କହିଲା , ପାପା ତମେ ସବୁ ଟଙ୍କା ନିଅ ମତେ ଗୋଟିଏ ଗପ ଓ ଗୀତ ଶୁଣା ଅ ,ତୁମେ ଅଫିସ ରୁ ଏକ ଘଣ୍ଟା କୁ ଦୁଇଶହ ଟଙ୍କା ପାଅ ପରା ସେହି ଦୁଇଶହ ଟଙ୍କା ନେଇ ପୁରା ଘଣ୍ଟା ଟିଏ ଗପ କୁହ କେତେ ଦିନ ହେଲା ତୁମ ଠାରୁ ଗପ ଶୁଣିନି ପାପା ! ରମାକାନ୍ତ ବାବୁ ଙ୍କ ର ଆଖି ଛଳ ଛଳ ହୋଇ ଗଲା ସତରେ ପିଲା ଙ୍କ ଜୀବନ ଶୈଳୀ ପାଇଁ ପାପା ଓ ମା ଅଧିକ ସମୟ ଦେବା ଅପରିହର୍ଯ୍ୟ...................।

ଭୁବନେଶ୍ୱର, ମୋବାଇଲ୍: ୯୩୩୮୨୯୪୬୫୭



ଡ଼ଃ ଅନୁପମା ବିଶ୍ୱାଳ

# ମାମୁନି ପାଇଲା ପୁରସ୍କାର



ମଫସଲ ଗାଁଟିଏ।ଗାଁରେ ବେଶୀ ଲୋକ ରହନ୍ତି ନାହିଁ। କାରଣ ପାଠ ପଢ଼ିବାର ସେମିତି ଭଲ ବ୍ୟବସ୍ଥା ନଥିଲା । ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଗାଁରେ, ତା ପରେ ନାଳ ଡେଇଁ ପାଖ ଗାଁକୁ ଯିବାକୁ ପଡେ।ପିଲାଙ୍କ ପାଇଁ ବଡ଼ ଅସୁବିଧା।ବର୍ଷା ଦିନରେ ବେଶୀ ଅସୁବିଧା ହୁଏ। ସୁମି ସେ ଗାଁରେ ବାପା ମାଆଙ୍କ ସହିତ ରହେ। ଭାରି ଶାନ୍ତ ଓ ସରଳ ଝିଅଟିଏ। ଖାଲି ସେତିକି ନୁହେଁ, ପାଠ ମଧ ଭଲ ପଢେ। ଏଣୁ ସମସ୍ତେ ତାକୁ ଭଲ ପାଆନ୍ତି। ପାଖ ଗାଁରେ ସପ୍ତମ ଶ୍ରେଣୀରେ ପଢୁଥାଏ।ପ୍ରତିଦିନ ଠିକ୍ ସମୟରେ ବିଦ୍ୟାଳୟକୁ ପହଁଚିଯାଏ।ଆଗେ ଚାଲି ଚାଲି ଯାଉଥିଲା,ସାଇକେଲ ଚଳାଇ ପାରୁ ନଥିଲା ବୋଲି।ଏଣିକି ସାଇକେଲରେ ଯାଉଛି,ସେଥିପାଇଁ ଭାରି ଖୁସି।ତାର ସମୟ ବଂଚି ଯାଉଛି।

ଦିନେ ଘଡଘଡି ସହ ବର୍ଷା ହେଉଥିଲା।ମା କହିଲେ,ଯଦି ବର୍ଷା ଛାଡିବ ନାହିଁ ଘରୁ ଯିବୁ ନାହିଁ।ସୁମି ହଁ କଲା।କିନ୍ତୁ ଠିକ୍ ସମୟରେ ବର୍ଷା ଛାଡ଼ିଗଲା ଓ ସୁମି ପଢିବାକୁ ଗଲା।କିଛି ବାଟ ଯିବାପରେ ଦେଖିଲା, ବୁଢ଼ାଲୋକ ଜଣେ ବାଟରେ ପଡି ଯାଇଛନ୍ତି ଆଉ କାଦୁଅ ସରସର ହୋଇଛନ୍ତି। ସୁମି ସଙ୍ଗେ ସଙ୍ଗେ ସେଇଠି ଅଟକି ତାଙ୍କ ପାଖକୁ ଯାଇ ହାତଟି ଧରି ଉଠାଇଲା।ପିଇବା ପାଣି ଯେତିକି ଧରିଥିଲା ସେଥିରେ ତାଙ୍କ ହାତ ଗୋଡ଼ ଧୋଇଦେଲା।ବୁଢ଼ା ଲୋକଟି ଏଭଳି ବ୍ୟବହାର ଦେଖି ଖୁସି ହୋଇଗଲେ।ତାକୁ ଆଶୀର୍ବାଦ କଲେ। ସୁମିର ଏପଟେ ଡେରି ହୋଇଗଲା।ବିଦ୍ୟାଳୟରେ ପହଞ୍ଚିଲା ବେଳକୁ ପ୍ରାର୍ଥନା ସରି ଯାଇଥିଲା।ସବୁପିଲା ତାକୁ ହସିଲେ।ଶ୍ରେଣୀ ଶିକ୍ଷକ ପାଖକୁ ଡାକି ବିଳମ୍ବର କାରଣ ପଚାରିଲେ। ସୁମି ମଧ ସବୁ ସତ କଥା କହିଦେଲା। ପରଦିନ ପ୍ରାର୍ଥନା ସଭାରେ ଠିକ୍ ସମୟରେ ସୁମି ଉପସ୍ଥିତ ଥିଲା।ପ୍ରାର୍ଥନା ସରିବା ପରେ ପ୍ରଧାନ ଶିକ୍ଷକ କହିଲେ,ପିଲାମାନେ ଆଜି ଆମେ ଏଠାରେ ଜଣକୁ ପୁରସ୍କାର ଦେବା।ସବୁପିଲା ମୁହଁ ଦେଖାଦେଖି ହେଲେ।କିଏ କାହିଁକି ପୁରସ୍କାର ପାଇବ ?ପୁଣି ପୁରସ୍କାର କିଏ ଦେବ ?ଏହି ସମୟରେ ଜଣେ ଭଦ୍ର ବ୍ୟକ୍ତି ସେଠାରେ ଆସି ଠିଆହେଲେ।ହାତରେ ସୁନ୍ଦର ଉପହାର ଧରିଥିଲେ। ପ୍ରଧାନ ଶିକ୍ଷକ କହିଲେ,ପିଲାମାନେ ଆଜି ଯିଏ ପୁରସ୍କାର ପାଇବାକୁ ଯାଉଛି ସିଏ ହେଉଛି ସୁମି। ଗତକାଲି ଗୋଟିଏ ଭଲ କାମ କରିଥିବାରୁ ଏହି ପୁରସ୍କାର ତାକୁ ଦିଆଯାଉଛି।ମୋ ପାଖରେ ଥିବା ଏହି ଭଦ୍ର ବ୍ୟକ୍ତି ସୁମିକୁ ପୁରସ୍କୃତ କରିବେ।ପିଲାମାନେ ଆଶ୍ଚର୍ଯ୍ୟ ହୋଇ କହିଲେ,ସେ ତ ଗତକାଲି ଡେରିରେ ଆସିଥିଲା !ଏଣୁ କେମିତି ପୁରସ୍କାର ପାଇବ। ଭଦ୍ର ବ୍ୟକ୍ତି ସୁମି ଯାହା ତାଙ୍କ ପାଇଁ କରିଥିଲା ସବୁକଥା କହିଲେ।ପାଖକୁ ସୁମିକୁ ଡାକି ତା ମୁହଁରୁ ଆଉଥରେ ଗତକାଲିର ଘଟଣା କହିବା ପାଇଁ କହିଲେ।ସୁମି ସବୁକଥା କହିଲା ପରେ ପିଲାମାନେ ତାଳି ମାରିଲେ।ଏଥର ସମସ୍ତଙ୍କ ଉପସ୍ଥିତିରେ ଭଦ୍ର ବ୍ୟକ୍ତି ସୁମିକୁ ଉପହାର ଦେଲେ ଓ ବିଦ୍ୟାଳୟ ତରଫରୁ ପ୍ରଧାନ ଶିକ୍ଷକ ସୁମିର ଭଲକାମ ପାଇଁ ମାନପତ୍ର ଦେଲେ।ସମସ୍ତେ ପୁଣି ଥରେ ତାଳି ଦେଇ ସୁମିକୁ ଆହୁରି ଖୁସି କରିଦେଲେ।ପିଲାମାନେ ସୁମିର ଆଉ ଗୋଟିଏ ଭଲ ଗୁଣ ଜାଣିବାକୁ ପାଇଲେ।

ସମ୍ବଲପୁର, ମୋବାଇଲ୍: ୭୯୭୮୫୬୮୩୨୨



ଡଃ ତାନଶ୍ରୀ ପାଣିଗ୍ରାହୀ



# ସ୍ମୃତିରେ ସ୍ମିତା

ପ୍ରକୃତିର ବର୍ଣ୍ଣିଳ ବିଭାରେ ଆତ୍ମ ବିଭୋର ହୋଇ କେଉଁ ଏକ ବରପୁତ୍ର କହିଥିଲେ, ସ୍ମୃତି ତ ନୁହଁଇ କେବେ ଫିଙ୍ଗିବାର... ଫିଙ୍ଗିପାରିଲେ ସେ ଲଭନ୍ତା ନିସ୍ତାର... ମାତ୍ର ମୋ ହୃଦୟରେ ତାହା ସ୍ମୃତି ତ ନୁହଁ... ଏକ ଦୁଃଖଦ ଦୁର୍ଘଟଣାର ଅଶ୍ଳୁଳ ପ୍ରିତିଲିପି ମାତ୍ର... ତାକୁ ତ ଫିଙ୍ଗିଦେବା ଦୂରର କଥା... ବରଂ ବୁକୁତଳେ ଚାପିରଖି ଅବଶିଷ୍ଟ ଆୟୁଷକୁ ମାପି ବଞ୍ଚିବାକୁ ଛଳନା କରୁଛି ମାତ୍ର... ଅନ୍ତରାତ୍ମା ବିଦୀର୍ଣ୍ଣ କରି ଏମିତି ଏକ ନିଷ୍ଠୁର ଅନୁଭୂତି... ଯାହା ମନେ ପଡ଼ିଲେ ନିଗିଡି ପଡ଼େ ଧାର ଧାର ଲୁହ...ଆଦୌ ରୋକି ହୁଏ ନାହିଁ।

ସେଦିନ ଥିଲା ଦୀପାବଳିର ଏକ ଅଶୁଭ ସନ୍ଧ୍ୟା... ମୋର ଏକମାତ୍ର ଭାଣିଜୀର ଆକସ୍ମିକ ମୃତ୍ୟୁ ଖବର... ଦୀପାବଳି ସନ୍ଧ୍ୟାର ଝିଲି ମିଲି ଆଲୁଅ ମୋତେ ଅନ୍ଧାର ଦେଖା ଗଲା... ମୁଁ କୋଳେଇ କାଖେଇ ପାଠ ପଢାଇଥିବା ମୋର ଆଦରର ଭାଣିଜୀ ସ୍ମିତା ଯେ ଆଉ ଏ ଦୁନିଆରେ ନାହିଁ... ଏ କଥାକୁ ସହଜରେ ଗ୍ରହଣ କରି ପାରି ନ ଥିଲି... ମହାପାତ୍ର ବାବୁ ମୁଣ୍ଡ ପିଟି କାନ୍ଦୁଥାନ୍ତି...କାନ୍ଦୁ କାନ୍ଦୁ ଚେତା ଚାଲିଗଲା... ମୋର ଝିଅଟି ଛୋଟ ଥାଏ... ସେ କିଛି ସମୟ ଅବାକ ହୋଇ ଚାହିଁଲା...ତା ବାପାଙ୍କ ମୁହଁରେ ପାଣି ଦେଇ ଚେତା ଆଣିବାକୁ ଚେଷ୍ଟା କରୁଥାଏ...ମୁଁ ଗୋଟା ପଣେ ଥରୁଥିଲି... ଆଖି ଆଗରେ ଭାସି ଯାଉଥିଲା ମୋ ଭାଣିଜୀ ସ୍ମିତାର ପିଲା ଦିନର ଗୁଲୁରୁ ଗୁଲୁରୁ କଥା...ସେ ଜନ୍ମ ହୋଇଥିଲା ଆମ ଘରେ...

ଅଜା ଆଈଙ୍କ ପାଖରେ ସେ ଭାରି ଗେହ୍ଲାରେ ବଢ଼ିଥିଲା... ମୁଁ ବାହା ହୋଇ ଆସିଲା ପରେ... ମୁଁ ତାର ସବୁ ଦାୟିତ୍ୱ ନେଲି...ଖାଇବା ଠାରୁ ପାଠ ପଢିବା ଯାଏ...ତାର ନାମ ସ୍କୁଲରେ ଲେଖାଇଲି... ନାଆଁ ରଖିଲି ସ୍ମିତା... ତା ସହ ମୋର ସମୟ କଟିଯାଉଥିଲା...ମୋ ପାଖରେ ସିଏ ଶୁଏ... ତାପରେ ମୋର ଝିଅଟିଏ ହେଲା... ସେ ଭାରି ଖୁସି ହୋଇଗଲା... କହିଲା ମାଇଁ ଆମ କୁନି ଛୁଆର ନାମ ମୁଁ ଦେବି... ଦେଖନା ମାଇଁ ତାର ରୂପ, ରଙ୍ଗ, ଓଠ ପୁରା ପିଙ୍କ କଲର....ତାର ନାମ ପିଙ୍କି... ମୋ ଝିଅକୁ ତାର ଅଜା ଆଈ ମାମୁଁ ମାଇଁ ଶ୍ରଦ୍ଧାରେ ମାମା ବୋଲି ଡାକିଲେ...

ଶାଶୁ ଶଶୁର ରାନୁ ବୋଲି ଡାକିଲେ...ଏମିତି ଅନେକ ନାମ ଦେଲେ... କିନ୍ତୁ ମୋ ଭାଣିଜୀ ଦେଇଥିବା ନାମଟିରେ ସାଙ୍ଗ ସାଥୀ ଅନ୍ୟମାନେ ସମସ୍ତେ ଏବେ ବି ଡାକନ୍ତି... ଯେତେବେଳେ ବଡ ହେଲା... ବିବାହ ସମୟ ଆସିଲା... ସ୍ମିତାକୁ ତାର ବାପା ମାଆ ଆସି ଆମ ଘରୁ ନେଇ ଗଲେ... କଲେଜ ଶିକ୍ଷା ସମାପ୍ତ ପରେ ଖୁବ ଅଳ୍ପ ଦିନରେ ତାର ବାହାଘର ହୋଇଗଲା... ସେତେବେଳକୁ ତାକୁ ଏକୋଇଶି ବର୍ଷ...ତା ମୁଣ୍ଡରେ ଚନ୍ଦନ ସିନ୍ଦୁର ଟୋପା...ସତେ ଅବା ସ୍ୱର୍ଗର ଅପସରୀ ଟିଏ ...ବିବାହର କେତେଦିନ ପରେ ଜ୍ୱାଇଁ ସହ ଦିଲ୍ଲୀ ଚାଲିଗଲା... ପହଂଚି ଫୋନ କଲା... ମାଇଁ, ମୁଁ ରାଜଧାନୀରେ ପହଂଚିଯାଇଛି... ମାମୁଁ ସହ ତୁମେ କେବେ ଆସ... ହଁ ହଁ ନିଶ୍ଚୟ ଯିବୁ...ଦିଲ୍ଲୀ ଭଳି ସ୍ଥାନରେ ଖୁବ ସତର୍କ ହୋଇ ଚଳିବୁ... ସଦା ଖୁସିରେ ରୁହ। ମଣିଷ ସ୍ୱପ୍ନ ଦେଖେ... ହେଲେ ସମୟର ନିଷ୍ଠୁର ଅଟ୍ଟହାସ୍ୟରେ ସବୁକିଛି ଭାଙ୍ଗିରୁଜି ଚୁରମାର ହୋଇଯାଏ... ଗୋଟିଏ ବର୍ଷ ପରେ...ଆଜି ଏ କଣ ଶୁଣୁଛି...ଦିଲ୍ଲୀରେ ଟ୍ରେନ ଧକ୍କାରେ ସ୍ମିତାର ମୃତ୍ୟୁ... ତାର ଶବସତ୍କାର ପାଇଁ ଦିଲ୍ଲୀରୁ କାରରେ ଆସି ତାର ଶାଶୁ ଘର ଗାଁରେ ପହଂଚିଲା... ସମସ୍ତେ ତାକୁ ଶେଷ ଦର୍ଶନ ପାଇଁ ଗଲେ... ହେଲେ ମୁଁ ଯାଇ ପାରିଲି ନାହିଁ...ନ ଖାଇ ନ ପିଇ ଖାଲି କାନ୍ଦୁଥାଏ... କେମିତି ଦେଖିବି ମୋ ଝିଅ ଭଳି ପାଳିଥିବା ସ୍ମିତାର ନିସ୍ତେଜ ଶରୀର... ଅଳ୍ପ ଦିନର ବିବାହ ପରେ ସଂସାରର ସୁଖକୁ ମାତ୍ର କିଛି ମୁହୂର୍ତ୍ତ ଅନୁଭବ କରିଥିବା ନିରୀହ କୋମଳ ମୁଖମଣ୍ଡଳଟି...

ଶୂନ୍ୟ... ମହାଶୂନ୍ୟରେ ଆଜି ବି ଶୁଣା ଯାଉଛି ତାର ସେଇ ସରାଗ ବୋଳା ମାଇଁ ଡାକ... ତାର ମୃତ୍ୟୁ ପରେ ସତେ ଯେମିତି ଲାଗିଲା ମୋର ମୃତ୍ୟୁ ହୋଇ ସାରିଛି... ଏବେ କେବଳ ମୁଁ ଅନ୍ୟ ପାଇଁ ବଞ୍ଚିବାର ଅଭିନୟ କରୁଛି...।

ବାଲେଶ୍ୱର, ମୋବାଇଲ୍: ୯୩୩୭୩୦୪୨୯୫



ଡ. ପ୍ରଜ୍ଞା ପ୍ରବର୍ତ୍ତିକା ଦାଶ

# ସାହିତ୍ୟ ବଜାରରେ ମାନ୍ଦାବସ୍ଥା






ଦୁର୍ଗା ପୂଜା ଆସିଲେ ଓଡିଶାର ସାହିତ୍ୟିକ ପାଣିପାଗ ଟିକେ ଚହଲି ଯାଏ।

କିଛି ବର୍ଷ ତଳେ ଦୁର୍ଗାପୂଜା ପୂର୍ବରୁ ବଜାରରେ ସାହିତ୍ୟ ପତ୍ରିକାମାନଙ୍କର ଭିଡ଼ ଲାଗିଯାଉଥିଲା। ଏହା ବୋଧେ ପାଞ୍ଚ-ଛ ବର୍ଷ ଧରି ଦେଖିବକୁ ମିଳିଥିଲା। ଅଚାନକ ପୂଜା ପତ୍ରିକାର ବୃଦ୍ଧି, ଲେଖା ଛପେଇବାର ଆଗ୍ରହ, ସାମାଜିକ ଗଣମାଧମରେ ପ୍ରକାଶ କରିବାର ପ୍ରତିଯୋଗିତା ଏତେ ବଢ଼ି ଯାଇଥିଲା ଯେ ପୂଜା ପତ୍ରିକାରେ ଲେଖା ନ ବାହାରିଲେ କାହାରି କାହାରି ହୀନମନ୍ୟତା ସୃଷ୍ଟି ହେଇ ଯାଉଥିଲା। ଲେଖକଙ୍କ ଆଗ୍ରହ ଦେଖି କିଛି ନୂଆ ପତ୍ରିକା ମଧ ଜନ୍ମ ନେଇଗଲେ। ମାତ୍ର, ସାମାଜିକ ଗଣମାଧମରେ ମନୋରଞ୍ଜନର ମାଧମ ଦ୍ରୁତ ଗତିରେ ବଦଳୁଥିବା ବେଳେ ସାହିତ୍ୟ ବଜାର ମାନ୍ଦା ପଡ଼ିଯିବା ପରି ଅନୁଭୂତ ହେଉଛି। ଆମ ପୂର୍ବ ପିଢ଼ି ଟିକେ ମନ୍ଥର ଓ କେତେକ ସମ୍ପୂର୍ଣ୍ଣ ନିଷ୍କ୍ରିୟ ହୋଇ ପଡ଼ିଥିବା ବେଳେ ନବାଗତମାନେ ଏଥିରେ ଆସ୍ଥା ପ୍ରକଟ କରୁନାହାନ୍ତି। ମନେହେଉଛି ଏହି ଛତୁ ଫୁଟିବା ପରି ଆସୁଥିବା ପତ୍ରିକାଗୁଡ଼ିକ ଖୁବ୍‌ଶୀଘ୍ର ବିଲୋପ ହୋଇଯିବେ। ହୁଏତ ଏହା ହିଁ ସର୍ବାଦୌ ମଙ୍ଗଳକର।

ସବୁ କଥାର ଗୋଟେ ନିଜସ୍ୱ ପ୍ରବାହ ଥାଏ। କିଛି ବର୍ଷ ତଳେ ଓଡିଆ ସାହିତ୍ୟର ଯେଉଁ ଅନୁକୂଳ ପ୍ରବାହ ସୃଷ୍ଟି ହୋଇଥିଲା, ସେଥିରେ ଆନୁଷ୍ଠାନିକ ଉତ୍ସବ, କବିତା ପାଠ, ପୁସ୍ତକ ମେଳା, ବହି ଉନ୍ମୋଚନ ଓ ପୂଜା ପତ୍ରିକା ସାମିଲ୍ ଥିଲା। ନୂଆ ନୂଆ ଆଞ୍ଚଳିକ ସଙ୍ଗଠନମାନେ ମଧ ବେଶ୍ ସକ୍ରିୟ ଥିଲେ। ଏହାର ଏକ ବିରାଟ କାରଣ ସାମାଜିକ ଗଣମାଧମର ବୋଲି, ଅସ୍ୱୀକାର କରିହେବ ନାହିଁ। ଏଥିରେ ସାମିଲ୍ ଥିବା ସାହିତ୍ୟିକମାନେ କିଛି ବର୍ଷ ବହୁସ୍ରାବି ସାଜି ନୂଆ ନୂଆ ଲେଖା ପ୍ରକାଶିତ କରି ଖୁବ୍ ପ୍ରଶଂସା ଗୋଟାଇ ଥିଲେ। ମାତ୍ର ପତ୍ରିକା କିଣିବା ପାଇଁ ସେତିକି ବୀତସ୍ପୃହ ହେଲେ। କେହି କେହି ପତ୍ରିକା ଷ୍ଟଲ୍‌ରୁ କିମ୍ବା ଆଉ କେହି କିଣିଲେ ତା ଠାରୁ ମାଗି ନିଜସ୍ୱ ଲେଖାଟିର ଫଟୋଟିଏ ଉଠାଇ ଫେସବୁକ୍‌ରେ ପୋଷ୍ଟକରି ଦେଇ କାମ ସାରିଦେଲେ। ଏହି ଚାଲାକ୍ ସାହିତ୍ୟିକମାନଙ୍କୁ ପତ୍ରିକା ଷ୍ଟଲ୍‌ମାନେ ବିରତ କରିବାରୁ ଏବଂ ସେ କିଣୁନି ତ ମୁଁ କାହିଁକି ଦେବି ନ୍ୟାୟରେ ଅନ୍ୟମାନେ ନ ଦେବାରୁ ପ୍ରତିଯୋଗିତା ହ୍ରାସ ପାଇଲା। ଗୋଟିଏ ଚର୍ଚ୍ଚା ହୁଏ ଯେ ଲେଖକମାନଙ୍କ ଆଗତୁରା ପୋଷ୍ଟ କରିବା କାରଣରୁ ପତ୍ରିକା ବିକ୍ରି ହ୍ରାସ ପାଏ। ସତରେ ପାଏ ? ଆମ ଓଡ଼ିଶାରେ ଏମିତି କେତେଜଣ ପାଠକ ଅଛନ୍ତି ଯିଏ ଅମୁକ ଅମୁକମାନଙ୍କର ଲେଖା ପଢିବାକୁ ପତ୍ରିକା କିଣନ୍ତି ? ଆଉ ତ ଲୋକପ୍ରିୟ ଲେଖକଙ୍କ ଲେଖା ପ୍ରାୟ ଆସୁନାହିଁ। ଧୀରେ ଧୀରେ ଏତେ ସଂଖ୍ୟାରେ ଲେଖିବା ଓ ଏତେ ପତ୍ରିକା କିଣିବା ମଧ ସମ୍ଭବ ହେଉ ନାହିଁ। ଧୀରେ ଧୀରେ ଦୁର୍ଗାପୂଜାରେ ପଡ଼ୋଶୀ ରାଜ୍ୟମାନଙ୍କର ସିନ୍ଦୂର ଖେଳ, ଗର୍ବା, ଡାଣ୍ଡିଆ ନାଚ, ନବ ରାତ୍ରରେ ନୂଆ ଲୁଗାପଟା ଇତ୍ୟାଦି ସ୍ଥାନ ନେଇ ଯିବା ପରେ ପତ୍ରିକାର ବଜେଟ୍ କଟିଯିବା ସ୍ୱାଭାବିକ। ମନେକର ଜଣେ ଲେଖକର କୋଡ଼ିଏଟି ପତ୍ରିକାରେ ଲେଖା ବାହାରିଲା। କୋଡ଼ିଏଟି ପତ୍ରିକାର ଦାମ ପାଖାପାଖି ପାଞ୍ଚ ହଜାର ପଡ଼ିଯିବ। ଘରର ପୂଜା ବଜେଟ୍ ଏଥିରେ ହ୍ରାସ ହେଲେ ଅଶାନ୍ତି ହେବା ଥୟ। ଆମର ତ ଖୁବ୍ କମ୍ ପତ୍ରିକା ସୌଜନ୍ୟ କପି ଦିଅନ୍ତି। ଯଦି ବି ଦେବେ, ସମସ୍ତଙ୍କୁ ଦେବା ପରେ ତାଙ୍କର ଆଉ ଲାଭ କଣ ? ଅନେକ ସମ୍ପାଦକ ବିକ୍ରି ନ ହେଇ ପାରିଥିବା ପତ୍ରିକା ସବୁକୁ ବିଭିନ୍ନ ସଭାମାନଙ୍କରେ ମାଗଣା ବାଣ୍ଟିବାର ଦେଖା ଯାଏ। ତେବେ, ଏମାନେ ପଢ଼ିଉଠି ପତ୍ରିକା ଛପାନ୍ତି କେଉଁ ଗରଜରେ ? ଆଶା, କିଛି ନାଁ କମେଇବା। କିଛି ଏଣୁତେଣୁ ବିଜ୍ଞାପନକୁ ପାଥେୟ କରି ସାହିତ୍ୟ ପତ୍ରିକା କରିବା ଓ ସମ୍ପାଦକ ବୋଲାଇବା। ଏମାନଙ୍କର ନିଜସ୍ୱ ସାହିତ୍ୟ କୃତି କିଛି ନ ଥାଏ କିମ୍ବା ସାହିତ୍ୟର ପରଖ ମଧ ନଥାଏ। ଏମାନଙ୍କ ଅଭାବୀ ସମ୍ପାଦନା ପାଇଁ ପାଠକ ନିରାଶ ହୁଏ ଓ ପତ୍ରିକା କିଣିବାରୁ ତେଣିକି ବିରତ ହୁଏ। ଅନେକ ସମ୍ପାଦକ ପ୍ରୁଫ୍ ଦେଖନ୍ତି ନାହିଁ। ଫଳରେ ଏହା ନିର୍ଭୁଲ ହୋଇ ପାରେ ନାହିଁ। ଲେଖକମାନେ ହିଁ ନିଜସ୍ୱ ପାଠକ ସାଜି ବିଜ୍ଞାପନ କରୁଥିବାରୁ ପାଠକର ମତାମତ ପାଇ ପାରେ ନାହିଁ କିମ୍ବା ତା ଲେଖାରେ ସୁଧାର ଆସେ ନାହିଁ। କିଛି ବର୍ଷର ମେହେନତ ପରେ ଏହି ଦେଖା ଶିଖା ଲେଖକମାନେ ମଧ ନିରବ। ଏ ବର୍ଷ କୃତ୍ରିମ ବୁଦ୍ଧିମତ୍ତା ଦ୍ୱାରା ଅନେକ ଭୂତ ଲେଖକ ତିଆରି ହେବା ପରେ ସାମାଜିକ ଗଣମାଧମରେ ସାହିତ୍ୟର ପରିଭାଷା ବଦଳି ଯାଇଛି। ମନପସନ୍ଦର ଲେଖା ଚାହିଁଲେ ମିଳି ଯାଉଛି। ପ୍ରକୃତ ପାଠକର ପ୍ରକୃତ ଲେଖକ ସାଙ୍ଗରେ ସମ୍ପର୍କ ରହୁ ନାହିଁ। ପ୍ରକୃତ ପାଠକ କୃତ୍ରିମ ଲେଖା ପଢ଼ି ନିରାଶ ତ ପ୍ରକୃତ ଲେଖକ କୃତ୍ରିମ ଲାଇକ ପାଇ। ଫେସବୁକ୍‌ରୁ ଟଙ୍କା ଆସିବା ଆରମ୍ଭ ହେବା ପରେ ଲୋକେ ଏଥର ଭିନ୍ନମନସ୍କ ହେଲେଣି। ପୂଜା ପତ୍ରିକା ଆଉ ମନୋରଞ୍ଜନ କରିବାକୁ ଯଥେଷ୍ଟ ନୁହେଁ। ସାହିତ୍ୟର ଏହି ମାନ୍ଦାବସ୍ଥା ବେଳେ ଆଶ୍ୱାସନାର ବିଷୟ କି ତରୁଣ ପୀଢ଼ି ବେଶ୍ ସକ୍ରିୟ ଅଛନ୍ତି। ପତ୍ରିକାମନସ୍କ ନ ହୋଇ ସେମାନେ ରଚନା ଓ ଆଲୋଚନାକୁ ଅଗ୍ରାଧିକାର ଦେଉଛନ୍ତି। ଏହି ଧାରା ବଜାୟ ରହିଲେ ଭଲ। କାରଣ ନଦୀ ସର୍ବଦା ଉତ୍ପତ୍ତି ସ୍ଥଳରେ ହିଁ ମୁଖର ଓ ପ୍ରଖର ହୋଇଥାଏ। ନଦୀ ପାଲଟି ଯିବା ପରେ କ୍ରମଶଃ ଏଥିରେ ଶିଥିଳତା ଆସେ। କେବେ ବନ୍ୟା ତ କେବେ ଶୁଖିଲା। ଏଥିରେ ବିଚଳିତ ହେବାର କିଛି ନାହିଁ। କିଛି ସାହିତ୍ୟିକ ଆଉ ଲେଖି ନ ପାରିବାର ଗ୍ଲାନି ନେଇ ତ କିଛି ନ ଛାପିବାର ଅବଶୋଷ ନେଇ ଦୁଃଖୀ ହେବାର ଦେଖିବାକୁ ମିଳୁଛି। ହୁଏତ ସ୍ରୋତ ସହ ପ୍ରବହମାନ ହୋଇ ନ ପାରିବାର ଦୁଃଖ ତାଙ୍କୁ କବଳିତ କରୁଛି। ସମୟ ସ୍ରୋତରେ ସବୁକିଛି ଚଳମାନ। ଇଚ୍ଛା ଥାଉ ବା ନଥାଉ ବହି ଯିବାକୁ ହିଁ ପଡେ। ସାହିତ୍ୟକୁ ବେଉସା କରି ହୁଏନା। ବରଂ କିଛି ବର୍ଷ ପଢା ଯାଉ। ଆମର ଉପଲବ୍ଧିକୁ ତଉଲା ଯାଉ। ପ୍ରେରଣା ଆସିଲେ ହିଁ ଲେଖା ଯାଉ। କାହାକୁ ଦେଖାଇବା ପାଇଁ ଲେଖିବା ଯେପରି ହାସ୍ୟାସ୍ପଦ, କାହା ଉପରେ ଅଭିମାନ କରି ନଲେଖିବା ମଧ ସେତିକି କରୁଣ। ସାହିତ୍ୟ ସାଧନା କହିଲେ ସାହିତ୍ୟ ରଚନା ନୁହେଁ। ସାହିତ୍ୟର ହିତରେ କରାଯାଉଥିବା ପ୍ରତିଟି ପ୍ରଚେଷ୍ଟା ମଧ ସାହିତ୍ୟ ସାଧନା। ଏହା ସତ୍ ଏବଂ ଉତ୍ତମ ହେବା ଚାହି।

ବିଭାଗୀୟ ମୁଖ୍ୟ, ଇଂରାଜୀ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ
ଯାଜପୁର ରୋଡ, ମୋବାଇଲ୍: ୯୪୩୮୦୬୪୪୬୪

‘ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା କର୍ମଶାଳା’ ଉଦ୍‌ଯାପିତ

# ମଧ୍ୟସ୍ଥତା ଦୈନନ୍ଦିନ ଜୀବନର ଅଂଶ: ଧର୍ମେନ୍ଦ୍ର



**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ମଧ୍ୟସ୍ଥତା ମାଧ୍ୟମରେ ବିଚାରାଧୀନ ମାମଲା ଶୂନକୁ ଆଣିବା ତଥା ପେଣ୍ଡିଂ କେସ୍ ହ୍ରାସ କରିବା ଭାରତୀୟ ନ୍ୟାୟ ବ୍ୟବସ୍ଥାର ମୂଳ ଲକ୍ଷ୍ୟ ହେବା ଦରକାର ବୋଲି ରବିବାର ଏଠାରେ ଦ୍ୱିତୀୟ ଜାତୀୟ ମଧ୍ୟସ୍ଥତା (ମେଡିଏସନ) କର୍ମଶାଳାର ଉଦଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ସେ କହିଛନ୍ତି ଯେ ବିଭିନ୍ନ ସ୍ଥାନରେ ଭଦ୍ର ଓ ସଚେତନ ବ୍ୟକ୍ତି ମଧ୍ୟସ୍ଥତା ମାଧ୍ୟମରେ ବିବାଦର ସମାଧାନ କରିଥାନ୍ତି। ମେଡିଏସନ ଲ’ ବା ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ମଧ୍ୟସ୍ଥତା ଭଳି ପଦକ୍ଷେପଗୁଡ଼ିକ ସମାଜ ଜୀବନକୁ ଅଧିକ ସହଜ କରୁଛି। ଜାତୀୟ ଶିକ୍ଷା ନୀତି ବହୁଭାଷୀ ଶିକ୍ଷା ତଥା ମାତୃଭାଷାରେ ଶିକ୍ଷାଦାନକୁ ପ୍ରାଥମିକତା ଦେଉଛି। ମେଡିଏସନ କେବଳ ଏକ ଆଇନଗତ ପ୍ରକ୍ରିୟା ନୁହେଁ, ଏହା ହେଉଛି ଚିନ୍ତାଧାରା ପ୍ରକ୍ରିୟା ଏବଂ ଦୈନନ୍ଦିନ ଜୀବନର ଅଂଶ। କରୋନା ମହାମାରୀ ସମୟରେ ନୂଆ ଟେକ୍ନୋଲୋଜି ଓ ଅନ୍‌ଲାଇନ୍ ମାଧ୍ୟମର ବ୍ୟବହାର ଆରମ୍ଭ ହେଲା। ଏଭଳି କିଛି ନୂଆ ସଂସ୍କାର ଭାରତୀୟ ନ୍ୟାୟ ବ୍ୟବସ୍ଥା ଓ ସମାଜରେ ଅଣାଯିବାର ଆବଶ୍ୟକତା ରହିଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ସୁପ୍ରିମକୋର୍ଟର ଜଜ୍ ଜଷ୍ଟିସ ଏମ.ଏମ ସୁନ୍ଦରେଶ, ଜଷ୍ଟିସ ସଞ୍ଜୟ କୋରଲ, କେନ୍ଦ୍ର ରାଷ୍ଟ୍ର ଆଇନ ଏବଂ ନ୍ୟାୟ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ, ଓଡ଼ିଶା ହାଇକୋର୍ଟର ଚିଫ୍ ଜଷ୍ଟିସ ହରିଶ ଟଣ୍ଡନ, ଓଡ଼ିଶା ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡ଼ିଶା ହାଇକୋର୍ଟର ଜଜ ଏସ.କେ ସାହୁ, କେ.ଆର୍ ମହାପାତ୍ର, ଏସ.କେ ପାଣିଗ୍ରାହୀ, ସଲିସିଟର ଜେନେରାଲ ଅଫ୍ ଇଣ୍ଡିଆ ତୁଷାର ମେହେଟ୍ଟା, ଓଡ଼ିଶା ଏଜି ପୀତାମ୍ବର ଆଚାର୍ଯ୍ୟ ଯୋଗଦେଇଥିଲେ।

ପ୍ରଧାନମନ୍ତ୍ରୀଙ୍କ ୧୨୬ତମ ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମ

# ମୋଦିଙ୍କ ପ୍ରୟାସ ଦେଶ ନିର୍ମାଣରେ ସହାୟକ ହୋଇଛି: ମନମୋହନ



**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ତାଙ୍କ ୧୨୬ତମ ‘ମନ୍ କୀ ବାତ୍’ କାର୍ଯ୍ୟକ୍ରମରେ ଦେଶବାସୀଙ୍କୁ ସମ୍ବୋଧନ କରିଛନ୍ତି। ଏହି ଅବସରରେ ଶ୍ରୀ ମୋଦି ଆତ୍ମନିର୍ଭର ଭାରତ ପାଇଁ ସ୍ୱଦେଶୀ ଅଭିଯାନ ଉପରେ ଗୁରୁତ୍ୱ ଦେବା ସହ ସହିଦ ଭଗତ୍ ସିଂ ଓ ଭାରତରତ୍ନ ଲତା ମଙ୍ଗେସକରଙ୍କୁ ଜନ୍ମବାର୍ଷିକୀ ଅବସରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ଛଟ୍ ପୂଜାଠାରୁ ଆରମ୍ଭ କରି ଦଶହରା ପର୍ଯ୍ୟନ୍ତ ସବୁ ପର୍ବପର୍ବାଣୀ ପ୍ରସଙ୍ଗରେ କହି ସାଧାରଣ ବିଷୟକୁ ଲୋକଲୋଚନକୁ ଆଣିଛନ୍ତି। ଏହାଦ୍ୱାରା ସମାଜରେ ସଚେତନତା ସୃଷ୍ଟି ହେବା ସହ ଜନସାଧାରଣଙ୍କ ମଧ୍ୟରେ ନୂଆ ଉତ୍ସାହ ଦେଖିବାକୁ ମିଳୁଛି। ମୋଦିଙ୍କ ପ୍ରୟାସ ବ୍ୟକ୍ତି, ସମାଜ ଓ ଦେଶ ନିର୍ମାଣରେ ସହାୟକ ହୋଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି। ଖୋର୍ଦ୍ଧା ଜିଲ୍ଲା ଅନ୍ତର୍ଗତ ଚନ୍ଦକା ମଣ୍ଡଳ କାର୍ଯ୍ୟାଳୟରେ ‘ମନ କୀ ବାତ’ କାର୍ଯ୍ୟକ୍ରମରେ ଯୋଗଦେଇ ଶ୍ରୀ ସାମଲ କହିଛନ୍ତି ଯେ ଏହା କେବଳ ଏକ ରେଡିଓ କାର୍ଯ୍ୟକ୍ରମ ନୁହେଁ, ବରଂ ସାମାଜିକ ପରିବର୍ତ୍ତନର ଏକ ମାଧ୍ୟମ। ପ୍ରଧାନମନ୍ତ୍ରୀଙ୍କ ଦୂରଦର୍ଶୀ ଚିନ୍ତାଧାରା ଓ ଜନସାଧାରଣଙ୍କ ସହ ହୃଦୟସ୍ପର୍ଶୀ ବାର୍ତ୍ତା ଦେଶର ପ୍ରତ୍ୟେକ ନାଗରିକଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ନିର୍ମାଣରେ ଅଂଶୀଦାର ହେବାକୁ ପ୍ରେରଣା ଯୋଗାଉଛି। ଆଗାମୀ ଗାନ୍ଧୀ ଜୟନ୍ତୀରେ ସମସ୍ତଙ୍କୁ ଖଦି ବସ୍ତ୍ର ପରିଧାନ କରିବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେବା ସହ ଦେଶକୁ ଆତ୍ମନିର୍ଭର କରିବାକୁ ନିବେଦନ କରିଛନ୍ତି। ତେଣୁ ଏହା ଆମ ସମସ୍ତଙ୍କ ମିଳିତ ପ୍ରୟାସରେ ସମ୍ଭବ ହୋଇପାରିବ ବୋଲି ଶ୍ରୀ ସାମଲ କହିଛନ୍ତି। ସେହିପରି ଦେଶର ନାରୀଶକ୍ତିର ପରାକାଷ୍ଠା ନେଇ ଆଲୋଚନା ସମୟରେ ପ୍ରଧାନମନ୍ତ୍ରୀ ନୌସେନାର ୨ ମହିଳା ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ସେମାନେ ୮ ମାସ ଧରି ସମୁଦ୍ର ଭିତରେ ବିଭିନ୍ନ ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହୋଇଥିଲେ ହେଁ ସାହସ ଓ ଦୃଢ଼ତାର ପରିଚୟ ଦେଇ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ ସାଜିଥିବା ପ୍ରଧାନମନ୍ତ୍ରୀ ତାଙ୍କ କାର୍ଯ୍ୟକ୍ରମରେ କହିଛନ୍ତି। ତେଣୁ ପ୍ରଧାନମନ୍ତ୍ରୀଙ୍କ ପ୍ରୟାସ ଯୋଗୁଁ ଦେଶର କୋଣ ଅନୁକୋଣର ବିଷୟ ଲୋକଙ୍କ ପାଖରେ ପହଞ୍ଚିପାରୁଛି। ଦେଶ ସର୍ବୋପରି ବୋଲି ମୋଦି ଯେଉଁ ବାର୍ତ୍ତା ଦେଇଛନ୍ତି, ତା’ ସମସ୍ତଙ୍କ ମନରେ ନୂଆ ଆତ୍ମବିଶ୍ୱାସ ସୃଷ୍ଟି କରିଛି। ‘ମନ କୀ ବାତ’ କାର୍ଯ୍ୟକ୍ରମରେ ମୋଦି ଦେଇଥିବା ବାର୍ତ୍ତା ଘରେ ଘରେ ପହଞ୍ଚାଇବାକୁ ଶ୍ରୀ ସାମଲ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଛନ୍ତି।ଏହି ଅବସରରେ ଶ୍ରୀ ସାମଲ ଚନ୍ଦକାଠାରେ ମହାନ ବିପ୍ଳବୀ ପାଇକ ଯୋଦ୍ଧା ପିଣ୍ଡିକି ବାହୁବଳେନ୍ଦ୍ରଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ସହ ଚାରା ରୋପଣ କରିଥିଲେ।

## ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅନ୍ତର୍ଗତ ୧୭ ନମ୍ବର ୱାର୍ଡରେ କାର୍ଯ୍ୟରତ ବିଏମସି ସଫେଇ କର୍ମଚାରୀମାନଙ୍କୁ ଦୁର୍ଗାପୂଜା ଅବସରରେ ଏକ ନିଆରା ଢଙ୍ଗରେ ପୂଜାଭେଟି ଦେଇଛନ୍ତି କର୍ପୋରେଟର ପୂଜା ମହାରଣା। ଆଜି ୧୭ ନମ୍ବର ୱାର୍ଡ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ ସମସ୍ତ ସଫେଇ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ନୂତନ ବସ୍ତ୍ର ଓ ମିଠା ପ୍ୟାକେଟ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଭୁବନେଶ୍ୱରକୁ ସ୍ୱଚ୍ଛ ସୁନ୍ଦର ରଖିବାରେ ବିଏମସି ସଫେଇ କର୍ମଚାରୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ବେଳେ ସେମାନେ ଖରା, ବର୍ଷା, ଶୀତ, କାକରକୁ ଖାତିରି ନକରି ଲୋକଙ୍କୁ ସେବା ଯୋଗାଇ ଦେଉଥିବାରୁ ସେମାନେ ପ୍ରକୃତ ସମାଜସେବୀ ବୋଲି ମତ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ମେୟର ସୁଲୋଚନା ଦାସ ଯୋଗଦେଇ କର୍ପୋରେଟରଙ୍କର ଏଭଳି ପଦକ୍ଷେପକୁ ପ୍ରଶଂସା କରିବା ସହ ଆଗାମୀ ଦିନରେ ଏହି ସମ୍ବର୍ଦ୍ଧନା କର୍ମଚାରୀମାନଙ୍କୁ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପ୍ରେରଣା ଯୋଗାଇବ ବୋଲି ଆଶା ପ୍ରକାଶ କରିଛନ୍ତି। ଏହାଛଡ଼ା କେଶବ ଚନ୍ଦ୍ର ରାଉତ, ସାନିଟାରୀ ଇନ୍ସପେକ୍ଟର ହରପ୍ରିୟା ନାୟକ, ଯୁବନେତା ଭୋଳାନାଥ ମହାରଣା ଯୋଗଦେଇଥିଲେ। ସଭାରେ ବରିଷ୍ଠ ସାମ୍ବାଦିକ ସୁକାନ୍ତ ରାଉତ ସଭାପତିତ୍ୱ କରିଥିବା ବେଳେ ସୁପରଭାଇଜର ଓ ସ୍ୱଚ୍ଛ ସାଥୀମାନେ ମଧ୍ୟ ଉପସ୍ଥିତ ଥିଲେ।

## ଲୋକସେବାର ଚାରାରୋପଣ କାର୍ଯ୍ୟକ୍ରମ



**କଟକ,୨୮।୯(ସଂଚାର ବ୍ୟୁରୋ):** ଲୋକସେବା କଟକ ଦଳ ପକ୍ଷରୁ ‘ପ୍ରଧାନମନ୍ତ୍ରୀ ଏକ ପେଡ଼ ମା’ କେ ନାମ ୨.୦’ ଅଭିଯାନର ଅଂଶ ଭାବେ ସହିଦ ପାର୍କରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାର୍କର ସୁପରଭାଇଜର ବାବୁଲି ବେହେରା ଓ ଅନ୍ୟ କର୍ମଚାରୀମାନେ ଏଥିରେ ପୂର୍ଣ୍ଣ ସହଯୋଗ କରିଥିଲେ। ଲୋକସେବାର ସଦସ୍ୟ ଜୟଶ୍ରୀ ସାହୁ, ପୀତବାସ ସାହୁ, ଅବିନାଶ ନାୟକ, ମନୋରମା ନାୟକ, ପୁଷ୍ପାଞ୍ଜଳି ସାହୁ ଓ ନାରାୟଣ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ସମ୍ମାନିତ ଅତିଥିମାନେ ଯୁବପିଢ଼ିକୁ ପରିବେଶ ସୁରକ୍ଷା ଦିଗରେ ସକ୍ରିୟ ହେବାକୁ ଆହ୍ୱାନ ଦେଇଥିଲେ। ସୂଚନାଯୋଗ୍ୟ ଯେ ଲୋକସେବା ପକ୍ଷରୁ ପ୍ରତି ରବିବାର ସହରର ବିଭିନ୍ନ ପାର୍କରେ ଏପରି ଚାରା ରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଆସୁଛି।

## ୩ ହାତୀଦାନ୍ତ ଜବତ, ୪ ଗିରଫ

**କେନ୍ଦୁଝର, ୨୮।୯ (ସଂଚାର ବ୍ୟୁରୋ):** ୩ଟି ହାତୀଦାନ୍ତ ଜବତ ସହ ୪ଜଣଙ୍କୁ ଗିରଫ କରିଛି କେନ୍ଦୁଝର ବନ ବିଭାଗ। ସେମାନଙ୍କଠାରୁ ୩ଟି ମୋବାଇଲ୍ ଫୋନ୍ ଜବତ କରିଛି। ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ଅନ୍ତର୍ଗତ ବାଂଶପାଳ ବ୍ଲକ ତଳକାଇପୁର ଅଞ୍ଚଳରୁ ପୋଲିସ ସହାୟତାରେ ଧରିଲା ବନ ବିଭାଗ। ଗତ ୨୬ ତାରିଖ ରାତି ୯ଟା ବେଳେ, ତଳକାଇପୁର କ୍ରସର୍ ନିକଟରେ ମିଳିତ ଚଢ଼ାଉ କରି ଘଟଣାସ୍ଥଳରୁ ୩ଟି ହାତୀଦାନ୍ତ ଜବତ କରିବା ସହ, କଟକ ଅଲିଶା ବଜାରର ବୀରକିଶୋର ବେହେରା ଓ ଅନୁଗୁଳ ର ଅରୁଣ କୁମାର ସାହୁଙ୍କୁ ଗିରଫ କରିଥିଲା। ଏହି ମାମଲାରେ ସମ୍ପୃକ୍ତ ଅନୁଗୁଳ ଜିଲ୍ଲା ଭଗାମୁଣ୍ଡାର ପ୍ରଦୀପ କୁମାର ସାହୁ ଓ ପ୍ରତାପ ବେହେରାଙ୍କୁ ଗିରଫ କରାଯାଇଛି। ଜବତ ୩ଟି ହାତୀଦାନ୍ତ ମଧ୍ୟରୁ ପ୍ରଥମଟି ୨.୦୨୬ କିଲୋଗ୍ରାମ୍, ୨ୟ ଟି ୬ଶହ ଗ୍ରାମ୍ ଓ ୩ୟ ଟି ୩୮୭ ଗ୍ରାମ ଓଜନର ଥିବା ସୂଚନା ଦେଇଛି ବନ ବିଭାଗ। ପ୍ରଥମରୁ ଏମାନଙ୍କ ନିକଟରେ ୪ଟି ହାତୀଦାନ୍ତ ଥିବା ବେଳେ, ଅନ୍ୟ ଗୋଟିଏ ହାତୀଦାନ୍ତର ପତା ମିଳି ନଥିବା ସୂଚନା ଦେଇଛନ୍ତି ଜିଲ୍ଲା ବନଖଣ୍ଡ ଅଧିକାରୀ ଏଚ ଡି ଧନରାଜ।

## ୧୨ ସୁଦ୍ଧା ପ୍ରାୟ ୨୦ ଲକ୍ଷ ଦସ୍ତଖତ ସଂଗ୍ରହ କରିବ କଂଗ୍ରେସ

### ଗାନ୍ଧି ଜୟନ୍ତୀରୁ ମାଲକାନଗିରିରୁ ବର୍ଷବ୍ୟାପୀ ପଦଯାତ୍ରା



**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ସଂଗଠନ ସୃଜନ ଅଭିଯାନ ମାଧ୍ୟମରେ ଓଡ଼ିଶା ପ୍ରଦେଶ କଂଗ୍ରେସର ସମସ୍ତ ୩୫ ସାଙ୍ଗଠନିକ ଜିଲ୍ଲାର ସଭାପତିଙ୍କ ନାମ ଘୋଷଣା ପରେ ଗତ ୧୭ରୁ ଆରମ୍ଭ ହୋଇଥିବା କଂଗ୍ରେସର ‘ଭୋଟ୍ ଚୋର ଗାଦି ଛାଡ଼’ ଦସ୍ତଖତ ଅଭିଯାନ ତ୍ୱରାନ୍ୱିତ ହେବ। ଏନେଇ ଆଜି ପିସିସି ମିଡିଆ ସେଲ ଅଧ୍ୟକ୍ଷ ଅରବିନ୍ଦ ଦାସ କଂଗ୍ରେସ ଭବନଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ ଆସନ୍ତା ୧୨ ତାରିଖ ସୁଦ୍ଧା ରାଜ୍ୟର ବିଭିନ୍ନ ସ୍ଥାନରୁ ପ୍ରାୟ ୨୦ ଲକ୍ଷ ଦସ୍ତଖତ ସଂଗ୍ରହ କରାଯିବ। ସେହିପରି ଦେଶବ୍ୟାପୀ ଏହି କାର୍ଯ୍ୟକ୍ରମରେ ଘର ଘର ବୁଲି ଦଳୀୟ ନେତା ଓ କର୍ମୀ ମୋଟ ୫ କୋଟି ଦସ୍ତଖତ ସଂଗ୍ରହ କରିବେ। ଗଣତନ୍ତ୍ରର ସୁରକ୍ଷା ପାଇଁ ପ୍ରସ୍ତୁତ ହେଉଥିବା ଏହି ଦସ୍ତାବିଜକୁ ଆସନ୍ତା ୧୫ରେ ରାଷ୍ଟ୍ରପତି ଓ ମୁଖ୍ୟ ନିର୍ବାଚନ ଆୟୋଗଙ୍କ ନିକଟରେ ଦାଖଲ କରାଯିବ। ତେଣୁ ଦଳର ସମସ୍ତ କର୍ମକର୍ତ୍ତା, ନେତା ଓ କର୍ମୀ, ଛାମୁଆ ସଂଗଠନ ଓ ବିଭାଗର ମୁଖ୍ୟମାନେ ସକ୍ରିୟ ଅଂଶଗ୍ରହଣ କରି ଏହି ପ୍ରକ୍ରିୟାରେ ସାମିଲ୍ ହେବାକୁ ପିସିସି ସଭାପତି ଭକ୍ତ ଚରଣ ଦାସ ନିବେଦନ କରିଥିବା ଶ୍ରୀ ଦାସ କହିଛନ୍ତି। ଶ୍ରୀ ଦାସ ଆହୁରି କହିଛନ୍ତି ଯେ ଦସ୍ତଖତ ଅଭିଯାନ ଭିତରେ ଆସନ୍ତା ଗାନ୍ଧି ଜୟନ୍ତୀଠାରୁ ମାଲକାନଗିରିଠାରୁ ବର୍ଷବ୍ୟାପୀ ‘ଗାନ୍ଧୀ ପଥେ ଓଡ଼ିଶା’ ପଦଯାତ୍ରା ଆରମ୍ଭ ହେବ।



କଟକରେ ଦଶହରା ଭିଡ଼ ନିୟନ୍ତ୍ରଣ ପାଇଁ ପ୍ରଶାସନ ପକ୍ଷରୁ ୱାନ୍ ୱେ ଘୋଷଣା କରିଥିଲେ ହେଁ ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରି ସିଏମସି ପାର୍କିଂ ସ୍ଥାନରେ ବେଆଇନ ଜବରଦଖଲ ଚାଲିଛି। ରାସ୍ତାକଡ଼ରେ ବେଆଇନ ଭାବେ ଜାଗା ଅକ୍ତିଆର କରି କେତେକ ଭଡ଼ାସୂତ୍ରରେ ଦୋକାନ ଦେଇଥିବାରୁ ଏହା ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ତେବେ ଦଶହରାରେ ବି ଏପରି ବେପାର ଚାଲିଥିବାରୁ ଏହା ଟ୍ରାଫିକ୍ ସମସ୍ୟାକୁ ଅଧିକ ଗୁରୁତର କରିବାର ଆଶଙ୍କା ରହିଛି। ତେଣୁ ଏ ଦିଗରେ କଟକ ମହାନଗର ନିଗମ କଠୋର ପଦକ୍ଷେପ ନେବାକୁ ଦାବି ହେଉଛି।

## ଆର୍‌ଆଇଇରେ ‘ଜାଦୁଇ ପିଟାରା’ ସଚେତନତା କାର୍ଯ୍ୟକ୍ରମ




**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଜେଜେବାପା ଓ ଜେଜେମାଆ ହେଉଛନ୍ତି ପରିବାରର ସମ୍ପଦ, ପ୍ରେମମୟ ପରମ୍ପରାର ପ୍ରତିଷ୍ଠାତା, ମହାନ କାହାଣୀକାର ଓ ସାମାଜିକ-ସାଂସ୍କୃତିକ ଐତିହ୍ୟର ରକ୍ଷକ। ସେମାନଙ୍କ ନିଃସ୍ୱାର୍ଥପର ପ୍ରେମ, ଯତ୍ନ ଓ ମାର୍ଗଦର୍ଶନ ପିଲାଙ୍କ ସାମଗ୍ରିକ ବିକାଶକୁ ସମୃଦ୍ଧ କରିଥାଏ, ଯାହା ଜାତୀୟ ଶିକ୍ଷା ନୀତି(ଏନ୍‌ଇପି)-୨୦୨୦ର ସାମଗ୍ରିକ ବିକାଶ ଦୃଷ୍ଟିକୋଣ ସହ ସଙ୍ଗତିଶୀଳ। ଏହି ପରିପ୍ରେକ୍ଷୀରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ (ଆର୍‌ଆଇଇ) ପକ୍ଷରୁ ଆଜି ଏହାର ଅନୁବନ୍ଧିତ ପିଏମ୍ ଶ୍ରୀ ପ୍ରାୟୋଗିକ ବହୁମୁଖୀ ବିଦ୍ୟାଳୟ ସହଯୋଗରେ ଏକ ଅଭିନବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ବାଳ ବାଟିକା ଛାତ୍ରଛାତ୍ରୀଙ୍କ ଜେଜେମା’-ଜେଜେବାପା ଓ ପିତାମାତା ଭାଗ ନେଇଥିଲେ। ଜାତୀୟ ଶିକ୍ଷାନୀତି-୨୦୨୦ ଆଧାରରେ ହୋଇଥିବା କାର୍ଯ୍ୟକ୍ରମ ଅନ୍ତର୍ଗତ ଏହି ଉତ୍ସବରେ ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଲକ୍ଷ୍ମୀଧର ବେହେରା ଯୋଗଦେଇ କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ଅନ୍ତର୍ଗତ ଏନ୍‌ସିଇଆର୍‌ଟିର ଯାଦୁପେଡ଼ି କିଭଳି କୋମଳମତି ଛାତ୍ରଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ଆନନ୍ଦ ଦେବା ସହ ଭାରତୀୟ ଜ୍ଞାନ ପରମ୍ପରାକୁ ଅବଗତ କରାଏ, ସେନେଇ ବୁଝାଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଅଖିଳେଶ୍ୱର ମିଶ୍ର ଜେଜେମା’-ଜେଜେବାପା କିପରି ପରିବାରକୁ ଏକତ୍ର ବାନ୍ଧି ରଖି ପାରିବାରିକ ବନ୍ଧନକୁ ଦୃଢ଼ ଓ ସଶକ୍ତ କରନ୍ତି, ସେ ସମ୍ପର୍କରେ ସୂଚନା ଦେଇଥିଲେ। ପରେ ସେ ‘ଯାଦୁଇ ପିଟାରା’ ଭିତରେ ଥିବା ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରଦର୍ଶନ କରି ଶିଶୁ ବିକାଶରେ ଏହାର ବିଭିନ୍ନ ପ୍ରାସଙ୍ଗିକତା ଓ ପ୍ରୟୋଗ ବିଷୟରେ ବୁଝାଇଥିଲେ। କାର୍ଯ୍ୟକ୍ରମରେ ଉପସ୍ଥିତ ଜେଜେବାପା ଓ ଜେଜେମା’ମାନେ ‘ଜାଦୁଇ ପିଟାରା’ ଅନୁସନ୍ଧାନରେ ଯଥେଷ୍ଟ ଆଗ୍ରହ ପ୍ରଦର୍ଶନ କରିବା ସହ ତୃଣମୂଳ ସ୍ତରରେ ଶିକ୍ଷାକୁ ସୁଦୃଢ଼ କରିବା ପାଇଁ ଏନସିଇଆରଟିର ପଦକ୍ଷେପକୁ ପ୍ରଶଂସା କରିଥିଲେ। ଶେଷରେ ବାଳ ବାଟିକାର କୁନି କୁନି ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

## ଦେବଯୁଗ ପରିବାର ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ



**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ସ୍ଥାନୀୟ ଲୁଇଟ୍ ରୋଡ୍‌ସ୍ଥିତ କେଦାରଗୌରୀ ରିସର୍ଟରେ ଦେବଯୁଗ ପରିବାର ପକ୍ଷରୁ ସଂସ୍ଥାପକ ଦେବବ୍ରତ ନାୟକଙ୍କ ଅଧ୍ୟକ୍ଷତାରେ ଏକ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏହାକୁ ଏକାମ୍ର ବିଧାୟକ ବାବୁ ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦେବବ୍ରତ ନାୟକଙ୍କ ‘ବ୍ରହ୍ମ ବିନ୍ଦୁ’- ରକ୍ତଦାନର ନୂତନ ଉଦ୍ଭାବନୀୟ ପ୍ରୟାସକୁ ଉଦଘାଟନ କରିଥିଲେ। ସେହିପରି ପୂର୍ବତନ ବିଧାୟକ ତଥା ବରିଷ୍ଠ କଂଗ୍ରେସ ନେତା ସୁରେଶ ରାଉତରାଏ, ପୂର୍ବତନ ବିଜେପି ରାଜ୍ୟ ସଭାପତି ତଥା ଓଡ଼ିଶା ଅଲିମ୍ପିକ୍ ଆସୋସିଏସନ୍‌ର ସଭାପତି ସମୀର ମହାନ୍ତି ଓ ସଂଗ୍ରାମ କେଶରୀ ପାଇକରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଉତ୍ସବରେ ସରକାରୀ ଓ ବେସରକାରୀ ଏବଂ ସ୍ଥାନୀୟ ସମୁଦାୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ଓ ଅନ୍ୟାନ୍ୟ ସେବା ଯୋଗାଉଥିବା ବ୍ୟକ୍ତିବିଶେଷ ଯଥା ବିଏମ୍‌ସି ସଫେଇ କର୍ମଚାରୀ, ଡାକବାଲା, ଖବରକାଗଜ ହକର, ଭଣ୍ଡାରୀ, ଇଲେକ୍ଟ୍ରିସିଟି କର୍ମଚାରୀ, ସେଲୁନ କର୍ମୀ, ପିଏଚ୍‌ଡି କର୍ମଚାରୀ, ଅଙ୍ଗନବାଡ଼ି, ଆଶାକର୍ମୀ, କ୍ଷୀରବାଲା, ଗ୍ୟାସ୍ ଡେଲିଭରିମ୍ୟାନ୍ ଓ କେତେକ ସମାଜସେବୀଙ୍କୁ ସମ୍ମାନିତ କରାଯାଇଥିଲା। ଏପରି ଏକ କାର୍ଯ୍ୟକ୍ରମକୁ ବିଭିନ୍ନ ସ୍ତରରେ ପ୍ରଶଂସା କରାଯାଇଛି।

କ୍ଲବ ଟାଉନ୍ ପଡ଼ିଆରେ ହେବ ଭସାଣି ମହୋତ୍ସବ

## ନିଲାମ ହେବ ଦେଢ଼ କ୍ୱିଣ୍ଟାଲର ଲଡୁ

**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉତ୍ତର ପୂଜା ଭସାଣି ସମିତି ପକ୍ଷରୁ ଡମଣା ନିକଟସ୍ଥ କ୍ଲବ ଟାଉନ୍ ପଡ଼ିଆରେ ଚଳିତବର୍ଷ ପଞ୍ଚଦଶ ମା’ ଦୁର୍ଗାଙ୍କ ଭସାଣି ମହୋତ୍ସବ ଅନୁଷ୍ଠିତ ହେବ। ଏଥିରେ ଉତ୍ତର ନିର୍ବାଚନମଣ୍ଡଳୀର ୧୪ରୁ ଅଧିକ ମେଢ ଅଂଶଗ୍ରହଣ କରିବେ। ସନ୍ଧ୍ୟା ସାଢ଼େ ୫ଟାରେ ମେଢ଼ଗୁଡିକ ପଡ଼ିଆକୁ ପ୍ରବେଶ କରିବେ। ଚଳିତ ବର୍ଷ ଭସାଣିର ମୁଖ୍ୟ ଆକର୍ଷଣ ଦେଢ଼ କ୍ୱିଣ୍ଟାଲ ଓଜନର ଲଡୁ। ନୀଳାଦ୍ରି ବିହାର ପୂଜା କମିଟି ପକ୍ଷରୁ ପ୍ରସ୍ତୁତ ଏହି ଲଡୁ ନିଲାମ ଡକାଯାଇ ଭକ୍ତଙ୍କ ମଧ୍ୟରେ ବଣ୍ଟାଯିବ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ବିଧାୟକ ତଥା ଭସାଣି ସମିତିର ଉପଦେଷ୍ଟା ପ୍ରିୟଦର୍ଶୀ ମିଶ୍ର କହିଛନ୍ତି। ଏଥିସହ ପ୍ଲାଷ୍ଟିକମୁକ୍ତ, ଶବ୍ଦ ପ୍ରଦୂଷଣ ମୁକ୍ତ, ନିଶା ମୁକ୍ତ ଓ ଶୃଙ୍ଖଳିତ ଭସାଣି ପାଇଁ ସେ ସମସ୍ତଙ୍କୁ ନିବେଦନ କରିଛନ୍ତି। ଏଥିରେ ସାମ୍ବାଦିକ ସମ୍ମିଳନୀରେ ସଭାପତି ରଶ୍ମିରେଖା ଜେନା, ଉପଦେଷ୍ଟା ମଧୁମାଧବ ଜେନା, ସମରେନ୍ଦ୍ର ସାହୁ, କର୍ପୋରେଟର ଯଶୋଧାରା ପ୍ରଦାନ, ନିଶାକର ସାହୁ, ସାଧାରଣ ସମ୍ପାଦକ ସରୋଜକାନ୍ତ ମଲ୍ଲିକ, ଅଶୋକ ପାତ୍ର, ବିଶ୍ୱନାଥ ମହାନ୍ତି, ସୁକାନ୍ତ ପରିଡ଼ା, କୃଷ୍ଣଚନ୍ଦ୍ର ଭଞ୍ଜଦେଓ, ଶରତ ନାୟକ, ଟୁଟୁ ହାତୀ, ଯୋଗେଶ ନାୟକ, ମୁକ୍ତେଶ୍ୱର ତ୍ରିପାଠୀ, ସୁନୀଲ ରାୟ, ନିର୍ମଳ ପଣ୍ଡା, ଅନିରୁଦ୍ଧ ମଲ୍ଲିକ, ବାବନ ପଣ୍ଡା, ଦିଲ୍ଲୀପ ମହାନ୍ତି, ସୁଶିଲ ପଣ୍ଡା ଉପସ୍ଥିତ ଥିଲେ।




## ଦାଣ୍ଡିଆ ନାଇଟ୍ ଟ୍ୟାଲେଣ୍ଟ୍ ଫେଷ୍ଟ୍ ପ୍ରତିଯୋଗିତା



**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ସ୍ଥାନୀୟ କସ୍ତୁରବା ନାରୀ ମହଲଠାରେ ଆଜି ପ୍ରମୁଖ ଅନୁଷ୍ଠାନ କଳିଙ୍ଗ କଳା କେନ୍ଦ୍ର ପକ୍ଷରୁ ଦାଣ୍ଡିଆ ନାଇଟ୍ ଟ୍ୟାଲେଣ୍ଟ୍ ଫେଷ୍ଟ୍ ପ୍ରତିଯୋଗିତା ଓ ଦାଣ୍ଡିଆ ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ପ୍ରତିଯୋଗିତାରେ ପିଲାମାନଙ୍କ ମଧ୍ୟରେ ନୃତ୍ୟ ଗୀତ ସମେତ ପାଠପଢ଼ା ବିଷୟକୁ ନେଇ ପ୍ରତିଯୋଗିତା ହୋଇଥିଲା। ଏଥିରେ ବିଭିନ୍ନ ବିଦ୍ୟାଳୟରୁ ୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ଓ ସ୍ଥାନୀୟ କର୍ପୋରେଟର୍ ଆଇସା ବେଗମ୍ ଯୋଗଦେଇ ଛାତ୍ରଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ। ଏଥିସହ ଅତିଥିଗଣ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ ମଧ୍ୟ କରିଥିଲେ। ଏହି ପ୍ରତିଯୋଗିତାରେ ଭୁବନେଶ୍ୱରର ନାରାୟଣ ଇ-ଟେକ୍‌ନୋ ସ୍କୁଲ୍‌ର ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ଅନିସତା ସୁଭଦ୍ରସନୀ, ସେଣ୍ଟ୍ ଜାଭିୟର୍ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ର ଅଦ୍ୱୈତ ନାରାୟଣ ଦାସ, ପାହାଳ ମଦର ପବ୍ଲିକ୍ ସ୍କୁଲ୍‌ର ଦ୍ୱିତୀୟ ଶ୍ରେଣୀ ଛାତ୍ରୀ ସିଏ ଆରୁଷି ଅଦ୍ୱିକା, ବିଜେଇଏମ୍ ବିଦ୍ୟାଳୟର ପ୍ରଥମ ଶ୍ରେଣୀ ଛାତ୍ର ଶୁଭ୍ରା ସୌଭାଗିନୀ ସ୍ୱାଇଁ, ଡିପିଏସ୍ କଳିଙ୍ଗ ସ୍କୁଲ୍‌ର ପ୍ରଥମ ଶ୍ରେଣୀ ଛାତ୍ର ଦେବାଂଶ ଦାସଙ୍କୁ ଶ୍ରେଷ୍ଠ ପ୍ରତିଯୋଗୀ ତଥା ଗାଲା ଆୱାର୍ଡରେ ସମ୍ମାନିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ତଥା ପ୍ରଧାନଶିକ୍ଷକ ମାନଗୋବିନ୍ଦ ନାୟକ ମଧ୍ୟ ଉପସ୍ଥିତ ଥିଲେ।

ନୂଆପଡ଼ା ଉପନିର୍ବାଚନ

# ନଭେମ୍ବରରେ ପତିଆରା ଲଢ଼େଇ

**ଭୁବନେଶ୍ୱର,୨୮।୯:** ବିହାର ବିଧାନସଭା ସହିତ ଓଡ଼ିଶାର ନୂଆପଡ଼ା ବିଧାନସଭା କ୍ଷେତ୍ର ଲାଗି ଉପ ନିର୍ବାଚନ ହେବାକୁ ଯାଉଥିବା ବେଳେ ଏଥିପାଇଁ ୩ ପ୍ରମୁଖ ରାଜନୈତିକ ଦଳର ଚିନ୍ତା ବଢ଼ିଯାଇଛି। ସମ୍ଭବତଃ ଆଗାମୀ ନଭେମ୍ବର ମାସରେ ନୂଆପଡ଼ା ବିଧାନସଭା କ୍ଷେତ୍ର ଲାଗି ଉପନିର୍ବାଚନ ହେବାକୁ ଥିବାରୁ ରାଜ୍ୟରେ କ୍ଷମତାସୀନ ବିଜେପି ପାଇଁ ଏହା ଏକ ବଡ଼ ଆହ୍ୱାନ ହୋଇଛି।

ନୂଆପଡ଼ା ବିଧାନସଭା ଆସନଟି ବିଜେଡି କବ୍‌ଜାରେ ଥିଲା। ଏଠାରୁ ନିର୍ବାଚିତ ହୋଇଥିବା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କର ଦେହାନ୍ତ ହେବା ଫଳରେ ଉପ ନିର୍ବାଚନର ଆବଶ୍ୟକତା ପଡ଼ିଛି। ଗତ ବର୍ଷ ଜୁନ୍ ମାସରେ ବିଜେପି ଓଡ଼ିଶାରେ ଶାସନକୁ ଆସିବା ପରେ ଏହା ହେଉଛି ପ୍ରଥମ ଉପନିର୍ବାଚନ। ଏହା ବିଜେପି ପାଇଁ ଯେଭଳି ଏସିଡ୍ ଟେଷ୍ଟ ସେହିଭଳି ନିଜ ଆସନକୁ ପୁନଃ ଦଖଲ କରିବା ବିଜେଡି ପାଇଁ ମଧ୍ୟ ବଡ଼ ଆହ୍ୱାନ।

ଅନ୍ୟପକ୍ଷରେ ଅବିଭକ୍ତ କଳାହାଣ୍ଡି ଜିଲ୍ଲାର ଏକଦା ଅଂଶବିଶେଷ ଥିବା ନୂଆପଡ଼ା ଉପରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନର ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କର ଏକଦା ଦବ୍‌ଦବା ରହିଥିଲା। ଗତ ବିଧାନସଭା ନିର୍ବାଚନରେ କଂଗ୍ରେସ ଟିକେଟ୍ ନପାଇ ଏଠାରୁ ଦଳର ଅନ୍ୟତମ ସଂଗଠକ ଘାସିରାମ ମାଝୀ ସ୍ୱାଧୀନ ପ୍ରାର୍ଥୀଭାବେ ପ୍ରତିଦ୍ୱନ୍ଦ୍ୱିତା କରି ପ୍ରାୟ ୫୧ ହଜାର ଭୋଟ ପାଇବା ସହିତ ଦ୍ୱିତୀୟ ସ୍ଥାନରେ ରହିଥିଲେ। ସେହି ନିର୍ବାଚନରେ ତତ୍କାଳୀନ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ ଏଠାରୁ ଦଳୀୟ ପ୍ରାର୍ଥୀ ହୋଇ ପ୍ରାୟ ୧୫ ହଜାର ଭୋଟ ହାତେଇଥିଲେ। ଶ୍ରୀ ମାଝୀ ଓ ଶ୍ରୀ ପଟ୍ଟନାୟକ ପାଇଥିବା ଭୋଟକୁ ମିଶାଇଲେ ପ୍ରାୟ ୬୫ ହଜାର ହେବ, ଯାହାକି ସେତେବେଳେ ଜିଣିଥିବା ଢୋଲକିଆଙ୍କ ଭୋଟଠାରୁ ପ୍ରାୟ ୪ ହଜାର ଅଧିକ। ଏହି ଗଣିତ ଆଧାରରେ କଂଗ୍ରେସ ମଧ୍ୟ ନୂଆପଡ଼ା ଦଖଲ କରିବା ଲାଗି ପୂରା ସଜବାଜ ହେଉଛି।



ଏଠାରେ ଉଲ୍ଲେଖନୀୟ ଯେ ବିଜେଡି-ବିଜେପିର ମେଣ୍ଟ ସମୟରେ ୨୦୦୦ ମସିହାରେ ଏଠାରୁ ବିଜେପି ପ୍ରାର୍ଥୀ ବସନ୍ତ କୁମାର ପଣ୍ଡା ଜିଣିଥିବା ବେଳେ ୨୦୦୪ରେ ରାଜେନ୍ଦ୍ର ଢୋଲକିଆ ଏଠୁ ସ୍ୱାଧୀନ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ମେଣ୍ଟ ଭାଙ୍ଗିଯିବା ପରେ ୨୦୦୯ରେ ଶ୍ରୀ ଢୋଲକିଆ ଏଠାରୁ ବିଜେଡି ପ୍ରାର୍ଥୀ ଭାବେ ଜିଣିଥିଲେ। ତେବେ ୨୦୧୪ରେ ସେ ଶ୍ରୀ ପଣ୍ଡାଙ୍କୁ ପରାସ୍ତ କରିଥିଲେ। ୨୦୧୯ରେ ବି ଶ୍ରୀ ଢୋଲକିଆ ବିଜୟୀ ହୋଇ ନବୀନ ପଟ୍ଟନାୟକଙ୍କ ସରକାରରେ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ହୋଇଥିଲେ। ୨୦୨୪ ନିର୍ବାଚନରେ ଶ୍ରୀ ପଣ୍ଡାଙ୍କ ପରିବର୍ତ୍ତେ ତାଙ୍କ ପୁଅ ବିଜେପିରୁ ପ୍ରାର୍ଥୀ ହୋଇଥିବା ବେଳେ ଢୋଲକିଆଙ୍କଠାରୁ ପରାସ୍ତ ହେବା ସହ ତୃତୀୟ ସ୍ଥାନରେ ରହିଥିଲେ। ସେତେବେଳେ କଂଗ୍ରେସ ଚତୁର୍ଥ ସ୍ଥାନକୁ ଖସିଯାଇଥିଲା। ଏବେ କଂଗ୍ରେସ, ବିଜେଡି ଓ ବିଜେପି ପାଇଁ ନୂଆପଡ଼ା ବିଧାନସଭା ଆସନ ଲାଗି ହେଉଥିବା ଉପ ନିର୍ବାଚନ ଅଗ୍ନିପରୀକ୍ଷା ସଦୃଶ ହେଉଛି।

ଏଠାରେ ଉଲ୍ଲେଖନୀୟ ଯେ ପୂର୍ବରୁ ନୂଆପଡ଼ା ବିଧାନସଭା କ୍ଷେତ୍ର ପାଇଁ ୩ ଥର ଉପନିର୍ବାଚନ ହୋଇଥିବା ବେଳେ ଏଥର ଚତୁର୍ଥ ଥର ପାଇଁ ଉପନିର୍ବାଚନ ହେବାକୁ ଯାଉଛି। ବସ୍ତୁତଃ ଏହି ଉପନିର୍ବାଚନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ମଧ୍ୟରେ ପ୍ରକାରାନ୍ତରେ ପତିଆରାର ଲଢ଼େଇ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତ ଦେଉଛନ୍ତି। ଉପନିର୍ବାଚନ ପରିପ୍ରେକ୍ଷୀରେ ନୂଆପଡ଼ାର ପରିବେଶ ବିଭିନ୍ନ ପ୍ରସଙ୍ଗକୁ ନେଇ ସରଗରମ ହେଉଥିବା ଲକ୍ଷ୍ୟ କରାଯାଉଛି। (ତଥ୍ୟ)

## ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

ସୋମବାର ୨୯ ସେପ୍ଟେମ୍ବର ୨୦୨୫, ଭୁବନେଶ୍ୱର
Monday 29 September 2025, Bhubaneswar

# ବିହାର ବିଧାନସଭା: ଏକ ଜଟିଳ ସମୀକରଣ

ବିହାରର ରାଜନୀତି ସବୁବେଳେ ଏକ ଜଟିଳ ଗଣିତ ସମୀକରଣ ପରି ରହିଛି, ଯେଉଁଠି ଜାତି, ସମାଜିକ ସଂଗଠନ ଏବଂ ମେଣ୍ଟର ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାଏ। ୨୦୨୫ ବିଧାନସଭା ନିର୍ବାଚନ ନିକଟତର ହେବା ସହିତ ଏହି ସମୀକରଣ ଆହୁରି ରୋଚକ ହୋଇଉଠିଛି। ଅକ୍ଟୋବର ବା ନଭେମ୍ବରରେ ଅନୁଷ୍ଠିତ ହେବାକୁ ଥିବା ଏହି ନିର୍ବାଚନରେ ୨୪୩ଟି ଆସନ ପାଇଁ ପ୍ରତିଦ୍ୱନ୍ଦ୍ୱିତା ହେବ, ଯେଉଁଠାରେ ବହୁମତ ପାଇଁ ୧୨୨ଟି ଆସନ ଆବଶ୍ୟକ। ଏହି ନିର୍ବାଚନ କେବଳ ଦଳଗୁଡ଼ିକର ଶକ୍ତି ପରୀକ୍ଷା ନୁହେଁ, ବରଂ ମେଣ୍ଟର ସ୍ଥିରତା ଏବଂ ଜାତିଗତ ଗଣିତର ଏକ ପ୍ରମାଣ। ବର୍ତ୍ତମାନର ପ୍ରଧାନ ମେଣ୍ଟ ହେଉଛି ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନଡିଏ), ଯେଉଁଥିରେ ଭାରତୀୟ ଜନତା ପାର୍ଟି (ବିଜେପି), ଜନତା ଦଳ (ୟୁନାଇଟେଡ୍) (ଜେଡିୟୁ), ଲୋକ ଜନଶକ୍ତି ପାର୍ଟି (ରାମ ବିଲାସ) (ଏଲଜେପି-ଆରଭି), ହିନ୍ଦୁସ୍ତାନୀ ଆୱାମ ମୋର୍ଚ୍ଚା (ସେକ୍ୟୁଲାର) (ଏଚଏଏମ-ଏସ) ଏବଂ ରାଷ୍ଟ୍ରୀୟ ଲୋକ ମୋର୍ଚ୍ଚା (ଆରଏଲଏମ) ସାମିଲ ଅଛନ୍ତି। ନୀତିଶ କୁମାରଙ୍କ ନେତୃତ୍ୱରେ ଜେଡିୟୁ କୁର୍ମୀ ଏବଂ ଅତ୍ୟନ୍ତ ପଛୁଆ ବର୍ଗ (ଇବିସି)ର ସମର୍ଥନ ରଖିଛି, ଯେତେବେଳେ ବିଜେପି ଉପର ଜାତି ଏବଂ ଅଣ-ଯାଦବ ଓବିସିର ଭରସା ରଖିଛି। ଚିରାଗ ପାସୱାନଙ୍କ ଏଲଜେପି ପାସୱାନ ଜାତିର ପ୍ରତିନିଧିତ୍ୱ କରୁଛି, ଯେଉଁମାନେ ଦଳିତ ସମୁଦାୟର ଏକ ପ୍ରମୁଖ ଅଂଶ। ଜିତନ ରାମ ମାଞ୍ଝିଙ୍କ ଏଚଏଏମ ମହାଦଳିତ ସମୁଦାୟ, ବିଶେଷକରି ମୁଶାହର ଜାତିର ସମର୍ଥନ ରଖିଛି। ଉପେନ୍ଦ୍ର କୁଶୱାହାଙ୍କ ଆରଏଲଏମ ମଧ୍ୟ କୁଶୱାହା ସମୁଦାୟର ପ୍ରଭାବ ରଖିଛି।

ଏନଡିଏରେ ଆସନ ବଣ୍ଟନ ଏକ ବଡ଼ ଚ୍ୟାଲେଞ୍ଜ। ଚିରାଗ ପାସୱାନ ୪୦ଟି ଆସନ ଦାବି କରିଛନ୍ତି, ଯେତେବେଳେ ମାଞ୍ଝି ଗୟା ଏବଂ ଔରଙ୍ଗାବାଦର ସମସ୍ତ ଆସନ ଚାହୁଁଛନ୍ତି। ୨୦୨୪ ଲୋକସଭା ନିର୍ବାଚନରେ ଏଲଜେପିର ସଫଳତା (୫ଟି ଆସନ) ଏହି ଦାବିକୁ ବଳବତ୍ତର କରିଛି। ଯଦି ଏହି ଟେନସନ୍ ବଢ଼ିବ, ତେବେ ଚିରାଗ ସ୍ୱାଧୀନ ଭାବେ ପ୍ରତିଦ୍ୱନ୍ଦ୍ୱିତା କରିପାରନ୍ତି, ଯାହା ଦଳିତ ଭୋଟ୍ ବିଭାଜନ କରି ରାଷ୍ଟ୍ରୀୟ ଜନତା ଦଳ (ଆରଜେଡି)କୁ ଲାଭ ଦେଇପାରେ। ନୀତିଶ କୁମାରଙ୍କର ନବମ କାର୍ଯ୍ୟକାଳରେ ଆଣ୍ଟି-ଇନକମ୍ବେନ୍ସି ଏକ ବଡ଼ ସମସ୍ୟା, ବିଶେଷକରି ଯୁବକଙ୍କ ମଧ୍ୟରେ ବେରୋଜଗାରୀ ଏବଂ ଭୋଟର ତାଲିକା ବିବାଦ ଯୋଗୁଁ।





ବିରୋଧୀ ମହାଗଠବନ୍ଧନ (ଇଣ୍ଡିଆ ବ୍ଲକ୍)ରେ ଆରଜେଡି, କଂଗ୍ରେସ, ବାମପନ୍ଥୀ ଦଳଗୁଡ଼ିକ (ସିପିଆଇ(ଏମଏଲ), ସିପିଆଇ(ଏମ), ସିପିଆଇ), ବିକାଶଶୀଳ ଇନସାନ ପାର୍ଟି (ଭିଆଇପି), ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା (ଜେଏମଏମ) ଏବଂ ରାଷ୍ଟ୍ରୀୟ ଲୋକ ଜନଶକ୍ତି ପାର୍ଟି ସାମିଲ। ତେଜସ୍ୱୀ ଯାଦବଙ୍କ ନେତୃତ୍ୱରେ ଆରଜେଡିର ମୁସଲିମ-ଯାଦବ (ଏମୱାଇ) ଆଧାର ଦୃଢ଼ ଅଛି, ଯାହା ୩୧-୩୨% ଭୋଟ୍ ଶେୟାର ରଖିଛି। କଂଗ୍ରେସକୁ ବାସ୍ତବବାଦୀ ହେବାକୁ ଏବଂ ଆରଜେଡିକୁ ଉଦାର ହେବାକୁ ସିପିଆଇ(ଏମଏଲ) ମୁଖ୍ୟ ଦୀପଙ୍କର ଭଟ୍ଟାଚାର୍ଯ୍ୟ ପରାମର୍ଶ ଦେଇଛନ୍ତି। ବାମପନ୍ଥୀଙ୍କର ଉତ୍ଥାନ ଏବଂ ନୂଆ ସାଥୀଙ୍କ ଯୋଗଦାନ ମହାଗଠବନ୍ଧନକୁ ଶକ୍ତିଶାଳୀ କରିଛି। ତେଜସ୍ୱୀଙ୍କର ଉଦୟ ଏବଂ ନୀତିଶଙ୍କର କ୍ଷୟ ଏହି ମେଣ୍ଟର ସମ୍ଭାବନା ବଢ଼ାଇଛି।

ଅନ୍ୟାନ୍ୟ ଦଳଗୁଡ଼ିକ ମଧ୍ୟରେ ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ ପାର୍ଟି ଏକ ନୂଆ ଚ୍ୟାଲେଞ୍ଜର ଭାବେ ଉଭା ହୋଇଛି। ସମସ୍ତ ୨୪୩ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରି ଏହା ଜାତିମୁକ୍ତ ରାଜନୀତିର ପ୍ରଚାର କରୁଛି, ଯାହା ଯୁବକଙ୍କୁ ଆକର୍ଷିତ କରିପାରେ। ବହୁଜନ ସମାଜ ପାର୍ଟି (ବିଏସପି), ଆମ ଆଦମୀ ପାର୍ଟି (ଏଏପି) ଏବଂ ଅଲ ଇଣ୍ଡିଆ ମଜଲିସ-ଏ-ଇତ୍ତେହାଦୁଲ ମୁସଲିମୀନ (ଏଆଇଏମଆଇଏମ) ମଧ୍ୟ ସମସ୍ତ ଆସନରେ ଲଢ଼ିବାକୁ ଯୋଜନା କରିଛନ୍ତି, ଯାହା ଭୋଟ୍ ବିଭାଜନ କରିପାରେ।

ଏକ୍ସିସ ମାଇ ଇଣ୍ଡିଆର ପ୍ରଦୀପ ଗୁପ୍ତାଙ୍କ ମତରେ ଏହି ନିର୍ବାଚନ ଏକ କଡ଼ା ପ୍ରତିଯୋଗିତା ହେବ, ଯେଉଁଠି ନୀତିଶ କୁମାର ଏକମାତ୍ର 'କମନ୍ ଡେନୋମିନେଟର' ହୋଇ ରହିଛନ୍ତି। କିନ୍ତୁ ତାଙ୍କର ୨୦ ବର୍ଷର ଶାସନରେ ଆଣ୍ଟି-ଇନକମ୍ବେନ୍ସି ବଢ଼ିବା ସହିତ ତେଜସ୍ୱୀ ଏବଂ ପ୍ରଶାନ୍ତ କିଶୋର ବିକଳ୍ପ ଭାବେ ଉଭା ହୋଇଛନ୍ତି। ଅତୀତର ନିର୍ବାଚନଗୁଡ଼ିକ (୨୦୧୫ ଏବଂ ୨୦୨୦) ଦର୍ଶାଉଛି ଯେ ମେଣ୍ଟ ନୁହେଁ ଦଳଗୁଡ଼ିକ ନିର୍ଣ୍ଣାୟକ ହୁଅନ୍ତି। ଏଥର ମଧ୍ୟ ମେଣ୍ଟର ସ୍ଥିରତା ଏବଂ ଭୋଟ୍ ଟ୍ରାନ୍ସଫର ନିର୍ଣ୍ଣାୟକ ହେବ।

ବିହାରର ଭୋଟରମାନେ ଜାତିର ବାନ୍ଧଣୀରୁ ମୁକ୍ତ ହୋଇ ବିକାଶ, ରୋଜଗାର ଏବଂ ଶିକ୍ଷା ଉପରେ ଧ୍ୟାନ ଦେବା ଆବଶ୍ୟକ। ଏହି ନିର୍ବାଚନ କେବଳ କ୍ଷମତାର ଖେଳ ନୁହେଁ, ବରଂ ରାଜ୍ୟର ଭବିଷ୍ୟତର ନିର୍ଧାରଣ। ଯଦି ମେଣ୍ଟଗୁଡ଼ିକ ସ୍ଥିର ରହିବେ, ତେବେ ଏନଡିଏ ସଫଳ ହୋଇପାରେ; ନହେଲେ ମହାଗଠବନ୍ଧନର ଉଦୟ ଅନିବାର୍ଯ୍ୟ। ଏହା ବିହାରର ରାଜନୀତିର ଏକ ନୂଆ ଅଧ୍ୟାୟ ହୋଇପାରେ।

# ଦେବୀ ଦୁର୍ଗା ଓ ପ୍ରକୃତି



ଡକ୍ଟର ବିଜୟଲକ୍ଷ୍ମୀ ଭୂୟାଁ

ଜଗଜ୍ଜନନୀ କଲ୍ୟାଣୀ ମା'ଦୁର୍ଗା ଦୁର୍ଦ୍ଧାନ୍ତ ଅସୁର ମହିଷାସୁରକୁ ବଧ କରି ଦେବତା ମାନବ, ମୁନିଋଷି ସମସ୍ତଙ୍କୁ ତାର ଉତ୍ପୀଡ଼ନରୁ ରକ୍ଷା କରିଥିବାରୁ ମହିଷାସୁର ମର୍ଦ୍ଦିନୀ ନାମ ଧାରଣ କରିଛନ୍ତି। ମା'ସର୍ବଦା ତାର ସନ୍ତାନର କଲ୍ୟାଣ କରିବା ପାଇଁ ସମସ୍ତ ପ୍ରକାର କଷ୍ଟ ସ୍ୱୀକାର କରିଥାଏ। ସେହିପରି ଭାବରେ ଦୁର୍ଗତିନାଶିନୀ ମୋକ୍ଷପ୍ରଦାୟିନୀ ପତିତପାବନୀ ଅନ୍ନପୂର୍ଣ୍ଣା ମା'ଦୁର୍ଗା ଦୀର୍ଘ ଶହେବର୍ଷର ଅନାବୃଷ୍ଟିରୁ ଜଗତକୁ ଉଦ୍ଧାର କରି ପୃଥିବୀବାସୀଙ୍କୁ ଅନ୍ନ, ଜଳ, ଫଳ, ଶାକ, ଓ ବନସ୍ପତି ପ୍ରଦାନ କରି ଶାକମ୍ବରୀ ନାମ ବହନ କରିଛନ୍ତି। ଏହାଦ୍ୱାରା ମା'ବଞ୍ଚି ରହିବା ପାଇଁ ପ୍ରକୃତିକୁ କିପରି ସର୍ବାଗ୍ରେ ପ୍ରାଧାନ୍ୟ ଦେବା ଆବଶ୍ୟକ ତାହାର ନିଦର୍ଶନ ସ୍ୱରୂପ ନିଜେ ଫୁଲ, ଫଳ ଓ ପତ୍ରର ଗଜରାମାଳରେ ମଣ୍ଡି ହୋଇ ସୁସଜ୍ଜିତ ହୁଅନ୍ତି, ସେଇ ମା'ଶାକମ୍ବରୀଙ୍କ ବିଷୟ ଆଜିର ଆଲୋଚ୍ୟ ବିଷୟ।

ଦୁର୍ଗମ ନାମକ ଏକ ଦୁଷ୍ଟ ରାକ୍ଷସକୁ ବିନାଶ କରିଥିବାରୁ ମା'ଦୁର୍ଗା ନାମ ଧାରଣ କରିଛନ୍ତି। ହିରଣ୍ୟାକ୍ଷ ବଂଶରେ ଦୈତ୍ୟ ରୁରୁର ପୁତ୍ର ଥିଲେ ଦୁର୍ଗମ। ଦୁର୍ଗମ ବ୍ରହ୍ମାଙ୍କୁ ତପସ୍ୟାରେ ସନ୍ତୁଷ୍ଟ କରି ବରପ୍ରାପ୍ତ ହୋଇ ମହାପରାକ୍ରମଶାଳୀ ହୋଇପାରିଥିଲା। ବରପ୍ରାପ୍ତି ଫଳରେ ସେ ବ୍ରହ୍ମାଙ୍କ ଠାରୁ ଚାରିବେଦ ମଧ୍ୟ ମାଗିଆଣିଥିଲା। ଫଳରେ ବୈଦିକ ରୀତିନୀତି, ଯାଗଯଜ୍ଞାଦି ବନ୍ଦ ହେବାରୁ ଦେବତାମାନେ ଯଜ୍ଞର ହବିର୍ଭାଗ ନପାଇ ଦୁର୍ବଳ ଅନୁଭବ କଲେ। ତାର ପ୍ରଭାବରେ ମର୍ତ୍ତ୍ୟରେ ଏକ ଶହ ବର୍ଷ ପର୍ଯ୍ୟନ୍ତ ବର୍ଷା ହେଲାନାହିଁ। ସ୍ୱର୍ଗ, ମର୍ତ୍ତ୍ୟ, ପାତାଳ ତିନିଲୋକରେ ହାହାକାର ଖେଳିଗଲା। ଏହାପରେ ଦୁର୍ଗମ ନିଜର ଅଧିକାରକୁ ସ୍ୱର୍ଗପୁରରେ ଜାହିର କଲା। ଦେବତାମାନେ ଦୁର୍ଗମ ଅତ୍ୟାଚାରରେ ସ୍ୱର୍ଗପୁର ତ୍ୟାଗକରି ହିମାଳୟ ପର୍ବତକୁ ପଳାୟନ କଲେ ଏବଂ ଶକ୍ତିଭୂତା ସନାତନୀ, ଭଗବତୀ ମାହେଶ୍ୱରୀଙ୍କୁ ସ୍ମରଣ କଲେ। ଦେବୀ ତତ୍‌କ୍ଷଣାତ ପ୍ରକଟିତା ହେଲେ। ଦୈତ୍ୟର ପ୍ରଭାବରେ ତ୍ରିଲୋକରେ ଏପରି ବ୍ୟାକୁଳତା ଭରିଯାଇଥିଲା ଯେ ଏହା ଦେଖି ମା'ଙ୍କ ଆଖିରୁ ଅବିରତ ଅଶ୍ରୁ ନିର୍ଗତ ହେବାକୁ ଲାଗିଲା। ବେଦନାକୁ ଧୋଇ ଦେବା ପାଇଁ ମା'ଙ୍କ ମୁଖମଣ୍ଡଳରେ ପ୍ରକଟିତ ହେଲା ଶହେଟି ନେତ୍ର, ତେଣୁ ମା'ଙ୍କର ଅନ୍ୟ ଏକ ନାମ 'ଶତାକ୍ଷୀ'। ଦେବୀଙ୍କ ଚକ୍ଷୁର ନୀର ତିନିଲୋକରେ ବୃଷ୍ଟିର ରୂପ ନେଲା। ନଦୀ ନାଳ ହ୍ରଦ ଅଗାଧ ଜଳରେ ପୂର୍ଣ୍ଣ ହୋଇଗଲା। ସକଳ ବନସ୍ପତି ପରିତୃପ୍ତ ହେଲେ। ପୃଥିବୀ ଶସ୍ୟଶ୍ୟାମଳା ହେଲା ଓ ବୃକ୍ଷମାନ ଫଳଫୁଲରେ ସୁଶୋଭିତ ହେଲେ। ଏହି ସମୟରେ ମା'ଭଗବତୀ ସଭିଁଙ୍କୁ ସ୍ୱହସ୍ତରେ ଅନେକ ପ୍ରକାର ଶାକ ଓ ସ୍ୱାଦିଷ୍ଟ ଫଳ ପ୍ରଦାନ କଲେ। ତେଣୁ ତାଙ୍କ ନାମ ହେଲା 'ଶାକମ୍ବରୀ'। ମା'ପାର୍ବତୀ ଶାକମ୍ବରୀ ରୂପରେ ଆବିର୍ଭୁତା ହୋଇ ପ୍ରବଳ ପ୍ରତାପୀ ଦୁର୍ଗମାସୁରକୁ ବଧ କଲେ। ଦେବୀ ଶାକମ୍ବରୀଙ୍କ ଅନୁକମ୍ପାରେ ଦେବ, ମାନବ, ଋଷିମୁନି ସମସ୍ତେ ଉପକୃତ ହେଲେ। ମା'ବ୍ରହ୍ମାଙ୍କୁ ବେଦ ପ୍ରଦାନ କଲେ ଓ ଇନ୍ଦ୍ରଙ୍କୁ ସ୍ୱର୍ଗପୁରୀ ଫେରାଇ ଦେଲେ। ମା'ଶାକମ୍ବରୀ ଦେବୀଙ୍କ ମହିମା ମହାଭାରତ ଓ ଶିବପୁରାଣରେ ବର୍ଣ୍ଣନା କରାଯାଇଛି।

ରାଜସ୍ଥାନର ସାମ୍ଭର ଓ ଉତ୍ତର ପ୍ରଦେଶର ସହରାନପୁର ଠାରେ ମା'ଶାକମ୍ବରୀଙ୍କର ପ୍ରସିଦ୍ଧ ମନ୍ଦିର ଅବସ୍ଥିତ। ପ୍ରତିବର୍ଷ ପୌଷମାସରେ ଅଷ୍ଟମୀ ତିଥିରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ଏଠାରେ ଶାକମ୍ବରୀ ନବରାତ୍ରି ଓ ଶାକମ୍ବରୀ ପୂର୍ଣ୍ଣିମା ପାଳନ କରାଯାଏ। ମା'ଙ୍କୁ ବିଭିନ୍ନ ପ୍ରକାର ଫଳ, ପରିବା, ଶାକ ଓ ବନସ୍ପତିର ମାଳ ପ୍ରସ୍ତୁତ କରାଯାଇ ପିନ୍ଧାଯାଏ ଏବଂ ନବପଲ୍ଲବରେ ସୁସଜ୍ଜିତ କରାଯାଏ। ଶାକ ଅର୍ଥ ସବୁଜ ବନସ୍ପତି ଓ ଅମ୍ବରୀ ଅର୍ଥ ଯେ ଏହାକୁ ଧାରଣ କରିଥାନ୍ତି। ତେଣୁ ମା'ଙ୍କ ଶାକମ୍ବରୀ ବେଶ ହେଉଛି ସୁନ୍ଦର ସବୁଜ ବନାନୀର ଚିତ୍ର। ଯେଉଁ ବୃକ୍ଷଲତା ଭରା ସବୁଜ ବନାନୀକୁ ଆମେ ମା'ଶାକମ୍ବରୀ ରୂପେ ଦର୍ଶନ କରୁ ତାକୁ ସୁରକ୍ଷିତ ରଖିବା ମା'ର ପୂଜା କରିବା ସହ ସମାନ। ଏଥିରେ ମା'ଅଧିକ ପ୍ରସନ୍ନ ହେବେ। ହେଲେ ଆଜି ମଣିଷ କ'ଣ ତାହା ବୁଝୁଛି? ନ୍ୟସ୍ତସ୍ୱାର୍ଥର ବଶବର୍ତ୍ତୀ ହୋଇ କାଟି ଚାଲିଛି ବୃକ୍ଷ ପରେ ବୃକ୍ଷ। ତା ସ୍ଥାନରେ ଗଢ଼ି ଉଠୁଛି କଳକାରଖାନା ଓ ଅସଂଖ୍ୟ କୋଠାବାଡ଼ି। ବୃକ୍ଷରୋପଣ ଓ ସବୁଜ ବନାନୀ ସୃଷ୍ଟି କରିବାର ବାହାନାରେ ବହୁ ନେତା ଓ ସ୍ୱେଚ୍ଛାସେବୀମାନେ ସଭାସମିତିରେ ଭାଷଣ ଦେଇ ଅର୍ଥ ଆତ୍ମସାତ କରୁଛନ୍ତି।

ମଣିଷ ଶରୀର ପଞ୍ଚଭୂତରେ ଗଢ଼ା। ଏହି ପଞ୍ଚଭୂତ - ମୃର୍ତ୍ତିକା, ଜଳ, ବାୟୁ, ଅଗ୍ନି ଏବଂ ଆକାଶ ମଧ୍ୟରେ ସମତା ରକ୍ଷାକରି ଜୀବ ଜଗତକୁ ବଞ୍ଚିବାର ରାହା ଯୋଗାଏ। ମୃତ୍ତିକା ବୃକ୍ଷକୁ ରକ୍ଷାକରେ। ଆଉ ବୃକ୍ଷ ମଧ୍ୟ ମୃତ୍ତିକାକୁ ସୁରକ୍ଷା ପ୍ରଦାନ କରେ। ଆମ ଶରୀରର ଜଳ ଏକ ପ୍ରଧାନ ଉପାଦାନ। ବୃକ୍ଷ ଯୋଗୁଁ ବୃଷ୍ଟି ହୁଏ। ବନ ନଷ୍ଟକରଣ ହେତୁ ବର୍ଷା ନିୟମିତ ହେଉନାହିଁ, ଫଳରେ ଅସମୟରେ ବର୍ଷା, ବନ୍ୟାହୁଏ ଏବଂ ମରୁଡ଼ି ଆଦି ଦୁର୍ବିପାକ ମଧ୍ୟ ସଂଘଟିତ ହୋଇଥାଏ। ପବନ ହେଉଛି ଶରୀର ପାଇଁ ଅନ୍ୟ ଏକ ଅପରିହାର୍ଯ୍ୟ ଅଂଶ। ଯାହା ବୃକ୍ଷଦ୍ୱାରା ଶୁଦ୍ଧ ହୋଇଥାଏ। ମନୁଷ୍ୟ ନିଶ୍ୱାସରୁ ଉତ୍ପନ୍ନ ଅଙ୍ଗାରକାମ୍ଳକୁ ଗ୍ରହଣ କରି ବୃକ୍ଷ ଅମ୍ଳଜାନ ପ୍ରଦାନ କରିଥାଏ। ଅଗ୍ନି ବା ଉତ୍ତାପ ହେଉଛି ଶରୀର ପାଇଁ ଭିନ୍ନ ଅତ୍ୟାବଶ୍ୟକୀୟ ଉପାଦାନ। ଅଗ୍ନିର ମୂଳ ଉତ୍ସ ହେଉଛି ସୂର୍ଯ୍ୟ। ସୂର୍ଯ୍ୟଙ୍କ ପ୍ରଖର କିରଣକୁ ନିୟନ୍ତ୍ରଣ କରିବା ପାଇଁ ବୃକ୍ଷ ଅତ୍ୟନ୍ତ ଆବଶ୍ୟକ। ଆଜିକାଲି ବୃକ୍ଷ ନଷ୍ଟ ହେବା ଫଳରେ ବାୟୁମଣ୍ଡଳରେ ତାପମାତ୍ରା ଅତ୍ୟଧିକ ଭାବରେ ବଢ଼ି ଚାଲିଛି। ସେହିପରି ଆକଶ ତତ୍ତ୍ୱ ହେଉଛି ଶରୀରର ଅନ୍ୟ ଏକ ଉପାଦାନ। ଯାହା ମନୁଷ୍ୟ ଚଳପ୍ରଚଳ କରିବା ପାଇଁ ଭାରସାମ୍ୟ ରକ୍ଷାକରେ। ବୈଜ୍ଞାନିକ ଗବେଷଣାରୁ ଜଣାଯାଏ ଯେ ବାୟୁମଣ୍ଡଳର ଓଜୋନ ସ୍ତରରେ କ୍ଷତ ସୃଷ୍ଟି ହୋଇ ସୂର୍ଯ୍ୟଙ୍କର ପ୍ରଖର ତାପ ପ୍ରଦାନ କରୁଥିବା ଅତି ବାଇଗଣି ରଶ୍ମି ବାୟୁମଣ୍ଡଳକୁ ପ୍ରବେଶ କରିବା ଦ୍ୱାରା ଆମକୁ ନାହିଁ ନଥିବା ରୋଗ ଭୋଗ କରିବାକୁ ପଡ଼ୁଛି। ଏହି କ୍ଷତିକାରକ ଅତିବାଇଗଣି ରଶ୍ମିର ନିୟାନ୍ତ୍ରକ ହେଉଛି କେବଳ ବୃକ୍ଷ।

ମା'ଦୁର୍ଗା ଶାକମ୍ବରୀ ହୋଇ ସବୁଜବନାନୀ ସୃଷ୍ଟି କରି ଜୀବଜଗତ ତଥା ଦେବତା ମାନଙ୍କୁ ରକ୍ଷା କରିଥିଲେ। ତେଣୁ ଦୁର୍ଗାପୂଜାରେ ଆମେ ବୃକ୍ଷରୋପଣ କରି ଓ ତାର ଉପଯୁକ୍ତ ଯତ୍ନ ନେଇ ସବୁଜ ବନାନୀ ସୃଷ୍ଟି କଲେ ତାହା ହେବ ମା'ଶାକମ୍ବରୀଙ୍କ ପାଇଁ ଉପଯୁକ୍ତ ପୂଜାଅର୍ଚ୍ଚନା। ଏହି ଅନ୍ନଦାତ୍ରୀ ପ୍ରକୃତିରାଣୀଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଆଜି ଏହି ପବିତ୍ର ଦଶହରା ଉତ୍ସବରେ ଚାଲନ୍ତୁ ପରିବେଶର ସୁରକ୍ଷା ଓ ବୃକ୍ଷରୋପଣ ପାଇଁ ଶପଥ ନେବା।

ପ୍ଲଟ ନଂ-୧୦୮୨/ଡି, ମର୍କତ ନଗର, ସିଡିଏ, ସେକ୍ଟର-୬,
କଟକ, ମୋବାଇଲ୍: ୯୮୬୧୩୫୫୬୨୮



# ଯା ଦେବୀ ସର୍ବଭୂତେଷୁ



ଡକ୍ଟର ମନୋରଞ୍ଜନ ବିଷୋୟୀ

"ଯା ଦେବୀ ସର୍ବଭୂତେଷୁ ଶକ୍ତିରୂପଣେ ସଂସ୍ଥିତା
ନମସ୍ତସ୍ୟୈ, ନମସ୍ତସ୍ୟୈ, ନମସ୍ତସ୍ୟୈ ନମୋନମଃ।"

ସମସ୍ତ ଜାଗତିକ ସତ୍ତାର ମୂଳାଧାର ଶକ୍ତି। ଏକ୍+ତି= ଶକ୍ତି ଅର୍ଥାତ୍ 'ଏକ୍' ଧାତୁରେ 'କ୍ତିନ୍' ପ୍ରତ୍ୟୟ ଯୋଗେ ଏହା ନିଷ୍ପନ୍ନ ହୋଇଛି। 'ଏକ୍' ଧାତୁ ସମର୍ଥ ସୂଚକ ଓ 'ତି' ପରାକ୍ରମ ଅର୍ଥ ସୂଚକ। ଅତଏବ ଜଗତର ସକଳ କାର୍ଯ୍ୟ ସାଧନରେ ସମର୍ଥ ତଥା ଉପକ୍ରମ ହେଉଛି ଶକ୍ତି। ଏହି ନିଖିଳ ମୂଳରେ ଯେ ଏକ ଅନିର୍ବଚନୀୟ, ଅଚିନ୍ତ୍ୟ, ଅନନ୍ତ, ଅଜେ୍ଞୟ ମହାଶକ୍ତି ବିରାଜିତ; ଏହାକୁ ସବୁଯୁଗରେ, ସବୁକାଳରେ ସମସ୍ତେ ମୁକ୍ତ କଣ୍ଠରେ ସ୍ୱୀକାର କରିଆସିଛନ୍ତି। ଏପରିକି ଏହି ଶକ୍ତିକୁ ବିଜ୍ଞାନ ମଧ୍ୟ ଅସ୍ୱୀକାର କରିପାରି ନାହିଁ। ଯେପରି ବୈଦ୍ୟୁତିକ ଶକ୍ତିକୁ ଦେଖି ନପାରିଲେ ମଧ୍ୟ ଆଲୋକର ପ୍ରକାଶ, ବାୟୁର ସଞ୍ଚରଣ ପ୍ରଭୃତି କ୍ରିୟା ଦ୍ୱାରା ଶକ୍ତିର ଅସ୍ତିତ୍ୱକୁ ସ୍ୱୀକାର କରିଅଛୁ। ଠିକ୍ ସେହିପରି ବିଶ୍ୱର ଯାବତୀୟ କାର୍ଯ୍ୟ ଅନ୍ତରାଳରେ ମଧ୍ୟ ଏକ ମହାଶକ୍ତି ବିରାଜିତ। କାରଣ ବିଶ୍ୱ ଶକ୍ତିମୟ। ଏହାର ପ୍ରତ୍ୟେକଟି ଅଣୁ, ପରମାଣୁ, ଜଡ଼ ଓ ଚେତନରେ ମଧ୍ୟ ଶକ୍ତି ନିହିତ। ସଂସାରରେ ପ୍ରତ୍ୟେକ ବସ୍ତୁ ଶକ୍ତିର ପରିଣାମ ସ୍ୱରୂପ। ଏହି ଶକ୍ତିବଳରେ ଅଗ୍ନି ବିଶ୍ୱଦହନ କରିପାରୁଥିବା ସ୍ଥଳେ, ପବନ ବିଶ୍ୱବିଲୋଡ଼ନ କରିପାରେ। କାରଣ ଶକ୍ତି ସର୍ବବ୍ୟାପୀ। ଏହି ବିଶାଳ ବ୍ରହ୍ମାଣ୍ଡ ହିଁ ତାଙ୍କର ମୂର୍ତ୍ତି। ତାଙ୍କରି ଠାରୁ ହିଁ ସଂସାର ବିସ୍ତାରିତ। ଯେଉଁଦିନ ମନୁଷ୍ୟ ପ୍ରଥମେ ବିଚିତ୍ର-ବର୍ଣ୍ଣ-ବୈଭବରେ ବିମଣ୍ଡିତ ଏହି ପ୍ରକୃତିର ପରିବର୍ତ୍ତିତ ରୂପ ଅବଲୋକନ କରି ପ୍ରକୃତି ମଧ୍ୟରେ ଶକ୍ତିତତ୍ତ୍ୱକୁ ଅନୁଭବ କରିଛି; ସେହିଦିନ ଠାରୁ ହିଁ ଶକ୍ତିପୂଜାର ପରମ୍ପରା ସୃଷ୍ଟି ହୋଇଛି। ଏହି ଶକ୍ତି ହିଁ ପ୍ରକୃତିର କ୍ରିୟା ଶକ୍ତି।

ବସ୍ତୁତଃ କହିବାକୁ ଗଲେ କ୍ଷିତି, ଅପ, ତେଜ, ମରୁତ ଓ ବ୍ୟୋମ- ଏହି ପଞ୍ଚଭୂତ ହିଁ ହେଉଛି ଆଦିଶକ୍ତିଙ୍କର ଲୀଳାକ୍ଷେତ୍ର। ଏଠାରେ ହୁଏ ଜୀବନର ଉତ୍ପତ୍ତି ଓ ବିଲୟ। ଆତ୍ମା ଯେପରି ପରମାତ୍ମାଙ୍କ ଅବ୍ୟକ୍ତ ମୂଳ ପ୍ରକୃତିର ଅଂଶ ଅଟେ, ଠିକ୍ ସେହିପରି ମୂଳ ଅବ୍ୟକ୍ତ ପ୍ରକୃତି ପରମପିତା ପରମାତ୍ମାଙ୍କ ଆଦିଶକ୍ତି ଅଟନ୍ତି। ଏପରିକି ସମସ୍ତ ବଳ, ସମସ୍ତ ବସ୍ତୁ ଯାହା ନାନା ରୂପ ଓ ନାମରେ ପରିଦୃଷ୍ଟ ହେଉଛି; ତାହା ଶକ୍ତିଙ୍କ ରୂପନାମ ବ୍ୟତିରେକ ଅନ୍ୟ କିଛି ନୁହେଁ। ଫଳସ୍ୱରୂପ ଏହି ଶକ୍ତି ନାନାରୂପଧାରିଣୀ, ପ୍ରଳୟକାରିଣୀ, ନିତ୍ୟମୁକ୍ତା ତଥା ଆଦିଶକ୍ତି ରୂପେ ପ୍ରକାଶିତ। ଏ ପରିପ୍ରେକ୍ଷୀରେ କହିରଖେ ମହାନ ଭାରତୀୟ ସଂସ୍କୃତିରେ ପ୍ରାକ୍-ବୈଦିକ କାଳରୁ ହିଁ ଶକ୍ତି ଉପାସନାର ଅବିଚ୍ଛିନ୍ନ ଧାରାରୁ ଶାକ୍ତଧର୍ମର ଉନ୍ମେଷ ଓ ବିକାଶ ଘଟିଅଛି। ଶକ୍ତି ଦେବୀଙ୍କ ଉପାସକ ଶାକ୍ତଭାବେ ପ୍ରସିଦ୍ଧି ଲାଭ କରିବା ସହ; ସେମାନଙ୍କ ଦ୍ୱାରା ଅନୁସୃତ ଦେବୀ ଉପାସନା ଶାକ୍ତଧର୍ମ ନାମରେ ଅଭିହିତ ହୋଇଅଛି।

ପ୍ରାରମ୍ଭିକ ପର୍ଯ୍ୟାୟରେ ପ୍ରତୀକାତ୍ମକ ଶକ୍ତି ଉପାସନା ପ୍ରଚଳନ ଥିଲେ ହେଁ, ପରବର୍ତ୍ତୀ ପର୍ଯ୍ୟାୟରେ ଏହା ସାକାର ଉପାସନାର ଭବ୍ୟ ରୂପ ଗ୍ରହଣ କରିଅଛି। ପ୍ରାକ୍-ବୈଦିକ କାଳୀନ ସିନ୍ଧୁ ସଭ୍ୟତାର ଧ୍ୱଂସାବଶେଷରୁ ପ୍ରତୀକାତ୍ମକ ଓ ଦେବୀମୂର୍ତ୍ତି ଉଭୟର ସନ୍ଧାନ ମିଳିଥିବାରୁ ହୃଦ୍‌ବୋଧ ହୁଏ ଯେ, ବେଦ ରଚନାର ବହୁ ପୂର୍ବରୁ ଶକ୍ତି ଉପାସନାର ଏକ ବିକଶିତ ଧାରା ପବିତ୍ର ଭାରତଭୂମିରେ ପ୍ରବାହିତ ହୋଇଥିଲା। ଯାହା ପରବର୍ତ୍ତୀ ପର୍ଯ୍ୟାୟରେ ବୈଦିକ ଆର୍ଯ୍ୟ ସଂସ୍କୃତିକୁ ପ୍ରବେଶ କରିଥିବା ଅନୁମାନ କରାଯାଏ। ଏପରିକି ବେଦରେ ଶକ୍ତି ମହାତ୍ମ୍ୟ ପ୍ରଖ୍ୟାପନ ସକାଶେ 'ଦେବୀସୂକ୍ତ', 'କାଳରାତ୍ରି ସୂକ୍ତ' ଓ 'ଶ୍ରୀସୂକ୍ତ' ପ୍ରଭୃତି ଉପଲବ୍ଧ। 'ଦେବୀସୂକ୍ତ'କୁ ଶକ୍ତି ଉପାସନାର ମୂଳଭିତ୍ତି ଭାବରେ ଗ୍ରହଣ କରାଯାଇଛି। ସେହିପରି ଅଥର୍ବ ବେଦରେ ପୃଥିବୀ ଦେବୀ ସୃଷ୍ଟିକାରିଣୀ ଶକ୍ତିରୂପରେ ଅଭିହିତ। ଏହି ସୃଷ୍ଟିକାରିଣୀ ଶକ୍ତି ହିଁ ପରବର୍ତ୍ତୀ ସମୟରେ ମହାଶକ୍ତି ରୂପେ ପରିଚିତ। ଯଜୁର୍ବେଦୀୟ ବାଜସନେୟୀ ସଂହିତାର ପ୍ରଥମରେ ରହିଥିବା ଅମ୍ବିକାଙ୍କ ବର୍ଣ୍ଣନା ମଧ୍ୟ ଶକ୍ତିତତ୍ତ୍ୱ ସମ୍ପର୍କିତ ସୂଚନା ପ୍ରଦାନ କରେ। ଏପରିକି ତୈତ୍ତିରୀୟୋପନିଷଦରେ ଆଦ୍ୟାଶକ୍ତିଙ୍କୁ ଦୁର୍ଗା ଶବ୍ଦରେ ଆବାହନ କରାଯାଇଛି। କେନୋପନିଷଦରେ ଉମା, ହୈମବତୀ ପ୍ରଭୃତି ଦେବୀମାନଙ୍କ ନାମୋଲ୍ଲେଖ ଥିବାବେଳେ ମାଣ୍ଡୁକ୍ୟୋପନିଷଦରେ ଅଗ୍ନିଙ୍କ ସପ୍ତଜିହ୍ୱା ରୂପେ ଶକ୍ତିଙ୍କର ସାତୋଟି ରୂପ ପରିକଳ୍ପନା କରାଯାଇଛି। ଉପନିଷଦୀୟ ଚେତନାରେ ଆଦିଶକ୍ତି ସତ୍ତ୍ୱଗୁଣରେ ବୈଷ୍ଣବୀ ରୂପରେ ପାଳନ କରନ୍ତି। ରଜଗୁଣରେ ବ୍ରାହ୍ମୀ ରୂପରେ ଜଗତ ସୃଷ୍ଟି କରନ୍ତି ଏବଂ ତମ ଗୁଣରେ ମାହେଶ୍ୱରୀ ରୂପରେ ଜଗତକୁ ସଂହାର କରନ୍ତି। ପ୍ରକୃତି ଭେଦରେ ମହାଶକ୍ତିଙ୍କର ଭିନ୍ନ ଭିନ୍ନ ନାମ ହେଉଛି ବିଷ୍ଣୁମାୟା, ଯୋଗମାୟା ଓ ମହାମାୟା।

ଏପରିକି ପୁରାଣ ଯୁଗରେ ଭାରତୀୟ ଧାର୍ମିକ ଓ ସାମାଜିକ ଜୀବନରେ ଶକ୍ତି ଉପାସନା ପ୍ରାଧାନ୍ୟ ଲାଭ କରିଥିଲା। ତ୍ରିଗୁଣାତ୍ମିକା ମହାଶକ୍ତି ରାଜସୀ ଗୁଣରେ ସତ୍‌ସ୍ୱରୂପା ମହାଲକ୍ଷ୍ମୀ, ସାତ୍ତ୍ୱିକ ଗୁଣରେ ଚିତ୍‌ସ୍ୱରୂପା ମହାସରସ୍ୱତୀ ଓ ତାମସୀ ଗୁଣରେ ଆନନ୍ଦ ସ୍ୱରୂପା ମହାକାଳୀ ନାମରେ ପ୍ରସିଦ୍ଧି ଲାଭ କଲେ। ମାର୍କଣ୍ଡେୟ ପୁରାଣଠାରୁ ଆରମ୍ଭ କରି ଦେବୀ ଭାଗବତ, କାଳିକା ପୁରାଣ, ସ୍କନ୍ଦ ପୁରାଣ, ବ୍ରହ୍ମପୁରାଣ, ମହାଭାରତ, ହରିବଂଶ ଆଦି ପୁରାଣରେ ଶକ୍ତି ମାହାତ୍ମ୍ୟ ବିସ୍ତୃତ ଭାବେ ବର୍ଣ୍ଣିତ। ଏପରିକି ପୁରାଣ ବର୍ଣ୍ଣନା ଅନୁଯାୟୀ ଦକ୍ଷ ପ୍ରଜାପତିଙ୍କ ଯଜ୍ଞ ଧ୍ୱଂସ ପରେ ସତୀଙ୍କ ମୃତ ଶରୀରର ଦେହାବଶେଷ ପତିତ ହୋଇଥିବା ସ୍ଥାନଗୁଡ଼ିକ ପ୍ରସିଦ୍ଧ ଶକ୍ତିପୀଠର ମାନ୍ୟତା ଲାଭ କଲା। ଏହି ପବିତ୍ର ପୀଠ ସମୂହରେ ଦେବୀ ମୂର୍ତ୍ତିମାନ ପ୍ରତିଷ୍ଠିତ ହୋଇ ଭାରତୀୟ ସମାଜରେ ଶକ୍ତି ଉପାସନାର ଏକ ଗୌରବମୟ ପରମ୍ପରା ସୃଷ୍ଟି କରିଥିଲା ଏବଂ ଏହି ପୁରାଣ ପରମ୍ପରାର ଶେଷାର୍ଦ୍ଧରେ ତାନ୍ତ୍ରିକ ବିଚାରବୋଧରେ ଶକ୍ତି ଆରାଧନା ପରମ୍ପରା ସୃଷ୍ଟିଲାଭ କଲା। ତନ୍ତ୍ରୋକ୍ତ ଶକ୍ତି ଉପାସନାରେ କାଳୀ, ତାରା, ଷୋଡ଼ଶୀ, ଭୁବନେଶ୍ୱରୀ, ଭୈରବୀ, ଛିନ୍ନମସ୍ତା, ଧୂମାବତୀ, ବଗଳା, ମାତଙ୍ଗୀ ଓ କମଳାତ୍ମିକା ପ୍ରଭୃତି ଦଶମହାବିଦ୍ୟାଙ୍କର ମହତ୍ତ୍ୱ ବୃଦ୍ଧି ପାଇଥିଲା।

ଏଠାରେ କହିରଖେ ପ୍ରଥମେ ଭାରତର ଉଡ୍‌ଡୀୟାନ ପୀଠରେ ବ୍ରାହ୍ମଣ୍ୟ-ତନ୍ତ୍ରଧର୍ମ ପୀଠର ଆରମ୍ଭ ଓ ବୃଦ୍ଧି ଘଟିଥିଲା। ଉତ୍କଳ ବା ଉଡ୍‌ଡୀୟାନ ପୀଠରୁ ତାନ୍ତ୍ରିକତାର ଉଦ୍ଭବ ହୋଇ ପରବର୍ତ୍ତୀ ସମୟରେ କାମାକ୍ଷା, ଶ୍ରୀହଟ୍ଟ ଓ ପୂର୍ଣ୍ଣଗିରି ପ୍ରଭୃତି ପୀଠକୁ ବ୍ୟାପିଥିବା ବିଷୟ ନିଃସନ୍ଦେହରେ କୁହାଯାଇପାରେ। ଉତ୍କଳରେ ଏହି ପାରମ୍ପରିକ ବୌଦ୍ଧଧର୍ମର ପରିବର୍ତ୍ତନ ଧାରାରେ ତାନ୍ତ୍ରିକ ବଜ୍ରଯାନ ଓ ସହଜ ଯାନର ଯେଉଁ ଆଧାତ୍ମିକ ଉଦ୍‌ବେଳନ ଦେଖାଦେଇଥିଲା; ଶାକ୍ତଧର୍ମରେ ତାର ପ୍ରତିଫଳନ ହୋଇଥିଲା। କାରଣ ଖ୍ରୀଷ୍ଟୀୟ ୬ଷ୍ଠ / ୭ମ ଶତାବ୍ଦୀରେ ବ୍ରାହ୍ମଣ୍ୟ ତନ୍ତ୍ରଧର୍ମ ବୌଦ୍ଧ ବଜ୍ରଯାନ ସହିତ ପ୍ରତିଯୋଗିତା କରି ସମାଜରେ ଲୋକପ୍ରିୟତା ଅର୍ଜନ କରିବା ସହ ଏତିକିବେଳେ ଶାକ୍ତ ଯୋଗିନୀ ପୀଠଗୁଡ଼ିକ ଓଡ଼ିଶାରେ ପ୍ରତିଷ୍ଠିତ ହୋଇଥିଲା। ଯାହାର ସୂଚନା ଆଦିକବି ସାରଳା ଦାସଙ୍କ 'ଶ୍ରୀଚଣ୍ଡୀ ପୁରାଣ'ରୁ ସୁସ୍ପଷ୍ଟ। ଏଥିରେ ଅନାଦି ଶକ୍ତି ମହାମାୟା ଦୁର୍ଗା ହେଉଛନ୍ତି ମୁଖ୍ୟ ଦେବୀ। ଦେବତାମାନଙ୍କ କୋପାନଳରୁ ସମ୍ଭୁତା ଦେବୀଙ୍କର ଏକଶିର, ବେନିଚରଣ ଓ ସହସ୍ର ଭୁଜା ସେ ଅନାଦି ଶକ୍ତି, ଜଗତତାରିଣୀ, ମହାବୈଷ୍ଣବୀ ରୂପ ଧାରଣ କରିଥିଲେ। ଉତ୍କଳର ପୀଠ ସ୍ଥାନମାନଙ୍କରେ ଦେବୀଙ୍କର ଭୁଜ ଦୁଇ ସଂଖ୍ୟାରୁ ଅଷ୍ଟାଦଶ ସଂଖ୍ୟା ପର୍ଯ୍ୟନ୍ତ ଦେଖିବାକୁ ମିଳେ। ଏହା ସହ ଦୁର୍ଗାଙ୍କୁ ସ୍ମରଣ କଲେ ଦୁର୍ଗତି, ବିପଦ, ବିଘ୍ନ ଦୂର ହୁଏ, ଯମଦଣ୍ଡର ଭୟ ରହେ ନାହିଁ, ରୋଗ ନାଶ ହୁଏ, ମନୁଷ୍ୟ ଚିରାୟୁ ହୁଏ, ସନ୍ତାନପ୍ରାପ୍ତ ହୁଏ ଓ ଲୋଭ, ମୋହ, ଅପବାଦରୁ ମୁକ୍ତି ମିଳିଥାଏ। ଦୁର୍ଗାଙ୍କ 'ଦୁ' ଅକ୍ଷର ଦାରିଦ୍ର୍ୟ, ଦୁଃଖ, ଦୁର୍ଭିକ୍ଷ, ଦୁର୍ବାସନାଦି ଦୈତ୍ୟକୁ ନାଶ କରିବା ପ୍ରତୀକ ଏବଂ 'ରେଫ୍' ରୋଗଘ୍ନ, ପାପଘ୍ନ, ଅନ୍ୟାୟ, ଅତ୍ୟାଚାର, ଅନୈତିକତା ଓ ଆଳସ୍ୟାଦି ଆସୁରିକ ପ୍ରକୃତିଗୁଡ଼ିକର ନାଶବାଚକ। ଏପରିକି କବି ଅନାଦି ଶକ୍ତି ରୂପିଣୀ ଦୁର୍ଗାଙ୍କୁ - ବ୍ରହ୍ମାୟଣୀ, ଇନ୍ଦ୍ରାୟଣୀ, ରୁଦ୍ରାୟଣୀ, ନାରାୟଣୀ, ଯମାୟଣୀ, ମାହେଶ୍ୱରୀ, ମହାମାୟା, ବାସେଲୀ, ଉଗ୍ରତାରା, ଭୈରବୀ, ତ୍ରିପୁରା, ଅନନ୍ତା, ବିଜୟା, ଅମ୍ବିକା, ମାଧବୀ, କଙ୍କାଳୀ, ବେତାଳୀ, କାଳିକା, ଚଣ୍ଡୀ, ଚାମୁଣ୍ଡା, କାମାକ୍ଷୀ, ବରାହୀ, ଦକ୍ଷିଣାୟଣୀ, ଉତ୍ତରାୟଣୀ, ପଶ୍ଚିମାୟଣୀ, ଛାୟା, ମାୟା, ଅପର୍ଣ୍ଣା ରୂପେ ନାମିତ କରିଛନ୍ତି। ଯାହା ଅନାଦି ଶକ୍ତି ଦୁର୍ଗାଙ୍କର ପ୍ରାଧାନ୍ୟକୁ ସୂଚିତ କରୁଅଛି। ଦେବତାମାନଙ୍କ ସଂଗଠିତ ଶକ୍ତିରେ ସେ ଅବତରଣ କରିଥିଲେ। ତେଣୁ ଶକ୍ତି ଉପାସନାରେ ଅଦ୍ୱୈତ ତତ୍ତ୍ୱର ଧାରଣା ଜନ୍ମିଥାଏ। ଏପରିକି ସପ୍ତମାତୃକା, ଚଉଷଠୀ ଯୋଗିନୀ, ଶୋଣେହାରୂପି ଦେବୀ, ଚାରିପଦ୍ମ ଚଣ୍ଡୀ, ନବକୋଟି କାତ୍ୟାନୀ, ଛପନକୋଟି ପିଶାଚୁଣୀ- ସମସ୍ତେ ଦୁର୍ଗାଙ୍କ ଠାରୁ ଜାତ।

ଏ ପରିପ୍ରେକ୍ଷୀରେ କହିରଖେ ଭାରତରେ ଶକ୍ତିତତ୍ତ୍ୱର ଉନ୍ମେଷ ଓ ବିକାଶ ଧାରାରେ ଓଡ଼ିଶା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଗ୍ରହଣ କରିଆସିଛି। ଓଡ଼ିଶାର ସାମାଜିକ, ସାହିତ୍ୟିକ ଓ ସାଂସ୍କୃତିକ ପରମ୍ପରାରେ ଏହାର ବହୁ ପ୍ରମାଣ ମିଳେ। ଐତିହାସିକ ଯୁଗରେ ଭୌମକର ଶାଳନକାଳରୁ ମାତୃପୂଜାର ପ୍ରାଧାନ୍ୟ ଓଡ଼ିଶାର ଜନଜୀବନରେ ଅନୁଭୂତ ହୋଇ ଆସିଛି। ଭୌମକମାନଙ୍କ ରାଜଧାନୀ ଗୁହଦେବ ପାଟକ ଆଧୁନିକ ଯାଜପୁର ବା ବିରଜା ସହିତ ପରିଚିହ୍ନିତ ହୋଇଛି। ଶାକ୍ତଧର୍ମର ପ୍ରସିଦ୍ଧ ପୀଠସ୍ଥଳୀ ବିରଜା କ୍ଷେତ୍ରରୁ ମିଳିଥିବା ମାତୃକା ମୂର୍ତ୍ତି ଶକ୍ତି ଉପାସନା ସହ ସଂଶ୍ଳିଷ୍ଟ। ଏତଦ୍‌ବ୍ୟତୀତ ଶକ୍ତିଙ୍କର ନାଭିସ୍ଥଳ ଏଠାରେ ପତିତ ହୋଇଥିବାରୁ ଏହା ଏକ ତନ୍ତ୍ରପୀଠ ରୂପେ ମଧ୍ୟ ପ୍ରସିଦ୍ଧି ଲାଭ କରିଛି। ଏପରିକି ଶ୍ରୀମନ୍ଦିର ରେ ବିମଳାଙ୍କ ଉପାସନା ବିଧିରୁ ଶକ୍ତିପୂଜାର ପ୍ରାଧାନ୍ୟ ବେଶ୍ ସୁସ୍ପଷ୍ଟ। ଏହାସହ ଭୁବନେଶ୍ୱର ନିକଟସ୍ଥ ହୀରାପୁରଠାରେ ଥିବା ଚଉଷଠିଯୋଗିନୀ ପୀଠ ଓଡ଼ିଶାର ତନ୍ତ୍ର ଉପାସନାର ଜ୍ୱଳନ୍ତ ନିଦର୍ଶନ ଅଟେ। ଏସବୁ ଓଡ଼ିଶାରେ ଶାକ୍ତଧର୍ମର ପ୍ରାଚୀନତାର ପ୍ରମାଣ ଦେଇ ଆସିଛନ୍ତି। ଏତଦ୍‌ଭିନ୍ନ ମା' ମଙ୍ଗଳା, ସାରଳା, ହିଙ୍ଗୁଳା, ଭଗବତୀ, ତାରିଣୀ, ଚର୍ଚ୍ଚିକା, ସମଲେଶ୍ୱରୀ, କଟକଚଣ୍ଡୀ ଭଳି ଶତାଧିକ ଶକ୍ତିପୀଠ; ଶକ୍ତି ଉପାସନାର ମହନୀୟତାକୁ ପ୍ରତିପାଦିତ କରି ଆସୁଛନ୍ତି।

ସ୍ନାତକୋତ୍ତର ଓଡ଼ିଆ ବିଭାଗ,
ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ, ବ୍ରହ୍ମପୁର
ମୋବାଇଲ୍: ୮୮୯୫୧୪୧୭୨୭



# ଲଦାଖରେ ସବୁ କିଛି ଭଲ ନାହିଁ



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

କେନ୍ଦ୍ରଶାସିତ ଅଞ୍ଚଳ 'ଲଦାଖ'କୁ ରାଜ୍ୟପାହ୍ୟା ପ୍ରଦାନ ଦାବିରେ ଆନ୍ଦୋଳନ, ବିକ୍ଷୋଭ ବେଳେ ହିଂସାକାଣ୍ଡ ଏବଂ ପୋଲିସ ଗୁଳିରେ ୪ଜଣ ଯୁବକଙ୍କ ମୃତ୍ୟୁ ଘଟିବା ସହ ୮୦ରୁ ଊର୍ଦ୍ଧ୍ୱ ଆହତ ହେବା ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ଏହା ନିସନ୍ଦେହ ଯେ, ଲଦାଖବାସୀଙ୍କ ମଧ୍ୟରେ ଅଶାନ୍ତି, ଉତ୍ତେଜନା, ଆନ୍ଦୋଳନର ସଂକେତ ମିଳିଥିବାବେଳେ କେନ୍ଦ୍ରଶାସିତ ଅଞ୍ଚଳର ନେତୃତ୍ୱ ଏହାର ଗଭୀରତାକୁ ଆକଳନ କରିବାରେ ବିଫଳ ହୋଇଛନ୍ତି। ଯାହାର ପରିଣତି ସ୍ୱରୁପ ଆନ୍ଦୋଳନ ହିଂସାତ୍ମକ ରୂପ ନେଇଥିଲା ବୋଲି କୁହାଯାଇପାରିବ। ଏପରିକି ୨୦୧୯ ଅଗଷ୍ଟ ୫ରେ ସମ୍ବିଧାନର ସ୍ୱତନ୍ତ୍ର ୩୭୦ଧାରା ଉଚ୍ଛେଦ ଏବଂ ଜାମ୍ମୁ-କାଶ୍ମୀର ରାଜ୍ୟମାନ୍ୟତା ରଦ୍ଦ ଏବଂ ବିଭାଜନ ପରେ ସ୍ୱତନ୍ତ୍ର 'ଲଦାଖ' କେନ୍ଦ୍ରଶାସିତ ଅଞ୍ଚଳ ଗଠନ ହେବା ପରଠାରୁ ବୁଧବାର ହିଂସାକାଣ୍ଡ ପଛରେ ମାଷ୍ଟରମାଇଣ୍ଡ କୁହାଯାଉଥିବା ପରବେଶବିତ୍ ତଥା ସାମାଜିକ କର୍ମୀ ସ୍ଥାନୀୟ ନେତା ଭାବରେ ପରିଚିତ ସୋନମ ୱାଙ୍ଗଚୁକ୍‌ଙ୍କ ନେତୃତ୍ୱରେ ରାଜ୍ୟପାହ୍ୟା ଓ ସମ୍ବିଧାନର ଷଷ୍ଠ ଅନୁଚ୍ଛେଦରେ ଅର୍ନ୍ତଭୁକ୍ତ (ଯେଉଁ ଧାରାରେ ଆଦିବାସୀ ଅଞ୍ଚଳରେ ସ୍ୱତନ୍ତ୍ର ସ୍ୱାୟତ ଶାସନ କ୍ଷମତା ପ୍ରଦାନ କରାଯାଏ), ସ୍ଥାନୀୟ ଯୁବକ-ଯୁବତୀଙ୍କୁ ନିଯୁକ୍ତି କ୍ଷେତ୍ରରେ ସଂରକ୍ଷଣ ଏବଂ ବୃହତର ରାଜନୈତିକ ପ୍ରତିନିଧିତ୍ୱ ପ୍ରଦାନ ଆଦି ଦାବିରେ ପ୍ରତିବାଦ, ସଭା, ଶୋଭାଯାତ୍ରା ଏବଂ ଲେହରୁ ଦିଲ୍ଲୀକୁ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବୁଧବାର ଆନ୍ଦୋଳନରେ ନେତୃତ୍ୱ ନେଇଥିବା ସଂଗଠନ ଓ ନେତାମାନେ କହିଛନ୍ତି ଯେ, ସେମାନଙ୍କ ନିୟନ୍ତ୍ରଣ ମଧ୍ୟରେ ନଥିବା କେତେକ ବାହାର ଶକ୍ତି ହିଂସାକାଣ୍ଡ ଓ ପୋଡାଜଳା ଘଟାଇଛନ୍ତି। ଏପରିକି ଆନ୍ଦୋଳନକାରୀ ଯୁବକମାନଙ୍କୁ ଶାନ୍ତ ରହିବାକୁ ଆନ୍ଦୋଳନକାରୀ ନେତା ଓ କେନ୍ଦ୍ରସରକାର ଅନୁରୋଧ କରିଥିଲେ। ଉଲ୍ଲେଖଯୋଗ୍ୟ ଯେ, ଲଦାଖ ଆନ୍ଦୋଳନ ଦୁଇଟି ସ୍ଥାନୀୟ ସଂଗଠନ ବୁଦ୍ଧିଷ୍ଟ ସମ୍ପ୍ରଦାୟ ଦ୍ୱାରା ଗଠିତ ଲେହ ଆପେକ୍ସ ବଡି (ଏଲଏବି) ଏବଂ ମୁସଲିମ ବହୁଳ କାରଗିଲ ଡେମୋକ୍ରାଟିକ ଆଲିଆନସ୍ (କେଡିଏ) ପକ୍ଷରୁ ମିଳିତ ଭାବେ କରାଯାଇଥିଲା। ବିଭିନ୍ନ ପ୍ରସଙ୍ଗ ନେଇ ଉଭୟ ସଂଗଠନ ମଧ୍ୟରେ ମତଭେଦ ଥିବା ସତ୍ତ୍ୱେ ୪ଟି ଏଜେଣ୍ଡା ତଥା ସମ୍ବିଧାନିକ ସୁରକ୍ଷା ଏବଂ ବୃହତର ରାଜନୈତିକ ସ୍ୱତନ୍ତ୍ରତା ନେଇ ଏକତ୍ର ହୋଇଥିଲେ। କିନ୍ତୁ ଏଲଏବିର ସବୁ ଶାଖା ଲେହରେ ବନ୍ଦ ପାଳନ ବେଳେ ହିଂସାମୁଖୀ ହୋଇ ଲଦାଖ ସ୍ୱୟଂଶାସିତ ପାର୍ବତ୍ୟାଚଂଳ ଉନ୍ନୟନ ପରିଷଦ (ଏଲଏଏଚଡିସି) ମୁଖ୍ୟାଳୟରେ ଭଙ୍ଗାରୁଜା ଓ ସ୍ଥାନୀୟ ବିଜେପି ଅଫିସରେ ପୋଡାଜଳା କରିଥିଲେ। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସକୁ ଗୁଳି ଚାଳନା କରିବାକୁ ପଡ଼ିଥିଲା ବୋଲି କୁହାଯାଏ। ଏହା ନିସନ୍ଦେହ ଯେ, ପାକିସ୍ଥାନ ଓ ଚୀନ ସହ ଦୀର୍ଘ ସୀମାନ୍ତ ସଂଲଗ୍ନ ଲଦାଖରେ ଅଶାନ୍ତ, ଅନିୟନ୍ତ୍ରିତ ଆଚରଣ ଦେଶର ଜାତୀୟ ନିରାପତା ପାଇଁ ଶୁଭ ସଂକେତ ନୁହେଁ। ଉଲ୍ଲେଖ କରାଯାଇପାରେ ଯେ, ବିଭିନ୍ନ ଦାବି ନେଇ ଗଲା ମେ ମାସରେ କେନ୍ଦ୍ର ସରକାର ଏବଂ ଦୁଇ ସଂଗଠନ ଏକ ବୁଝାମଣାରେ ଉପନୀତ ହୋଇଥିଲେ ଏବଂ ଯାହାର କାର୍ଯ୍ୟକାରିତା ପାଇଁ ଜୁନରେ ଏକ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଘୋଷିତ ବିଜ୍ଞପ୍ତି ଅନୁଯାୟୀ ସ୍ଥାନୀୟ ଅନୁସୂଚିତ ଜାତି, ଜନଜାତି ଏବଂ ଆର୍ଥିକ ଅନଗ୍ରସର ବର୍ଗଙ୍କ ନିଯୁକ୍ତି କ୍ଷେତ୍ରରେ ୯୫ପ୍ରତିଶତ ସଂରକ୍ଷଣ, ପାର୍ବତ୍ୟାଚଂଳ ଉନ୍ନୟନ ପରିଷଦରେ ମହିଳାଙ୍କ ପାଇଁ ୩୩ପ୍ରତିଶତ ସଂରକ୍ଷଣ, ୧୫ବର୍ଷ ଧରି ବସବାସ କରୁଥିବା ପରିବାରକୁ ସ୍ଥାୟୀ ବାସିନ୍ଦା ପ୍ରମାଣପତ୍ର, ଆଞ୍ଚଳିକ ତଥା ସ୍ଥାନୀୟ ଭାଷ ଭୋଟି, ପୁରଷି, ବଲତି ଏବଂ ସିନାକୁ ସ୍ୱୀକୃତି ପ୍ରଦାନ କରାଯାଇଥିଲା। ଯାହାକି ସେମାନଙ୍କ ପ୍ରମୁଖ ଦାବି ଥିଲା। କିନ୍ତୁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବିରେ ଦୀର୍ଘ ଦିନ ଧରି ଆମରଣ ଅନଶନରେ ବସିଥିବା ୱାଙ୍ଗଚୁକ ଏବଂ ଅନ୍ୟ ଦୁଇଜଣ ବରିଷ୍ଠ ନେତା ଅସୁସ୍ଥ ହୋଇ ହସ୍‌ପିଟାଲରେ ଭର୍ତ୍ତି ହେବା ପରେ ହଠାତ୍ ଯୁବ ଶାଖା ଉତ୍ୟକ୍ତ ହୋଇ ହିଂସାକ ଆଚରଣ କରିଥିଲା। ୱାଙ୍ଗଚୁକ୍ ସେମାନଙ୍କୁ ଉସକାଇ ଥିବା କେନ୍ଦ୍ର ସରକାର ଅଭିଯୋଗ କରିଥିଲେ। ଆର୍ଥୀକ ଅନିୟମିତତା ଏବଂ ହିଂସାକାଣ୍ଡ ପାଇଁ ଉସକାଇଥିବା ଅଭିଯୋଗର ଗତକାଲି ୱାଙ୍ଗଚୁକକୁ ଗିରଫ କରାଯାଇଛି। ଯାହାକି ଆଦୌ ଶୁଭଙ୍କର ନୁହେଁ ଏବଂ ଉତ୍ତେଜନା ବୃଦ୍ଧି କରିବା ଆଶଙ୍କାକୁ ଏଡାଇ ଦେଇ ହେଉ ନାହିଁ। ସେହିପରି ହିଂସାକାଣ୍ଡ ପଛରେ ବିଦେଶୀ ଶକ୍ତିଙ୍କ ହାତଥିବା କେନ୍ଦ୍ର ସରକାର ଅଭିଯୋଗ କରିଛନ୍ତି। ଲଦାଖ ସୀମା ସହ ଦେଶର ଦୁଇ ପଡୋଶୀ ତଥା ଶତ୍ରୁ ରାଷ୍ଟ୍ର ଭାବେ ପରିଚିତ ପାକିସ୍ଥାନ ଓ ଚୀନ ରହି ସୀମାନ୍ତ ଅଞ୍ଚଳରେ ସବୁ କିଛି ଭଲନାହିଁ ବୋଲି କୁହାଯାଇପାରେ। କେନ୍ଦ୍ର ସରକାର କୌଣସି ପ୍ରତିଶୋଧମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଆନ୍ଦୋଳନକାରୀଙ୍କ ସହ ଆଲୋଚନା ଜରିଆରେ ସମସ୍ୟା ସମାଧାନ କରିବାର ଆବଶ୍ୟକତା ରହିଛି। ଅନ୍ୟଥା କାଶ୍ମୀର ପରି ପରିସ୍ଥିତି ଉପୁଜିବା ଆଶଙ୍କାକୁ ଅଣଦେଖା କରାଯାଇନପାରେ।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ: ୭୯୭୮୭୬୭୪୦୩

**କରୁର ଦଳାଚକଟା ମାମଲା**

# ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ସାଉଥଷ୍ଟାର ବିଜୟ

**ଡିଏମ୍‌କେ ଉପରେ ଲଗାଇଲେ ଅଭିଯୋଗ**

**ଚେନ୍ନାଇ, ୨୮।୯ :** ତାମିଲନାଡୁର କରୁରରେ ରାଲିରେ ଦଳାଚକଟା ଘଟି ୪୦ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ପ୍ରାୟ ୧୦୦ ଜଣ ଆହତ ହୋଇଛନ୍ତି। ଏହି ଘଟଣାରେ ଅଭିନେତା ଏବଂ ରାଜନେତା ବିଜୟଙ୍କ ଦଳ ଟିଭିକେ ରାଜ୍ୟ ସରକାରଙ୍କୁ ଅଭିଯୋଗ କରିଛି ଏବଂ ଦାବି କରିଛି ଯେ, ଏହା ଡିଏମକେ ଷଡ଼ଯନ୍ତ୍ରର ଅଂଶ ହୋଇପାରେ।

ଓକିଲ ଆରିଭାଜାଗନ୍ ଏକ ଗଣମାଧ୍ୟମକୁ କହିଛନ୍ତି ଦଳ ମାଡ୍ରାସ ହାଇକୋର୍ଟରେ ଏକ ଆବେଦନ ଦାଖଲ କରିଛନ୍ତି। ଯେଉଁଥିରେ ଏକ ସ୍ୱତନ୍ତ୍ର ତଦନ୍ତ ଦଳ ଗଠନ କିମ୍ବା ମାମଲାକୁ ସିବିଆଇକୁ ହସ୍ତାନ୍ତର କରିବାକୁ ଦାବି କରାଯାଇଛି। ସେ ରାଲିରେ ସୁରକ୍ଷା ନିୟମ ଉଲ୍ଲଂଘନ ହୋଇଥିବା ରାଜ୍ୟ ସରକାରଙ୍କ ଦାବିକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଟିଭିକେ ଅଭିଯୋଗ କରିଛି ଯେ, ଏହି ଦୁଃଖଦ ଘଟଣା କୌଣସି ଦୁର୍ଘଟଣା ନୁହେଁ, ବରଂ ଏକ ଷଡ଼ଯନ୍ତ୍ରର ଫଳାଫଳ। ଟିଭିକେର ଆଇନଜୀବୀ ଶାଖା ସଭାପତି ଏସ. ଅରିଭାଝାଗନଙ୍କ ନେତୃତ୍ୱରେ ଏକ ଆଇନଜୀବୀ ଦଳ ବିଚାରପତି ଏମ. ଧଣ୍ଡପାଣିଙ୍କ ବାସଭବନକୁ ଯାଇ ଏ ସମ୍ପର୍କରେ ଅବଗତ କରାଇଛନ୍ତି। ଟିଭିକେର ଉପ ସାଧାରଣ ସମ୍ପାଦକ ନିର୍ମଳ କୁମାର ଗଣମାଧ୍ୟମକୁ କହିଛନ୍ତି ଯେ, ଦଳ ପକ୍ଷରୁ ହାଇକୋର୍ଟରେ ଏକ ଆବେଦନ କରାଯାଇ ଘଟଣାର ନିରପେକ୍ଷ ତଦନ୍ତ ପାଇଁ ଅନୁରୋଧ କରାଯାଇଛି। ବିଚାରପତି ପିଟିସନର ଶୁଣାଣି ପାଇଁ ରାଜି ହୋଇଛନ୍ତି। ୨୯ ତାରିଖ ଅପରାହ୍ନ ୨ଟା ୧୫ରେ ଏହାର ଶୁଣାଣି କରାଯିବ।

ସୂଚନାଯୋଗ୍ୟ, ଶନିବାର କରୁରଠାରେ ଟିଭିକେର ଏକ ନିର୍ବାଚନୀ ରାଲିରେ ବିଜୟ ଭାଷଣ ଦେବା ସମୟରେ କିଛି ଲୋକ ଅଣନିଃଶ୍ୱାସୀ ହୋଇ ଚେତା ହରାଇଥିଲେ। ଏହା ପରେ ଦଳାଚକଟା ଘଟିଥିଲା। ଯେଉଁଥିରେ ୩୮ ଜଣଙ୍କ ପ୍ରାଣହାନୀ ଘଟିଥିଲା। ଆଜି ଆଉ୨ ଜଣ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଥିଲେ। ରାଲିରେ ସୁରକ୍ଷା ନିୟମ ଉଲ୍ଲଂଘନ ଅଭିଯୋଗରେ ରାଜ୍ୟ ସରକାର କିଛି ଟିଭିକେ ନେତାଙ୍କ ବିରୋଧରେ ହତ୍ୟା ସମେତ ବିଭିନ୍ନ ଅଭିଯୋଗରେ ମାମଲା ରୁଜୁ କରିଛନ୍ତି। ଜଣେ ଅବସରପ୍ରାପ୍ତ ହାଇକୋର୍ଟ ବିଚାରପତିଙ୍କ ନେତୃତ୍ୱରେ ଏକ ନ୍ୟାୟିକ ତଦନ୍ତ ମଧ ନିର୍ଦ୍ଦେଶ ଦିଆଯାଇଛି।

## ମୃତକଙ୍କ ପରିବାରକୁ ୧୦ ଲକ୍ଷ ସହାୟତା ଦେବେ ମୁଖ୍ୟମନ୍ତ୍ରୀ



କରୁର୍ ଦଳାଚକଟାରେ ମୃତକଙ୍କ ପରିବାରକୁ ଗଭୀର ସମବେଦନା ଜଣାଇଛନ୍ତ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍. ଷ୍ଟାଲିନ୍। ହସ୍ପିଟାଲ ଯାଇ ଗୁରୁତରଙ୍କୁ ଭେଟିଛନ୍ତି। ଘଟଣାରେ ଉଦବେଗ ପ୍ରକାଶ କରିବା ସହ ଗୁରୁତର ଓ ଆହତଙ୍କୁ ଚିକିତ୍ସା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ମୃତକଙ୍କ ପରିବାରକୁ ୧୦ ଲକ୍ଷ ଓ ଆହତଙ୍କୁ ୫୦ ହଜାର ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି ତାମିଲନାଡୁ ମୁଖ୍ୟମନ୍ତ୍ରୀ। ସେପଟେ ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଏମ୍.ଷ୍ଟାଲିନ୍।

ସେହିପରି ତାମିଲନାଡୁର କରୁର ଟ୍ରାଜେଡିକୁ ଦୁର୍ଭାଗ୍ୟଜନକ ବୋଲି କହିଛନ୍ତି ପ୍ରଧାନମନ୍ତ୍ରୀ ମୋଦି। ରାଜନୈତିକ ରାଲିରେ ଏମିତି ଘଟଣା ଅତ୍ୟନ୍ତ ଦୁଃଖଦ। ମୋର ସମବେଦନା ସେହି ପରିବାର ସହିତ ଅଛି ଯେଉଁମାନେ ସେମାନଙ୍କର ପ୍ରିୟଜନଙ୍କୁ ହରାଇଛନ୍ତି। ଏହି କଷ୍ଟକର ସମୟରେ ସେମାନଙ୍କୁ ଭଗବାନ ଶକ୍ତି ଦିଅନ୍ତୁ ଏତିକି କାମନା କରୁଛି। ଆହତଙ୍କ ଆରୋଗ୍ୟ ପାଇଁ ପ୍ରାର୍ଥନା କରୁଛି ବୋଲି ମୋଦି ଏକ୍ସରେ ପୋଷ୍ଟ କରିଛନ୍ତି। ସେପଟେ ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ତାମିଲନାଡୁ ରାଜ୍ୟପାଳ, ଜେ.ପି ନଡ୍ଡା ଏବଂ ଅଭିନେତା କମଲ ହାସନ ପ୍ରମୁଖ।

## ମୃତକଙ୍କ ପରିବାରକୁ ୨୦ଲକ୍ଷ ଦେବେ ବିଜୟ



ତାମିଲନାଡୁର କରୁର ଅଭିନେତା ତଥା ଟିଭିକେ ଦଳର ମୁଖ୍ୟ ବିଜୟଙ୍କ ରାଲିରେ ଘଟିଥିବା ଭୟଙ୍କର ଦଳାଚକଟା ଘଟଣାରେ ମୃତକଙ୍କ ପରିବାରକୁ ୨୦ ଲକ୍ଷ ଟଙ୍କା ଲେଖାଏଁ ସହାୟତା ଘୋଷଣା କରିଛନ୍ତି ବିଜୟ। ଏହାସହିତ ଆହତଙ୍କୁ ୨-୨ ଲକ୍ଷ ଟଙ୍କା ଘୋଷଣା କରିଛନ୍ତି। ବିଜୟ ସେସିଆଲ ମିଡିଆରେ ବିଜୟ ଲେଖିଛନ୍ତି, ମୋ ହୃଦୟ ରେ ଥିବା ସମସ୍ତ ଲୋକଙ୍କୁ ନମସ୍କାର। କାଲି ଯାହା କରୁରରେ ହୋଇଥିଲା, ତାହା ଭାବି ମୋ ହୃ ଦ ୟ ଏବଂ ମୁଣ୍ଡ କାମ କରୁନି। ଏଭଳି ଦୁଃଖ ସ୍ଥିତିରେ ନିଜର ସଂପର୍କୀୟକୁ ହରାଇବାର କଷ୍ଟ କେମିତି କହିବି, ତାହା ଜାଣିନି। ମୋ ମନ ବହୁତ ଦୁଃଖ। ଏହା ଏମିତି କ୍ଷତି ଯାହାକୁ ମୁଁ କେବେ ବି ଭରଣ କରିପାରିବି ନାହିଁ। ଏହି କ୍ଷତି ଆଗରେ କୌଣସି ରାଶିର ବଡ଼ ନୁହେଁ। ମୁଁ ଈଶ୍ୱରଙ୍କୁ ପ୍ରାର୍ଥନା କରୁଛି କି, ଯେଉଁମାନେ ଆହତ ହୋଇଛନ୍ତି, ସେମାନେ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ। ବିଜୟଙ୍କ ରାଲିରେ ୧୦ ହଜାର ଲୋକଙ୍କ ପାଇଁ ଅନୁମତି ମିଳିଥିଲା। ହେଲେ ପ୍ରାୟ ୩୦ ହଜାର ଲୋକ ଯୋଗ ଦେଇଥିଲେ। ରାଲି ପାଇଁ ଲୋକମାନେ ଅପେକ୍ଷା କରିଥିବା ବେଳେ ବିଜୟ ପହଞ୍ଚିବାରେ ବିଳମ୍ବ ହୋଇଥିଲା। ଆଉ ଏକ କାରଣ ହେଉଛି ଗୁଳୁଗୁଳି ଓ ଅଣନିଶ୍ୱାସୀ। ସଭାସ୍ଥଳରେ ଘଣ୍ଟା ଘଣ୍ଟା ଧରି ଲୋକ ଛିଡା ହେବାରୁ ଅଣନିଶ୍ୱାସୀ ହୋଇପଡିଥିଲେ। ବିଜୟଙ୍କ ବସ୍ ନିକଟକୁ ଯିବା ପାଇଁ ଆଗକୁ ଦୌଡ଼ୁଥିଲେ ସମର୍ଥକ। ସେହି ସମୟରେ କିଛି ଲୋକ ପଡିଯିବାରୁ ଦଳାଚକଟା ଆରମ୍ଭ ହୋଇଥିଲା। ଭିଡ଼ ଭିତରେ ଆମ୍ବୁଲାନ୍ସ ଚଳାଚଳରେ ମଧ ଅସୁବିଧା ହୋଇଥିଲା। ରାଲିରେ ୫୦୦ରୁ ଅଧିକ ପୋଲିସ କର୍ମୀ ନିୟୋଜିତ ଥିଲେ।

**ବିହାର ନିର୍ବାଚନ ଲାଗି ବିଜେପିର ପ୍ରଚାର କମିଟି ଘୋଷିତ**

# ଗିରିରାଜ, ସମ୍ରାଟଙ୍କ ସହ ୪୫ ନେତା ସାମିଲ

**ପାଟନା, ୨୮।୯:** ବିହାର ନିର୍ବାଚନ ତାରିଖ ଘୋଷଣା ହୋଇନଥିଲେ ମଧ ରାଜନୈତିକ ଦଳଗୁଡ଼ିକ ଏଥିପାଇଁ ପ୍ରସ୍ତୁତି ଆରମ୍ଭ କରିସାରିଛନ୍ତି। ଭାରତୀୟ ଜନତା ପାର୍ଟି ନିଜର ନିର୍ବାଚନ ପ୍ରଚାର କମିଟି ଘୋଷଣା କରିଛି। ଏହି କମିଟିରେ କେନ୍ଦ୍ର ମନ୍ତ୍ରୀ ଗିରିରାଜ ସିଂ, ବିହାରର ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀ, ଦିଲୀପ ଜୟସ୍ୱାଲଙ୍କ ସମେତ ୪୫ ଜଣ ନେତା ସାମିଲ ଅଛନ୍ତି। ବିହାର ବିଜେପି ଏହି କମିଟିରେ ସାମିଲ ନେତାମାନଙ୍କୁ ନେଇ ଏକ୍ସରେ ଏକ ପୋଷ୍ଟ ମଧ କରିଛି। ଏହି ତାଲିକାରେ ବିଜୟ କୁମାର ସିହ୍ନା, ରାଧା ମୋହନ ସିଂ, ନିତ୍ୟାନନ୍ଦ ରାୟ, ମଙ୍ଗଲ ପାଣ୍ଡେ, ଗୋପାଳ ନାରାୟଣ ସିଂ, ରବିଶଙ୍କର ପ୍ରସାଦ ଏବଂ ଅଶ୍ୱିନୀ କୁମାର ଚୌବେଙ୍କ ଭଳି ନାମ ଅନ୍ତର୍ଭୁକ୍ତ।

ବିଜେପି କିଛିଦିନ ପୂର୍ବରୁ ବିହାର ନିର୍ବାଚନ ପାଇଁ ନିଜର ପ୍ରଭାରୀ ଏବଂ ସହ-ପ୍ରଭାରୀଙ୍କ ନାମ ଘୋଷଣା କରିଛି। ବିଜେପି କେନ୍ଦ୍ର ମନ୍ତ୍ରୀ ତଥା ଦଳର ବରିଷ୍ଠ ନେତା ଧର୍ମେନ୍ଦ୍ର ପ୍ରଧାନଙ୍କୁ ବିହାର ନିର୍ବାଚନର ପ୍ରଭାରୀ ଭାବରେ ନିଯୁକ୍ତ କରିଥିବା ବେଳେ ସିଆର ପାଟିଲ ଏବଂ କେଶବ ପ୍ରସାଦ ମୌର୍ଯ୍ୟଙ୍କୁ ସହ ପ୍ରଭାରୀ କରାଯାଇଛି। ଏଥର ରାଜ୍ୟରେ ମୁଖ୍ୟ ପ୍ରତିଦ୍ୱନ୍ଦ୍ୱିତା ଏନଡିଏ ବନାମ ମହାଗଠବନ୍ଧନ ମଧରେ ରହିଛି। ସମସ୍ତ ଦଳ ନିର୍ବାଚନ ଘୋଷଣା ହେବା ପୂର୍ବରୁ ହିଁ ପ୍ରଚାର କରିବାରେ ଲାଗିପଡିଛନ୍ତି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ୨୦୨୦ ନିର୍ବାଚନରେ ଏନଡିଏ ସହିତ ରହି ବିଜୟ ହାସଲ କରିଥିଲେ। ଏଥର ବିହାର ନିର୍ବାଚନରେ ଏନଡିଏ ଏବଂ ଇଣ୍ଡି ଗଠବନ୍ଧନ ମଧରେ ମୁକାବିଲା ବେଶ୍ ରୋଚକ ହେବାକୁ ଯାଉଛି। ନିର୍ବାଚନ ତାରିଖ ଘୋଷଣା ହେବା ପୂର୍ବରୁ ହିଁ ସମସ୍ତ ରାଜନୈତିକ ଦଳ ଜନତାଙ୍କ ନିକଟକୁ ଯିବା ଆରମ୍ଭ କରିଦେଇଛନ୍ତି। ଖାଲି ଏତିକି ନୁହେଁ, ଦଳଗୁଡ଼ିକ ମଧରେ ଆପସରେ ବୟାନବାଜିର ଦୌଡ଼ ମଧ ଜାରି ରହିଛି। ନିର୍ବାଚନ ଆୟୋଗ ସୂତ୍ର ଅନୁଯାୟୀ, ଅକ୍ଟୋବର ୬ ତାରିଖରେ ବିହାରରେ ନିର୍ବାଚନ ତାରିଖ ଘୋଷଣା କରିପାରନ୍ତି। ସୂତ୍ର ଅନୁସାରେ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାର ବିହାର ଆସିବେ। ମୁଖ୍ୟ ନିର୍ବାଚନ ଆୟୁକ୍ତଙ୍କ ବିହାର ଆସିବା ପୂର୍ବରୁ ରାଜ୍ୟରେ ସ୍ଥାନାନ୍ତର-ପୋଷ୍ଟିଂ ପ୍ରକ୍ରିୟା ଶେଷ କରିବାକୁ କୁହାଯାଇଛି।

## ୟୁକ୍ରେନ ଉପରେ ରୁଷର ଭୟଙ୍କର ଅକ୍ରମଣ

- ଘନ ଘନ ବିସ୍ଫୋରଣରେ ଥରିଲା କିଭର ୭ ସହର
- ୧୨ ଘଣ୍ଟାରେ ୬୦୦ ଡ୍ରୋନ ଏବଂ ୪୦ ମିସାଇଲ ମାଡ଼



**କିଭ୍, ୨୮।୯:** ୟୁକ୍ରେନ ଉପରେ ରୁଷ କରିଛି ଜୋରଦାର ଆକ୍ରମଣ। ୧୨ ଘଣ୍ଟାରେ ୬୦୦ ଡ୍ରୋନ ଏବଂ ୪୦ ମିସାଇଲ ମାଡ଼ କରିଛି ରୁଷ। ଘନଘନ ବିସ୍ଫୋରଣରେ ଥରିଛି କିଭ। ୟୁକ୍ରେନର ୭ଟି ଅଞ୍ଚଳକୁ ଟାର୍ଗେଟ କରି ରୁଷ କରିଥିବା ଆକ୍ରମଣରେ ୪ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪୦ ଜଣ ଆହତ ହୋଇଛନ୍ତି। ମୃତକଙ୍କ ମଧ୍ୟରେ ଜଣେ ୧୨ ବର୍ଷୀୟା ନାବାଳିକା ଥିବା କହିଛନ୍ତି ୟୁକ୍ରେନ ରାଷ୍ଟ୍ରପତି। କିଭ ଉପରେ ହୋଇଥିବା ମିସାଇଲ ମାଡ଼ରେ ଇନଷ୍ଟିଚ୍ୟୁଟ୍ ଅଫ୍ କାର୍ଡିଓଲୋଜି ନଷ୍ଟ ହୋଇଛି। ସେହିପରି ଅନେକ ବଡ଼ ବଡ଼ ବିଲ୍ଡିଂ ମଧ୍ୟ ନଷ୍ଟ ହୋଇଛି। ସହରର ବଡ଼ ବଡ଼ ଇନଫ୍ରାଷ୍ଟ୍ରକଚରକୁ ଟାର୍ଗେଟ କରି ମିସାଇଲ ମାଡ଼ କରିଛି ରୁଷ। ଗତ କିଛି ମାସ ମଧ୍ୟରେ ୟୁକ୍ରେନ ଉପରେ ହୋଇଥିବା ଆକ୍ରମଣ ମଧ୍ୟରୁ ଏହା ସବୁଠାରୁ ଜୋରଦାର ବୋଲି ବୋଲି ଜଣାପଡିଛି। ଜାପୋରିଜିଆ, ସୁମି, ମାଇକୋଲାଇଭ୍, ଚେର୍ନିହିଭ୍ ଏବଂ ଓଡେସା ଉପରେ ରୁଷ ଏହି ଭୟଙ୍କର ଆଟାକ କରିଛି। ୟୁକ୍ରେନ ରାଷ୍ଟ୍ରପତି ଭୋଲୋଦିମିର ଜେଲେନସ୍କି ଏହି ଆକ୍ରମଣକୁ ନିନ୍ଦା କରିବା ସହ ରୁଷର ଯୁଦ୍ଧଖୋର ନୀତିକୁ ସମାଲୋଚନା କରିଛନ୍ତି। ମସ୍କୋ ଯୁଦ୍ଧ ଜାରି ରଖିବା ସହ ୟୁକ୍ରେନବାସୀଙ୍କୁ ହତ୍ୟା କରିବାକୁ ଚାହୁଁଥିବା କହିଛନ୍ତି ଜେଲେନସ୍କି।

## ୫ଦିନିଆ ପୁଲିସ ହେପାଜତରେ ଚୈତନ୍ୟାନନ୍ଦ

**ନୂଆଦିଲ୍ଲୀ୨୮।୯:** ଅନେକ ଛାତ୍ରୀଙ୍କୁ ଯୌନ ଶୋଷଣର ଅଭିଯୁକ୍ତ ଚୈତନ୍ୟାନନ୍ଦ ସରସ୍ୱତୀଙ୍କୁ ପୁଲିସ ଦିଲ୍ଲୀର ଏକ କୋର୍ଟରେ ହଜାର କରିଥିଲା। କୋର୍ଟ ଏହି ଆତ୍ମଘୋଷିତ ଧର୍ମଗୁରୁଙ୍କୁ ୫ ଦିନର ପୁଲିସ ହେପାଜତକୁ ପଠାଇ ଦେଇଛନ୍ତି। ଏହା ପୂର୍ବରୁ ପୁଲିସ ତାଙ୍କୁ ରବିବାର ସକାଳେ ଆଗ୍ରାର ଏକ ହୋଟେଲ୍‌ରୁ ଗିରଫ କରି ଥିଲା। ଦିଲ୍ଲୀ ପୁଲିସର ଅଧିକାରୀମାନେ କହିଛନ୍ତି ଯେ, ଚୈତନ୍ୟାନନ୍ଦ ସରସ୍ୱତୀଙ୍କୁ ରବିବାର ଦିଲ୍ଲୀର ପଟିଆଲା ହାଉସ କୋର୍ଟରେ ହାଜର କରାଯାଇଥିଲା। ପୁଲିସ ଏକ ଘରୋଇ ସଂସ୍ଥାରେ ୧୭ ଜଣ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୁକ୍ତ ଆତ୍ମଘୋଷିତ ଧର୍ମଗୁରୁଙ୍କର ୫ଦିନର ହେପାଜତ ମାଗିଥିଲା, ଯାହାକୁ କୋର୍ଟ ମଞ୍ଜୁରୀ ପ୍ରଦାନ କରିଛନ୍ତି।

## ଚୀନର 'ଟ୍ରିପଲ-ନ୍ୟୁକ୍ଲିୟର ଷ୍ଟ୍ରାଇକ୍' ପରୀକ୍ଷଣ



**ବେଜିଂ,୨୮।୯ :** ସେନା ପରୀକ୍ଷାଗାରରେ ଚୀନ୍ ଏକ ଘାତକ ପରୀକ୍ଷଣ କରିଛି। ପିଏଲଏ ବୈଜ୍ଞାନିକମାନେ ପ୍ରଥମ ଥର ପାଇଁ "ଟ୍ରିପଲ-ନ୍ୟୁକ୍ଲିୟର ଷ୍ଟ୍ରାଇକ୍" ପରୀକ୍ଷଣ କରିଛନ୍ତି। ଏହାର ଅର୍ଥ ହେଉଛି ବିସ୍ଫୋରଣ ଗୋଟିଏ ଯୁଦ୍ଧାସ୍ତ୍ର ଦ୍ୱାରା ନୁହେଁ, ବରଂ ଗୋଟିଏ ପରେ ଗୋଟିଏ କିମ୍ବା ଏକକାଳୀନ ଫାୟାର କରାଯାଇଥିବା ଛୋଟ, କମ୍ ଉତ୍ପାଦନକ୍ଷମ ଯୁଦ୍ଧାସ୍ତ୍ର ଦ୍ୱାରା ହେବ, ଯାହା ଏକ ଗତିଶୀଳ କ୍ଲଷ୍ଟର ଗଠନ କରିବ।

ଏପର୍ଯ୍ୟନ୍ତ, କେବଳ ଗୋଟିଏ ପରମାଣୁ ବୋମା ସହିତ ଗବେଷଣା କରାଯାଇଛି ଏବଂ ବିକଶିତ ଅସ୍ତ୍ରଗୁଡ଼ିକ ମଧ୍ୟ ଗୋଟିଏ ଯୁଦ୍ଧାସ୍ତ୍ର ସହିତ ତିଆରି କରାଯାଇଛି। ତଥାପି, ଚୀନ୍ ଏହି ପଦ୍ଧତିକୁ ଅନେକ ଗୁଣ ଆଗକୁ ନେଇଛି, ଯାହା ଏପରି ଅସ୍ତ୍ରକୁ ଯଥେଷ୍ଟ ଅଧିକ ଘାତକ କରିଛି। ତିନୋଟି ଛୋଟ ପରମାଣୁ ଯୁଦ୍ଧାସ୍ତ୍ର ପ୍ରାୟ ଏକକାଳୀନ ବିସ୍ଫୋରଣ ହେବା ଦ୍ୱାରା ଅନେକ ଧ୍ୱଂସଲୀଳା ରଚିବ। ବଙ୍କରଗୁଡ଼ିକୁ ଧ୍ୱଂସ କରିବା ପାଇଁ ଚୀନ୍ ଏପରି ଏକ ଅସ୍ତ୍ର ବିକଶିତ କରୁଛି ବୋଲି କୁହାଯାଉଛି, ଏହା ଆମେରିକାର ଚିନ୍ତାଧାରାକୁ ମଧ୍ୟ ଦୋହଲାଇ ଦେବାର ସମ୍ଭାବନା ଅଛି।

ନାନଜିଂ ସ୍ଥିତ ଆର୍ମି ଇଞ୍ଜିନିୟରିଂ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ଗବେଷଣା କରିଥିଲେ, ଯାହା ଏକ୍ସପ୍ଲୋସନ୍ ଆଣ୍ଡ୍ ସକ୍ ୱେଭ୍ସ ଜର୍ଣ୍ଣାଲରେ ପ୍ରକାଶିତ ହୋଇଥିଲା। ରିପୋର୍ଟ ଅନୁଯାୟୀ, ଚୀନ୍ ବୈଜ୍ଞାନିକମାନେ ସମାନ ସ୍ଥାନରେ ପ୍ରାୟ ଏକକାଳୀନ ତିନୋଟି ଛୋଟ ପରମାଣୁ ଆକ୍ରମଣର ପ୍ରଭାବ ନିର୍ଣ୍ଣୟ କରିବାକୁ ଚେଷ୍ଟା କରିଥିଲେ। ନାନଜିଂର ପିଏଲଏ ବିଶ୍ୱବିଦ୍ୟାଳୟର ଦଳ ଏକ ତିନୋଟି ବିସ୍ଫୋରଣ ପ୍ରଭାବକୁ ମଡେଲ୍ ଏବଂ ପରୀକ୍ଷା କରିବା ପାଇଁ କ୍ଷୁଦ୍ର-ସ୍ତରର, ନିୟନ୍ତ୍ରିତ ପରୀକ୍ଷଣ କରିଥିଲେ।

## ୨୦୨୫ରେ ଭାରତର ଏହି ରାଜ୍ୟରେ ବିକ୍ରି ହେଲା ସବୁଠୁ ଅଧିକ ମଦ



**ମୁମ୍ବାଇ,୨୮।୯:** ଭାରତରେ ନିର୍ମିତ ବିଦେଶୀ ମଦ ( ଆ ଇ ଏ ମ୍ ଏ ଫ୍ ଏ ଲ୍ ) ବିକ୍ରିରେ ଦକ୍ଷିଣ ଭାରତୀୟ ରାଜ୍ୟଗୁଡ଼ିକ ଆଧିପତ୍ୟ ବଜାୟ ରଖିଛନ୍ତି। ଅର୍ଥନୈତିକ ବର୍ଷ ୨୦୨୫ (ଏଫ୍‌ୱାଇ୨୫) ରେ ଦକ୍ଷିଣ ଭାରତ ସମୁଦାୟ ଦେଶୀୟ ଆୟର ୫୮% ଅଂଶ ଅର୍ଜନ କରିଛି, ଯେଉଁଥିରେ କର୍ଣ୍ଣାଟକ ୧୭% ଅଂଶ ସହିତ ଜାତୀୟ ସ୍ତରରେ ଶୀର୍ଷ ସ୍ଥାନରେ ରହିଛି। କନଫେଡେରେସନ ଅଫ ଇଣ୍ଡିଆନ ଆଲକୋହଲିକ ବେଭରେଜ କମ୍ପାନୀର ତଥ୍ୟ ଅନୁଯାୟୀ, ଓଡ଼ିଶା ଏହି ତାଲିକାରେ ପଛରେ ରହି ପୂର୍ବ ଭାରତରେ ୦.୯୮ କୋଟି କେସ ସହିତ ଟପ୍-୧୦ ସ୍ଥାନ ପାଇଛି।ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, କେରଳ, ତାମିଲନାଡୁ, ତେଲଙ୍ଗାନା ଓ କେନ୍ଦ୍ରଶାସିତ ପୁଡୁଚେରୀ ମିଳିତ ଭାବେ ଏଫ୍‌ୱାଇ୨୫ରେ ୨୩.୧୮ କୋଟି କେସ ବିଦେଶୀ ମଦ ପିଇଛନ୍ତି, ଯାହା ଜାତୀୟ ବିକ୍ରିର ୫୮%। କର୍ଣ୍ଣାଟକ ୬.୮୮ କୋଟି କେସ ସହିତ ଶୀର୍ଷରେ ରହିଥିବା ବେଳେ ତାମିଲନାଡୁ ୬.୪୭ କୋଟି କେସ ସହିତ ଦ୍ୱିତୀୟ ସ୍ଥାନରେ ରହିଛି। ତେଲଙ୍ଗାନା ଓ ଆନ୍ଧ୍ରପ୍ରଦେଶ ଯଥାକ୍ରମେ ୩.୭୧ କୋଟି ଓ ୩.୫୫ କୋଟି କେସ ସହିତ ୯% ଅଂଶ ଯୋଗାଇଛନ୍ତି। କେରଳ ୨.୨୯ କୋଟି କେସ ସହିତ ସପ୍ତମ ଓ ପୁଡୁଚେରୀ ୦.୨୮ କୋଟି କେସ ସହିତ ୧୦% ବୃଦ୍ଧି ଦେଖାଇ ୧୯ତମ ସ୍ଥାନରେ ରହିଛି।

ପୂର୍ବ ଭାରତରେ ଓଡ଼ିଶା ୦.୯୮ କୋଟି କେସ ଆଏମ୍‌ଏଫ୍‌ଏଲ୍ ବିକ୍ରି ସହିତ ଜାତୀୟ ସ୍ତରରେ ପଛରେ ରହିଛି। ପୂର୍ବ ଭାରତ ଅଞ୍ଚଳ ମୋଟ ବିକ୍ରିରେ ମାତ୍ର ୧୦% ଅଂଶ ଯୋଗାଇଛି, ଯେଉଁଥିରେ ପଶ୍ଚିମବଙ୍ଗ ୧.୪୯ କୋଟି କେସ ସହିତ ଅଷ୍ଟମ ସ୍ଥାନରେ ରହିଛି। ଓଡ଼ିଶା ପଛକୁ ଆସାମ (୦.୯୬ କୋଟି କେସ) ଓ ଝାଡ଼ଖଣ୍ଡ (୦.୩୨ କୋଟି କେସ) ରହିଛନ୍ତି। ତଥାପି, କନଫେଡେରେସନ ଅଫ ଇଣ୍ଡିଆନ ଆଲକୋହଲିକ ବେଭରେଜର ନିର୍ଦ୍ଦେଶକ ଜେନେରାଲ ଅନନ୍ତ ଏସ ଆୟାର କହିଛନ୍ତି, ଓଡ଼ିଶାରେ ବିକ୍ରିରେ ଭଲ ବୃଦ୍ଧି ଦେଖାଯାଇଛି।

# ମୁମ୍ବାଇ ଉବୁଟୁବୁ, ୩୦ ଯାଏଁ ହାଇଆଲର୍ଟ



**ମୁମ୍ବାଇ,୨୮।୯ :** ମୁମ୍ବାଇ ସମେତ ଆଖପାଖ ଜିଲ୍ଲାରେ ଅତ୍ୟଧିକ ବର୍ଷା ନେଇ ଭାରତୀୟ ପାଣିପାଗ ବିଭାଗ ରେଡ୍ ଆଲର୍ଟ ଜାରି କରିଛି। ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଶାସନକୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ହାଇ ଆଲର୍ଟ ଜାରି କରାଯାଇଛି। ସୂଚନାନୁଯାୟୀ, ମୁମ୍ବାଇ ସମେତ ଥାଣେ, ପାଲଘର, ରାୟଗଡ଼ ଏବଂ ରତ୍ନଗିରି ଜିଲ୍ଲାକୁ ରେଡ୍ ଆଲର୍ଟ ଜାରି କରାଯାଇଛି । ଏହି ଅଞ୍ଚଳଗୁଡ଼ିକରେ ପ୍ରବଳ ବର୍ଷା ହେବ। ଏହା ବ୍ୟତୀତ ସିନ୍ଧୁଦୁର୍ଗ ଏବଂ ନାସିକର ଘାଟ ଅଞ୍ଚଳରେ ମଧ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହାରି ମଧରେ କୋଙ୍କଣ ବେଲ୍ଟ ଏବଂ ଉତ୍ତର ମହାରାଷ୍ଟ୍ର ପ୍ରବଳ ବର୍ଷାର ସମ୍ମୁଖୀନ ହୋଇପାରେ ବୋଲି ଆଇଏମଡି ସ୍ପଷ୍ଟ କରିଛି। ସମସ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟର ଜରୁରୀକାଳୀନ ଅପରେସନ୍ସ ସେଣ୍ଟର ସମସ୍ତ ଜିଲ୍ଲା ପ୍ରଶାସନକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛି।

ସେପଟେ ଅଧିକାରୀମାନଙ୍କୁ ସେପ୍ଟେମ୍ବର ୩୦ ପର୍ଯ୍ୟନ୍ତ ହାଇ ଆଲର୍ଟରେ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥି ସହିତ ନିୟନ୍ତ୍ରଣ କକ୍ଷକୁ ୨୪ ଘଣ୍ଟା କାର୍ଯ୍ୟରେ ନିୟୋଜିତ ରହିବାକୁ,ପାଣି ନିଷ୍କାସନ କରିବାକୁ ପମ୍ପ ପ୍ରସ୍ତୁତ ରଖିବାକୁ,ନଦୀ ପ୍ରବାହ ଏବଂ ବନ୍ଧ ଉପରେ ନଜର ରଖିବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ପ୍ରବଳ ବର୍ଷାକୁ ଦୃଷ୍ଟିରେ ରଖି ମହାରାଷ୍ଟ୍ର ସରକାର ସମସ୍ତଙ୍କୁ ସତର୍କତାମୂଳକ ପଦକ୍ଷେପ ନେବାକୁ କଡ଼ା ପରାମର୍ଶ ଜାରି କରିଛନ୍ତି। ତଳିଆ ଅଞ୍ଚଳକୁ ଯିବାରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଥିଲା ବେଳେ ବର୍ଷା ସମୟରେ ନଦୀ, ନାଳ ଏବଂ ସେତୁଠାରୁ ଦୂରରେ ରହିବାକୁ ପରାମର୍ଶ ଦିଆଯାଇଛି। ଏହା ବ୍ୟତୀତ ବଜ୍ରପାତ ସମୟରେ ଗଛ ତଳେ ନ ରହିବାକୁ କହିଛନ୍ତି। ପାଗରେ ସୁଧାର ନ ଆସିବା ପର୍ଯ୍ୟନ୍ତ ପର୍ଯ୍ୟଟନସ୍ଥଳରୁ ଦୂରେଇ ରହିବାକୁ ପରାମର୍ଶ ଦିଆଯାଇଛି।

## ଲଦାଖର ସଂସ୍କୃତି ଓ ପରମ୍ପରା ଉପରେ ଆକ୍ରମଣ କରୁଛି ବିଜେପି: ରାହୁଲ



**ନୂଆଦିଲ୍ଲୀ,୨୮।୯ :** କଂଗ୍ରେସ ନେତା ରାହୁଲ ଗାନ୍ଧୀ ରବିବାର ଅଭିଯୋଗ କରିଛନ୍ତି ଯେ, ଭାରତୀୟ ଜନତା ପାର୍ଟି ଏବଂ ଆରଏସଏସ ଦ୍ୱାରା ଲଦାଖର ଲୋକ, ସଂସ୍କୃତି ଏବଂ ପରମ୍ପରା ଉପରେ ଆକ୍ରମଣ କରାଯାଉଛି। ସେ ଲଦାଖକୁ ଷଷ୍ଠ ଅନୁସୂଚୀରେ ସାମିଲ କରିବା ପାଇଁ ମଧ ସମର୍ଥନ କରିଥିଲେ। ଲେହରେ ହୋଇଥିବା ହିଂସା ପରେ ଗାନ୍ଧୀଙ୍କ ଏହି ମନ୍ତବ୍ୟ ଆସିଛି।

ବୁଧବାର ଲେହରେ ସୁରକ୍ଷା ବାହିନୀ ଗୁଳିଚାଳନାରେ ଚାରିଜଣ ପ୍ରାଣ ହରାଇଥିଲେ ଏବଂ ଅନେକ ଆହତ ହୋଇଥିଲେ। ସେବେଠାରୁ ଦଙ୍ଗାରେ ସମ୍ପୃକ୍ତି ଅଭିଯୋଗରେ ୫୦ ଜଣଙ୍କୁ ଅଟକ ରଖାଯାଇଛି। ଲଦାଖକୁ ରାଜ୍ୟ ମାନ୍ୟତା ଦାବି କରୁଥିବା ଜଳବାୟୁ କର୍ମୀ ସୋନମ ୱାଙ୍ଗଚୁକଙ୍କୁ ଜାତୀୟ ସୁରକ୍ଷା ଆଇନ (ଏନଏସଏ) ଅଧୀନରେ ଅଟକ ରଖାଯାଇଛି ଏବଂ ତାଙ୍କୁ ରାଜସ୍ଥାନର ଯୋଧପୁର ଜେଲରେ ରଖାଯାଇଛି।

"ଲାଦାଖର ଚମତ୍କାର ଲୋକସଂସ୍କୃତି ଏବଂ ପରମ୍ପରା ଉପରେ ବିଜେପି ଏବଂ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଆକ୍ରମଣ କରୁଛନ୍ତି ବୋଲି ଗାନ୍ଧୀ 'ଏକ୍ସ'ରେ ଏକ ପୋଷ୍ଟରେ କହିଛନ୍ତି। ସେ ଲେଖିଛନ୍ତି , "ଲାଦାଖର ଲୋକମାନେ ସେମାନଙ୍କର ସ୍ୱର ଉଠାଇଥିଲେ। ବିଜେପି ଚାରି ଜଣ ଯୁବକଙ୍କୁ ହତ୍ୟା କରି ଏବଂ ସୋନମ ୱାଙ୍ଗଚୁକଙ୍କୁ ଜେଲରେ ପକାଇ ଏହାର ଜବାବ ଦେଇଥିଲା। ହତ୍ୟା ବନ୍ଦକର, ହିଂସା ବନ୍ଦକର, ଧମକ ବନ୍ଦକର।" ସେ ଆହୁରି ମଧ କହିଛନ୍ତି, "ଲାଦାଖକୁ ଏକ ସ୍ୱର ଦିଅ, ସେମାନଙ୍କୁ ଷଷ୍ଠ ସୂଚୀ ଦିଅ।"

## ବିହାର ନିର୍ବାଚନରେ ମୁତୟନ ହେବେ ୪୭୦ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ




**ନୂଆଦିଲ୍ଲୀ,୨୮।୯:** ନିର୍ବାଚନ କମିଶନ (ଇସିଆଇ) ବିହାରରେ ହେବାକୁ ଥିବା ବିଧାନସଭା ନିର୍ବାଚନ ଏବଂ କିଛି ରାଜ୍ୟର ଉପନିର୍ବାଚନ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ (ସାଧାରଣ, ପୋଲିସ ଏବଂ ଖର୍ଚ୍ଚ) ନିୟୋଜନ କରିବାକୁ ନିଷ୍ପତ୍ତି ନେଇଛି। କମିଶନ ବିଭିନ୍ନ ରାଜ୍ୟରେ କାର୍ଯ୍ୟରତ ମୋଟ ୪୭୦ ଅଧିକାରୀଙ୍କୁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ଭାବରେ ନିଯୁକ୍ତ କରିବାକୁ ନିଷ୍ପତ୍ତି ନେଇଛି। ଏହି ଅଧିକାରୀମାନଙ୍କ ମଧ୍ୟରେ ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) ରୁ ୩୨୦ ଅଧିକାରୀ, ଭାରତୀୟ ପୋଲିସ ସେବା (ଆଇପିଏସ୍)ରୁ ୬୦ ଅଧିକାରୀ ଏବଂ ଭାରତୀୟ ରାଜସ୍ୱ ସେବା (ଆଇଆରଏସ୍)ରୁ ୯୦ ଅଧିକାରୀ ରହିବେ।ଏହା ସହିତ ଆଇଆରଏସଏସ୍, ଆଇସିଏଏସ୍ ଭଳି ସେବାର ଅଧିକାରୀମାନେ ମଧ୍ୟ ସାମିଲ ହେବେ। କମିଶନଙ୍କ ଅନୁଯାୟୀ, ଏହି ଅଧିକାରୀଙ୍କୁ ବିହାରରେ ହେବାକୁ ଥିବା ବିଧାନସଭା ସାଧାରଣ ନିର୍ବାଚନ ଏବଂ ଜମ୍ମୁ-କାଶ୍ମୀର, ରାଜସ୍ଥାନ, ଝାଡ଼ଖଣ୍ଡ, ତେଲେଙ୍ଗାନା, ପଞ୍ଜାବ, ମିଜୋରାମ ଏବଂ ଓଡିଶାରେ ହେବାକୁ ଥିବା ଉପନିର୍ବାଚନ ପାଇଁ ନିଯୁକ୍ତ କରାଯାଉଛି। ନିର୍ବାଚନ କମିଶନ ଏକ ପ୍ରେସ୍ ନୋଟରେ କହିଛନ୍ତି, 'ବିହାର ବିଧାନସଭା ନିର୍ବାଚନ ଏବଂ କିଛି ରାଜ୍ୟର ଉପନିର୍ବାଚନ ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକ ନିୟୋଜିତ ହେବେ। କମିଶନ ସମ୍ବିଧାନର ଧାରା ୩୨୪ ଏବଂ ଜନପ୍ରତିନିଧି ଆଇନ, ୧୯୫୧ ର ଧାରା ୨୦ବି ଅନୁଯାୟୀ ପ୍ରଦତ୍ତ କ୍ଷମତା ଅନୁଯାୟୀ ନିର୍ବାଚନମଣ୍ଡଳୀରେ ନିର୍ବାଚନ ତଦାରଖ କରିବା ପାଇଁ କେନ୍ଦ୍ରୀୟ ପର୍ଯ୍ୟବେକ୍ଷକମାନଙ୍କୁ ନିଯୁକ୍ତି କରନ୍ତି। ପର୍ଯ୍ୟବେକ୍ଷକମାନେ ନିଯୁକ୍ତି ତାରିଖରୁ ନିର୍ବାଚନ ପ୍ରକ୍ରିୟା ସମାପ୍ତ ହେବା ପର୍ଯ୍ୟନ୍ତ କମିଶନଙ୍କ ତଦାରଖ, ନିୟନ୍ତ୍ରଣ ଏବଂ ଶୃଙ୍ଖଳା ଅଧୀନରେ କାର୍ଯ୍ୟ କରନ୍ତି।ସେମାନେ କମିଶନଙ୍କ ଆଖି ଏବଂ କାନ ଭଳି କାମ କରନ୍ତି। ସମୟାନୁସାରେ ରିପୋର୍ଟ ପ୍ରଦାନ କରନ୍ତି। ପର୍ଯ୍ୟବେକ୍ଷକମାନେ ମୁକ୍ତ, ନିରପେକ୍ଷ, ସ୍ୱଚ୍ଛ ଏବଂ ସମାବେଶୀ ନିର୍ବାଚନ ପରିଚାଳନାରେ କମିଶନକୁ ସହାୟତା କରନ୍ତି ଏବଂ ଭୋଟର ସଚେତନତା ଏବଂ ଅଂଶଗ୍ରହଣ ବୃଦ୍ଧି କରିବାରେ ମଧ୍ୟ ଯୋଗଦାନ ଦିଅନ୍ତି।'

## ଦେଓବାଙ୍କ ପାସପୋର୍ଟ ରଦ୍ଦ

- ଓଲିଙ୍କ ସହ ୫ ନେତାଙ୍କୁ କାଠମାଣ୍ଡୁ ଛାଡ଼ିବା ଉପରେ ରୋକ

**ନୂଆଦିଲ୍ଲୀ,୨୮।୯:** ନେପାଳର 'ଜେନ-ଜେଡ' ଆନ୍ଦୋଳନ ସମୟରେ ଯୁବ ପ୍ରଦର୍ଶନକାରୀଙ୍କ ଉପରେ ଗୁଳିଚାଳନା ଘଟଣାର ତଦନ୍ତ ପାଇଁ ଗଠିତ ନ୍ୟାୟିକ କମିଶନ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲିଙ୍କ ସମେତ ପାଞ୍ଚ ଜଣ ପ୍ରମୁଖ ବ୍ୟକ୍ତିଙ୍କୁ ଅନୁମତି ବିନା କାଠମାଣ୍ଡୁ ଛାଡିବାକୁ ବାରଣ କରିଛନ୍ତି। ସୁପ୍ରିମକୋର୍ଟର ଅବସରପ୍ରାପ୍ତ ବିଚାରପତି ଗୌରୀ ବାହାଦୁର କାର୍କିଙ୍କ ଅଧ୍ୟକ୍ଷତାରେ ଗଠିତ କମିଶନ ଏହି ନିର୍ଦ୍ଦେଶ ଦେଇଛନ୍ତି। କେପି ଓଲିଙ୍କ ସମେତ ଅନେକ ନେତାଙ୍କ ପାସପୋର୍ଟ ରଦ୍ଦ କରାଯାଇଛି। କମିଶନଙ୍କ ନିର୍ଦ୍ଦେଶରେ ପୂର୍ବତନ ପ୍ରଧାନମନ୍ତ୍ରୀ କେପି ଶର୍ମା ଓଲି, ପୂର୍ବତନ ଗୃହମନ୍ତ୍ରୀ ରମେଶ ଲେଖକ, ତତ୍କାଳୀନ ଗୃହ ସଚିବ ଗୋକର୍ଣ୍ଣ ମଣି ଦୁୱାଡି, ଆଭ୍ୟନ୍ତରୀଣ ଗୁଇନ୍ଦା ବିଭାଗ ମୁଖ୍ୟ ହୁତ୍ ରାଜ ଥାପା ଏବଂ କାଠମାଣ୍ଡୁର ତତ୍କାଳୀନ ଜିଲ୍ଲା ମାଜିଷ୍ଟ୍ରେଟ୍ ଛବି ରିଜାଲ ସାମିଲ ଅଛନ୍ତି। ଏହି ସମସ୍ତଙ୍କ ଉପରେ ନିର୍ବାଚନ କମିଶନ ସମସ୍ତଙ୍କୁ କଡ଼ା ନଜରରେ ରଖିବାକୁ ଏବଂ କମିଶନଙ୍କ ଅନୁମତି ବିନା କାଠମାଣ୍ଡୁ ଛାଡି ନଯିବାକୁ ନିର୍ଦ୍ଦେଶ ଦେଇଛନ୍ତି।

# ମିଥୁନ ମନହାସ ବିସିସିଆଇର ନୂଆ ସଭାପତି

**ନୂଆଦିଲ୍ଲୀ, ୨୮।୯:** ମିଥୁନ ମନହାସ ବିସିସିଆଇର ନୂଆ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି। ରବିବାର ବିସିସିଆଇର ବାର୍ଷିକ ସାଧାରଣ ବୈଠକ ପରେ ଆନୁଷ୍ଠାନିକ ଭାବେ ତାଙ୍କ ନାଁ ଘୋଷଣା କରାଯାଇଛି। ମିଥୁନ ମନହାସ ବିସିସିଆଇର ୩୭ତମ ସଭାପତି ଭାବେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ୪୫ ବର୍ଷୀୟ ମିଥୁନ ମନହାସଙ୍କ ଘର ଜମ୍ମୁ ଓ କଶ୍ମୀରରେ। ବିସିସିଆଇ ସଭାପତି ହେବାରେ ସେ ହେଉଛନ୍ତି ଜମ୍ମୁ ଓ କଶ୍ମୀରର ପ୍ରଥମ ବ୍ୟକ୍ତି। ସେହିଭଳି ଲଗାତାର ତୃତୀୟ ଥର ପାଇଁ ଜଣେ କ୍ରିକେଟର ଭାବେ ସେ ବିସିସିଆଇର ସଭାପତି ହୋଇଛନ୍ତି। ମିଥୁନ ମନହାସଙ୍କ ପୂର୍ବରୁ ରୋଜର ବିନ୍ନୀ ଏହି ପଦରେ ଥିବା ବେଳେ ତାଙ୍କ ପୂର୍ବରୁ ସୌରଭ ଗାଙ୍ଗୁଲି ହୋଇଥିଲେ ବିସିସିଆଇ ସଭାପତି।

ମିଥୁନ ମନହାସଙ୍କ ପାଖରେ ଉଭୟ ଖେଳାଳି ଓ ପ୍ରଶାସକ ଭାବେ ଅଭିଜ୍ଞତା ରହିଛି। ପୂର୍ବରୁ ସେ ଜମ୍ମୁ ଓ କଶ୍ମୀର କ୍ରିକେଟ ଆସୋସିଏସନ୍‌ରେ 'ଡାଇରେକ୍ଟର ଅଫ୍ କ୍ରିକେଟ୍' ପଦରେ ରହି କାର୍ଯ୍ୟ କରିଛନ୍ତି।



ସେହିଭଳି ବିସିସିଆଇର ଏଜିଏମ୍‌ରେ ସେ ଜମ୍ମୁ ଓ କଶ୍ମୀରରୁ ପ୍ରତିନିଧିତ୍ୱ କରିଛନ୍ତି। ବିସିସିଆଇ ସଭାପତି ଭାବେ ରୋଜର ବିନ୍ନୀଙ୍କ କାର୍ଯ୍ୟକାଳ ସମାପ୍ତ ହେବା ପରେ ଯେଉଁ କେତେ ଜଣଙ୍କ ନାଁ ଏହି ପଦବୀ ପାଇଁ ଚର୍ଚ୍ଚାରେ ରହିଥିଲା, ସେମାନଙ୍କ ମଧ୍ୟରେ ସର୍ବାଗ୍ରେ ଥିଲେ ମିଥୁନ ମନହାସ।

୧୯୭୯ ଅକ୍ଟୋବର ୨ ତାରିଖରେ ଜନ୍ମଗ୍ରହଣ କରିଥିଲେ ମିଥୁନ ମନହାସ। ଭାରତୀୟ ଟିମ୍‌ରେ କେବେ ସାମିଲ ହୋଇପାରି ନଥିଲେ ହେଁ ଘରୋଇ କ୍ରିକେଟରେ ସେ ଥିଲେ ଷ୍ଟାର ଖେଳାଳି। ସେ ଜଣେ ଡାହାଣହାତି ବ୍ୟାଟର। ବେଳେ ବେଳେ ସେ ବୋଲିଂ (ଅଫ୍-ସ୍ପିନ) ମଧ୍ୟ କରୁଥିଲେ। ଆବଶ୍ୟକ ପଡ଼ିଲେ ଦଳ ପାଇଁ ସେ ୱିକେଟ୍ କିପର ସାଜୁଥିଲେ। ଘରୋଇ କ୍ରିକେଟରେ ତାଙ୍କ ପ୍ରଦର୍ଶନ ବହୁତ ବଢ଼ିଆ ଥିଲା। ଦିଲ୍ଲୀ ଓ ଜମ୍ମୁ-କଶ୍ମୀର ପକ୍ଷରୁ ସେ ଘରୋଇ କ୍ରିକେଟ୍ ଖେଳିଛନ୍ତି।

ଅନେକ ବରିଷ୍ଠ ଖେଳାଳି ଅନ୍ତର୍ଜାତୀୟ ମ୍ୟାଚ୍ ଖେଳିବାକୁ ଯାଉଥିବା ବେଳେ ଦିଲ୍ଲୀ ଟିମ୍‌ର ନେତୃତ୍ୱ ନେଉଥିଲେ ମିଥୁନ। ଯେତେବେଳେ ଦିଲ୍ଲୀ ଟିମ୍‌ରେ ବିରାଟ କୋହଲି ଡେବ୍ୟୁ କଲେ, ସେତେବେଳେ ମିଥୁନ ଅଧିନାୟକ ଥିଲେ। ୨୦୦୭-୦୮ ସିଜିନରେ ଦିଲ୍ଲୀକୁ ରଣଜୀ ଟ୍ରଫି ଚାମ୍ପିୟନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ ମିଥୁନ ମନହାସ। ସେତେବେଳେ ସେ ଦିଲ୍ଲୀର ଅଧିନାୟକ ଥିଲେ। ସେହି ସିଜିନରେ ୫୭.୫୬ ହାରରେ ମିଥୁନ ୯୨୧ ରନ୍ କରିଥିଲେ। ୨୦୧୬-୧୭ରେ ଗୌତମ ଗମ୍ଭୀର ଦିଲ୍ଲୀ ଟିମ୍‌ର ଅଧିନାୟକ ହୋଇ ଫେରିବା ପରେ ମିଥୁନ ମନହାସ ଜମ୍ମୁ ଓ କଶ୍ମୀର ଟିମ୍‌କୁ ପଳାଇଥିଲେ। ସେହି ଟିମ୍‌ରୁ ସେ ଗୋଟିଏ ସିଜିନ୍ ରଣଜୀ ଟ୍ରଫି ଖେଳିଛନ୍ତି। ତା'ପରେ ସେ ଜମ୍ମୁ ଓ କଶ୍ମୀର କ୍ରିକେଟରେ ପ୍ରଶାସନିକ ଦାୟିତ୍ୱ ଗ୍ରହଣ କରିଥିଲେ।

୧୫୭ଟି ଫାଷ୍ଟ-କ୍ଲାସ ମ୍ୟାଚ୍ ଖେଳିଥିବା ମିଥୁନ ମନହାସ ୯,୭୧୪ ରନ୍ କରିଛନ୍ତି। ତା' ମଧ୍ୟରେ ୨୭ଟି ଶତକ ଓ ୪୯ଟି ଅର୍ଦ୍ଧଶତକ ରହିଛି। ୧୩୦ଟି ଲିଷ୍ଟ ଏ ମ୍ୟାଚ୍‌ରୁ ସେ ୪୧୨୬ ରନ୍ କରିଥିଲେ। ସେହିପରି ଆଇପିଏଲ୍ ମଧ୍ୟ ଖେଳିଛନ୍ତି। ୨୦୦୮ରୁ ୨୦୧୦ ପର୍ଯ୍ୟନ୍ତ ସେ ଦିଲ୍ଲୀ ଡେୟାର ଡେଭିଲ୍‌ସରୁ ଆଇପିଏଲ୍ ଖେଳିଥିଲେ। ୨୦୧୧ରୁ ୨୦୧୩ ପର୍ଯ୍ୟନ୍ତ ସେ ପୁନେ ୱାରିୟର୍ସରେ ଥିଲେ। ୨୦୨୩ ଓ ୨୦୧୪ ସିଜିନ୍‌ରେ ସେ ଚେନ୍ନାଇ ସୁପର କିଙ୍ଗସରେ ଥିଲେ। ୯୧ଟି ଆଇପିଏଲ୍ ମ୍ୟାଚ୍‌ରୁ ସେ ୧୧୭୦ ରନ୍ କରିଛନ୍ତି। ଏମିତିକି ୨୦୨୨ ସିଜିନରେ ସେ ଗୁଜରାଟ ଟାଇଟନ ସହିତ ଜଣେ କୋଚ୍ ଭାବେ ଯୋଡ଼ି ହୋଇଥିଲେ।

ବିସିସିଆଇରେ ରାଜୀବ ଶୁକ୍ଳା ଉପ-ସଭାପତି ପଦ ବଜାୟ ରଖିଛନ୍ତି। ସେହିପରି ବିସିସିଆଇ ସମ୍ପାଦକ ଭାବେ ଦେବଜିତ ସାଇକିଆ, ଯୁଗ୍ମ-ସଂପାଦକ ଭାବେ ପ୍ରଭତେଜ ସିଂହ ଭାଟିଆ ଓ କୋଷାଧ୍ୟକ୍ଷ ଭାବେ ଏ ରଘୁରାମ ଭଟ ନିର୍ବାଚିତ ହୋଇଛନ୍ତି। ଅରୁଣ ଠାକୁର ଆଇପିଏଲର ଅଧ୍ୟକ୍ଷ ନିର୍ବାଚିତ ହୋଇଛନ୍ତି। ବିସିସିଆଇ ପକ୍ଷରୁ ପୁରୁଷ ଚୟନ କମିଟି ପାଇଁ ଦୁଇ ଜଣ ନୂଆ ଚୟନକର୍ତ୍ତାଙ୍କ ନାଁ ଘୋଷଣା କରାଯାଇଛି। ସେମାନେ ହେଉଛନ୍ତି ଆରପି ସିଂହ ଓ ଓଡ଼ିଆ ପୁଅ ପ୍ରଜ୍ଞାନ ଓଝା। ଅଜିତ ଅଗରକର ପୂର୍ବଭଳି ପୁରୁଷ ଚୟନ କମିଟିର ଅଧ୍ୟକ୍ଷ ରହିଛନ୍ତି। ଏହି କମିଟିର ଅନ୍ୟ ଦୁଇ ସଦସ୍ୟ ହେଉଛନ୍ତି ଓଡ଼ିଶାର ଶିବସୁନ୍ଦର ଦାସ ଓ ଅଜୟ ରାତ୍ରା। ପ୍ରଜ୍ଞାନ ଓଝା ଓଡ଼ିଶାରେ ଜନ୍ମଗ୍ରହଣ କରିଥିଲେ ହେଁ ସେ ହାଇଦ୍ରାବାଦ ପକ୍ଷରୁ ଘରୋଇ କ୍ରିକେଟ ଖେଳୁଥିଲେ। ବିସିସିଆଇ ଚୟନ କମିଟିରେ ସାମିଲ ହେବାରେ ପ୍ରଜ୍ଞାନ ଓଝା ହେଉଛନ୍ତି ତୃତୀୟ ଓଡ଼ିଆ। ପ୍ରଜ୍ଞାନ ଓ ଶିବ ସୁନ୍ଦର ଦାସଙ୍କ ପୂର୍ବରୁ ଦେବାଶିଷ ମହାନ୍ତି ଏହି କମିଟିର ସଦସ୍ୟ ଥିଲେ।

## ଭାରତରେ କମିଛି ଦାରିଦ୍ର୍ୟ: ବିଶ୍ୱବ୍ୟାଙ୍କ

**ନୂଆଦିଲ୍ଲୀ ୨୮।୯:** ଭାରତୀୟ ଅର୍ଥ ବ୍ୟବସ୍ଥା ଗତିମାନ ହୋଇଛି। ସବୁ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ପାଇଁ ସରକାର ପଦକ୍ଷେପ ନେଉଛନ୍ତି। ବିଶ୍ୱର ବଡ଼ ବଡ଼ କମ୍ପାନୀମାନେ ମଧ୍ୟ ଏବେ ଭାରତରେ ନିବେଶ କରୁଛନ୍ତି। ଏହି କ୍ରମରେ ବିଶ୍ୱବ୍ୟାଙ୍କର ଏକ ରିପୋର୍ଟ ଭାରତ ପାଇଁ ଭଲ ଖବର ନେଇ ଆସିଛି। ଏହି ରିପୋର୍ଟରୁ ଜଣା ପଡିଛି ଯେ, ଭାରତରେ ଦାରିଦ୍ର୍ୟ ସୀମା ରେଖାରୁ ତଳେ ରହୁଥିବା ଲୋକଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ହ୍ରାସ ହୋଇଛି। ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ତାଙ୍କ ସେପ୍ଟେମ୍ବର ବୁଲେଟିନରେ ବିଶ୍ୱବ୍ୟାଙ୍କ ରିପୋର୍ଟକୁ ସ୍ଥାନ ଦେଇଛନ୍ତି। ରିପୋର୍ଟ ଅନୁସାରେ ୨୦୧୧-୧୨ ଓ ୨୦୨୨-୨୩ ମଧ୍ୟରେ ଭାରତରେ ଦାରିଦ୍ର୍ୟତା ଉଲ୍ଲେଖନୀୟ ହ୍ରାସ ହୋଇଛି। ଗରୀବ ହ୍ରାସ କରିବା ରାଜ୍ୟଙ୍କ ସୂଚୀରେ ଆନ୍ଧ୍ରପ୍ରଦେଶ ସବୁଠୁ ଆଗରେ ରହିଛି। ଏହା ପଛକୁ ରହିଛି ବିହାର। ଉତ୍ତରପ୍ରଦେଶ ମଧ୍ୟ ଗରିବଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ହ୍ରାସ ହୋଇଛି। ଏହା ଛଡା ମଧ୍ୟପ୍ରଦେଶ ଏବଂ ଓଡିଶାରେ ମଧ୍ୟ ଗରିବ ଲୋକଙ୍କ ହାରରେ ଲଗାତାର ସୁଧାର ହେଉଛି। ଗ୍ରାମୀଣ ମଧ୍ୟପ୍ରଦେଶରେ ଗରିବ ଲୋକଙ୍କ ସଂଖ୍ୟା ୪୫.୨%ରୁ ହ୍ରାସ ହୋଇ ୯.୬% ହୋଇଯାଇଛି। ସେହିପରି ଗ୍ରାମୀଣ ଓଡିଶାରେ ଏହି ହାର ୪୫.୯%ରୁ ହ୍ରାସ ହୋଇ ୮.୬% ହୋଇଯାଇଛି। ବିଶେଷଜ୍ଞଙ୍କ ଅନୁସାରେ ଭାରତରେ ଦ୍ରୁତ ଗରିବ ହ୍ରାସର କାରଣ ବିଭିନ୍ନ ସରକାରୀ ଯୋଜନା, ଆର୍ଥିକ ସଂସ୍କାର ଓ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମ।

● ପ୍ରଧାନମନ୍ତ୍ରୀଙ୍କ 'ମନ କି ବାତ୍'

## ସିଙ୍ଗର ଜୁବୀନ ଗର୍ଗଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ

**ନୂଆଦିଲ୍ଲୀ,୨୮।୯ :** ପ୍ରଧାନମନ୍ତ୍ରୀଙ୍କ ମନ କି ବାତ କାର୍ଯ୍ୟକ୍ରମର ୧୨୬ତମ ଏପିସୋଡ୍ ରେ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜୁବିନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଆଜିର ମନ କି ବାତ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦି ସ୍ୱଦେଶୀ ଉତ୍ପାଦ ଗ୍ରହଣ କରିବାର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ତାଙ୍କ ଦେଶବାସୀଙ୍କୁ ଯଥାସମ୍ଭବ ଅଧିକ ସ୍ୱଦେଶୀ ଉତ୍ପାଦ କିଣିବାକୁ ଚେଷ୍ଟା କରିବାକୁ ମଧ୍ୟ ନିବେଦନ କରିଥିଲେ। ସେ ପ୍ରସିଦ୍ଧ ଗାୟିକା ଜୁବୀନ୍ ଗର୍ଗଙ୍କୁ ମଧ୍ୟ ମନେ ପକାଇଥିଲେ, ଯାହାଙ୍କର ସିଙ୍ଗାପୁରରେ ହଠାତ୍ ମୃତ୍ୟୁ ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର ମନ କି ବାତ ଭାଷଣ ସମୟରେ ପ୍ରତୀକାତ୍ମକ ଆସାମୀ ଗାୟିକା ଜୁବୀନ ଗର୍ଗଙ୍କୁ ମନେ ପକାଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦୀ ଉଲ୍ଲେଖ କରିଥିଲେ ଯେ, ଜୁବୀନଙ୍କର ଆସାମୀ ସଂସ୍କୃତି ସହିତ ଗଭୀର ସମ୍ପର୍କ ଥିଲା । ଜୁବିନ ଗର୍ଗଙ୍କ ହଠାତ୍ ଅସମୟରେ ନିଧନରେ ଲୋକେ ଶୋକ ବ୍ୟକ୍ତ କରୁଛନ୍ତି। ସେ ଜଣେ ପ୍ରସିଦ୍ଧ ଗାୟକ ଥିଲେ, ଯିଏ ସାରା ଦେଶରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିଲେ। ଜୁବିନ ଗର୍ଗଙ୍କ ଆସାମର ସଂସ୍କୃତି ସହ ଖୁବ୍ ଭଲ ସଂପର୍କ ଥିଲା। ସେ ସର୍ବଦା ଆମର ହୃଦୟରେ ରହିବେ। ତାଙ୍କର ସଙ୍ଗୀତ ଆଗାମୀ ପିଢ଼ି ପ୍ରେରଣା ଦେବ। ଜୁବିନ ଆସାମୀ ସଂସ୍କୃତିର ସବୁଠୁ ଉଜ୍ଜ୍ୱଳତମ ରତ୍ନ , କୋହିନୂର ଥିଲେ। ସୂଚନାଯୋଗ୍ୟ 'ନର୍ଥ ଇଷ୍ଟ ଇଣ୍ଡିଆ ଫେଷ୍ଟିଭାଲ'ରେ ଯୋଗଦେବାକୁ ଜୁବିନ ସିଙ୍ଗାପୁର ଯାଇଥିଲେ। ତେବେ ଚଳିତମାସ ୧୯ରେ ସ୍କୁବା ଡାଇଭିଂ କରୁଥିବାବେଳେ ଦୁର୍ଘଟଣାର ଶିକାର ହୋଇ ପ୍ରାଣ ହରାଇଛନ୍ତି। ପ୍ରସିଦ୍ଧ ବଲିଉଡ ଗାୟକ ଜୁବିନ ଗର୍ଗଙ୍କ ଅକାଳ ବିୟୋଗକୁ ନେଇ ଦେଶର ସଙ୍ଗୀତ ପ୍ରେମୀମାନେ ସ୍ତବ୍ଧ ହୋଇଥିଲେ।

● ବେଆଇନ ବାଣ ତିଆରି ଘରେ ପୋଲିସର ଚଢ଼ଉ

## ୩ ଗିରଫ, ବିପୁଳ ବାଣ ଜବତ

**ଭଦ୍ରକ, ୨୮।୯ (ସଂଚାର ବ୍ୟୁରୋ):** ଭଦ୍ରକ ଜିଲା ଧାମନଗର ପୋଲିସର ବେଆଇନି ବାଣ ଦୋକାନ ଉପରେ ଚଢ଼ଉ କରି ବିପୁଳ ପରିମାଣରେ ବାଣ ଜବତ କରିଛନ୍ତି। ଏଥିରେ ସମ୍ପୃକ୍ତ ୩ ଜଣ ସ୍ଥାନୀୟ ଗ୍ରାମର ବାଣ ବେପାରୀ ମଦନ ମୋହନ ରଣା, ମନୋରଞ୍ଜନ ରଣା ଓ ଗୌରାଙ୍ଗ ଚନ୍ଦ୍ର ରଣାଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ପ୍ରକାଶ ଥାଉକି ଧାମନଗର ଥାନା ଦେହୁଡି ଆନ୍ଦପୁର ପଞ୍ଚାୟତ ଉଦେଇପୁର ଗ୍ରାମରେ ବେଆଇନ ବାଣ ତିଆରି ଚାଲିଥିଲା। ସୁଚନା ପାଇ ଧାମନଗର ପୋଲିସ ଶନିବାର ଚଡାଉ କରିଥିଲା। ଗୋଟେ ପିକଅପ ଗାଡିରେ ହାତ ତିଆରି ବାଣ ଜବତ କରିଥିବା ବେଳେ ପୋଲିସ ୩ ଜଣଙ୍କୁ ଥାନାକୁ ଆଣିଥିଲା। ଥାନା ଅଧିକାରୀ ରଞ୍ଜନ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଚଢ଼ାଉରେ ଏସଆଇ ରସ୍ମିତା ମଲ୍ଲିକ ଓ ପ୍ରଦୀପ ନାୟକ, ଏଏସଆଇ ଲରେନ୍ସ ଖୁଜୁରୁ, ସୁଜିତ୍ ରାଉତ ଓ ନରେନ୍ଦ୍ର ରାଉତ ସମେତ ଅନ୍ୟମାନେ ସାମିଲ ଥିଲେ।

## ଡିଭାଇଡର ଉପରକୁ ଚଢ଼ିଗଲା ଯାତ୍ରୀବାହୀ ବସ

**ଚମ୍ପୁଆ, ୨୮।୯ (ସଂଚାର ବ୍ୟୁରୋ):** ଚମ୍ପୁଆ ଉପଖଣ୍ଡସ୍ଥ ଯୋଡ଼ା ଥାନା ଅନ୍ତର୍ଗତ ୫୨୦ ନମ୍ବର ଜାତୀୟ ରାଜପଥ ବିଲେଇପଦା ଟୋଲ ଗେଟ ନିକଟରେ ଭାରସାମ୍ୟ ହରାଇ ଡିଭାଇଡ଼ର ଉପରକୁ ଏକ ଯାତ୍ରୀବାହି ବସ ଚଢ଼ି ଯାଇଛି। ଅମ୍ବିକା ନାମକ ଏହି ଘରୋଇ ଯାତ୍ରୀବାହୀ ବସଟି କେନ୍ଦୁଝରରୁ ବଡ଼ବିଲକୁ ଫେରୁଥିବା ବେଳେ ବିଲେଇପଦା ଟୋଲ ଗେଟ ନିକଟରେ ଭାରସାମ୍ୟ ହରାଇ ଡିଭାଇଡ଼ରରେ ଚଢ଼ିଯିବାରୁ ଜଣେ ଯାତ୍ରୀ ଗୁରୁତର ଆହତ ହୋଇଥିବା ବେଳେ ଅନ୍ୟ ଯାତ୍ରୀମାନେ ସୁରକ୍ଷିତ ଥିବା ଜଣାପଡ଼ିଛି। ଖବର ପାଇ ଘଟଣା ସ୍ଥଳରେ ପୋଲିସ ପହଁଚି ଘଟଣାର ତଦନ୍ତ ଆରମ୍ଭ କରିଛି।

## ବିରଳ ବଜ୍ରକାପ୍ତା ଉଦ୍ଧାର

**କେନ୍ଦୁଝର, ୨୮।୯ (ସଂଚାର ବ୍ୟୁରୋ):** କେନ୍ଦୁଝର ବନଖଣ୍ଡ ଦ୍ୱାରା ଏକ ବିରଳ ବଜ୍ରକାପ୍ତା ଉଦ୍ଧାର ହୋଇଛି। କେନ୍ଦୁଝର ସଦର ବନଖଣ୍ଡ କର୍ମଚାରୀଙ୍କ ଦ୍ୱାରା ଏହି ବିରଳ ବଜ୍ରକାପ୍ତା ଉଦ୍ଧାର ହୋଇଥିବା ବେଳେ ସ୍ୱାସ୍ଥ୍ୟ ପରୀକ୍ଷା ପରେ ଜଙ୍ଗଲରେ ଛାଡି ଦିଆଯାଇଛି। ଜଙ୍ଗଲ ବିଭାଗ ଟିମରେ ଫରେଷ୍ଟର ଅକ୍ଷୟ ମହାନ୍ତି, ପ୍ରାଣୀ ବିଜ୍ଞାନୀ ଶିବାଶିଷ ଓ ଶାନ୍ତି ଭୂଷଣ ସହ ବହୁ କର୍ମଚାରୀ ଥିଲେ।

## ଗେଷ୍ଟହାଉସରେ ଗଞ୍ଜେଇ କାରବାର, ୪ ଗିରଫ



**ବ୍ରହ୍ମପୁର,୨୮।୯(ସଂଚାର ବ୍ୟୁରୋ):** ବେଆଇନ ଗଞ୍ଜେଇ ଚାଲାଣ କରିବାକୁ ଯୋଜନା କରୁଥିବା ବେଳେ ମାଡ଼ି ବସିଲା ଗୋସାଇଁ ନୂଆଗାଁ ପୁଲିସ। ୩୦.୫୪ କିଲୋଗ୍ରାମ ଗଞ୍ଜେଇ, ୬ଟି ମୋବାଇଲ୍ ଫୋନ୍, ନଗଦ ୨୮୭୦ ଟଙ୍କା ଆଦି ଜବତ କରିଛି ପୁଲିସ। ଦୁର୍ଗା ପୂଜା ପାଇଁ ସନ୍ଧ୍ୟା ସମୟରେ ପାଟ୍ରୋଲିଂ କରୁଥିବା ସମୟରେ ଷ୍ଟେସନ ରୋଡ୍ ଅଞ୍ଚଳର ମମତା ଗେଷ୍ଟ ହାଉସର ରୁମ୍ ନମ୍ବର ୧୦୩ରେ ଚାରି ଜଣ ବ୍ୟକ୍ତି ଚୋରା ଗଞ୍ଜେଇ ଧରି ଉପସ୍ଥିତ ଥିବା ପୁଲିସ ସୂଚନା ପାଇଥିଲା । ତେବେ ଏମାନେ ଗେଷ୍ଟ ହାଉସରୁ ଗଞ୍ଜେଇ ନେଇ ଖସିଯିବାର ସମ୍ଭାବନା ଥିବାରୁ ପୁଲିସ ଗେଷ୍ଟ ହାଉସର ୧୦୩ ନମ୍ବର ରୁମ୍‌ରେ ଚଢାଉ କରିଥିଲା । ଆଉ ଏଠାରୁ ଚାରି ଜଣଙ୍କୁ ଗିରଫ କରିବା ସହ ଗଞ୍ଜେଇ ଏବଂ ଅନ୍ୟାନ୍ୟ ସାମଗ୍ରୀ ଜବତ କରିଥିବା ସୂଚନା ଦେଇଛନ୍ତି ବ୍ରହ୍ମପୁର ଏସପି।

ଜୟଦେବ ବିହାରରେ ବୋ ଷ୍ଟ୍ରିଙ୍ଗ ଗାର୍ଡର ବ୍ରିଜ୍

## ନିର୍ମାଣ ହେବ ୩ଟି ଫ୍ଲାଏଓଭର

**ପୂଜା ପରେ ଟେଣ୍ଡର**

**ଭୁବନେଶ୍ୱର, ୨୮।୯ (ସଂଚାର ବ୍ୟୁରୋ) :** ରାଜ୍ୟରେ ବିଜେପି ସରକାର କ୍ଷମତାକୁ ଆସିବା ପରେ ରାଜଧାନୀ ଭୁବନେଶ୍ୱରରେ ଯାତାୟାତଜନିତ ସମସ୍ୟା ଦୂର କରିବା ଦିଗରେ କ୍ରମାଗତ ଭାବେ ପଦକ୍ଷେପମାନ ନିଆଯାଉଛି। ଏହି କ୍ରମରେ ଆଜି ଜୟଦେବ ବିହାର ଛକରେ ନିର୍ମାଣ ହେବ ବୋ ଷ୍ଟ୍ରିଙ୍ଗ ଗାର୍ଡର ବ୍ରିଜ୍ ନିର୍ମାଣ ଦିଗରେ ପଦକ୍ଷେପ ନେଇଛନ୍ତି। ଏହି ନିଷ୍ପତ୍ତି ଅନୁସାରେ, ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ ପାଖରୁ ଆରମ୍ଭ ହୋଇ ଜୟଦେବ ବିହାରରେ ୧୬ ନମ୍ବର ଜାତୀୟ ରାଜପଥ ଉପରେ ଥିବା ଓଭରବ୍ରିଜ୍ ଦେଇ ଏହି ଅତ୍ୟାଧୁନିକ ବ୍ରିଜ୍ ନିର୍ମାଣ ହେବ। ଜୟଦେବ ବିହାର-ନନ୍ଦନକାନନ ରାସ୍ତାରେ ଟ୍ରାଫିକ ସମସ୍ୟା ଦୂର ପାଇଁ ନୂଆ ଯୋଜନା ପ୍ରସ୍ତୁତ ହୋଇଛି। ଚଉଡ଼ା ହେବ ଜୟଦେବ ବିହାରରୁ ରଘୁନାଥପୁର ପର୍ଯ୍ୟନ୍ତ ଲମ୍ବିଥିବା ୧୧ କିମି ଦୈର୍ଘ୍ୟବିଶିଷ୍ଟ ରାସ୍ତା। ଖୁବଶୀଘ୍ର ଏ ନେଇ ଟେଣ୍ଡର ଆହ୍ୱାନ କରାଯିବ। ଦଶହରା ପୂଜା ଛୁଟି ପରେ ଏନେଇ ଠୋସ୍ ପଦକ୍ଷେପ ନିଆଯିବାର ସମ୍ଭାବନା ରହିଛି। ଜୟଦେବ ବିହାର ଛକରୁ ନନ୍ଦନକାନନ ପର୍ଯ୍ୟନ୍ତ ରାସ୍ତା ଏବେ ରାଜଧାନୀର ସବୁଠାରୁ ବ୍ୟସ୍ତବହୁଳ ଓ ଜନଗହଳିପୂର୍ଣ୍ଣ ରାସ୍ତାରେ ପରିଣତ ହୋଇଛି। ପୂର୍ବାହ୍ନ ୯ଟାରୁ ରାତି ୯ଟା ପର୍ଯ୍ୟନ୍ତ ଏହି ରାସ୍ତାରେ ଯାତ୍ରୀମାନେ ଟ୍ରାଫିକ ଯନ୍ତ୍ରଣା ଭୋଗୁଛନ୍ତି। ପୂର୍ବରୁ ଏହି ରାସ୍ତା ପାଇଁ ଅନେକ ଯୋଜନା ପ୍ରସ୍ତୁତ ହୋଇଥିଲା। ଏବେ ନୂଆ ସରକାର ଏହି ରାସ୍ତା ସଂକ୍ରାନ୍ତରେ ନୂଆ ଯୋଜନା ପ୍ରସ୍ତୁତି ଉପରେ ଗୁରୁତ୍ୱ ଦେଉଛନ୍ତି। ପୂର୍ତ୍ତ ବିଭାଗ ଟିମ୍ ମଧ୍ୟ ଜୟଦେବ ବିହାର-ନନ୍ଦନକାନନ ରାସ୍ତାର ସମ୍ପ୍ରସାରଣ ଯୋଜନାକୁ କାର୍ଯ୍ୟକାରୀ କରିବା ଦିଗରେ ପୂରା ଦମ୍‌ରେ ଲାଗିପଡ଼ିଛି।

ଯୋଜନାନୁସାରେ, କଳିଙ୍ଗ ଷ୍ଟାଡିୟମ ନିକଟରୁ ଜୟଦେବ ବିହାର ଓଭରବ୍ରିଜ୍ ଉପର ଦେଇ ଅତ୍ୟାଧୁନିକ ବୋ ଷ୍ଟ୍ରିଙ୍ଗ ଗାର୍ଡର ବ୍ରିଜ୍ ନିର୍ମାଣ ହେବା ଫଳରେ ଉକ୍ତ ବ୍ରିଜ୍ ତଳେ ଜୟଦେବ ବିହାର ଛକରେ ଭିଡ଼ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇବ। ତେବେ ସବୁଠାରୁ ବଡ଼ କଥା ହେଲା ଯେ କଳିଙ୍ଗ ଷ୍ଟାଡିୟମ ପଟୁ ଜୟଦେବ ବିହାର ଛକ ଆରପଟକୁ ଯିବାକୁ ଚାହୁଁଥିବା ଗାଡ଼ିମୋଟର ସିଧା ଏହି ବ୍ରିଜ୍ ଉପରେ ଚଢ଼ିବେ। ଜୟଦେବ ବିହାର ଛକ ପାଖରୁ ରଘୁନାଥପୁର ପର୍ଯ୍ୟନ୍ତ ଏବେ ୪ ଲେନ୍‌ବିଶିଷ୍ଟ ରାସ୍ତା ଥିବାବେଳେ ଏହାକୁ ୬ ଲେନ୍‌ବିଶିଷ୍ଟ କରାଯିବ।

## ମା' ସମଲେଶ୍ୱରୀ କାଳରାତ୍ରି ରୂପରେ ପୂଜା ପାଉଛନ୍ତି ମା' ଦୁର୍ଗା

**ବଲାଙ୍ଗିର, ୨୮।୯ (ସଂଚାର ବ୍ୟୁରୋ):** ନବଦିନ ବ୍ୟାପି ମା'ଙ୍କ ଶାରଦୀୟ ନବରାତ୍ରି ଅବସରରେ ଚଳଚଞ୍ଚଳ ଶକ୍ତିପୀଠ। ଆଜି ପୀଠରେ ନବରାତ୍ର ପୂଜାର ସପ୍ତମ ଦିନରେ ମା' ଦୁର୍ଗା ମା' ସମଲେଶ୍ୱରୀ, ମା' ପାଟନେଶ୍ୱରି, ମା' କୁଶଙ୍ଗେଇ ଭକ୍ତମାନଙ୍କୁ କାଳରାତ୍ରି ରୂପରେ ଦର୍ଶନ ଦେଉଛନ୍ତି। ଜିଲ୍ଲାର ସମସ୍ତ ଦେବୀ ପୀଠ ସମେତ ବିଭିନ୍ନ ପଡ଼ାରେ ଅନୁଷ୍ଠିତ ହେଉଥିବା ନବ ଦିନାତ୍ମକ ଦୁର୍ଗା ପୂଜା ମେଢ଼ରେ ଆଜି ମା' କାଳରାତ୍ରି ରୂପରେ ପୂଜା ପାଉଛନ୍ତି। ପ୍ରଥମେ ଶୈଳପୁତ୍ରୀ, ବ୍ରହ୍ମଚାରିଣୀ, ଚନ୍ଦ୍ରଘଣ୍ଟା, କୁଷ୍ମାଣ୍ଡା, ସ୍କନ୍ଦମାତା, କାତ୍ୟାୟନୀ ପରେ ଆଜି ମା' କାଳରାତ୍ରି ସ୍ୱରୂପରେ ଧରାପୃଷ୍ଠରେ ଦର୍ଶନ ଦେଉଛନ୍ତି। ମା' ଆଜି ତ୍ରିନେତ୍ର ସହିତ ହାତରେ ଲୌହ ଖଡ଼ଗ ଓ ଖର୍ପର ଏବଂ ରାତ୍ରି ଅନ୍ଧକାର ସଦୃଶ୍ୟ କଳା ଶରୀର ଧାରଣ କରିଛନ୍ତି।ନବରାତ୍ରିରେ ମା'ଙ୍କ ଏହି ସ୍ୱରୂପକୁ ଆରାଧନା କଲେ ରିଦ୍ଧି ଓ ସିଦ୍ଧି ପ୍ରାପ୍ତ ହୋଇଥାଏ। କ୍ରୋଧର ବିନାଶ ପାଇଁ ମା'ଙ୍କ କାଳରାତ୍ରି ସ୍ୱରୂପର ଉପାସନା କରାଯାଏ। ସପ୍ତମୀ ତିଥିରେ ସାର୍ବଜନୀନ ଦୁର୍ଗାପୂଜା ସମୟରେ ମା'ଙ୍କ ନେତ୍ର ଉନ୍ମୀଳିତ ହୋଇଥାଏ ବା ଖୋଲିଥାଏ। କଲତାରୀଙ୍କ ସ୍ୱରୂପ ଭୟଙ୍କର ହୋଇଥିଲେ ମଧ୍ୟ ମା ସନ୍ତାନ ବତ୍ସଳା। ତାଙ୍କ ତ୍ରିନେତ୍ରରୁ ଅଗ୍ନି ସ୍ଫୁଲିଙ୍ଗ ନିର୍ଗତ ହେଉଥିଲେ ମଧ୍ୟ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ କରୁଣା ଓ ସ୍ନେହ ବର୍ଷା ହୋଇଥାଏ। ମା କାଳରାତ୍ରିଙ୍କର ଦିବସ ପୂଜା ରହିଛି।



## ଏନକାଉଣ୍ଟରରେ ୩ ଆତଙ୍କୀ ନିପାତ

**ଶ୍ରୀନଗର,୨୮।୯:** ଜମ୍ମୁ-କାଶ୍ମୀରର କୁପୱାଡାରେ ୩ ଆତଙ୍କୀଙ୍କୁ ସୁରକ୍ଷାକର୍ମୀଙ୍କ ତରଫରୁ ଏନକାଉଣ୍ଟର କରାଯାଇଛି। ସୁରକ୍ଷା ବାହିନୀ ଏକ ଅନୁପ୍ରବେଶ ଉଦ୍ୟମକୁ ପଣ୍ଡ କରିଛନ୍ତି। ଏହି ଅପରେସନରେ ଦୁଇଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ଆଜି ସକାଳେ ଉତ୍ତର କାଶ୍ମୀରର କୁପୱାଡା ଜିଲ୍ଲାର କେରାନ ସେକ୍ଟରର ହାଇଦର ପୋଷ୍ଟରେ ଅନୁପ୍ରବେଶ ବିରୋଧୀ ଅଭିଯାନ ସମୟରେ ସୁରକ୍ଷା ବାହିନୀ ଦୁଇଜଣ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲେ। ଅନୁପ୍ରବେଶକାରୀ ଆତଙ୍କବାଦୀମାନେ ସୁରକ୍ଷା ବାହିନୀର ଏକ ଦଳକୁ ଚ୍ୟାଲେଞ୍ଜ କରିଥିଲେ। ଆତଙ୍କବାଦୀମାନଙ୍କୁ ରୋକିବା ପାଇଁ ସୁରକ୍ଷା ବାହିନୀ ଗୁଳି ଚଳାଇଥିଲେ, ଯେଉଁଥିରେ ୩ଜଣ ନିହତ ହୋଇଥିଲେ। ସୀମାପାର ଗୁଳିଚାଳନା ଆଶଙ୍କା ହେତୁ କଡ଼ା ସୁରକ୍ଷା ମଧରେ ସ୍ଥାନାନ୍ତର ଅଭିଯାନ ଚାଲିଛି। ନିହତ ଆତଙ୍କବାଦୀଙ୍କ ପରିଚୟ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇନାହିଁ। ଗତ ଆଠଦିନ ମଧରେ ଏହା ସେନା ଏବଂ ଆତଙ୍କବାଦୀଙ୍କ ମଧରେ ଦ୍ୱିତୀୟ ଏନକାଉଣ୍ଟର। ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି ଯେ, ସୁରକ୍ଷା ବାହିନୀ ଏହି ପାର୍ଶ୍ୱରେ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିବା ଆତଙ୍କବାଦୀଙ୍କ ଏକ ଗୋଷ୍ଠୀକୁ ଚ୍ୟାଲେଞ୍ଜ କରିଥିଲେ। ଗୁଳି ବିନିମୟ ସମୟରେ ହାଇଦର ଚୌକି ନିକଟରେ ୩ଜଣ ଆତଙ୍କବାଦୀ ନିହତ ହୋଇଛନ୍ତି। ନିହତ ଆତଙ୍କବାଦୀଙ୍କ ପରିଚୟ ଚିହ୍ନଟ କରାଯାଉଛି। ଅନ୍ୟପକ୍ଷରେ ଏକ ସର୍ଚ୍ଚ ଅପରେସନ୍ ଜାରି ରହିଛି।

● ଆଉ ରହିଲା ମାତ୍ର ୨ ଦିନ

## ୩୦ ସୁଦ୍ଧା ଇକେୱାଇସି ନକଲେ ମିଳବନି ମାଗଣା ଚାଉଳ

**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଆଉ ମାତ୍ର ୨ଦିନ ରହିଲା। ସେପ୍ଟେମ୍ବର ୩୦ ତାରିଖ ହେଉଛି ଡେଡଲାଇନ୍। ଅବଧି ଭିତରେ ଇକେୱାଇସି ନକଲେ ହିତାଧିକାରୀଙ୍କୁ ମିଳବନି ମାଗଣା ଚାଉଳ। ବାରମ୍ବାର ଡେଡଲାଇନ୍ ପରିବର୍ତ୍ତନ ପରେ ବି ଏବେ ସୁଦ୍ଧା ୧୬ ଲକ୍ଷ ୩୬ ହଜାର ହିତାଧିକାରୀ ଇ-କେୱାଇସି କରିନାହାନ୍ତି। ତେବେ ଆଉ ଡେଡଲାଇନ୍ ଅବଧି ବଢ଼ାଯିବନି ବୋଲି ମନ୍ତ୍ରୀ କହିଛନ୍ତି। ସେପଟେ ଇ-କେୱାଇସି କରିବାରେ ଅନେକ ସମସ୍ୟା ହେଉଥିବା ଡିଲର୍ ଆସୋସିଏସନ୍ ଅଭିଯୋଗ ଆଣିଛି। ଆଉ ବଢ଼ିବନି ଡେଡ୍ ଲାଇନ। ମାଗଣା ଚାଉଳରୁ କଟିବେ ୧୬ ଲକ୍ଷ ହିତାଧିକାରୀ। ରାଜ୍ୟରେ ଜୁନ ୩୦ରୁ ଇ- କେୱାଇସି ପ୍ରକ୍ରିୟାକୁ ଶେଷ କରିଛନ୍ତି ସରକାର। ଯେଉଁମାନେ ଇ- କେୱାଇସି କରି ନାହାନ୍ତି , ସେମାନଙ୍କ ରାସନ ସାମଗ୍ରୀ ବନ୍ଦ ହୋଇଯାଇଛି । ଯେଉଁମାନେ ସେପ୍ଟେମ୍ବର ୩୦ ତାରିଖ ସୁଦ୍ଧା ଇ- କେୱାଇସି କରିବେ, ସେମାନ ପୁଣି ଥରେ ରାସନ ପାଇବେ ବୋଲି ଘୋଷଣା କରିଥିଲେ ସରକାର। ଏହି ପ୍ରକ୍ରିୟା ୨ଦିନ ପରେ ଶେଷ ହେବାକୁ ଯାଉଛି । ବାରମ୍ବାର ଡେଡ୍ଲାଇନ ପରିବର୍ତ୍ତନ ପରେ ବି ଏବେ ସୁଦ୍ଧା ୧୬ ଲକ୍ଷ ୩୬ ହଜାର ହିତାଧିକାରୀ ଇ-କେୱାଇସି କରି ନାହାନ୍ତି। ଫଳରେ ସେମାନେ ମାଗଣା ରାସନରୁ ବଞ୍ଚିତ ହେବାକୁ ଯାଉଛନ୍ତି। ଦେଖିବା କେଉଁ ଜିଲ୍ଲାରୁ କେତେ ଲୋକକରି ନାହାନ୍ତି ଇ-କେୱାଇସି। ଗଂଜାମରୁ ୧ ଲକ୍ଷ ୬୪ ହଜାର, କଟକରୁ ୯୧ ହଜାର, ମୟୁରଭଞ୍ଜରୁ ୮୭ ହଜାର, ବଲାଙ୍ଗିରରୁ ୮୩ ହଜାର, ବାଲେଶ୍ୱରରୁ ୮୩ ହଜାର ଓ କଳାହାଣ୍ଡିରୁ ୮୨ ହଜାର ଲୋକ ତାଲିକାରୁ ବାଦ ପଡିବାକୁ ଯାଉଛନ୍ତି। ସେହିପରି ଦେବଗଡରୁ ସର୍ବନିମ୍ନ ୧୦ ହଜାର ଲୋକ ଇ- କେୱାଇସି କରି ନାହାନ୍ତି। ଇ- କେୱାଇସି ଅବଧି ରାଜ୍ୟ ସରକାର ଆଉ ବଢ଼ିବ ନାହିଁ ବୋଲି ସ୍ପଷ୍ଟ କହିଛନ୍ତି ଯୋଗାଣ ମନ୍ତ୍ରୀ।ଅନେକ ଯୋଗ୍ୟ ହିତାଧିକାରୀ ନିଜର ଇ-କେୱାଇସି କରି ନ ଥିବା ସାମ୍ନାକୁ ଆସିଛି। ତେଣୁ ସରକାର ଅବଧି ବଢ଼ାଇବାକୁ ସେମାନେ ଦାବି କରିଛନ୍ତି। ସେପଟେ ଇ- କେୱାଇସି କରିବାରେ ଅନେକ ସମସ୍ୟା ହେଉଥିବା ଅଭିଯୋଗ ଆଣିଛି ଡିଲର ଆସୋସିଏସନ। ନେଟୱାର୍କ ସମସ୍ୟାକୁ ମୁଖ୍ୟତଃ ଦାୟୀ କରିଛନ୍ତି। ଏହାସହ ଛୋଟ ପିଲା ଓ ବୟସ୍କ ବର୍ଗଙ୍କ ଫିଙ୍ଗର ପ୍ରିଣ୍ଟ ସମସ୍ୟାକୁ ସମାଧାନ ପାଇଁ ଦାବି ହୋଇଛି। ଯେମିତି ଯୋଗ୍ୟ ହିତାଧିକାରୀ ବାଦ ନ ପଡନ୍ତି ସରକାର ତା ଉପରେ ନଜର ଦେବା ଆବଶ୍ୟକ ବୋଲି କହିଛି ଡିଲର ସଂଘ। ବର୍ତ୍ତମାନ ସୁଦ୍ଧା ୩୦ ହଜାର ୧୨୫ ଅଯୋଗ୍ୟ ଓ ୬ ଲକ୍ଷ ୩୮ ମୃତ ବ୍ୟକ୍ତିଙ୍କୁ ଚିହ୍ନଟ କରାଯାଇଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବିହାର ...

ତାଙ୍କ ପରଲୋକ ପରେ ଚଳିତ ବିଧାନସଭାରେ ବିଜେଡି ବିଧାୟକ ସଂଖ୍ୟା ୫୦କୁ ହ୍ରାସ ପାଇଛି। ଆଗାମୀ ଦିନରେ ବିହାର ବିଧାନସଭା ସାଧାରଣ ନିର୍ବାଚନ ଓ ଜମ୍ମୁ-କଶ୍ମୀରର ବୁଡଗାମ୍ ଓ ନଗ୍ରୋଟା, ରାଜସ୍ଥାନର ଆଣ୍ଟା, ଝାଡ଼ଖଣ୍ଡର ଘାଟଶିଲା, ତେଲଙ୍ଗାନାର ଜୁବଲିହିଲ୍ସ, ପଞ୍ଜାବର ତରଣ ତାରଣ, ମିଜୋରାମର ଡାମ୍ପା ବିଧାନସଭା ଆସନରେ ନିର୍ବାଚନ ଅନୁଷ୍ଠିତ ହେବ।

### ଉତ୍ତରାଧିକାରୀ...

ବାଧ୍ୟବାଧକତାର ଫାଇଦା ନେଉଛନ୍ତି ନବୀନ। ଏହି କ୍ରମରେ ନବୀନ ବିଜେଡିକୁ ପୁଣି ଯୁବକ କରିବାକୁ ପ୍ଲାନ କରୁଛନ୍ତି। ତେବେ ଏ ଭିତରେ କିଛି ଯୁବ ନେତାଙ୍କୁ ସୁରକ୍ଷା ଦେବାକୁ ସେ ବିଜେପି ସହ ଅନେକ ପ୍ରସଙ୍ଗରେ ରାଜନୈତିକ ସାଲିସ କରୁଛନ୍ତି ଆଉ ଏହି ସାଲିସ ନବୀନଙ୍କ ପ୍ଲାନକୁ ଯଥେଷ୍ଟ ବ୍ୟାକଫୁଟକୁ ନେଇଯାଉଛି।

### ପରୀକ୍ଷା...

ଏବଂ କଳାର କେତେକ ବିଷୟକୁ ଏଥିରେ ସାମିଲ କରାଯାଇଛି। ୧୫ ଦିନରୁ ମାସକ ଭିତରେ ସମସ୍ତ ବିଷୟ ଏଥିରେ ଉପଲବ୍ଧ ହେବ। ଏଆଇ ଆଧାରିତ ଶିକ୍ଷା ଛାତ୍ରଛାତ୍ରୀଙ୍କୁ ନିଜର ଯୋଗ୍ୟତା ପରଖିବା ସହ ଅଧିକରୁ ଅଧିକ ନିଜ ପାଠକୁ ବୁଝିବାରେ ସାହାଯ୍ୟ କରିବ। ଅଭ୍ୟାସ ଓ ମକ୍ ଟେଷ୍ଟ ଦ୍ୱାରା ଛାତ୍ରଛାତ୍ରୀମାନେ ବିଭିନ୍ନ ଅଧ୍ୟାୟ ଓ ବିଷୟଭିତ୍ତିକ ଅଭ୍ୟାସ ପ୍ରଶ୍ନପତ୍ର ସହ ଉତ୍ତରର ଫଳାଫଳ ଟ୍ରାକିଂ ସୁବିଧା ପାଇପାରିବେ। ଏସବୁ ପାଇଁ ଛାତ୍ରଛାତ୍ରୀଙ୍କୁ ସହଯୋଗ କରିବ ଏଆଇ ମେଣ୍ଟର। ଆଗକୁ କଲେଜରେ ଏକା ସାଙ୍ଗରେ ଏଆଇ ପ୍ରଶ୍ନ ଆଧାରରେ ପରୀକ୍ଷା ପରିଚାଳନା କରିବାକୁ ବି ଲକ୍ଷ୍ୟ ରଖିଛି ପରିଷଦ।

### ଖୋଲିବ...

ମୃତ୍ୟୁ ଘଟଣାର ସିବିଆଇ ତଦନ୍ତ ପାଇଁ ଦାବି କରିଛନ୍ତି। ସେମାନେ କହିଛନ୍ତି ଯେ ମମିତାଙ୍କୁ ଗୋବିନ୍ଦ ହତ୍ୟା କରିନଥିଲେ। ବରଂ ମମିତାଙ୍କ ହତ୍ୟାକାରୀ ଗୋବିନ୍ଦଙ୍କୁ ହତ୍ୟା କରିଛି। ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇବା ପାଇଁ ଉକ୍ତ ଅପରାଧୀ ଗୋବିନ୍ଦଙ୍କୁ ଜେଲ୍ ଭିତରେ ହତ୍ୟା କରିଥିବା ପରିବାର ଲୋକେ ସେମାନଙ୍କ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି। ଏଥିସହ ପରିବାର ଲୋକେ ଏବେବି ଭୟଭୀତ ଅବସ୍ଥାରେ ଜୀବନ ଅତିବାହିତ କରୁଥିବା ସେମାନେ ଦର୍ଶାଇଛନ୍ତି। ଗୋବିନ୍ଦଙ୍କ ପରିବାର ଲୋକେ ପୂର୍ବତନ ବିରୋଧୀ ଦଳ ନେତା ତଥା ପୂର୍ବତନ ଭବାନୀପାଟଣା ବିଧାୟକ ପ୍ରଦୀପ୍ତ ନାୟକଙ୍କ ନେତୃତ୍ୱରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଛନ୍ତି। ତେବେ ବିଗତ ଦିନରେ ଅନ୍ୟତମ ଚର୍ଚ୍ଚିତ ହତ୍ୟାକାଣ୍ଡ ନବ ଦାସଙ୍କ ପରିବାର ଲୋକେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ମାମଲାର ସିବିଆଇ ତଦନ୍ତ ପାଇଁ ଦାବି କରିଥିଲେ। ତେଣୁ ଗୋବିନ୍ଦଙ୍କ ପରିବାର ଲୋକେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଥିବାରୁ ଆଗାମୀ ଦିନରେ ଦିବ୍ୟ ଓ ଅନ୍ୟାନ୍ୟ ବିଜେଡି ନେତାଙ୍କ ସମସ୍ୟା ବଢ଼ିବା ନେଇ ଆଲୋଚନା ହେଉଛି।

### ସାମାଜିକ...

ନିର୍ମାଣ ଶୈଳୀ ଆମ ଓଡ଼ିଆ ଜାତିର ବୈଜ୍ଞାନିକ ଚିନ୍ତାଧାରା ଓ ସାମାଜିକ ବ୍ୟବସ୍ଥାର ପ୍ରତିଫଳନ। ଓଡ଼ିଶା ଭାଷା ଓ ସାହିତ୍ୟର ମଧ୍ୟ ସୁଦୀର୍ଘ ଇତିହାସ ରହିଛି। ସିଦ୍ଧ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣ ନାରୀ ସଶକ୍ତୀକରଣର ଅନ୍ୟତମ ପ୍ରତୀକ। ଏହି ସମସ୍ତ ବ୍ୟବସ୍ଥା ଓ ସାହିତ୍ୟର ମୂଳରେ ଅନ୍ତର୍ନିହିତ ବୈଜ୍ଞାନିକ, ସାମାଜିକ ଓ ଅର୍ଥନୈତିକ ଦର୍ଶନ ରହିଛି। ଆଗାମୀ ୨୦୩୬ରେ ଓଡ଼ିଶା ଭାଷାଭିତ୍ତିକ ରାଜ୍ୟ ଭାବେ ସ୍ୱତନ୍ତ୍ର ପରିଚୟ ପାଇବାର ୧୦୦ ବର୍ଷ ପୂରଣ କରିବ। ସେହପରି ଆଗାମୀ ୨୦୪୭ରେ ଦେଶ ସ୍ୱାଧୀନତାର ଶତବାର୍ଷିକୀ ପାଳନ କରିବ। ଏପରି ସ୍ଥିତିରେ ଇତିହାସକୁ ପ୍ରାଥମିକତା ଦେଇ ଓଡ଼ିଶା ଗବେଷଣା କେନ୍ଦ୍ର ମାଧ୍ୟମରେ ଗବେଷଣା ଓ ତଥ୍ୟ ଆଧାରରେ ଯୁବପିଢ଼ି ପାଖରେ ସବୁ ବିଷୟ ଉପସ୍ଥାପନା କରିବା ଆମର ଲକ୍ଷ୍ୟ ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ଓଡ଼ିଶା ଅପାର ସମ୍ଭାବନାର ରାଜ୍ୟ। ପ୍ରଧାନମନ୍ତ୍ରୀଙ୍କ ପୂର୍ବୋଦୟ କଳ୍ପନାରେ ଓଡ଼ିଶାରେ ନ୍ୟୁ ଏଜ୍ ଇକୋନୋମି ତିଆରି କରିବା ସମୟର ଆବଶ୍ୟକତା। ରାଜ୍ୟର ପ୍ରତିଟି ଜିଲ୍ଲା ଶିକ୍ଷା, ଐତିହ୍ୟ, କଳା, ସଂସ୍କୃତି, ଇତିହାସ ଓ ସାହିତ୍ୟ ଦୃଷ୍ଟିରୁ ନିଜର ସ୍ୱତନ୍ତ୍ର ପରିଚୟ ବଜାୟ ରଖିଛି। ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ଦେବତା। ଓଡ଼ିଆ ଲୋକମାନେ ସବୁବେଳେ ସାହସୀ। ବାଇମୁଣ୍ଡି, ଧର୍ମପଦ, ବାଜି ରାଉତ ସମୟ ସମୟରେ ଗୋଟିଏ ସମାଜ ଓ ଯୁବପିଢ଼ିର ତ୍ୟାଗ ଓ ସାହସର ପ୍ରତିନିଧିତ୍ୱ କରିଛନ୍ତି। ଏବେ ସମୟ ଆସିଛି, ଆମକୁ ବଡ଼ ସ୍ୱପ୍ନ ଦେଖିବା ପାଇଁ ପଡ଼ିବ। ଗବେଷଣା ମାଧ୍ୟମରେ ଓଡ଼ିଶାର ଥିବା ସବୁ ସମ୍ଭାବନାର ଉପଯୋଗ କରିବା ଦିଗରେ ଆଜିର ଏମଓୟୁ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ଏହି ସମାରୋହରେ ଓଡ଼ିଶାର ଉଚ୍ଚ ଶିକ୍ଷା, କ୍ରୀଡ଼ା ଏବଂ ଯୁବ ସେବା, ଓଡ଼ିଆ ଭାଷା, ସାହିତ୍ୟ ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଆଇଆଇଟି ଖଡଗପୁରର ନିର୍ଦ୍ଦେଶକ ପ୍ରଫେସର ସୁମନ ଚକ୍ରବର୍ତ୍ତୀ, ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକର, ଆଇସିଏସଏସଆରର ମେମ୍ବର ସେକ୍ରେଟାରୀ ପ୍ରଫେସର ଧନଞ୍ଜୟ ସିଂହ, ଟିଆଇଏସଏସର କୁଳପତି ପ୍ରଫେସର ବଦ୍ରି ନାରାୟଣ ତିୱାରୀ, ଓଆର୍‌ସିର ନିର୍ଦ୍ଦେଶକ ପ୍ରଫେସର ଚଣ୍ଡି ପ୍ରସାଦ ନନ୍ଦ, ସିଏସଆଇଆର-ଆଇଏମଏମଟିର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ, ପ୍ରଫେସର କିଶୋର ବାଶା ଏବଂ ପରିଚାଳନା ପରିଷଦର ଅନ୍ୟାନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

### ୩ ମାଓବାଦୀ...

ସମୟରେ ମାଓବାଦୀଙ୍କ ସହ ସେମାନଙ୍କର ଗୁଳିବିନିମୟ ହୋଇଥିଲା। ଏହି ଏନ୍‌କାଉଣ୍ଟର୍‌ରେ ସୁରକ୍ଷାକର୍ମୀଙ୍କୁ କାଙ୍କେର୍ ଓ ଗରିଆବନ୍ଦ ପୁଲିସ୍ ମଧ୍ୟ ସହଯୋଗ କରିଥିଲା। ଏହି ଏନ୍‌କାଉଣ୍ଟର୍‌ରେ ମୃତ୍ୟୁବରଣ କରିଥିବା ମାଓବାଦୀମାନେ ହେଲେ ମେନପୁର-ନୂଆପଡ଼ା କମିଟିର ସମନ୍ୱୟ ଓ ପ୍ରୋଟେକ୍ସନ ଟିମ୍ ସଦସ୍ୟ ବସନ୍ତି କୁଞ୍ଜାମ, ନଗରୀ ଏରିଆ କମିଟି ତଥା ଗୋବରା ଏଲଓଏସ କମାଣ୍ଡର ରାଜେଶ ଓ ମେନପୁର-ନୂଆପଡ଼ା ସମନ୍ୱୟ ଟିମ୍ ସଦସ୍ୟ ସରବନ୍ ମଡକମ୍। ଏହି କୁଖ୍ୟାତ ମାଓବାଦୀମାନଙ୍କୁ ଧରାଇଦେବା ସକାଶେ ସ୍ଥାନୀୟ ପୁଲିସ୍ ପ୍ରଶାସନ ପକ୍ଷରୁ ୧୪ ଲକ୍ଷ ଟଙ୍କାର ପୁରସ୍କାର ରାଶି ଧାର୍ଯ୍ୟ କରାଯାଇଥିଲା। ଏଥିରୁ ମଧ୍ୟରୁ ସରବନ୍ ନାଁରେ ୮ ଲକ୍ଷ, ରାଜେଶ ନାଁରେ ୫ ଲକ୍ଷ ଓ ବସନ୍ତି ନାଁରେ ଲକ୍ଷେ ଟଙ୍କା ଥିଲା। ଏଥିସହ ଏହି ମାଓବାଦୀମାନଙ୍କ ନିକଟରୁ ସୁରକ୍ଷାକର୍ମୀମାନେ ଗୋଟିଏ ଏସ୍‌ଏଲ୍‌ଆର୍, ଗୋଟିଏ ୩୦୩ ଓ ଗୋଟିଏ ୧୨ ବୋର୍ ବନ୍ଧୁକ ସହ ବ୍ୟାପକ ପରିମାଣର ମାଓ ସାମଗ୍ରୀ ମଧ୍ୟ ଜବତ କରିଥିବା ଜଣାପଡ଼ିଛି।

### ତଦନ୍ତ...

ଏପ୍ରିଲ୍ ୧୧ ତାରିଖରେ ବିଭାଗୀୟ ଅନୁ ସଚିବ ଚନ୍ଦ୍ରପତି ପ୍ରଧାନ ଏହାର ତୁରନ୍ତ ତଦନ୍ତ କରିବାକୁ କହିଥିଲେ। ଚିଠି ନଂ. ୬୪୬୭ରେ ଓଡ଼ିଶା ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକଙ୍କୁ ତଦନ୍ତ ଭାର ଦିଆଯାଇଥିଲା। ଗାଇଡ୍‌ଲାଇନ୍ ଅନୁସାରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚିଠିରେ ଅନୁ ସଚିବ ଉଲ୍ଲେଖ କରିଥିଲେ। ତଥାପି କାର୍ଯ୍ୟାନୁଷ୍ଠା ନିଆଯିବା ବଦଳରେ ଯୋଗାଣ ନିଗମ ଶ୍ରୀ ପଣ୍ଡାଙ୍କୁ ଅନୁକମ୍ପା ଦେଖାଇଥିବା ଜଣାପଡ଼ିଛି। ଏପରିକି ସାଧାରଣ ପ୍ରଶାସନ (ଭିଜିଲାନ୍ସ)ରେ ହୋଇଥିବା ଅଭିଯୋଗର ବି ତଦନ୍ତ ହୋଇନଥିବା ବିଭାଗୀୟ ଡେପୁଟି ସଚିବ ଚିଠି ନଂ. ୭୦୦୫ରେ ଜଣାଇଥିଲେ। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପ୍ରମୁଖ ସଚିବଙ୍କୁ ଏ ସମ୍ପର୍କିତ ଚିଠି ଦିଆଯାଇଥିବା ସାମ୍ନାକୁ ଆସିଛି। ସୂଚନାନୁସାରେ, ଗତ ଫେବୃଆରି ୧୧ ତାରିଖରେ ଯୋଗାଣ ନିଗମ ପରିଚାଳନା ନିର୍ଦ୍ଦେଶକ ଆଇଏଏସ୍ ଶୁଭମ ସାକ୍ସେନା ତୁରନ୍ତ ତଦନ୍ତ ନିର୍ଦ୍ଦେଶ ଦେଇଥିଲେ। ଗଞ୍ଜାମ ଜିଲ୍ଲାପାଳଙ୍କୁ ପତ୍ରସଂଖ୍ୟା ୨୩୮୩ରେ ଚିଠି ଲେଖି ଶ୍ରୀ ସାକ୍ସେନା ତଦନ୍ତ ରିପୋର୍ଟ ଓ ଆକ୍ସନ ଟେକେନ୍ ରିପୋର୍ଟ ଦାଖଲ ଲାଗି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୧୨ ତାରିଖରେ ଚିଠି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ ବି ଏନେଇ କୌଣସି ତଦନ୍ତ ହୋଇନଥିଲା। ଲେବୁଲ-୨ କଣ୍ଟ୍ରାକ୍ଟର ଟେଣ୍ଡର ନିୟମକୁ ଉଲ୍ଲଂଘନ ଅଭିଯୋଗରେ ସନତ ପଣ୍ଡାଙ୍କ ଟେଣ୍ଡର ବାତିଲ ହେବା କଥା। ତାଙ୍କୁ କଳା ତାଲିକାଭୁକ୍ତ କରି କଷ୍ଟମ ମିଲର୍ସ ଅନୁମତି ବି ରଦ୍ଦ ହେବା କଥା। ହେଲେ ସେମିତି କିଛି ବି ହେଲାନାହିଁ। ଜିଲ୍ଲାପାଳ ଚୁପ ରହିଲେ। ଜିଲ୍ଲା ଯୋଗାଣ ଅଧିକାରୀ ବି ନିରବ ରହିଲେ। ଏପରିକି ଏ ବାବଦରେ ସବୁ ପ୍ରମାଣ ଥିଲେ ବି କେହି କିଛି କାର୍ଯ୍ୟାନୁଷ୍ଠାନ ନେଲେନାହିଁ। ଏମିତିରେ ୬ ମାସ ବିତିଗଲାଣି। ଏହି ୬ ମାସରେ ସୋରଡ଼ା ଓ ପୁରୁଷୋତ୍ତମପୁର ବ୍ଲକରେ ସନତ ପଣ୍ଡା କେତେ କୋଟିର କାରବାର କରିଛନ୍ତି, ତାହାର ତଦନ୍ତ ଜରୁରୀ ହୋଇପଡ଼ିଛି।

### ଆଶା...

ଉଭୟ ରାଜ୍ୟରେ ବିଜେପି ସରକାର ଥିବାରୁ ଆପୋଷ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ନେଇ ଦୁଇ ରାଜ୍ୟ ସୂଚନା ଦେଇଛନ୍ତି। ଏହି ଦୁଇ ରାଜ୍ୟ ବ୍ୟତୀତ ପଡୋଶୀ ପଶ୍ଚିମବଙ୍ଗ ସହିତ ମଧ୍ୟ କେତେକ ଅଞ୍ଚଳକୁ ନେଇ ଓଡିଶାର ସୀମା ବିବାଦ ରହିଛି। ସୁବର୍ଣ୍ଣରେଖା ନଦୀ ବାଲିକୁ ନେଇ ମଧ୍ୟ ଦୀର୍ଘଦିନରୁ ବିବାଦ ରହିଛି। ଆନ୍ଧ୍ର, ଛତିଶଗଡ ସହିତ ପଶ୍ଚିମବଙ୍ଗ ସହିତ ଲାଗି ରହିଥିବା ବିବାଦ ମଧ୍ୟସ୍ଥତା ଜରିଆରେ ସମାଧାନ ହେବବୋଲି ଏବେ ଆଶା ବଢ଼ିବାରେ ଲାଗିଛି। ଓଡିଶାରେ ଏବେ ବିଜେପି ସରକାର ଥିବାବେଳେ ଛତିଶଗଡରେ ବି ବିଜେଡି ସରକାର ଚାଲିଛି। ଆନ୍ଧ୍ରରେ ଚନ୍ଦ୍ରବାବୁ ନାଇଡୁଙ୍କ ସରକାର ଥିବାବେଳେ ଏହା ହେଉଛି ବିଜେପିର ବଡ ସହଯୋଗୀ। ତେଣୁ କେନ୍ଦ୍ର ସରକାର ମଧ୍ୟସ୍ଥତା ପାଇଁ ଆଗେଇ ଆସିଲେ ବିବାଦ ତୁଟିଯିବ ବୋଲି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି। ଏହି ସମ୍ମିଳନୀରେ ସୁପ୍ରିମକୋର୍ଟର ମୁଖ୍ୟ ବିଚାରପତିଙ୍କ ସହିତ ଓଡିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ ଆଇନ୍‌ମନ୍ତ୍ରୀ ଯୋଗ ଦେଇଥିବାବେଳେ ଏମାନଙ୍କ ମଧ୍ୟରୁ ଯଦି କେହି ମଧ୍ୟସ୍ଥତା ପାଇଁ ଆଗେଇ ଆସନ୍ତି ତେବେ ଦୀର୍ଘଦିନର ବିବାଦରେ ପୂର୍ଣ୍ଣଚ୍ଛେଦ ପଡିବ ଏବଂ ରାଜ୍ୟ ସରକାରମାନଙ୍କ ଆଉ ଅଦାଲତରେ ଚକ୍କର କାଟିବାକୁ ପଡିବ ନାହିଁ।

### ଭାରତ ...

ଆରମ୍ଭରୁ ଭାରତୀୟ ବୋଲରଙ୍କ ଉପରେ ପ୍ରବଳ ଆକ୍ରମଣ କରି ପ୍ରଥମ ୱିକେଟ ଯୋଡ଼ିରେ ୮୪ ରନ କରିଥିଲେ। ଫରହାନ ୫୭ ରନ କରିଥିବା ବେଳେ ଜମାନ ୪୬ ରନ କରିଥିଲେ। କିନ୍ତୁ ଭାରତ ପାଇଁ ପ୍ରଥମ ସଫଳତା ଆଣିଥିଲେ ବରୁଣ ଚକ୍ରବର୍ତ୍ତୀ। ସେ ଫରହାନଙ୍କୁ ଆଉଟ କରିଥିଲେ। ଏହା ପରେ ପାକିସ୍ତାନର ବ୍ୟାଟିଂ ବିପର୍ଯ୍ୟୟ ଆରମ୍ଭ ହୋଇଥିଲେ। ୩ୟ ସ୍ଥାନରେ ଆସିଥିଲା ସଲିମ ଆୟୁବ ୧୪ ରନ କରିଥିବା ବେଳେ ଅନ୍ୟ ବ୍ୟାଟ୍ସମ୍ୟାନମାନେ ଦୁଇ ଅଙ୍କ ଛୁଇଁ ପାରିନଥିଲେ। ଭାରତ ପକ୍ଷରୁ କୁଳଦୀପ ଯାଦବ ୪ଟି ୱିକେଟ ନେଇଥିବା ବେଳେ ବରୁଣ ଚକ୍ରବର୍ତ୍ତି, ଅକ୍ଷର ପଟେଲ ଓ ଯଶପ୍ରୀତ ବୁମରା ୨ଟି ଲେଖାଏଁ ୱିକେଟ ନେଇଥିଲେ। ପ୍ରକାଶ ଥାଉକି, ଚଳିତ ଏସିଆ କପରେ ପାକିସ୍ତାନ କ୍ରମାଗତ ଭାରତଠାରୁ ୩ ଥର ପରାଜୟ ବରଣ କରିଛି।



# ଧରାବତରଣ କରିଛନ୍ତି ମହାମାୟା

## ● ସୁଉଚ୍ଚ ତୋରଣ ସହ ଆଖି ଝଲସିଲା ପରି ମେଢ଼

**କାକଟପୁର/ଅସ୍ତରଙ୍ଗ,୨୮।୯ (ସଂଚାର ବ୍ୟୁରୋ):** ଅପେକ୍ଷାରେ ପୂର୍ଣ୍ଣଛେଦ ପଡ଼ିଛି । ମା' ଓ ଭକ୍ତଙ୍କ ମିଳନ ହୋଇଛି । ମା' ଓହ୍ଲାଇଛନ୍ତି ଧରାକୁ । ସୁସଜ୍ଜିତ ପୂଜା ମଣ୍ଡପରେ ବିରାଜିଛନ୍ତି ମା' ଦୁର୍ଗତିନାଶିନୀ । ମା'ଙ୍କ ମୃଣ୍ମୟୀ ପୂଜାର ଆଦ୍ୟ ଲଗ୍ନକୁ ବେଶ୍ ଉତ୍ସୁକତାର ସହ ପ୍ରତ୍ୟକ୍ଷ କରିଛନ୍ତି ଶତାଧିକ ଶ୍ରଦ୍ଧାଳୁ। ଶନିବାର ସନ୍ଧ୍ୟାରୁ ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ ନଈଗୁଆଁ ହୋଇଯାଇଥିଲା ପାର୍ବଣ ମୁଖର । ଝଲମଲ ଆଲୁଅକୁ ସୁଦୃଶ୍ୟ ତୋରଣ ଦେଖିବାକୁ ଆଖି ପାଉନି । ପୁଣି ଦେଖିଲେ ଲେଉଟି ଯିବାକୁ ମନ ଲୋଡ଼ୁନି । ଅସ୍ତରଙ୍ଗରେ ଅବିକଳ ପଶ୍ଚିମବଙ୍ଗ ମାୟାପୁର ଇସ୍କନ ମନ୍ଦିର। ଯିଏ ଦେଖୁଛି ପାଟିରୁ ସ୍ୱତଃ ବାହାରି ଆସୁଛି ୱାଃ... । ମା'ଙ୍କୁ ଆବାହନ ବେଳେ ଉଚ୍ଚାରିତ ବୈଦିକ ମନ୍ତ୍ରରେ ଯେମିତି ସତେଜ ହୋଇଯାଇଛି ଅସ୍ତରଙ୍ଗ ଓ ନଈଗୁଆଁ ଅଞ୍ଚଳର ପରିବେଶ। ରବିବାର ପାଁଠେ ସପ୍ତମୀ, ମଣ୍ଡପରେ ଷଷ୍ଠୀ ପୂଜା । ବେଲଗଛ ମୂଳେ ଷଷ୍ଠୀ ପୂଜା କରାଯାଇଛି।ପରେ ମା'ଙ୍କୁ ମଣ୍ଡପକୁ ଆବାହନ କରାଯାଇଛି। ଏହି ସମୟରେ ବ୍ରତପୂଜା କରିବାର ବିଧି ରହିଛି । ସୋମବାର ମଣ୍ଡପରେ ସପ୍ତମୀରେ ନଦୀରୁ ପବିତ୍ର ଜଳ ଅଣାଯାଇ ମଣ୍ଡପରେ ମା'ଙ୍କୁ ଚକ୍ଷୁଦାନ କରାଯିବ । ମଣ୍ଡପ ନିକଟରେ ମା'ଙ୍କୁ ଦର୍ଶନ କରିବା ସହ ମୀନା ବଜାରରେ ବେଶ ଭିଡ଼ ପରିଲିକ୍ଷିତ ହୋଇଥିଲା।

# ଇଫ୍‌କୋରେ ନବରାତ୍ର ଉତ୍ସବ ସହିତ ଡାଣ୍ଡିଆ ନାଚ



**ପାରାଦ୍ୱୀପ,୨୮।୯ (ସଂଚାର ବ୍ୟୁରୋ):** ଚାଲିଛି ନବରାତ୍ର। ମା'ଙ୍କ ପୂଜାର୍ଚ୍ଚନାରେ ବିଭୋର ଶ୍ରଦ୍ଧାଳୁ। ଆଉ ଏହି ଅବସରରେ ପାରାଦୀପ ଇଫକୋ କମ୍ପାନୀ ପରିସରରେ ଦେଖିବାକୁ ମିଳିଛି ଡାଣ୍ଡିଆ ନାଚ। ଡାଣ୍ଡିଆ ନାଚ ମାଧମରେ ଏଠି ମା'ଙ୍କୁ କରାଯାଉଛି ଆରାଧନା। ପିଲାଠାରୁ ବୁଢ଼ା, ମହିଳାଙ୍କ ଠାରୁ ପୁରୁଷ ସମସ୍ତେ ଏକତ୍ରିତ ହୋଇ ଏକ ମନ ଏକ ତାଳରେ ଡାଣ୍ଡିଆ ନାଚି ମାଙ୍କୁ ସମର୍ପି ଦେଉଛନ୍ତି ଭକ୍ତି ଅର୍ଘ୍ୟ। ଦୀର୍ଘ ଅଠର ବର୍ଷ ହେବ ଏହି କମ୍ପାନୀ ମଧରେ ଡାଣ୍ଡିଆ ନାଚ ଅନୁଷ୍ଠିତ ହେଉଥିବା ବେଳେ ଏଥିରେ କମ୍ପାନୀ ମୁଖ୍ୟଙ୍କ ଠାରୁ ଆରମ୍ଭ କରି କମ୍ପାନୀର ଚତୁର୍ଥ ଶ୍ରେଣି କର୍ମଚାରୀ ମଧ ହେଇଥାନ୍ତି ସାମିଲ। ଦଶହରାରେ ମା ଦଶଭୂଜାଙ୍କ ପାଇଁ ପୁରପଲ୍ଲୀ ଏବେ ଚଳଚଞ୍ଚଳ ଥିବାବେଳେ କମ୍ପାନୀ ପରିସର ମଧରେ ଡାଣ୍ଡିଆକୁ ନେଇ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଛି। ଇଫକୋ ୟୁନିଟର ଭାଇଚାରା ପାରାଦ୍ୱୀପର ଅନ୍ୟ ଶିଳ୍ପ ସଂସ୍ଥା ପାଇଁ ପାଲିଟିଛି ଉଦାହରଣ। ଯାହା ଏହି ଭଳି ଉତ୍ସବ ଏକ ମାତ୍ର ବିକଳ୍ପ ବୋଲି କହିବା ସହିତ ପ୍ରତ୍ୟେକ ବର୍ଷ ଧୁମଧାମରେ ନବରାତ୍ର ପାଳନ କରାଯାଉଥିବା ବେଳେ ଆଗାମୀ ବର୍ଷରେ ଏହାକୁ କିପରି ଆହୁରି ଆକାର୍ଷଣୀୟ କରାଯାଇପରିବ, ଏ ନେଇ ପ୍ରଚେଷ୍ଟା ଜାରି ରହିବ ବୋଲି ଇଫକୋ ୟୁନିଟର ମୁଖ୍ୟ ପି. କେ. ମହାପାତ୍ର କହିଛନ୍ତି।

# ଧାନ ବିଲରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର



**ଡେରାବିଶ,୨୮।୯(ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଏଣ୍ଡର ପଞ୍ଚାୟତ ଅନ୍ତର୍ଗତ ଅରାଖଣ୍ଡ ଗ୍ରାମର ଏକ ବିଲରୁ ଆଜି ସକାଳୁ ଜଣେ ବୃଦ୍ଧଙ୍କ ମୃତଦେହ ସନ୍ଦେହଜନକ ଅବସ୍ଥାରେ ଉଦ୍ଧାର କରାଯାଇଛି। ଏ ସମ୍ପର୍କରେ ଖବର ପାଇ ଡେରାବିଶ ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ବୃଦ୍ଧଙ୍କ ଶବକୁ ଜବତ କରି କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ସହିତ ମୃତଦେହକୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛନ୍ତି। ଏ ସମ୍ପର୍କରେ ଡେରାବିଶ ଥାନାରେ ଏକ ଅପମୃତ୍ୟୁ ମାମଲା ୫/୨୫ରେ ରୁଜୁ କରାଯାଇ ପୁଲିସ ତଦନ୍ତ ଚଳାଇଛି।

ସୂଚନାରୁ ପ୍ରକାଶ କଟକ ଜିଲ୍ଲା ଭଦେଶ୍ୱର ଥାନା ଅଧୀନ ଓଳକଣା ଗ୍ରାମର ଗୌରାଙ୍ଗ ଚରଣ ମହାରଣା ଗତ ୧୯ ତାରିଖ ସକାଳୁ ଘରୁ ବାହାରି ଆଉ ଘରକୁ ଫେରିନଥିଲେ। ବହୁ ଖୋଜା ଖୋଜି କରିବା ପରେ ତାଙ୍କର କୌଣସି ସନ୍ଧାନ ମିଳିନଥିଲା। ଫଳରେ ତାଙ୍କ ଝିଅ ପୁଷ୍ପଲତା ମହାରଣା ସେହିଦିନ ଭଦେଶ୍ୱର ଥାନାରେ ତାଙ୍କ ବାପାଙ୍କ ନିଖୋଜ ସମ୍ପର୍କରେ ଏକ ଅଭିଯୋଗ କରିଥିଲେ। ତେବେ ଏହି ଘଟଣାର ୯ ଦିନ ପରେ ଆଜି ଅରାଖଣ୍ଡ ମୌଜାର କିଛି ଚାଷୀ ବିଲକୁ ଯାଇଥିବା ବେଳେ ଗୌରାଙ୍ଗ ଏକ ବିଲରେ ମରିପଡ଼ିଥିବା ଦେଖିବାକୁ ପାଇଥିଲେ। ଏ ସମ୍ପର୍କରେ ପ୍ରଚାର ହୋଇଯିବାରୁ ଗୌରାଙ୍ଗଙ୍କ ପରିବାର ସେଠାରେ ପହଞ୍ଚି ଗୌରାଙ୍ଗଙ୍କୁ ଚିହ୍ନଟ କରିବା ସହିତ ଥାନାକୁ ଖବର ଦେଇଥିଲେ। ଗୌରାଙ୍ଗ ମୃତଦେହ ଡେରାବିଶ ଥାନା ଅଧିନରେ ଉଦ୍ଧାର ହୋଇଥିବାରୁ ଡେରାବିଶ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରି ତଦନ୍ତ ଚଳାଇଛି।

# ସ୍ୱଦେଶୀ ଆପଣାଅ, ଦେଶକୁ ଆଗକୁ ବଢ଼ାଅ: ସାଂସଦ

**କେନ୍ଦ୍ରାପଡା,୨୮।୯(ସଂଚାର ବ୍ୟୁରୋ):** ନିଜର ଦୈନନ୍ଦିନ ଜୀବନରେ ସ୍ୱଦେଶୀ ଜିନିଷ ପଦାର୍ଥ ଆପଣାଇବା ସହ ନୂତନ ପିଢ଼ିକୁ ମଧ ସ୍ୱେଦେଶୀ ଆପଣାଇବା ପାଇଁ ପ୍ରବର୍ତ୍ତାଇବା ପାଇଁ ସାଂସଦ ବୈଜୟନ୍ତ ପଣ୍ଡା

## ଜିଏସ୍‌ଟି ସୁଧାର ଆଲେଚନା ଚକ୍ର

ଅନୁରୋଧ କରିଛନ୍ତି। ସଂସ୍କୃତି ଭବନରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବୁଦ୍ଧିଜୀବୀ ଓ ଜିଏସ୍‌ଟି ସୁଧାର ଆଲେଚନା ଚକ୍ରରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ସାଂସଦ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି।

ଅୟୋଜିତ ଏହି ସମ୍ମିଳନୀରେ ଯାଜପୁର ସାଂସଦ ରବି ନାରାୟଣ ବେହେରା ସମ୍ମାନିତ




ଅତିଥି ରୂପେ ଯୋଗ ଦେଇଥିଲେ। ଜିଲ୍ଲା ବିଜେପି ପାର୍ଟି ଦ୍ୱାରା ଆୟୋଜିତ ଏହି ଅଲୋଚନା ଚକ୍ରରେ ଜିଲ୍ଲାର ବିଭିନ୍ନ କ୍ଷେତ୍ରରେ ସମ୍ମାନିତ କରିଥିବା ଦିବ୍ୟାଙ୍ଗ ବ୍ୟକ୍ତି ମାନଙ୍କୁ ସାଂସଦ ଶ୍ରୀ ପଣ୍ଡା ସମ୍ମାନିତ କରିଥିଲେ । ଏଥି ସହ ଜିଲ୍ଲାରେ କ୍ରୀଡା, ସଙ୍ଗୀତ, କଳା, ସାହିତ୍ୟ, ସଂସ୍କୃତି, ଚିତ୍ର, ନାଟ୍ୟରେ ଉଲ୍ଲେଖନୀୟ ଅବଦାନ ଥିବା ୩୦ ଜଣ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରା ଯାଇଥିଲା। କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକ, ଭୁବନ ମୋହନ ଜେନା, ଦୁର୍ଯ୍ୟୋଧନ ସାହୁ, ଗୀତାଞ୍ଜଳୀ ସେଠୀ, ତେଜେଶ୍ୱର ପରିଡା, ଦୋଳ ଗୋବିନ୍ଦ ଜେନା, କିଶୋର ପଣ୍ଡା, ଅର୍ଚ୍ଚନା ନାୟକ, ସୁନାକର ବେହେରା, ସଂଜୟ ରଥ, ସଲିମ ଖାନ, ବୈଦନାଥ ଚାଟାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ ।

ସାଂସଦ ଶ୍ରୀ ପଣ୍ଡା ଦିନ ୧୦ଟା ବେଳେ ୪ନଂ ୱାର୍ଡର ପ୍ରଧାନମନ୍ତ୍ରୀ ମୋଦୀଜୀଙ୍କୁ ମନ୍ କି ବାତ୍, ନୂଆ ବସଷ୍ଟାଣ୍ଡରେ ଥିବା ବୟୋନିକା, ଜଟାଙ୍ଗରେ ଥିବା କାଇଁଚ ପ୍ରଭୃତି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ଏଥି ସହିତ ଜିଲ୍ଲାର ବୁଦ୍ଧିଜୀବୀମାନଙ୍କୁ ସମ୍ମାନିତ କରିବା ସହ ନୂଆ ବସଷ୍ଟାଣ୍ଡର ବ୍ୟବସାୟୀ ସଂଘର କର୍ମକର୍ତ୍ତାଙ୍କ ସହ ଜିଏସଟି ସୁଧାର ସଂପର୍କରେ ଆଲୋଚନା କରିଥିଲେ ।

# ହସ୍ପିଟାଲରେ ରାତିବେଳେ ମିଳୁନି ଔଷଧ

## ରୋଗୀ ବଞ୍ଚିବେ କିପରି, ପ୍ରଶାସନ କାହିଁକି ଚୁପ୍ ?

**ଯାଜପୁର,୨୮।୯(ସଂଚାର ବ୍ୟୁରୋ):** ଯାଜପୁର ସହରରେ ୨୪ ଘଣ୍ଟିଆ ଖୋଲା ଔଷଧ ଦୋକାନ ନଥିବାରୁ ରୋଗୀ ଓ ତାଙ୍କ ସମ୍ପର୍କୀୟମାନେ ପ୍ରତିଦିନ ବିପଦରେ ପଡ଼ୁଛନ୍ତି। ନିରାମୟ ଯୋଜନା ନାମକୁ ମାତ୍ର, ଆବଶ୍ୟକ ସବୁ ପ୍ରକାର ଔଷଧ ମିଳୁନାହିଁ। ରାତି ବେଳେ ଅକସ୍ମାତ୍ ଅସୁସ୍ଥ ରୋଗୀଙ୍କୁ ମେଡିକାଲ୍‌କୁ ଆଣିଲେ ମଧ ଔଷଧ ମିଳୁନାହିଁ, କାରଣ ସହରରେ କୌଣସି ଫାର୍ମାସି ରାତି ୧୦ ପରେ ଖୋଲା ରହେନାହିଁ। ଏହି ପରିସ୍ଥିତିରେ ରୋଗୀଙ୍କୁ ପରିବାରଜନ ହରାନ୍ତି।

ଯଯାତି କେଶରୀ ମେଡିକାଲ୍ କଲେଜ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ଶତାଧିକ ଡାକ୍ତର ଓ ଅନେକ ନିଜସ୍ୱ ଚିକିତ୍ସାଳୟ ଥିଲେ ମଧ ରାତିରେ ଔଷଧ ମିଳୁନାହିଁ ଏହା ଯାଜପୁର ନଗର ପାଇଁ ଗଭୀର ଲାଞ୍ଛନା। ଔଷଧ ଅଭାବରୁ ଅନେକ ରୋଗୀଙ୍କ ଜୀବନ ସଙ୍କଟାପୂର୍ଣ୍ଣ ହେଉଛି, କେତେକ ମୃତ୍ୟୁ ମୁହାଁ ହେଉଛନ୍ତି। ପ୍ରଶାସନ ଓ ସ୍ୱାସ୍ଥ୍ୟ ବିଭାଗର ନୀରବତାକୁ ପ୍ରଶ୍ନ ଉଠାଇଛି ଲୋକେ। "ଡାକ୍ତର ଓ ହସ୍ପିଟାଲ୍ ଥିଲେ ମଧ ରାତିରେ ରୋଗୀଙ୍କ ପାଇଁ ଔଷଧ କେଉଁଠି ? ଯାଜପୁରର ଲୋକଙ୍କ ଦାବି ତତ୍କାଳ ୨୪x୭ ଔଷଧ ଦୋକାନ ବ୍ୟବସ୍ଥା କରାଯାଉ, ନହେଲେ ଆଗାମୀ ଦିନରେ ପ୍ରଶାସନକୁ ଜନତାଙ୍କ କ୍ରୋଧରେ ସମ୍ମୁଖୀନ ହେବାକୁ ପଡ଼ିବ।

# ତାଲୁକା ଆଇନ ସଚେତନତା ଶିବିର

**ହିଞ୍ଜିଳିକାଟୁ, ୨୮।୯ (ସଂଚାର ବ୍ୟୁରୋ):** ସ୍ଥାନୀୟ ପୌରାଞ୍ଚଳସ୍ଥିତ ନେକ୍ସଟଜେନ କମ୍ପୁଟର ଏକାଡେମୀ ପରିସରରେ ତାଲୁକା ଆଇନସେବା କମିଟି ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷା ତଥା ସବଜଜ୍ ସୁଶ୍ରୀ ସଂଗୀତା ମଲ୍ଲିକ ଛାତ୍ରୀଙ୍କୁ ଏସିଡ ଆକ୍ରମଣରୁ ବର୍ତ୍ତିବା ଓ ଧାରା ନିୟମାବଳୀ ବିଦ୍ୟାର୍ଥୀଙ୍କୁ ସଚେତନ କରିଥିଲେ। ଥାନା ଏସଆଇ ରଶ୍ମି ରଞ୍ଜନ ସାମଲ, ବରିଷ୍ଠ ଆଇନଜୀବୀ ଦ୍ୱିତୀକୃଷ୍ଣ ସାବତ, ଶିକ୍ଷାବିତ୍ ଆଲୋକ ନାୟକ ଓ ରଜନୀକାନ୍ତ ସାହୁ ମଞ୍ଚାସୀନ ଥିଲେ।ଅନୁଷ୍ଠାନର ସମସ୍ତ ବିଦ୍ୟାର୍ଥୀ ଉପସ୍ଥିତ ଥିଲେ।

# ସ୍ପେଶାଲ ଓଟିଇଟି ପରୀକ୍ଷା ଶେଷ

**ଯାଜପୁର,୨୮।୯(ସଂଚାର ବ୍ୟୁରୋ):** ମାଧମିକ ଶିକ୍ଷା ପରିଷଦ, ଓଡିଶା, କଟକଙ୍କ ଆୟୋଜନାରେ ଗତକାଲି ଆୟୋଜିତ ସ୍ପେଶାଲ ଓଡିଶା ଟିଚର ଇଲିଜିବିଲିଟି ଟେଷ୍ଟ (ଓଟିଇଟି)-୨୦୨୫ ଯାଜପୁର ଜିଲ୍ଲାର ୮ଟି ପରୀକ୍ଷା କେନ୍ଦ୍ରରେ ଶୃଙ୍ଖଳାବଦ୍ଧ ଭାବେ ସମାପ୍ତ ହୋଇଛି। ଯାଜପୁର ଜିଲ୍ଲା ସ୍କୁଲ, ବିରଜା ହାଇସ୍କୁଲ, ମ୍ୟୁନିସିପାଲ ହାଇସ୍କୁଲ, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ବୈଷ୍ଣବ ଦତ୍ତ ହାଇସ୍କୁଲ, ହରିସାମନ୍ତ ହାଇସ୍କୁଲ, ସରସ୍ୱତୀ ବିଦ୍ୟାମନ୍ଦିର ଓ ଉପେନ୍ଦ୍ର କୁମାର ହାଇସ୍କୁଲରେ ପରୀକ୍ଷା କେନ୍ଦ୍ର ସ୍ଥାପିତ କରାଯାଇଥିଲା।ପ୍ରଥମ ସିଟିଙ୍ଗରେ ୪ଟି କେନ୍ଦ୍ରରେ ପ୍ରଥମ ପତ୍ରର ପରୀକ୍ଷା ହୋଇଥିଲା। ଏଥିରେ ୯୭୭ ଜଣ ପରୀକ୍ଷାର୍ଥୀଙ୍କ ମଧରୁ ୫୪ ଜଣ ଅନୁପସ୍ଥିତ ଥିଲେ। ଦ୍ୱିତୀୟ ସିଟିଙ୍ଗରେ ସମସ୍ତ ୮ଟି କେନ୍ଦ୍ରରେ ଦ୍ୱିତୀୟ ପତ୍ରର ପରୀକ୍ଷା ଆୟୋଜିତ ହୋଇଥିଲା, ଯେଉଁଠି ୧୬୦୦ ଜଣ ପରୀକ୍ଷାର୍ଥୀଙ୍କ ମଧରୁ ୫୩ ଜଣ ଅନୁପସ୍ଥିତ ଥିଲେ। ପରୀକ୍ଷାକୁ ଶୃଙ୍ଖଳାବଦ୍ଧ ଭାବରେ ସମାପ୍ତ କରିବା ପାଇଁ ଯାଜପୁର ଜିଲ୍ଲାପାଳଙ୍କ ମାର୍ଗଦର୍ଶନରେ ଓ ଜିଲ୍ଲା ଆରକ୍ଷୀଙ୍କ ସହଯୋଗରେ ଦୁଇ ଅତିରିକ୍ତ ଜିଲ୍ଲାପାଳ, ଯାଜପୁର ସଦର ଆଇଆଇସି, ଅତିରିକ୍ତ ତହସିଲଦାର, ଜିଲ୍ଲା ସ୍ପୋର୍ଟସ ଅଫିସର, ଜିଲ୍ଲା ଶିକ୍ଷାଧିକାରୀ, ଦୁଇ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ସମସ୍ତ ମଣ୍ଡଳ ଓ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀମାନେ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ଦାୟିତ୍ୱରେ ରହିଥିଲେ।ଜିଲ୍ଲା ଶିକ୍ଷାଧିକାରୀ ମହେଶ୍ୱର ସାହୁ ଓ ବିଜ୍ଞାନ ନିରୀକ୍ଷକ କୁମାରସେନ ସେନାପତି ପରୀକ୍ଷା କେନ୍ଦ୍ରମାନଙ୍କୁ ସ୍ୱୟଂ ଗସ୍ତ କରି, ପରୀକ୍ଷାର ଶୃଙ୍ଖଳାକୁ ତଦାରଖ କରିଥିଲେ। ପରୀକ୍ଷା ସମୟରେ କୌଣସି ଅନୁଚିତ ଘଟଣା ଘଟିନଥିବାରୁ ସମସ୍ତ ପରୀକ୍ଷା ସୁସଂଗଠିତ ଭାବରେ ସମାପ୍ତ ହୋଇଥିବା କହିଥିଲେ ଜିଲ୍ଲା ଶିକ୍ଷାଧିକାରୀ।

# ବୃଦ୍ଧାଙ୍କ ବେକରୁ ସୁନାଚେନ ଲୁଟି ନେଲେ ଦୁର୍ବୃତ୍ତ

**ପଟ୍ଟାମୁଣ୍ଡାଇ,୨୮।୯(ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଦକ୍ଷିଣଦିଆ ଗ୍ରାମରେ ଏକ ସୁନା ଚେନ ଲୁଟ ଘଟଣା ଘଟିଛି। ୨ଜଣ ଦୁର୍ବୃର୍ତ୍ତ ଜନୈକା ବୃଦ୍ଧାଙ୍କ ବେକରୁ ସୁନା ଚେନ ଲୁଟି ନେଇ ଫେରାର ହୋଇଯାଇଛନ୍ତି । ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଏ ସମ୍ପର୍କରେ ଏକ ମୋକଦମା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି । ପ୍ରକାଶ ଯେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅନ୍ତର୍ଗତ ଦକ୍ଷିଣଦିଆ ଗ୍ରାମରେ ବିଜୟ ଭାସ୍କର ରାଉତଙ୍କର ବାସୁଦେବ ଭେରାଇଟି ଷ୍ଟୋର ରହିଛି। ଏଠାରେ ପାନ ସହିତ ବିଭିନ୍ନ ସାମଗ୍ରୀ ବିକ୍ରୟ କରାଯାଇଥାଏ। ଆଜି ବିଜୟ ନଥିବାରୁ ତାଙ୍କ ବୃଦ୍ଧା ମା' ଦୋକାନରେ ବସିଥିଲେ । ଦିବା ୧୧ଟା ସମୟରେ ବାଇକ ଯୋଗେ ଦୁଇ ଜଣ ଯୁବକ ଦୋକାନ ନିକଟରେ ପହଂଚି ପାନ ଦେବା ପାଇଁ ବିଜୟଙ୍କ ମା'ଙ୍କୁ କହିଥିଲେ। ବୃଦ୍ଧା ଜଣକ ପାନ ଭାଙ୍ଗୁ ଥିବା ସମୟରେ ଦୁଇ ଯୁବକ ହଠାତ ବୃଦ୍ଧାଙ୍କ ବେକରୁ ସେ ପିନ୍ଧି ଥିବା ୧୨ଗ୍ରାମ ଓଜନର ସୁନା ଚେନ ଛିଣ୍ଡାଇ ନେଇ ବାଇକ ଯୋଗେ ଫେରାର ହୋଇ ଯାଇଥିଲେ। ବୃଦ୍ଧାଙ୍କ ପୁଅ ବିଜୟ ଘରକୁ ଫେରି ସୁନା ଚେନ ଲୁଟ ବିଷୟ ଜାଣିବା ପରେ ସଙ୍ଗେ ସଙ୍ଗେ ସୁନା ଚେନ ଲୁଟ ବିଷୟରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନାରେ ଏତଲା ଦେଇଥିଲେ।

# 'ଆସ ସ୍କୁଲ ଯିବା' ଜିଲ୍ଲାସ୍ତରୀୟ ପଦଯାତ୍ରା




**କନ୍ଧମାଳ,୨୮।୯(ସଂଚାର ବ୍ୟୁରୋ):** ରିଖି ସ୍ଥାନୀୟ ଏଜେଓ ସରକାରୀ ଉଚ୍ଚ ବିଦ୍ୟାଳୟରେ ଓଡ଼ିଶା ସରକାରଙ୍କ ଆସ ସ୍କୁଲ ଯିବା ଅଭିଯାନ ଅନ୍ତର୍ଗତ କନ୍ଧମାଳ ଜିଲ୍ଲା ସ୍ତରୀୟ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାନ୍ୟବର ସାଂସଦ କନ୍ଧମାଳ ସୁକାନ୍ତ କୁମାର ପାଣିଗ୍ରାହୀ ଯୋଗଦାନ ପୂର୍ବକ ଆନୁଷ୍ଠାନିକ ଭାବେ ପଦ ଯାତ୍ରାର ଉଦ୍‌ଘାଟନ କରିଥିଲେ । ଜାତୀୟ ଶିକ୍ଷାନିତି ଓ ଆସ ସ୍କୁଲ ଯିବା ଅଭିଯାନର ମାଧମରେ ଶିକ୍ଷାର ବିକାଶ ନିମନ୍ତେ କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ପ୍ରତିବନ୍ଧତା ସହଭାଗିତା ସମ୍ପର୍କରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥ୍ ଭାବେ ଜିଲ୍ଲାପାଳ କନ୍ଧମାଳ ଶ୍ରୀ ବେଦ୍‌ଭୁଷଣ ଯୋଗଦେଇ ଜିଲ୍ଲାର ସମସ୍ତ ପିଲାଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ସହ ସମ୍ପୂର୍ଣ୍ଣ ଜିଲ୍ଲାକୁ ଅଧାରୁ ପାଠ ଛାଡିଥିବା ଓ ଆଦୌ ନାମ ଲେଖାଇନଥିବା ଶିଶୁ ମୁକ୍ତ ଜିଲ୍ଲା ଭାବେ ଗଢି ତୋଳିବାକୁ ଆହ୍ୱାନ ଦେଇଥିଲେ ଏବଂ ବିଶେଷ କରି ୧୪ ରୁ ୧୮ ବର୍ଷୀୟ ପାଠ ଛାଡିଥିବା ଛାତ୍ରଛାତ୍ରୀମାନଙ୍କ ଉଦ୍ୟୋଶରେ ମୁକ୍ତ ବିଦ୍ୟାଳୟରେ ମାଗଣା ଶିକ୍ଷାଦାନ ବ୍ୟବସ୍ଥା ବିଭିନ୍ନ ଛାତ୍ରବୃତ୍ତି ଦ୍ୱାରା ଯୋଗାଇଦିଆଯାଉଥିବା ସରକାରୀ ପ୍ରୋତ୍ସାହନ ଆଦି ଉପରେ ସଭାକୁ ଅବଗତ କରାଇଥିଲେ। ତତ୍ ସହ ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ଜିଲ୍ଲା ପ୍ରଶାସନ ତରଫରୁ ଆବଶ୍ୟକୀୟ ଆର୍ଥୀକ ସହାୟତା ପ୍ରଦାନ ନିମନ୍ତେ ପ୍ରତିଶୃତି ଦେଇଥିଲେ।

ଜିଲ୍ଲା ପ୍ରଶାସନ ତରଫରୁ ଅତିରିକ୍ତ ଜିଲ୍ଲାପାଳ କୁଶଳ ଚନ୍ଦ୍ର ନାୟକ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶମ୍ଭୁନାଥ ନନ୍ଦୀ ଓ ଫୁଲବାଣୀ ଉପଜିଲ୍ଲାପାଳ ଭିକାରୀ ସାହୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ଛାତ୍ରଛାତ୍ରୀ, ପିତାମାତା, ଅଭିଭାବକ, ପୁରାତନ ଛାତ୍ରଛାତ୍ରୀ ଓ ପରିଚାଳନା କମିଟି ସଦସ୍ୟ ମାନଙ୍କୁ ଉତ୍ସାହିତ କରିଥିଲେ ।

# ଜିଲ୍ଲା କଂଗ୍ରେସ ସଭାପତିଙ୍କୁ ଶୁଭେଚ୍ଛା



**ମାର୍ଶାଘାଇ,୨୮।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା କଂଗ୍ରେସର ନୂତନ ସଭାପତି ଡ଼ାଃ ଦେବସ୍ମିତା ଶର୍ମାଙ୍କୁ ମାର୍ଶାଘାଇ ବ୍ଲକର ଆଗଧାଡ଼ିର କଂଗ୍ରେସ କର୍ମୀମାନେ ଶୁଭେଚ୍ଛା ଜଣାଇଛନ୍ତି । ଡାକ୍ତର ଦେବସ୍ମିତା ଶର୍ମାଙ୍କ ଯୁବନେତୃତ୍ୱ ମାର୍ଶାଘାଇ ବ୍ଲକ କଂଗ୍ରେସକୁ ସୁଦୃଢ଼ ଏବଂ କ୍ରିୟାଶୀଳ ହୋଇପାରିବ ବୋଲି ଏହି କର୍ମୀମାନେ ଆଶାବ୍ୟକ୍ତ କରିଛନ୍ତି । ମାର୍ଶାଘାଇ ପଞ୍ଚାୟତ ସମିତିର ପୂର୍ବତନ ଉପାଧକ୍ଷ ତଥା ପିସିସିର ଅନୁସୂଚିତ ସେଲ ସାଧାରଣସମ୍ପାଦକ ଉପେନ୍ଦ୍ର କୁମାର ବେହେରା, ଶିକ୍ଷାଂଶୁ ଶେଖର ଲେଙ୍କା,ସରପଞ୍ଚ ମଙ୍ଗରାଜ ବେହେରା, ରଶ୍ମିରଂଜନ ମଲିକ, ବିଜୟ ବିଶ୍ୱାଳ, ନିରଞ୍ଜନ ଲେଙ୍କା,ସୁଧାଂଶୁ ଶେଖର ବେହେରା, ଶଶିକାନ୍ତ ବେହେରା, ନିମାଇଁ ଦାସ, ପ୍ରକାଶ ଲେଙ୍କା, ଅଭୟ ବିଶ୍ୱାଳ, ବଳରାମ ସ୍ୱାଇଁ, ଅଲେଖ ନାୟକ, ରାଜକିଶୋର ପରିଡା, ସମବାୟବିତ ଧ୍ରୁବ ଚରଣ ସାହୁ, ପ୍ୟାରୀମୋହନ ସାମଲ, ରାମଚନ୍ଦ୍ର ସାହୁ, ପ୍ରଦୀପ୍ତ ନାୟକ, ଧିରେନ ଦାସ, ସୁରେନ୍ଦ୍ର ନାୟକ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି ।

# ଗଞ୍ଜାମର ବିକାଶ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି ସରକାର

**ବ୍ରହ୍ମପୁର,୨୮।୯(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ପ୍ରତି ରାଜ୍ୟ ସରକାର ସ୍ୱତନ୍ତ୍ର ଦୃଷ୍ଟି ଦେଉଛନ୍ତି। ସମୟକ୍ରମେ ଏଠାରେ ବିକାଶର ନୂତନ ଭିତ୍ତି ସ୍ଥାପିତ ହେଉଛି। ସମ୍ପ୍ରତି ଏମକେସିଜି ମେଡ଼ିକାଲକୁ ୧୪୦୦ କୋଟି ଟଙ୍କାର ଅନୁଦାନ ରାଶି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଘୋଷଣା କରିଛନ୍ତି। ଏଥିସହିତ ଚିକିଟି ନିର୍ବାଚନ ମଣ୍ଡଳୀର ସୁନାପୁର ସାମୁଦ୍ରିକ ଅଞ୍ଚଳରେ ନୂତନ ଶିଳ୍ପ ପାର୍କ ଗଢି ଉଠିବ। ଯାହା ଜିଲ୍ଲାର ବିକାଶରେ ଏକ ମାଇଲଖୁଣ୍ଟ ବୋଲି ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରା ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି।



ସେ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବ୍ରହ୍ମପୁର ଗସ୍ତ କାର୍ଯ୍ୟକ୍ରମ ଥିଲା। କିନ୍ତୁ ଅନୁକୂଳ ପାଗ ନଥିବାରୁ ତାହା ସ୍ଥଗିତ ହୋଇ ଏହି କାର୍ଯ୍ୟକ୍ରମ ଝାରସୁଗୁଡ଼ାରେ ଅନୁଷ୍ଠିତ ହୋଇଥିଲା। ଏଠାରେ ପ୍ରଧାନମନ୍ତ୍ରୀ ଗଞ୍ଜାମ ଜିଲ୍ଲାକୁ ଭେଟି ଦେଇଛନ୍ତି। ବ୍ରହ୍ମପୁର ଠାରୁ ଉଦାନ(ସୁରତ) ନୂତନ ଅମୃତ ଭାରତ ଏକ୍ସପ୍ରେସ ଚଳାଚଳ ଆରମ୍ଭ ହେବ। ସେହିଭଳି ଗତକାଲି ପ୍ରଧାନମନ୍ତ୍ରୀ ଦକ୍ଷିଣ ଓଡ଼ିଶାର ପ୍ରାଣକେନ୍ଦ୍ର ଏମକେସିଜି ମେଡ଼ିକାଲ କଲେଜକୁ ୧୪୦୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିଛନ୍ତି। ଏଥିଦ୍ୱାରା ଏମକେସିଜି ଇଲାକାରେ ନୂତନ ଡ଼େଣ୍ଟାଲ କଲେଜ ଓ ହସ୍ପିଟାଲ ହେବ। ଏମକେସିଜିରେ ହ୍ୟାଲିପେଡ଼ର ବ୍ୟବସ୍ଥା ହେବ। ଏଠାରୁ ଏୟାରଲିଫ୍ଟ କରାଯିବାର ସୁବିଧା ମିଳିବ। ଏଥିସହ ସୁପର ସ୍ପେସାଲିଟି କ୍ଷେତ୍ରରେ ଏମକେସିଜି ଆଉ ପାଦେ ଆଗକୁ ବଢ଼ିବ। ଡ଼ବଲ ଇଞ୍ଜିନ ସରକାର ଶିଳ୍ପ, ସ୍ୱାସ୍ଥ୍ୟ ଆଦି କ୍ଷେତ୍ରରେ ସଦା ଗୁରୁତ୍ୱ ଦେଇଛନ୍ତି। ଆଗାମୀ ଦିନରେ ମଧ ଗଞ୍ଜାମ ଜିଲ୍ଲାର ବିକାଶ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଗୁରୁତ୍ୱ ଦେବେ ବୋଲି ସେ ଦୃଢ଼ ଆଶାବାଦୀ ରହିଛନ୍ତି।

ସେହିଭଳି ଚିକିଟି ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ସୁନାପୁର ବେଳଭୂମି ଅଞ୍ଚଳରେ ନୂତନ ପୋର୍ଟ ହେବ। ଏଠାରେ ୬ ହଜାର ହେକ୍ଟର ଜମିରେ ନୂତନ ଇଣ୍ଡଷ୍ଟ୍ରିଆଲ ପାର୍କ ଗଢି ଉଠିବ। ଫଳରେ ସ୍ଥାନୀୟ ଯୁବକମାନେ ନିଯୁକ୍ତି ପାଇପାରିବେ। ଅନ୍ୟପକ୍ଷରେ ବିଧାୟକ ଶ୍ରୀ ସାମନ୍ତରା ଗତ କିଛିମାସ ପୂର୍ବେ ସୁରତ ଯାଇଥିଲେ। ସେଠାରେ ଓଡ଼ିଆଙ୍କ ବିଭିନ୍ନ ସମସ୍ୟା ବୁଝିଥିଲେ। ଅଙ୍ଗନବାଡ଼ିଠାରୁ ଆରମ୍ଭ କରି ନିୟମିତ ରେଳ ଚଳାଚଳ, ଓଡ଼ିଆ ଭବନ ଆଦି ପ୍ରତିଷ୍ଠା ସମ୍ପର୍କରେ ସାଧାରଣ ଲୋକ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ସେ ସରକାରଙ୍କ ସହିତ ଆଲୋଚନା କରିବା ସହିତ ଅନେକ ସମସ୍ୟା ସମାଧାନ କରିବାରେ ସରକାର ଆଗ୍ରହ ପ୍ରକାଶ କରିଥିବା ସେ କହିଛନ୍ତି।

# ଗିରଙ୍ଗରେ ୧୨୬ତମ ମନ୍ କି ବାତ୍ କାର୍ଯ୍ୟକ୍ରମ



**ମହାକାଳପଡ଼ା,୨୮।୯(ସଂଚାର ବ୍ୟୁରୋ):** ଦୁମୁକା ପଞ୍ଚାୟତର ୫୪ ନମ୍ବର ବୁଥରେ ପ୍ରଧାନମନ୍ତ୍ରୀ ମୋଦୀଜିଙ୍କ ୧୨୬ତମ ମନ୍ କି ବାତ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ କାର୍ଯ୍ୟକର୍ତ୍ତା ଓ ଜନସାଧାରଣଙ୍କ ସହିତ ବିଧାୟକ ଡ଼ ଦୁର୍ଗା ପ୍ରସନ ନାୟକ ଉପସ୍ଥିତ ରହିଥିଲେ। ଏହି ଅବସରରେ ଆୟୋଜିତ ସଭାରେ ବିଧାୟକ ଶ୍ରୀଯୁକ୍ତ ନାୟକ ନିଜର ଦୈନନ୍ଦିନ ଜୀବନରେ ଅଧିକରୁ ଅଧିକ ଭାରତୀୟ ଉତ୍ପାଦ ବ୍ୟବହାର କରିବା ସହିତ ଅନ୍ୟ ଦେଶରୁ ଆମଦାନୀ ହେଉଥିବା ବସ୍ତୁ ବଦଳରେ ସ୍ୱଦେଶୀ ବସ୍ତୁକୁ ବିକଳ୍ପ ରୂପରେ ବାଛିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ଭିତରେ ବରିଷ୍ଠ ନେତା ସରୋଜ କାନ୍ତ ସାହୁ, କୁମର କାନ୍ତ ମହାନ୍ତି, ନିଗମ ପ୍ରସାଦ ରଥ, ଜ୍ଞାନ ରଞ୍ଜନ ବସନ୍ତିଆ, ପ୍ରଶାନ୍ତ ସେଠୀ, ପ୍ରତିମା ନାୟକ, ପ୍ରକାଶ ଦାସ, ରଶ୍ମି ରଂଜନ ରାଉତରାୟ ପ୍ରମୁଖ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

**IN THE COURT OF THE DISTRICT JUDGE, JAGATSINGHPUR**
**R.F.A. NO. 19/2021**

**ଦେୱାନୀ କାର୍ଯ୍ୟ ବିଧି ଆଇନ ଅର୍ଡର 5 ରୁଲ 20 ଅନୁଯାଇ ନୋଟିସ**

ପ୍ରତିମା ରଥ ଓରଫ ପ୍ରତିଭା ରଥ, ସ୍ୱାମୀ- ନିରଞ୍ଜନ ରଥ, ଗ୍ରାମ-ନରସିଂହପୁର, ପୋ/ଆ-ବାଲିକୁଦା, ଜି-ଜଗତସିଂହପୁର............ ଆପିଲାଣ୍ଟ

**ବନାମ**

ଜ୍ଞାନେନ୍ଦ୍ର ଦାସ ଓଗେର ......................ପ୍ରତିବାଦୀ ମାନେ

ଏତଦ୍ୱାରା ଆପଣ ଅପର ପକ୍ଷ ୨୪(a),ଅମ୍ବିକା ପ୍ରସାଦ ମହାନ୍ତି, ବୟସ-୬୫ ବର୍ଷ, ୨୪(b).ବିଭୁ ପ୍ରାସାଦ ମହାନ୍ତି, ବୟସ-୬୧ ବର୍ଷ, ୨୪(c). ଡା. ଦେବପ୍ରସାଦ ମହାନ୍ତି, ବୟସ-୫୮ ବର୍ଷ, ୨୪(d). ଚିନ୍ମୟୀ ମହାନ୍ତି, ବୟସ-୫୩ ବର୍ଷ, ଏମାନଙ୍କ ପିତା ସ୍ୱର୍ଗତ ପଦ୍ମ ଚରଣ ମହାନ୍ତି ଓ ୨୪(e). ବସନ୍ତ ମଞ୍ଜରୀ ମହାନ୍ତି, ବୟସ-୮୭ ବର୍ଷ, ସ୍ୱାମୀ -ସ୍ୱର୍ଗତ ପଦ୍ମଚରଣ ମହାନ୍ତି, ସମସ୍ତଙ୍କ ଠିକଣା-ଗ୍ରାମ/ପୋ- ରାଜେନ୍ଦ୍ରାନଗର, କଟକ-୧୦, ଥା-ଚାଉଳିଆଗଞ୍ଜ, ଜି-କଟକ, ପିନ ନଂ- ୭୫୩୦୧୦, ଏବଂ ୨୫(b). ସୁକାନ୍ତ ଦାସ, ବୟସ-୬୨ ବର୍ଷ, ୨୫(c).ସୁମନ୍ତ ଦାସ, ବୟସ-୬୫ ବର୍ଷ ଓ ୨୫(e). ମମତା ଦାସ, ବୟସ-୫୩ ବର୍ଷ, ଏମାନଙ୍କ ପିତା- ସ୍ୱର୍ଗତ ପମାନନ୍ଦ ଦାସ, ଠିକଣା- ଓଳାସ (ଗଙ୍ଗାଧରପୁର), ପୋ-ନାରଦିଆ, ଥା-ବାଲିକୁଦା, ଜି-ଜଗତସିଂହପୁରଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛିକି, ଆମ୍ଭ ଇଜିଲାସରୁ ଉପରୋକ୍ତ କେସରେ ଶୁଣାଣି ପାଇଁ ଆପଣଙ୍କ ନାମରେ ବାରମ୍ବାର ନୋଟିସ/ସମନ ଆପଣମାନଙ୍କ ଠିକଣାରେ ପଠାଯାଉଥିଲେ ମଧ ତାହା ଆପଣଙ୍କ ଉପରେ ଜାରି ହୋଇ ନପାରି ଫେରିଆସୁଅଛି ଓ ଏହା ଆମ୍ଭଙ୍କୁ ପ୍ରତୀୟମାନ ହେଉଅଛି, ଯେ ଆପଣମାନଙ୍କ ଜଣାଥିବା ଠିକଣାରେ ନୋଟିସ ଜାରି ହୋଇନପାରି ଫେରିଆସୁଅଛି ଏବଂ ତାହା ଆପଣମାନେ ଜାଣିଶୁଣି ରଖୁ ନାହାନ୍ତି।

ଏଣୁ ଆପଣ ନ ୨୪(a), ୨୪(b), ୨୪(c), ୨୪(d) ୨୪(e), ୨୫(b), ୨୫(c) ଓ ୨୫(e)ମ୍ବର ପ୍ରତିବାଦୀଙ୍କ ଅବଗତି ନିମନ୍ତେ ଆମ୍ଭ କୋଟର ନୋଟିସ ଏହି ଖବର କାଗଜ ଜରିଆରେ ଜଣାଇ ଦିଆଯାଉଅଛିକି ଆପଣ ଆସନ୍ତା ତା. ୨୮/୧୦ /୨୦୨୫ରିଖରେ ଆମ୍ଭ ଇଜିଲାସରେ ନିଜେ କିମ୍ବା ନିଜ କ୍ଷମତା ପ୍ରାପ୍ତ ଅଧାକାରୀ/ଓକିଲଙ୍କ ଜରିଆରେ ଉପସ୍ଥିତ ରହି କେସର ଶୁଣାଣି କରିବେ, ନଚେତ ଉକ୍ତ ତାରିଖରେ ଆପଣମାନଙ୍କ ବିରୁଦ୍ଧରେ ଯଥୋଚିତ ଆଦେଶ କରାଯାଇ କେସର ଶୁଣାଣି ଆପଣମାନଙ୍କ ଅନୁପସ୍ଥିତରେ କରାଯିବ। ଏହା ଆମ୍ଭର ସ୍ୱାକ୍ଷର ଓ ମୋହର କ୍ରମେ ପ୍ରକାଶ କରାଗଲା।

**ଜିଲ୍ଲା ଦୌରା ଜଜ, ଜଗତସିଂହପୁର**

# କଲ୍ୟାଣପୁର-ଜାହାଙ୍ଗିରାବାଦ ରାସ୍ତା ନିର୍ମାଣ ନେଇ ତତ୍ପରତା

**ସାଲେପୁର,୨୮।୯(ସଂଚାର ବ୍ୟୁରୋ):** ସାଲେପୁର ବ୍ଲକର ଶିଶୁଆ ପଞ୍ଚାୟତର କଲ୍ୟାଣପୁର ଦେଇ ସଉରୀ ପଞ୍ଚାୟତର ଜାହାଙ୍ଗିରାବାଦକୁ ଯାଇଥିବା ରାସ୍ତା ନିର୍ମାଣକୁ ନେଇ ଏବେ ଦୁଇ ପକ୍ଷ ନେତା ବାହାବା ନେବାକୁ ଲାଗି ପଡ଼ିଥିବାବେଳେ ସାଧାରଣରେ ଏହାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି।

ଏଠାରେ କିଛି ମାସ ତଳେ ପୋଲ ନିର୍ମାଣ ହୋଇଥିବାବେଳେ ପୋଲ ସଂଲଗ୍ନ ରାସ୍ତାର ଦୁଇପାର୍ଶ୍ୱ ବର୍ଷାରେ ଖାଲଖମା ହୋଇଯାଇଥିଲା। ଯାହା ଫଳରେ ଏହି ରାସ୍ତା ଦେଇ ଶହ ଶହ ଲୋକ ଯିବା ଆସିବା କରିବାରେ ବାଧା ସୃଷ୍ଟି ହେଉଥିଲା। ପୋଲ ତଳ ରାସ୍ତା ଭଲ ଭାବରେ ନିର୍ମାଣ କରାଯାଇନଥିବାରୁ ଏହିଭଳି ସମସ୍ୟା ସୃଷ୍ଟି ହୋଇଥିଲା। ଯାହା ଫଳରେ ସାଲେପୁର ବିଧାୟକ



ପ୍ରଶାନ୍ତ କୁମାର ବେହେରାଙ୍କ ନିର୍ଦ୍ଦେଶ କ୍ରମେ ସ୍ଥାନୀୟ ଶିଶୁଆ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ସଞ୍ଜିବ ସାହୁ ତାଙ୍କ ହାତରୁ ପଇସା ଖର୍ଚ୍ଚ କରି ଡଷ୍ଟ ଏଠାରେ ଗଦାକରି ନିଜ ସାଥୀଙ୍କ ସହ ଏହି ରାସ୍ତାକୁ ମରାମତି କରିଥିଲେ। ଅପର ପକ୍ଷରେ ସ୍ଥାନୀୟ ଅଞ୍ଚଳର କଂଗ୍ରେସ ନେତା ସମାଜସେବୀ ହରିବନ୍ଧୁ ଶତପଥୀ କୌଣସି ସୂତ୍ରରୁ ଏହି ରାସ୍ତା ଖରାପ ଯୋଗୁଁ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିବାରୁ ସେ ଜାଣି ତତ୍‌କ୍ଷଣାତ୍ ତାଙ୍କ ତରଫରୁ ଏହି ରାସ୍ତା ସାମୟିକ ମରାମତି ପାଇଁ ଡଷ୍ଟ ଓ ଚିପ୍ସ ଆଣି ଗଦାକରି ତାଙ୍କ ସହଯୋଗୀଙ୍କ ଜରିଆରେ ଏହି ରାସ୍ତା ମରାମତି କରିଥିଲେ।

ଅପରପକ୍ଷରେ ଗୋଟିଏ ରାସ୍ତାକୁ ଦୁଇ ପକ୍ଷ ନେତାଙ୍କ ପକ୍ଷରୁ ରାସ୍ତା ନିର୍ମାଣ ତରବରିଆ ଭାବରେ କରାଯାଉଥିବା ନେଇ ଓ ଏହି କାମକୁ ନେଇ ଉଭୟ ପକ୍ଷ ବାହାବା ନେଉଥିବା ବେଳେ ସ୍ଥାନୀୟ ଅଞ୍ଚଳରେ ଏହାକୁ ନେଇ ଚର୍ଚ୍ଚା ସୃଷ୍ଟି ହୋଇଛି। ଅପର ପକ୍ଷରେ ରାସ୍ତା ନିର୍ମାଣ ସ୍ଥାୟୀ ଭାବରେ କିଭଳି କରାଯିବା ତାହା ଉପରେ ଗୁରୁତ୍ୱ ଦିଆଯିବାକୁ ଦାବି ହୋଇଛି।

# ବର୍ଷା ଯୋଗୁଁ ଧୋଇଯିବାକୁ ବସିଛି ଦୁର୍ଗାପୂଜା ମାହୋଲ

**ପଟ୍ଟାମୁଣ୍ଡାଇ,୨୮।୯(ସଂଚାର ବ୍ୟୁରୋ):** ସମ୍ପ୍ରତି ଲଘୁ ଚାପ ଜନିତ ଲଗାଣବର୍ଷା ବିପ୍ରାତରେ ଧୋଇ ଯାଇଛି ଦୁର୍ଗା ପୂଜାର ମାହୋଲ ଓ ଫିକା ପଡିଯାଇଛି ଆନନ୍ଦ ଉଲ୍ଲାସ। ଗତକିଛି ଦିନ ଧରି ବାରମ୍ବାର ଲଘୁଚାପ ଜନିତ ଲଗାଣବର୍ଷା ଓ ବାରମ୍ବାର ବନ୍ୟା ଯୋଗୁଁ ପଟ୍ଟାମୁଣ୍ଡାଇ ଅଂଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ତେବେ ଲୋକମାନେ ଦୁଃଖ ମଧରେ ଖୁସି ଓ ଆନନ୍ଦ ପାଇଁ ଦୁର୍ଗା ପୂଜା ଉତ୍ସବକୁ ଚାତକ ପରି ଅନାଇ ରହିଥିଲେ ।

ଆଜକୁ ପ୍ରାୟ ୭୦/୮୦ବର୍ଷ ଧରି ପଟ୍ଟାମୁଣ୍ଡାଇ ଅଞ୍ଚଳରେ ପାଳିତ ହୋଇଆସୁଛି ଶାରଦୀୟ ଦୁର୍ଗା ପୂଜା ଉତ୍ସବ। ସାମ୍ପ୍ରଦାୟିକ ସଂପ୍ରୀତିର ସହର ଭାବେ ସାରା ଓଡିଶାରେ ସୁଖ୍ୟାତି ଅର୍ଜନ କରିଥିବା ପଟ୍ଟାମୁଣ୍ଡାଇର ସ୍ୱତନ୍ତ୍ର ବିଶେଷତ୍ୱ ହେଉଛି ଏଠାରେ ଉଭୟ ହିନ୍ଦୁ ଓ ମୁସଲମାନମାନେ ଶାରଦୀୟ ଦୁର୍ଗା ପୂଜା ଉତ୍ସବକୁ ମିଳିତ ଭାବେ ବିପୁଳ ଆନନ୍ଦ ଉଲ୍ଲାସର ସହିତ ପାଳନ କରିଥାନ୍ତି । କିନ୍ତୁ ସବୁ କିଛି ବିଗାଡି ଦେଇଛି ଲଘୁଚାପଜନିତ ଲଗାଣ ବର୍ଷା ।

ଚଳିତବର୍ଷ ଶାରଦୀୟ ଦୁର୍ଗା ପୂଜା ଉତ୍ସବରେ ପଟ୍ଟାମୁଣ୍ଡାଇ ସହରରେ ୨୭ଟି ମେଢ଼ ପୂଜା ଉତ୍ସବର ଶୋଭାବର୍ଦ୍ଧନ କରିବାକୁ ଯାଉଛନ୍ତି। ଅପୂର୍ବ ସାଜସଜ୍ଜା ସହ ପ୍ରସ୍ତୁତ ହେଉଛି ପ୍ରତ୍ୟେକ ମେଢ଼। ପୂଜା ଉତ୍ସବର ମାହୋଲକୁ ଅଧିକ ମନୋରମ ଓ ଆକର୍ଷଣୀୟ କରିବା ପାଇଁ ମିନା ବଜାର ଠାରୁ ଆରମ୍ଭ କରି ଅନେକ ମନୋରଞ୍ଜନକାରୀ ସଂସ୍ଥା ତାଙ୍କର ସରଞ୍ଜାମ ଧରି ପଟ୍ଟାମୁଣ୍ଡାଇରେ ହାଜର ହୋଇଛନ୍ତି। ପଟ୍ଟାମୁଣ୍ଡାଇ ଯଜ୍ଞ ପଡିଆରେ ମିନା ବଜାର ପଡିବା ପାଇଁ ପ୍ରସ୍ତୁତ ହେଉଥିବାବେଳେ ଯଜ୍ଞ ପଡିଆ ବର୍ଷା ପାଣିରେ ବୁଡି ରହିଥିବାରୁ ମିନା ବଜାର ପଡିବା ନେଇ ଆଶଙ୍କା ସୃଷ୍ଟି ହୋଇଛି। ପଟ୍ଟାମୁଣ୍ଡାଇ ସହରରୁ ଜଳ ନିଷ୍କାସନ ପାଇଁ ଆବଶ୍ୟକ ଡ୍ରେନ ନଥିବାରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି । ବର୍ଷକରେ ଥରେ ବିଭିନ୍ନ ବ୍ୟବସାୟ କରି ଲାଭବାନ ହେବା ପାଇଁ ଆଶା ରଖିଥିବା ବ୍ୟବସାୟୀମାନେ ଲଗାଣ ବର୍ଷା ଦେଖି ଆଶଙ୍କାରେ ପଡିବା ସହିତ ଚିନ୍ତିତ ହୋଇପଡିଛନ୍ତି ।

# ସିଟି salad

## ବିଧାୟିକାଙ୍କ ଫୋନ୍ ଧରିବାକୁ ଡର



ଜଣେ ବିଧାୟିକାଙ୍କ ଫୋନ୍ ଧରିବାକୁ ଏବେ ସରକାରୀ ବାବୁମାନେ ଡରୁଛନ୍ତି। ଯଦି ଧରୁଛନ୍ତି ବିଭିନ୍ନ ବାହାନା କରି ତାଙ୍କ ବୈଠକକୁ ଟାଳି ଦେଉଛନ୍ତି। ଏମିତି କଥା ସଚିବାଳୟରେ ଆଲୋଚନା ହେଉଥିବାବେଳେ ଆମେ ଟିକେ ଅଟକିଗଲୁ। ଜଙ୍ଗଲ ବିଭାଗର କିଛି ବାବୁଙ୍କ ଆଲୋଚନାରୁ ଯାହା ଜାଣିଲୁ ବିଧାୟିକା ଜଣଙ୍କ ନିକଟରେ ଗୋଟିଏ ଦପ୍ତରକୁ ସମୀକ୍ଷା ପାଇଁ ଫୋନ୍ କରିଥିଲେ। ଫୋନ୍ ପାଇ ଦପ୍ତରର ମୁଖିଆ ଖୁସି ହୋଇଗଲେ। କେବେ ବୈଠକ କରିବା ବୋଲି ପଚାରିଲେ। ସେପଟୁ ବୈଠକର ତାରିଖ ସହିତ କୁହାଗଲା ମ୍ୟାଡାମଙ୍କ ସହିତ ୨୦/୨୨ ଜଣ ଆସିବେ। ଏଥି ସହିତ ସେମାନେ କ'ଣ କ'ଣ ଖାଇବେ ତାହାର ଏକ ବଡ ତାଲିକା ବି ଫୋନ୍‌ରେ କୁହାଗଲା। କିଛି ସମୟ ସବୁ ଶୁଣିବାପରେ ଦପ୍ତରର ମୁଖିଆ କାନମୁଣ୍ଡା ଆଉଁଶିଲେ। ହଁ ତ ମାରିଛନ୍ତି, ତେଣୁ ବାଧହୋଇ ବୈଠକ କଲେ। ରାଜଧାନୀର ଏକ ତାରକା ହୋଟେଲରୁ ଖାନା ପିନା ଆସିଲା। ବିଧାୟିକାଙ୍କ ସହିତ ଆସିଥିବା ଡେଲା ଡାମ୍ଫୁଖାମାନେ ଭୁରି ଭୋଜନ କଲେ। ଏଥି ସହିତ ଅଫିସର କର୍ମଚାରୀମାନେ ବି ଖାଇଲେ। ବୈଠକ ସାରି ବିଧାୟିକା ଯିବାପରେ ହୋଟେଲ ବିଲ୍ ଦେଖି ବଡ ବାବୁଙ୍କ ମୁଣ୍ଡା ଘୂରାଇ ଦେଲା। କେଉଁ ସୂତ୍ରରୁ ଟଙ୍କା ଆସି ହୋଟେଲକୁ ଦିଆଯିବ ସେଥିପାଇଁ ଜୋରଦାର କସରତ ଚାଲିଲା। ତେବେ କଥାଟା ଦପ୍ତରରୁ ଆସି ସଚିବାଳୟରେ ପହଞ୍ଚିବା ପରେ ଏ କାନରୁ ସେ କାନକୁ ଗଲା। ସେବେଠାରୁ ମ୍ୟାଡମ ଯାହାକୁ ବୈଠକ ପାଇଁ ଫୋନ କରୁଛନ୍ତି ସିଏ ଆଉ ଧରାଛୁଆଁ ଦେଉ ନାହାନ୍ତି।

## ଅରୁଣଙ୍କ ଶୁକ୍ରାଣୁ ଚିନ୍ତା



ବିଧାନସଭାରେ ପ୍ରଶ୍ନ ପଚାରିବା ହେଉ କିମ୍ବା କୌଣସି ଆଲୋଚନାରେ ସରକାରଙ୍କୁ ଷଣ୍ଢଆସୀ ଆକ୍ରମଣ ପାଇଁ ନୟାଗଡ଼ ବିଧାୟକ ଡକ୍ଟର ଅରୁଣ ସାହୁ ବେଶ୍ ଜଣାଶୁଣା। ହେଲେ ଏଥର ବର୍ଷାକାଳୀନ ଅଧିବେଶନରେ କିନ୍ତୁ ଅରୁଣ ବାବୁ ତାଙ୍କର ଦୁଇଟି ପ୍ରଶ୍ନକୁ ନେଇ ଚର୍ଚ୍ଚାରେ। ଗୋଟିଏ ହେଲା ରାଜ୍ୟରେ ଯୋଗାଯାଉଥିବା ଶୁକ୍ରାଣୁ କୁ ନେଇ ଓ ଅନ୍ୟଟି ହେଲା କଙ୍କଡା ଚାଷକୁ ନେଇ। ଏଭଳି ନିଆରା ପ୍ରଶ୍ନ ଅନ୍ୟ କେହି ହେଲେ ଏଥର ପଚାରି ନାହାନ୍ତି। ଦୁଇଟି ଯାକ ପ୍ରଶ୍ନ ଜଣେ ମନ୍ତ୍ରୀଙ୍କୁ ପଚରା ଯାଇଥିଲା। ମନ୍ତ୍ରୀ ବି ପରିଶ୍ରମ କରି ଉତ୍ତର ଦେଇଥିଲେ। ଅରୁଣ ପଚାରିଥିଲେ ରାଜ୍ୟରେ ଶୁକ୍ରାଣୁର କେତେ ଆବଶ୍ୟକ ରହିଛି ଓ କେତେ ଯୋଗା ଯାଉଛି ? ମନ୍ତ୍ରୀ ଗୋକୁଳାନନ୍ଦ ବି ହିସାବ ଦେଖାଇ କହିଥିଲେ ରାଜ୍ୟରେ ଗାଈମାନଙ୍କ ପ୍ରଜନନ ପାଇଁ ୧୭ଲକ୍ଷ ଶୁକ୍ରାଣୁ ଯୋଗାଯାଉଥିବା ସେହିଭଳି ରାଜ୍ୟରେ ଶୁକ୍ରାଣୁ ଅଭାବ ପାଇଁ ଗାଈମାନେ ବନ୍ଧ୍ୟା ହେବା ନେଇ ଅରୁଣ ଯେଉଁ ପ୍ରଶ୍ନ କରିଥିଲେ, ତାହାର ଉତ୍ତରରେ ମନ୍ତ୍ରୀ କହିଥିଲେ ଏଭଳି ଖବର ନେଇ ଆସିନାହିଁ। କଙ୍କଡା ଚାଷ ସଂକ୍ରାନ୍ତରେ ଅରୁଣ ପଚାରିଥିବା ପ୍ରଶ୍ନର ଉତ୍ତର ବି ମନ୍ତ୍ରୀ ଦେଇ କହିଥିଲେ ଯେ ରାଜ୍ୟରେ କଙ୍କଡା ବିହନ ଉତ୍ପାଦନ ପାଇଁ ସରକାର ଗାଇଡଲାଇନ ପ୍ରସ୍ତୁତ କରିଛନ୍ତି। ଏଣିକି କଙ୍କଡା ଚାଷ କରିବାରେ କୌଣସି ସମସ୍ୟା ରହିବ ନାହିଁ। ତେବେ ଅରୁଣଙ୍କର ଏହି ଦୁଇଟି ପ୍ରଶ୍ନର ଉତ୍ତର ଲିଖିତ ଆକାରରେ ଆସିଥିଲା। ଗୃହରେ ଆଲୋଚନା ହୋଇପାରିଲା ନାହିଁ। ତେବେ ପ୍ରଶ୍ନଟି ସାମ୍ବାଦିକ ମହଲରେ ବେଶ୍ ଆଲୋଚିତ ହୋଇଥିଲା। ସାମ୍ବାଦିକ ଭାଇମାନେ ଅରୁଣଙ୍କ ଗୋବଂଶ ରକ୍ଷା ଓ ଶୁକ୍ରାଣୁ ଚିନ୍ତାକୁ ନେଇ ତାଙ୍କୁ ସାବାସୀ ଦେବା ସହିତ କଙ୍କଡା ଚାଷ ଚିନ୍ତା ପାଇଁ ଡବଲ ଧନ୍ୟବାଦ ଦେଉଥିବା ଲକ୍ଷ୍ୟ କରାଯାଇଥିଲା।

## ବିଏମସିର ଗାଡିରେ ମାଗଣା ବୁଲା




ବିଏମସି ବାବୁଙ୍କୁ ଏବେ ଗାଡି ଭଡା ଚିନ୍ତା ଘାରିଛି। ତେବେ ଏ ଚିନ୍ତାଟିର କାରଣ ପାଲଟିଛନ୍ତି ଜଣେ ଅବସରପ୍ରାପ୍ତ ବାବୁ। ବାବୁ ଜଣଙ୍କ ବିଏମ୍‌ସିରୁ ବଡ ଗାଡିଟିଏ ନେଇ ଘୂରି ବୁଲୁଛନ୍ତି। ହେଲେ ବିଏମ୍‌ସିର ବାବୁମାନେ ଏପର୍ଯ୍ୟନ୍ତ ଜାଣିପାରୁ ନାହାନ୍ତି ଗାଡି ଚଢୁଥିବା ବାବୁଜଣଙ୍କ କେଉଁ ପଦବୀରେ ଅଛନ୍ତି ଓ ତାଙ୍କ କାମ କ'ଣ ? ଯେତେବେଳେ ପଚାରୁଛନ୍ତି ବାବୁ କହୁଛନ୍ତି ତାଙ୍କର କାମ ବିଭାଗରେ। ସିଏ ସବୁବେଳେ ସେଠାରେ ମିଟିଂରେ ବ୍ୟସ୍ତ। ତେବେ ମାସକୁ ମାସ ମୋଟା ଅଙ୍କର ଗାଡିଭଡା ଗଣୁଥିବା ବିଏମ୍‌ସିର କିଛି ବାବୁ ଖୋଳତାଡ କରିବାପରେ ଜାଣିଛନ୍ତି ଯେ ଗାଡିଚଢା ବାବୁ ଜଣଙ୍କ ଜଣେ ଅବସରପ୍ରାପ୍ତ କର୍ମଚାରୀ। ବହୁ ମାମଲାରେ ଛନ୍ଦିହୋଇ ଅବସର ନେଇଛନ୍ତି। ଏବେ ବି ମାମଲା ଚାଲିଥିବାରୁ ବାବୁ ପେନ୍‌ସନ ଗଣ୍ଡାକ ପାଉ ନାହାନ୍ତି। ବିଭାଗରେ ବି ତାଙ୍କର ଖାତା ଖତିଆନା ନାହିଁ। ନୂଆ ସରକାର ଆରମ୍ଭରୁ କୌଣସି କାଇଦାରେ ବାବୁ ଜଣଙ୍କ ଗାଡିଟିଏ ନେଇ ପଇଁତରା ମାରୁଛନ୍ତି। ତାଙ୍କୁ ଗାଡି ଦେଇଥିବା କମିଶନର ଇତି ମଧ୍ୟରେ ବିଏମ୍‌ସି ଛାଡିଲେଣି। ହେଲେ ବାବୁ କିନ୍ତୁ ଗାଡି ଛାଡୁ ନାହାନ୍ତି। ତେଣୁ ବିଏମ୍‌ସିର ବାବୁମାନେ ଧରାପଡ଼ିବା ଭୟରେ ଏବେ ସପ୍ତାହକୁ ଥରେ ମାଗଣା ଗାଡିଚଢା ବାବୁଙ୍କ ଗାଡି ବଦଳାଇ ଦେଉଛନ୍ତି। ହେଲେ ମାସ ଶେଷକୁ ମୋଟା ଅଙ୍କର ଅର୍ଥ ପଇଠ କରୁଛନ୍ତି। ବିଏମ୍‌ସି ଏବେ ଏହି ବାବୁଙ୍କ ସଂକ୍ରାନ୍ତରେ ବିଭାଗୀୟ ସଚିବଙ୍କୁ ପତ୍ର ଲେଖି ତାଙ୍କର ଗାଡିଚଢା ବିଷୟରେ ଜଣାଇବାକୁ ସଜବାଜ ହେଉଥିବା ସୂଚନା ମିଳିଛି।

## ଖାକିଙ୍କ ପ୍ରେମନଗରୀ



ମନ୍ଦିର ନଗରୀ ଭୁବନେଶ୍ୱର ଏବେ ପ୍ରେମ ନଗରୀ। ଖାକି ବାବୁ ବାବୁଆଣିଙ୍କ ପ୍ରେମପାଇଁ ରାଜଧାନୀର ଏଭଳ ନାମକରଣ ହେବାକୁ ଯାଉଛି। ସକାଳୁ ଚା' ପିଇଲାବେଳେ ଖଟିରେ କିଛି ଖାକି ବାବୁ ନିଜ ବିରାଦୀରିଙ୍କ ସଂକ୍ରାନ୍ତରେ ଏଭଳି ଆଲୋଚନା ଶୁଣି ଆମେ ଆଚମ୍ବିତ। ଜଣେ ଖାକିବାବୁ କହୁଥାନ୍ତି ବୁଝିଲେ ଆଜ୍ଞା, ରାଜଧାନୀରେ ଖାକିବାବୁମାନେ ଏବେ ବର୍ଷକ ବାର ମାସ ପ୍ରେମରେ ଉବୁଟୁବୁ ହେଉଛନ୍ତି। ଡ୍ୟୁଟି ଚୁଲିକୁ ଗଲାଣି। ପୂର୍ବରୁ କ୍ୟାପିଟାଲ ଥାନାର ଜଣେ ଖାକିବାବୁ ପ୍ରେମକରି ରାଜଧାନୀରୁ ବିଦା ହୋଇଥିବାବେଳେ ଆଉ ଜଣେ ଖାକି ବାବୁଆଣିଙ୍କ ପ୍ରେମ ବି ଚର୍ଚ୍ଚାରେ ଥିଲା। ଗୋଟିଏ ପିଲାର ମା' ଏହି ଖାକି ବାବୁଆଣି ଜଣଙ୍କର ଏଭଳି ପ୍ରେମ ନିଶା ଯେ ଅନ୍ୟମାନଙ୍କ ଆଗରେ ନିଜକୁ ଅବିବାହିତ ବୋଲି କହିବାକୁ ପଛାନ୍ତି ନାହିଁ। ଜଣେ ସର୍ବଭାରତୀୟ ଖାକି ବାବୁ ତ ମହିଳା ଇନ୍ସପେକ୍ଟରଙ୍କ ପ୍ରେମରେ ଉବୁଟୁବୁ ହେବାରୁ ତାଙ୍କୁ ସରକାର ଗୁରୁଦାୟିତ୍ୱରୁ ହଟାଇ ଦେଇଛନ୍ତି। ସେହିଭଳି ଆଉ ଜଣେ ସର୍ବଭାରତୀୟ ବାବୁ ମହିଳା ଇନ୍ସପେକ୍ଟରଙ୍କ ଘରେ ପଶି ପ୍ରେମଲୀଳା ଚଳାଇଥିବାବେଳେ ଧରାପଡ଼ି ତଦନ୍ତର ସମ୍ମୁଖୀନ ହୋଇଥିଲେ। ଏବେ ରାଜଧାନୀର ଜଣେ ଥାନାଧିକାରିଣୀ ନିଜ ହାବିଲଦାର ପତିଙ୍କୁ ଘରେ ଛାଡି ଜଣେ ଏଏସ୍‌ଆଇଙ୍କ ସାଙ୍ଗରେ ବୁଲିବା ଚର୍ଚ୍ଚାର ବିଷୟ ପାଲଟିଛି। ତେବେ ଏମାନେ ପ୍ରେମରେ ସଫଳ ହୋଇଥିବାବେଳେ ଶୁଭ୍ରମିତା ଘଟଣାରେ କିନ୍ତୁ ପୁଲିସ୍ ବଦନାମ ହୋଇଗଲା। ମହିଳା ଜଣଙ୍କ ହତ୍ୟାର ଶିକାର ହୋଇଗଲେ। ଏହା ପରେ ବି ଅନେକ ଖାକିବାବୁ ଏବେ ପ୍ରେମରେ ମସଗୁଲ୍। ଖାଲି ଯାହା ଧରାପଡୁ ନାହାନ୍ତି। ଅଧିକାଂଶ ଥାନାର ଏହି ଗୋଲାପି ଚିତ୍ର ଏବେ ବଡବାବୁମାନଙ୍କ ପାଇଁ ଚିନ୍ତାର କାରଣ ହୋଇଥବାବେଳେ ତାଙ୍କ ଠାରୁ ଅଧିକ ଚିନ୍ତା ଏବେ ଖାକିଙ୍କ ଘରଣିମାନଙ୍କର ବୋଲି ଆଉ ଜଣେ ଖାକିବାବୁ ମନ୍ତବ୍ୟ ଦେବାରୁ କଥା ସେତିକିରେ ଅଟକିଥିଲା।

## ମାମୁଁଘର ଗାଁରେ ପୋଷ୍ଟର ୱାର



ଜଟଣୀ ନିର୍ବାଚନରେ ମଣ୍ଡଳୀରେ ଚାଲିଛି ପୋଷ୍ଟର ୱାର। ତେବେ ଏହି ଯୁଦ୍ଧରେ ସାମିଲ ହୋଇଥିବା ଜଣେ ଯୁବନେତାଙ୍କୁ ନେଇ ପ୍ରବଳ ଚର୍ଚ୍ଚା। ତାଙ୍କ ଘର ଜଟଣୀ ନିର୍ବାଚନମଣ୍ଡଳୀରେ ନୁହେଁ। ସେଠାରେ ବି ଘରଭଡା ନେଇ ରହୁନାହାନ୍ତି। ଅଧିକାଂଶ ସମୟ ରାଜଧାନୀରେ। ହେଲେ ଯୁଆଡେ ଦେଖିବ ସିଆଡେ ତାଙ୍କର ମୁକୁକୁନ୍ଦିଆ ପୋଷ୍ଟର। କାନ୍ଥ ବାଡ, ଗଛ, କ୍ୟାବିନ କେଉଁଠି ଟିକେ ଅନ୍ୟମାନଙ୍କ ପାଇଁ ସ୍ଥାନ ନାହିଁ। ତେବେ ମଜାର କଥା ହେଉଛି ତାଙ୍କରି ଦଳର ଜଟଣୀର ବରିଷ୍ଠ ନେତାମାନେ ଏହି ବାବୁଙ୍କୁ ଦେଖିବାକୁ ପାଉ ନାହାନ୍ତି। ଯାହାକୁ ପଚାରିଲେ ବି କହିପାରୁ ନାହାନ୍ତି। ଆଲୋଚନା ଅନୁଯାୟୀ ନେତାଙ୍କ ମାମୁଁଘର ଜଟଣୀ ନିର୍ବାଚନମଣ୍ଡଳୀରେ। ଭୁବନେଶ୍ୱରର ଏକାମ୍ର ନିର୍ବାଚନକ୍ଷେତ୍ରକୁ ଲାଗିଛି। ଭବିଷ୍ୟତକୁ ଦୃଷ୍ଟିରେ ରଖି ଯୁବନେତା ଜଣଙ୍କ କୁଆଡେ ଦଶହରା ପୋଷ୍ଟର ମାରିଛନ୍ତି। ତୋରଣ ବି କରିଛନ୍ତି। ହେଲେ ବାବୁଙ୍କ ବିଷୟରେ ଅନେକ ଜଟଣୀବାସୀ ଅଜ୍ଞ। ଖାଲି ଯୁବନେତା ଜଣଙ୍କୁ ଯାହା ଟିଭିରେ ବାକ୍‌ଯୁଦ୍ଧ କରିବାର ଦେଖିଛନ୍ତି। ତାଙ୍କରି ଦଳର ଜଣେ ନେତାଙ୍କ କହିବାକଥା ଯେ ଅତୀତରେ ଆଉ ଜଣେ ସାମ୍ବାଦିକ ଭବିଷ୍ୟତକୁ ଦୃଷ୍ଟିରେ ରଖି ଏଠାରେ ଏଭଳି ପୋଷ୍ଟର ମାରିଥିଲେ। ନିଜକୁ ପ୍ରାର୍ଥୀ ବୋଲି ଘୋଷଣା ବି କରିଥିଲେ। ହେଲେ ତାହାର ଫଳ କ'ଣ ହେଲା ଜଟଣୀବାସୀ ଦେଖିଲେ। ଏବେ ଏ ଉଡା ବାବୁ ଜଣଙ୍କ ସବୁଆଡେ ପୋଷ୍ଟର ମାରିବାରେ ଲାଗିଛନ୍ତି। ମାମୁଁଘର ଗାଁରେ ଗୋଠେ ଗାଈ ଭଳି ଯୁବନେତାଙ୍କ ଅବସ୍ଥା କେଉଁଦିନ ହେବ ତାହାକୁ ତାଙ୍କରି ଦଳର ବରିଷ୍ଠମାନେ ଚାହିଁ ବସିଛନ୍ତି।

# ରାଜଧାନୀ ଦୁର୍ଗାପୂଜା

## ୧୭୨ ମଣ୍ଡପରେ ବିରାଜିଲେ ମା'

**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଶାରଦୀୟ ନବରାତ୍ରୀ ପାଇଁ ଗାଁଠୁ ସହର ପର୍ଯ୍ୟନ୍ତ ଚାରିଆଡ଼େ ଉତ୍ସବର ବାତାବରଣ ଦେଖାଯାଇଛି। ଧରାପୃଷ୍ଠକୁ ମା'ଙ୍କ ବିରାଜ ପାଇଁ ଶକ୍ତିପୀଠଗୁଡ଼ିକ ଚଳଚଞ୍ଚଳ ହୋଇଉଠିଛି। ଦେବୀପୀଠଗୁଡ଼ିକରେ ଶ୍ରଦ୍ଧାଳୁମାନଙ୍କର ଭିଡ଼ ରହୁଛି। ଆଜି ଦେବୀପୀଠ ଓ ମନ୍ଦିରରେ ମା'ଙ୍କର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଯାଇ ଥିବା ବେଳେ ମଣ୍ଡପରେ ମା'ଙ୍କ ଷଷ୍ଠୀ ପୂଜା ରାତିରେ ଅନୁଷ୍ଠିତ ହେବ। ମାଆଙ୍କ ଦଶହାର ପୂଜା ପାଇଁ ପ୍ରସ୍ତୁତି ଜାରି ରହିଛି। ମାଆ ଦୁର୍ଗା ଆସନ୍ତାକାଲି ଠାରୁ ମଣ୍ଡପରେ ଶ୍ରଦ୍ଧାଳୁମାନଙ୍କୁ ଦର୍ଶନ ଦେବେ। ତେବେ ମଣ୍ଡପରେ ମା'ଙ୍କ ଦର୍ଶନ ଆଜି ହୋଇପାରୁ ନଥିଲେ ମଧ୍ୟ ଲୋକଙ୍କର ଗହଳି ଦେଖିବାକୁ ମିଳିଛି। ରାଜଧାନୀ ଭୁବନେଶ୍ୱରରେ ପାଗ ଭଲ ଥିବାରୁ ଆଜି ଅପରାହ୍ନ ଠାରୁ ମଣ୍ଡପଗୁଡ଼ିକ



ସାମ୍ନାରେ ଲୋକଙ୍କ ସୁଅ ଛୁଟୁଛି। ମା'ଙ୍କ ଦର୍ଶନ ବ୍ୟବସ୍ଥା ନଥିଲେ ବି ଲୋକେ ମଣ୍ଡପ ସାମ୍ନାରେ ଲାଗିଥିବା ଅସ୍ଥାୟୀ ଷ୍ଟଲ ଓ ଖୋଲା ଦୋକାନରୁ ଜିନିଷପତ୍ର କିଣିବା ଆରମ୍ଭ କରିଦେଇଛନ୍ତି। ମଣ୍ଡପ ସାମ୍ନାରେ ବୁଲା ବେପାରୀମାନେ ମଧ୍ୟ ଆସର ଜମାଇଛନ୍ତି। ଲୋକଙ୍କର ଭିଡ଼ ବଢୁଥିବାରୁ ଓ ପାଗ ଭଲ ଥିବାରୁ ସେମାନେ ଭଲ ବେପାର ମଧ୍ୟ କରିଛନ୍ତି। ଭୁବନେଶ୍ୱରର ଦୁର୍ଗାପୂଜା ମଣ୍ଡପରେ ଭିଡ଼ ଲାଗିବାର ଅନ୍ୟ ଏକ କାରଣ ହେଲା ଏଠାରେ ନୂଆ ନୂଆ ଢାଞ୍ଚାରେ ନିର୍ମିତ ତୋରଣ। ବିଭିନ୍ନ ପୂଜା ଅନୁଷ୍ଠାନ ତରଫରୁ ଲୋକଙ୍କୁ ଆକର୍ଷିତ କଲା ଭଳି ଚଳିତ ବର୍ଷ ସୁଉଚ୍ଚ ତୋରଣ ନିର୍ମାଣ କରିଛନ୍ତି। ଝାଉଁ ଫଳ, କଦଳୀ ପଟୁଆ, ଅର୍ଜୁନ ଫଳ, ବେତ କୋଳି ମଞ୍ଜି, କଠଗୁଣ୍ଡ, କାଉଁରୀ କାଠି, ଆମ୍ବଟାରେ ସୂକ୍ଷ୍ମ କାରୁକାର୍ଯ୍ୟ ହୋଇଛି।



ପୂଜା ଛୁଟିରେ ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସରକାରୀ କାର୍ଯ୍ୟ କରିବା ସହ ମୁଖ୍ୟ ଶାସନ ସଚିବ ଓ ଅନ୍ୟ ବରିଷ୍ଠ ଅଧିକାରୀଙ୍କ ସହ ବିଭିନ୍ନ ବିକାଶମୂଳକ ଯୋଜନା ବିଷୟରେ ଆଲୋଚନା କରୁଛନ୍ତି।

### ।ଶ୍ରୀମନ୍ଦିର ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ।

## ନୋ ଫ୍ଲାଇଂ ଜୋନରେ ପୁଣି ଉଡ଼ିଲା ଡ୍ରୋନ୍



**ପୁରୀ,୨୮।୯(ସଂଚାର ବ୍ୟୁରୋ) :** ପୁଣି ଶ୍ରୀମନ୍ଦିର ଉପରେ ଉଡିଲା ଡ୍ରୋନ୍। ସୁରକ୍ଷାକୁ ନେଇ ଉଠିଲା ପ୍ରଶ୍ନ। ଲଗାତାର ୧୫ ମିନିଟ୍ ଧରି ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡିଛି। ଶ୍ରୀମନ୍ଦିର ସମେତ ଆନନ୍ଦବଜାର ଓ ସ୍ନାନମଣ୍ଡପ ଉପରେ ଉଡିଲା ଡ୍ରୋନ୍। ଡଳ ବାନା ପରିବର୍ତ୍ତନ ସମୟରେ ଉଡିଲା ଡ୍ରୋନ୍। ବାନା ବନ୍ଧା ସମୟରେ ଡ୍ରୋନ୍ ଉଡିବାରୁ ସମ୍ପୃକ୍ତ ଚୁନେରା ସେବକଙ୍କ ଉପରେ ଆସୁଛି ସନ୍ଦେହ। ଡ୍ରୋନଟି କେଉଁଠାରୁ ଅପରେଟ୍ ହେଉଥିଲା ତାହା ଅସ୍ପଷ୍ଟ ରହିଛି। ଏକ ସପ୍ତାହ ମଧ୍ୟରେ ବାରମ୍ବାର ଶ୍ରୀମନ୍ଦିର ଉପରେ ଉଡିଛି ଡ୍ରୋନ।

## ସ୍କୁଟି ଉପରେ ମାଡ଼ିଗଲା ହାଇୱା, ପତି-ପତ୍ନୀ ମୃତ

**ବରଗଡ଼,୨୮।୯(ସଂଚାର ବ୍ୟୁରୋ) :** ବରଗଡ଼ ସହର ସ୍ଥିତ ଗୁରୁଦ୍ୱାରା ଛକଠାରେ ଘଟିଛି ମର୍ମନ୍ତୁଦ ସଡକ ଦୁର୍ଘଟଣା। ଦୁଇ ଛୁଆଙ୍କ ଆଖି ସାମ୍ନାରେ ଚାଲିଗଲା ମା'-ବାପାଙ୍କ ଜୀବନ। ଏଭଳି ହୃଦୟ ବିଦାରକ ଦୃଶ୍ୟ ସାମ୍ନାକୁ ଆସିଛି ବରଗଡ଼ ସହର ସ୍ଥିତ ଗୁରୁଦ୍ୱାରା ଛକ ଠାରେ। ସ୍କୁଟି ଉପରେ ମାଡିଗଲା ହାଇୱା ଗାଡି। ଦୁର୍ଘଟଣା ସ୍ଥଳରେ ପତି- ପତ୍ନୀ ମୃତ। ୨ ଛୁଆ ଏବେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ। ସୂଚନା ଅନୁସାରେ, ସ୍କୁଟିକୁ ପଛପଟୁ ହାଇୱା ଗାଡି ଚଢି ଯାଇଥିବା ପ୍ରତ୍ୟେକ୍ଷଦର୍ଶୀ କହିଛନ୍ତି । ହାଇୱା ଗୁରଦ୍ୱାରା ଛକ ଆଡୁ ଆସି ଏକ ସ୍କୁଟିକୁ ପଛପଟୁ ଧକ୍କା ଦେଇ ଦଳି ଦେଇଥିଲା ଫଳରେ ଘଟଣାସ୍ଥଳରେ ସ୍କୁଟିରେ ଥିବା ସ୍ୱାମୀ ସ୍ତ୍ରୀଙ୍କ ମୃତ୍ୟୁ ଘଟିଛି। ମୃତ ଦମ୍ପତି ହେଲେ ଅମ୍ବାଭୋନାର କୁନ୍ତଳା ଡୁଙ୍ଗୁରି ଓ ହରେକୃଷ୍ଣ ଡୁଙ୍ଗୁରି। ହାଇୱା ଡ୍ରାଇଭର ଗାଡି ଭିତରେ ରହିଥିବା ବେଳେ ପୋଲିସ ଉପସ୍ଥିତ ରହିଛି। ଦୁର୍ଘଟଣାସ୍ଥଳରେ ଚାପା ଉତ୍ତେଜନା ଲାଗି ରହିଛି।

## ବିପୁଳ ପରିମାଣରେ ବାଣ ଜବତ



**କର୍ଲାମୁଣ୍ଡା,୨୮।୯(ସଂଚାର ବ୍ୟୁରୋ):** କର୍ଲାମୁଣ୍ଡା ବ୍ଲକ ରିଷିଡ଼ା ପୁଲିସ ଆଜି ତେରେସିଂହାର ବେଲପଡ଼ା ସ୍ଥିତ ବ୍ୟବସାୟୀ ରାକେଶ କେଡିଆଙ୍କ କଲୋନିପଡ଼ାସ୍ଥିତ ଦୋକାନ ଗୋଦାମ ଘରୁ ବିପୁଳ ପରିମାଣରେ ବାଣ ଜବତ କରିଥିବା ଜଣାଯାଇଛି। ରିଷିଡ଼ା ଫାଣ୍ଡି ଅଧିକାରୀ ମନୁଆ ବିଡ଼ିକାଙ୍କ ନେତୃତ୍ୱରେ ପୁଲିସ ଟିମ ଶ୍ରୀ କେଡ଼ିଆଙ୍କ ଗୋଦାମ ଘରେ ଚଢ଼ାଉ କରି ପାୟ ଦୁଇ ଲକ୍ଷ ଟଙ୍କାରୁ ଅଧିକ ପରିମାଣରେ ବାଣ ଜବତ କରିଥିବା ଜଣାଯାଇଛି। ଏହି ଟିମ୍‌ରେ ଫାଣ୍ଡି ଅଧିକାରୀ ଶ୍ରୀ ବିଡ଼ିକାଙ୍କ ସମେତ କନଷ୍ଟେବଲ ଭୁବନେଶ୍ୱରୀ ମାଝୀ, ସଂଜୀବ ସାହୁ, ଜ୍ୟୋତିର୍ମୟ ମହାନନ୍ଦ, କୈଳାସ ପୁଟେଲ ପ୍ରମୁଖ ସାମିଲ ହୋଇଥିଲେ। ଏହି ଟିମ୍‌ରେ ଫାଣ୍ଡି ଅଧିକାରୀ ଶ୍ରୀ ବିଡ଼ିକାଙ୍କ ସମେତ କନଷ୍ଟେବଲ ଭୁବନେଶ୍ୱରୀ ମାଝୀ, ସଂଜୀବ ସାହୁ, ଜ୍ୟୋତିର୍ମୟ ମହାନନ୍ଦ, କୈଳାସ ପୁଟେଲ ପ୍ରମୁଖ ସାମିଲ ହୋଇଥିଲେ। କିଛିଦିନ ପୂର୍ବେ ବୌଦ୍ଧ ଜିଲାର ବାଣ ବିସ୍ଫୋରଣ ଘଟଣା ସାରା ରାଜ୍ୟରେ ଚହଳ ପକାଇ ଥିବା ବେଳେ ଲୋକଙ୍କ ସୁରକ୍ଷା ଦୃଷ୍ଟିରେ ରଖି ବର୍ତ୍ତମାନ କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରହିଛି। ଗତ କିଛି ଦିନ ତଳେ ରିଷିଡା ରେ ମଧ୍ୟ ଚଢ଼ାଉ କରାଯାଇଥିଲା। ବିନା ଲାଇସେନ୍ସ ରେ ବାଣ ବିକୁଥିବା ଦୋକାନୀ ମହଲରେ ଏବେ କୋକୁଆ ଭୟ ସୃଷ୍ଟି ହୋଇଛି ।

## ସୀମାନ୍ତରୁ ମାଓ ଦମ୍ପତି ଗିରଫ

**ମାଲକାନଗିରି, ୨୮।୯(ସଂଚାର ବ୍ୟୁରୋ):** ଜିଲ୍ଲା ସୀମାନ୍ତ ଛତିଶଗଡ଼ର ରାଜଧାନୀରୁ ପୁଲିସ ଏକ ସହରି ନକ୍ସଲ ଦମ୍ପତିଙ୍କୁ ଗିରଫ କରିବାରେ ସଫଳ ହୋଇଛି। ଲଗାତାର ପୁଲିସ ନକ୍ସଲ ଦମନରେ ବିଭିନ୍ନ ଦିଗକୁ ନେଇ ଅପରେସନ କରିବା ସହ ସହରି ଏବଂ ଜଙ୍ଗଲି ନେଟୱର୍କକୁ ସଜାଗ ରଖିଛି। ଏହିକ୍ରମରେ ରାୟପୁର ଠାରେ ଦୀର୍ଘ ଦିନ ଧରି ନକ୍ସଲ ଦମ୍ପତି ବିଭିନ୍ନ ସ୍ଥାନରେ ଭଡା ନେଇ ରହୁଥିଲେ। ଏମାନେ ହେଲେ ଜଗ୍ଗୁ ଅରଫ ରମେଶ ଏବଂ ତାଂକ ପତ୍ନୀ କମଳା। ଏମାନେ ବିଜାପୁର ଜିଲ୍ଲାର ବୋଲି ପୁଲିସ ଜାଣିବାକୁ ପାଇଛି। ଏମାନେ ପେକ ଆଧାର କାର୍ଡ କରି ସହରରେ ରହୁଥିଲେ। ରାୟପୁରର ବିଭିନ୍ନ ସାହିରେ ଘର ବଦଳାଇ ରହୁଥିଲେ। ପୁଲିସ ସହରି ନେଟୱର୍କକୁ ତଦନ୍ତ କରିବା ବେଳେ ଏହି ଦମ୍ପତି ଧରାପଡ଼ିଥିଲେ। ଏପରିକି ଏମାନେ ବଡ଼ବଡ଼ ଅଧିକାରୀଙ୍କ ଘରେ କାମ କରିବା ସହ କାର ଡ୍ରାଇଭର ଓ ଗାର୍ଡ ରୂପେ ମଧ୍ୟ କାମ କରୁଥିଲେ। ରାୟପୁରର ବିଭିନ୍ନ ସାହିରେ ଘର ବଦଳାଇ ରହୁଥିଲେ। ପୁଲିସ ସହରି ନେଟୱର୍କକୁ ତଦନ୍ତ କରିବା ବେଳେ ଏହି ଦମ୍ପତି ଧରାପଡ଼ିଥିଲେ। ଏମାନଙ୍କୁ ପୁଲିସ ପଚରାଉଚରା କରିବା ପରେ କୋର୍ଟ ଚାଲାଣ କରିଛି। ଏମାନେ ପୁଲିସକୁ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ପ୍ରଦାନ କରିଥିବା ଜଣାପଡିଛି।

## ଧାନ, ମକା ଚାଷ ନଷ୍ଟକଲେ ୩୫ ଟିକିଆ ହାତୀ ପଲ

**କଣ୍ଟାବାଞ୍ଜି,୨୮।୯(ସଂଚାର ବ୍ୟୁରୋ):** ସବୁ ଫସଲ ନଷ୍ଟ ହୋଇଯାଇଛି। ଏଥର ଋଣକୁ କେମିତି ସୁଝିବେ ଚାଷୀ। ଭଲ ଫସଲ ହୋଇଥିଲେ ଦୁଇ ପଇସା ରୋଜଗାର ହୋଇଥାନ୍ତା। କିନ୍ତୁ ସବୁ ଫସଲକୁ ତ ହାତୀ ନଷ୍ଟ କରିଦେଲେ। ଏବେ ଚିନ୍ତାରେ ମୁଣ୍ଡରେ ହାତ ଦେଇ ବସିଛନ୍ତି ଚାଷୀ। ହାତୀପଲଙ୍କ ଉତ୍ପାତରେ ଅତିଷ୍ଠ ହେଲେଣି ଚାଷୀ। ଗତ କିଛି ମାସ ହେବ ମୁରିବାହାଲ ରେଞ୍ଜର ବିଭିନ୍ନ ଗାଁରେ ୩୫ ଟିକିଆ ବଣୁଆ ହାତୀ ଦେଖିବାକୁ ମିଳିଛି। ହାତୀମାନେ ଏ ଜଙ୍ଗଲରୁ ସେ ଜଙ୍ଗଲ ପାର୍ ହେଉଛନ୍ତି। ଏହି ସମୟରେ ଅନେକ ଲୋକଙ୍କ ଚାଷ ସବୁ ନଷ୍ଟ କରୁଛନ୍ତି। ଆଜି ସକାଳୁ ସକାଳୁ ଏହି ହାତୀ ପଲ ବାବେଜୁରି ଗାଁ ରାସ୍ତା ପାର କରି ଅନ୍ୟ ଏକ ଜଙ୍ଗଲକୁ ଯାଉଥିବା ଦେଖିବାକୁ ମିଳିଥିଲା। ତେବେ ରାସ୍ତା ପାର ହେଉଥିବା ସମୟରେ ଏକାଧିକ ଚାଷୀ ନିଜ ଚାଷ ଜମିରେ ଅମଳ କରି ରଖିଥିବା ଧାନ, କପାକୁ ମାଡ଼ି ବରବାଦ କରିଛନ୍ତି ହାତୀ। ହାତୀମାନଙ୍କ ଏଭଳି ଉତ୍ପାତ ସହ ଚଳ ପ୍ରଚଳ ଯୋଗୁଁ ଲୋକେ ଭୟଭୀତ ଥିବା ସହ କ୍ଷତି ପୂରଣ ଦାବି କରିଛନ୍ତି ଚାଷୀ। କେତେ ପରିଶ୍ରମ କରି ଫସଲ କରିଥିଲେ ଚାଷୀ। କିନ୍ତୁ କ୍ଷଣିକରେ ସବୁ କିଛି ବରବାଦ କରିଦେଲେ ହାତୀପଲ। ଏମାନଙ୍କ କ୍ଷତିକୁ ନଜରରେ ରଖି କ୍ଷତିଗ୍ରସ୍ତ ଚାଷୀଙ୍କୁ ସହୟାତ ଦିଆଯାଉ ବୋଲି ସାଧାରଣରେ ଦାବି ହୋଇଛି।

### ● ସାଲିଆ ସାହିରେ ଅବକାରୀ ବିଭାଗର ରେଡ୍

## ମାଟିରେ ମିଶିଲା ଦେଶୀ ମଦଭାଟି



**ଭୁବନେଶ୍ୱର,୨୮।୯(ସଂଚାର ବ୍ୟୁରୋ):** ଭୁବନେଶ୍ୱର ସାଲିଆ ସାହିରେ ମଦଭାଟି ଉପରେ ଅବକାରୀ ବିଭାଗର ରେଡ୍ କରିଛି। ମାଟିରେ ମିଶିଛି ଦେଶୀ ମଦ ଭାଟି। ଭୁବନେଶ୍ୱର ସାଲିଆସାହି ପଣ୍ଡା ନଗରରେ ଅବକାରୀ ଟିମ୍ ର ଚଢ଼ାଉ। ଏମସି ଓ ଅବକାରୀ ମିଳିତ ରେଡ ବେଳେ ଠାବ ହେଲା ମଦ ମାଫିଆଙ୍କ ସିକ୍ରେଟ ଚାମ୍ବର। ମଦଭାଟିକୁ ମାଟିରେ ମିଶାଇଲା ବିଏମସି ଏନଫୋର୍ସମେଣ୍ଟ ସ୍କ୍ୱାର୍ଡ। ଗତକାଲି ଅବକାରୀ ବିଭାଗ ପକ୍ଷରୁ ରେଡ କରାଯାଇ ୧୬ ହଜାର ଲିଟର ପୋଚ ସହ ୨ ହଜାର ଲିଟର ଦେଶୀ ମଦ ନଷ୍ଟ କରାଯାଇଥିଲା। ସିକ୍ରେଟ ଚାମ୍ବରରେ ଦେଶୀ ମଦ ଗଚ୍ଛିତ ହୋଇ ରହିଥିଲା। ଆଉ ଆଜି ବିଏମସି ଓ ଅବକାରୀ ବିଭାଗର ମିଳିତ ପ୍ରୟାସରେ ମାଟିରେ ମିଶୁଛି ମାଫିଆଙ୍କ ଘର।

## ବ୍ୟବସାୟୀ ସୁଶୀଲ ସୁବୁଦ୍ଧି ଅପହରଣ ଘଟଣାରେ ୪ ଗିରଫ

**ଖୋର୍ଦ୍ଧା, ୨୮।୯ (ସଂଚାର ବ୍ୟୁରୋ):** ଗତକାଲି ରାତିରେ ବାଲୁଗାଁ ଅଞ୍ଚଳର ପ୍ରତିଷ୍ଠିତ ବ୍ୟବସାୟୀ ସୁଶୀଲ ସୁବୁଦ୍ଧି ଅପହରଣ ଘଟଣାରେ ୪ ଜଣ ଗିରଫ। ୧୬ ନମ୍ବର ଜାତୀୟ ରାଜପଥ ଟାଙ୍ଗୀ ନିକଟସ୍ଥ ଚାନ୍ଦପୁର ଥାନା କଟରା ପଲୀ ଗାଁ ଭିତରୁ ୪ ଅପହରଣକାରୀଙ୍କ ସହ କାରକୁ ଜବତ କରିଛି ଟାଙ୍ଗୀ ପୋଲିସ। ତେବେ ଲୁଟ ହୋଇଥିବା ୨୦ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାକୁ ପୋଲିସ ଏ ପର୍ଯ୍ୟନ୍ତ ଉଦ୍ଧାର କରି ପାରିନାହିଁ। ପ୍ରକାଶ ଥାଉକି ଗତକାଲି ରାତି ସାଢେ ଏଗାର ବେଳେ ସୁଶୀଲ ବାଲୁଗାଁ ଆଇଡିବିଆଇ ବ୍ୟାଙ୍କ ତଳେ ଥିବା ତାଙ୍କ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରି ଏକ ସ୍କୁଟି ଡ଼ିକିରେ ଟଙ୍କା ନେଇ ଘରକୁ ଫେରୁଥିବା ବେଳେ ପାଟଣା ସାହି ସ୍କୁଲ ନିକଟରେ ଏକ କାରରେ କିଛି ଦୁର୍ବୃତ୍ତ ଆସି ସୁଶୀଲଙ୍କୁ ଅପହରଣ କରି ନେଇଯାଇଥିଲେ ଏବଂ ସ୍କୁଟି ମଧ୍ୟ ନେଇଯାଇଥିଲେ। ଘଟଣାସ୍ଥଳରେ ସୁଶୀଲଙ୍କ ଚପଲ ପଡ଼ିଥିବା ବେଳେ ବର୍ତ୍ତମାନ ତାଙ୍କ ପରିବାରବର୍ଗ ବାଲୁଗାଁ ଥାନାରେ ଏତଲା ଦେଇଥିଲେ।

### ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ରରେ ଟଙ୍କା ଠକେଇ

## ୩୦ ଲକ୍ଷ ନେଇ ସ୍ୱାମୀ-ସ୍ତ୍ରୀ ଫେରାର

**ଭଦ୍ରକ, ୨୮।୯ (ସଂଚାର ବ୍ୟୁରୋ):** ସାଇବର ଠକାଇ ପରି ଏବେ ବିଭିନ୍ନ ମିନି ବ୍ୟାଙ୍କ ଖୋଲି ଗ୍ରାମାଞ୍ଚଳର ଲୋକଙ୍କୁ ଠକି ଲକ୍ଷ ଲକ୍ଷ ଟଙ୍କା ଠକୁଥିବାର ଦେଖିବାକୁ ମିଳିଛି। ଧାମନଗର ଥାନା ଗୋବିନ୍ଦପୁର ବଜାରରେ ଥିବା ଭାରତୀୟ ଷ୍ଟେଟ ବ୍ୟାଙ୍କ ଗ୍ରାହକ ସେବା କେନ୍ଦ୍ରରୁ ଟଙ୍କା ଠକେଇ ନେଇ ରବିବାର ଧାମନଗର ଥାନା ରେ ଅଭିଯୋଗ ହୋଇଛି। ଉକ୍ତ କେନ୍ଦ୍ରର ମାଲିକ ସତ୍ୟବ୍ରତ ନାଥ ଓ ତାଙ୍କ ସ୍ତ୍ରୀ ସୁଧାଂଶୁ ବାଳା ନାଥଙ୍କ ବିରୋଧରେ ଏହି ଅଭିଯୋଗ ହୋଇଛି। ୨ ଟି ଶାଖାକୁ ଗୋଟାଏ ସ୍ଥାନରେ କରି ସତ୍ୟବ୍ରତ ଉଭୟର କାର୍ଯ୍ୟ ବୁଝୁଥିବା ବେଳେ ଏହି ଟଙ୍କା ଠକିଛନ୍ତି। ସ୍ଥାନୀୟ କଲ୍ୟାଣୀ ଓ ଗୋବିନ୍ଦପୁର ଗ୍ରାମ ଲୋକେ ଏହି ଠକାମିର ସ୍ୱୀକାର ହୋଇଛନ୍ତି। କଲ୍ୟାଣୀ ଗ୍ରାମର ଗୌରୀ ମହାପାତ୍ର ୫୩ ହାଜର ୭୦୦ ଟଙ୍କା ବ୍ୟାଙ୍କ ଖାତାରେ ରଖିଥିଲେ। ତାଙ୍କ ଅଜଣାତରେ ସବୁ ଟଙ୍କା ଉଠାଇ ନେଇଯାଇଥିଲେ। ଗୌରୀ ଟଙ୍କା ଉଠାଇବାକୁ ଗଲା ପରେ ଖାତାରେ ଟଙ୍କା ନଥିବା ଜାଣିବା ପରେ ପଚାରିବାରୁ ସେ ନେଇଯାଇଥିବା କହିବା ସହ ମୁଁ ପୈଠ କରିଦେବି ବୋଲି କହି ଆଉ ଦେଇନଥିଲେ। ସେହିପରି କନକ ଜେନା ଜଣେ ଶାରୀରିକ ଅସମର୍ଥ, ଯାହାଙ୍କ ଆକାଉଂଟରେ ୫୦ ହଜାର ଟଙ୍କା ଉଠାଇନେଇଛନ୍ତି। ସୁବାସୀନି ସାହୁଙ୍କର ୧୫ ହଜାର, ନିରଞ୍ଜନ ଜେନାଙ୍କ ୪୦ ହଜାର, ମାନସ ରଞ୍ଜନ ପାଢ଼ୀଙ୍କ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଆସିଥିବା ୪୦ ହଜାର, ରମାକାନ୍ତ ବେହେରାଙ୍କର ୨୦ ହଜାର ଟଙ୍କା ଉଠାଇନେଇଥିବା ଥାନାରେ ଅଭି ଯୋଗ କରିଚନ୍ତି। ଏହିଭଳି ୩୦ ଲକ୍ଷ ଟଙ୍କା ପାଖାପାଖି ଠକି ଥିବା ଅଭିଯୋଗ କରିଛନ୍ତି। ଗୋବିନ୍ଦପୁର ଗ୍ରାମର ସତ୍ୟବ୍ରତ ନାଥ ଦୀର୍ଘବର୍ଷ ହେଲା ଧୁଷୁରୀ ଭାରତୀୟ ଷ୍ଟେଟ ବ୍ୟାଙ୍କ ତରଫରୁ ଏଠାରେ ସିଏସପି ଶାଖା କରିଥିଲେ। ୫ ରୁ ୬ ବର୍ଷ ହେବ ଗ୍ରାହକମାନେ ଏହି ସିଏସପିରେ ଖାତା ଖୋଲି ଟଙ୍କା ଦେଣ ନେଣ କରୁଥିଲେ। ଏହାରି ଭିତରେ ଚଞ୍ଚକତା କରି ସତ୍ୟବ୍ରତ ଗ୍ରାହକଙ୍କ ଟଙ୍କା ଉଠାଇ ନିଅନ୍ତି। ଏଭଳି ୫୦ ରୁ ୬୦ ଗ୍ରାହକ ଠକାମିର ସ୍ୱୀକାର ହୋଇଛନ୍ତି। ଘଟଣା ଜଣାପଡ଼ିବା ପରେ ପ୍ରାୟ ୮ ମାସ ହେଲା ସିଏସପିର ମାଲିକ ଫେରାର ଅଛନ୍ତି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




## ଏଚ୧ବି ଫି ବୃଦ୍ଧି ଓ ଟ୍ରମ୍ପଙ୍କ ବିଦେଶ ନୀତି ଯୋଗୁ ଆମେରିକୀୟ ବ୍ୟାଙ୍କର ନିଷ୍ପତ୍ତି

# ଚୀନରୁ ୧୦୦୦ ଟେକ୍ ପଦବୀ ଭାରତକୁ ସ୍ଥାନାନ୍ତର କଲା ସିଟିଗ୍ରୁପ୍

ନୂଆଦିଲ୍ଲୀ: ଆମେରିକାର ବଡ଼ ବ୍ୟାଙ୍କ ସିଟିଗ୍ରୁପ୍ ଚୀନରେ ଥିବା ଏହାର ଟେକ୍ନୋଲୋଜି କେନ୍ଦ୍ରରୁ ୩୫୦୦ କର୍ମଚାରୀଙ୍କୁ ଛଟେଇ କରିବାକୁ ନିଷ୍ପତ୍ତି ନେଇଛି। ସବୁଠୁ ବଡ଼ କଥା ହେଉଛି ଏଥିରୁ ପ୍ରାୟ ୧୦୦୦ଟି ଟେକ୍ ପଦବୀକୁ, ବ୍ୟାଙ୍କ ଭାରତର ଗ୍ଲୋବାଲ୍ କ୍ୟାପାବିଲିଟି ସେଣ୍ଟର୍ (ଜିସିସି) ଗୁଡ଼ିକୁ ସ୍ଥାନାନ୍ତରିତ କରିଛି। ଏହା ବ୍ୟାଙ୍କର ଗ୍ଲୋବାଲ୍ ରିଷ୍ଟ୍ରକ୍ଚରିଂ (ପୁନରୁଦ୍ଧାର) ଯୋଜନାର ଅଂଶ ବୋଲି ଜଣାପଡ଼ିଛି। ଯାହା ସଂସ୍ଥାର ବିଭିନ୍ନ ଟେକ୍ ଅପରେସନ ଗୁଡ଼ିକୁ ଆହୁରି ସରଳ କରି ରିସ୍କ୍ ଏବଂ ଡାଟା ମ୍ୟାନେଜମେଣ୍ଟକୁ ଆହୁରି ଉନ୍ନତ କରିବାକୁ ଲକ୍ଷ୍ୟ ରଖିଛି।

ଏହି ସ୍ଥାନାନ୍ତରଣ ଟ୍ରମ୍ପ୍ ପ୍ରଶାସନର ନୂଆ ଏଚ୧ବି ଭିସା ନିୟମ ସହିତ ଜଡ଼ିତ । ନିକଟରେ ଟ୍ରମ୍ପ ନୂଆ ଏଚ୧ବି ଭିସା ଆବେଦନ ପାଇଁ ୧ ଲକ୍ଷ ଡଲାର ଫି ଲଗାଇଛନ୍ତି। ଫଳରେ ୱାଲ୍ ଷ୍ଟ୍ରିଟ୍ ଶସ୍ତା ପଡୁଥିବାରୁ ବ୍ୟାଙ୍କଗୁଡ଼ିକୁ ଭାରତର ଜିସିସି ଉପରେ ଅଧିକ ନିର୍ଭରଶୀଳ କରିବାକୁ ବାଧ୍ୟ କରିଛି। ଯାହାଫଳରେ ଆଗକୁ ସ୍ଥାନୀୟ ନିଯୁକ୍ତି ଆହୁରି ଅଧିକ ବଢ଼ିବାର ସମ୍ଭାବନା ରହିଛି। ଅନ୍ତର୍ଜାତୀୟ ଗଣମାଧ୍ୟମ ବ୍ଲୁମବର୍ଗର ରିପୋର୍ଟ ଅନୁସାରେ, ଏଚ୧ବି ଫି ବୃଦ୍ଧି ଆମେରିକୀୟ ବ୍ୟାଙ୍କଗୁଡ଼ିକୁ ଭାରତର ଜିସିସି ଉପରେ ଅଧିକ ନିର୍ଭର କରିବାକୁ ଏବଂ ନୂଆ ଚାକିରିଗୁଡ଼ିକ ପାଇଁ ଅଧିକ ସ୍ଥାନୀୟଙ୍କୁ ନିଯୁକ୍ତ କରିବାକୁ ବାଧ୍ୟ କରିବ।




ସିଟିଗ୍ରୁପ୍ ପୁର୍ବରୁ ୨୦୨୫ ମସିହାରେ ଚୀନରେ ଥିବା ନିଜର ୩୫୦୦ ଚାକିରିରୁ ଛଟେଇ କରିବା ସହ ସେହି ଚାକିରି ଗୁଡ଼ିକୁ ଅନ୍ୟ ଟେକ୍ କେନ୍ଦ୍ରକୁ ସ୍ଥାନାନ୍ତରିତ କରିବା ନେଇ ଘୋଷଣା କରିଥିଲା। ତେବେ ବର୍ତ୍ତମାନ ବିଭିନ୍ନ ଘଟଣାକୁ ଦୃଷ୍ଟିରେ ରଖି ଭାରତ ସିଟି ବ୍ୟାଙ୍କର ପ୍ରମୁଖ ପସନ୍ଦ ଭାବେ ଉଭା ହୋଇଛି। ଏହି ରିଷ୍ଟ୍ରକଚରିଂରେ ବ୍ୟାଙ୍କ ଆମେରିକା, ଇଣ୍ଡୋନେସିଆ, ଫିଲିପାଇନ୍ସ ଏବଂ ପୋଲାଣ୍ଡରେ ମଧ୍ୟ ନିଜ ଅପରେସନ ଗୁଡ଼ିକୁ କମାଇଛି ବୋଲି ଆନ୍ତର୍ଜାତୀୟ ଖବର ସରବରାହ ସଂସ୍ଥା ରଏଟର୍ସ ରିପୋର୍ଟ ପ୍ରକାଶ କରିଛି।

ସିଟିଗ୍ରୁପ୍ ବର୍ତ୍ତମାନ ସୁଦ୍ଧା ଭାରତରେ ପ୍ରାୟ ୩୩,୦୦୦ ଜଣଙ୍କୁ ନିଯୁକ୍ତି ଦେଇଛି। ଯେଉଁଥିରେ ମୁଖ୍ୟତଃ ବେଙ୍ଗାଲୁରୁ, ଚେନ୍ନାଇ, ପୁନେ ଏବଂ ମୁମ୍ବାଇରେ ଅବସ୍ଥିତ GCC ଗୁଡ଼ିକ କାର୍ଯ୍ୟ କରୁଛନ୍ତି। ଇଣ୍ଡିଆର GCC ସଂସ୍ଥା ଗୁଡିକ ଦ୍ରୁତଗତି ବିକଶିତ ହେଉଛନ୍ତି। ବର୍ତ୍ତମାନ ଦେଶରେ ୧୭୬୦ଟି GCC ଅଛି, ଯାହା ୨୦୨୬ ମସିହା ସୁଦ୍ଧା ୨୦୦୦ରୁ ଅଧିକ ସଂଖ୍ୟାକୁ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଉଛି। ଏହି ଇଣ୍ଡଷ୍ଟ୍ରୀର ବର୍ତ୍ତମାନର ବଜାର ମୂଲ୍ୟ ୬୪ ବିଲିୟନ୍ ଡଲାର ହୋଇଥିବା ବେଳେ ୨୦୩୦ ସୁଦ୍ଧା ଏହା ୧୧୦ ବିଲିୟନ୍ ଡଲାରକୁ ପହଞ୍ଚିଯାଇପାରେ ବୋଲି ଅନୁମାନ କରାଯାଉଛି।

ଏହି ପରିବର୍ତ୍ତନ ଇଣ୍ଡିଆକୁ ଗ୍ଲୋବାଲ୍ ଟେକ୍ ଇକୋସିଷ୍ଟେମ୍‌ରେ ଅଧିକ ମଜବୁତ କରୁଛି, ଯେଉଁଠାରେ ପ୍ରଡକ୍ଟ ଆର୍ ଆଣ୍ଡ୍ ଡି, ଆନାଲିଟିକ୍ସ ଏବଂ ଡିଜାଇନ୍ ଭଳି ଆଡଭାନ୍ସ ଟେକ୍ନୋଲୋଜିରେ ଜିସିସିଗୁଡ଼ିକ ନେତୃତ୍ୱ ଦେଉଛନ୍ତି। ଏଚ୧ବି ଫି ବୃଦ୍ଧି ଯୋଗୁଁ ମାର୍କିନ୍ ଟେକ୍ ଟାଲେଣ୍ଟ ଉପରେ ନିର୍ଭରଶୀଳତା ହ୍ରାସ ପାଇବା ସହିତ, ଇଣ୍ଡିଆରେ ସ୍ଥାନୀୟ ନିଯୁକ୍ତି ବଢ଼ିପାରେ।

## ଜିନ୍ଦଲ ଷ୍ଟିଲ୍ ଦେଇପାରିବ ଦକ୍ଷତା ପ୍ରମାଣପତ୍ର



ଭୁବନେଶ୍ୱର, ୨୮।୯: ଦେଶର ପ୍ରଥମ ବୃହତ୍ ବହୁମୁଖୀ ଉଦ୍ୟୋଗ ଭାବେ ଜିନ୍ଦଲ ଷ୍ଟିଲ ଏକ ସାର୍ଟିଫିକେଟ ପ୍ରଦାନକାରୀ ସଂସ୍ଥା ଭାବେ ଜାତୀୟ ଧନ୍ଦାମୂଳକ ଶିକ୍ଷା ଓ ତାଲିମ ପରିଷଦ (ଏନ୍‌ସିଭିଇଟି)ର ସ୍ୱୀକୃତି ହାସଲ କରିଛି। ଏନ୍‌ସିଭିଇଟି ଓ ଜିନ୍ଦଲ ଷ୍ଟିଲ ମଧ୍ୟରେ ହୋଇଥିବା ବୁଝାମଣା ଅନୁସାରେ କମ୍ପାନିକୁ ''ବୃହତ୍ ଭାରତୀୟ ସଂସ୍ଥା/ଏମ୍‌ଏନ୍‌ସି' ଶ୍ରେଣୀରେ ଏହି ଅଧିକାର ପ୍ରଦାନ କରାଯାଇଛି। ଏହି ସ୍ୱୀକୃତି ଦକ୍ଷତା ମାଧ୍ୟମରେ ଶିକ୍ଷା ଏବଂ ନିଯୁକ୍ତି ମଧ୍ୟରେ ବ୍ୟବଧାନକୁ ଦୂର କରିବାରେ ସହାୟକ ହେବ। ଏହା ରାଷ୍ଟ୍ର-ନିର୍ମାଣ, ଦକ୍ଷତା ବିକାଶ ଏବଂ ସବୁଜ ଶକ୍ତି ଏବଂ ଆଧୁନିକ ଭିତ୍ତିଭୂମି ଆଡ଼କୁ ଭାରତର ପରିବର୍ତ୍ତନ ପ୍ରତି ଜିନ୍ଦଲ ଷ୍ଟିଲର ପ୍ରତିବଦ୍ଧତାକୁ ପ୍ରତିଫଳନ କରୁଛି। ଏହା ଅଧୀନରେ ଜାରି ହେଉଥିବା ସମସ୍ତ ପ୍ରମାଣପତ୍ର ବିଭିନ୍ନ କ୍ଷେତ୍ରରେ କ୍ୟାରିୟରକୁ ଦୃଢ଼ କରିବ। ଏନ୍‌ସିଭଇଟି ଦ୍ୱାରା 'ଆୱାର୍ଡିଂ ବଡି' ଭାବେ ସ୍ୱୀକୃତି ମିଳିବା ଆମ ପାଇଁ ଏକ ବଡ଼ ଦାୟିତ୍ୱ। ଏହାକୁ ଆମେ ଅତି ଗମ୍ଭୀରତାର ସହ ଗ୍ରହଣ କରୁଛୁ। ଏହାଦ୍ୱାରା ଯୁବ ଭାରତୀୟମାନେ କାର୍ଯ୍ୟକ୍ଷେତ୍ରରେ ସଫଳତା ପାଇଁ ଜରୁରୀ ଜ୍ଞାନ ଓ ଶୃଙ୍ଖଳା ଜ୍ଞାନ ହାସଲ କରି ଦେଶ ଗଠନରେ ଯୋଗଦାନ ଦେଇପାରିବେ ବୋଲି ଜିନ୍ଦଲ ଷ୍ଟିଲ୍‌ର ଅଧ୍ୟକ୍ଷ ନବୀନ ଜିନ୍ଦଲ କହିଛନ୍ତି।

## ଆଜିର ସୁନା ଦର



ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜି ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୧୫,୪୮୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୦୫,୮୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୧୫,୪୮୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୦୫,୮୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧, ୧୫,୪୮୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୦୫,୮୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୧୫,୬୩୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୦୬,୦୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୧୬,୦୮୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୦୬,୪୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୧୫,୪୮୦ ଓ ୧,୦୫,୮୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୪୯,୦୦୦ ଟଙ୍କା ହୋଇଛି।

## ୧୦ କିଗ୍ରା ସୁନାରେ ତିଆରି ୧୧ କୋଟିର ଡ୍ରେସ୍

ନୂଆଦିଲ୍ଲୀ, ୨୮।୯: ଆପଣ ଜୀବନରେ ଅନେକ ପୋଷାକ ଦେଖିଥିବେ। କିନ୍ତୁ କେଜି କେଜି ସୁନାରେ ତିଆରି ପୋଷାକ ହୁଏତ ଦେଖି ନଥିବେ। ୟୁଏଇର ସାର୍‌ଜାରେ ୧୦ କିଗ୍ରାରୁ ଅଧିକ ସୁନାରେ ପ୍ରସ୍ତୁତ ଡ୍ରେସ୍ ଏବେ ସାମ୍ନାକୁ ଆସିଛି। ଡ୍ରେସ୍‌ଟି ଗିନିଜ୍ ୱାର୍ଲଡ୍ ରେକର୍ଡରେ ସବୁଠୁ ଅଧିକ ଓଜନ ସୁନାରେ ନିର୍ମିତ ପୋଷାକ ମାନ୍ୟତା ବି ପାଇଛି। ଉକ୍ତ ଡ୍ରେସ୍‌ର ଡିଜାଇନ୍ ଓ ନିର୍ମାଣ ଅଲ୍ ରୋମାଇଜାନ୍ ଗୋଲ୍‌ଡ ଆଣ୍ଡ୍ ଜୁଏଲାରି ନାମକ ସାଉଦି ଆରବ କମ୍ପାନି ପକ୍ଷରୁ କରାଯାଇଛି। ଏହାକୁ ଲୋକମାନେ ଦୁବାଇ ଡ୍ରେସ୍ ବୋଲି ମଧ କହୁଛନ୍ତି। ସାର୍‌ଜା ଘଣ୍ଟା ଏବଂ ଗହଣା ପ୍ରଦର୍ଶନୀରେ ଉକ୍ତ ଆଖି ଝଲସିବା ଭଳି ଡ୍ରେସ୍‌ର ପ୍ରଦର୍ଶନ କରାଯାଇଛି। ୨୧ କ୍ୟାରେଟ୍ ସୁନାରେ ପ୍ରସ୍ତୁତ ଉକ୍ତ ପୋଷାକର ଓଜନ ନିର୍ଦ୍ଦିଷ୍ଟଭାବେ ୧୦.୦୮୧୨ କିଲୋଗ୍ରାମ ରହିଛି। ଏହାର ଦାମ୍ ୪.୬ ନିୟୁତ ଡିରହାମ୍ ବା ପ୍ରାୟ ୧୧ କୋଟି ଟଙ୍କା ରହିଛି। ଡ୍ରେସ୍‌ର ପ୍ରତ୍ୟେକ ଅଂଶରେ ସୂକ୍ଷ୍ମ କାରୁକାର୍ଯ୍ୟର ନିଦର୍ଶନ ଦେଖିବାକୁ ମିଳିଛି। ଉଭୟ ଐତିହାସିକ ଏବଂ ଆଧୁନିକ ଡିଜାଇନର ସମ୍ମିଶ୍ରଣ ଏଥିରେ ରହିଛି। ମଧ ପ୍ରାଚ୍ୟ ଘଣ୍ଟା ଏବଂ ଗହଣା ପ୍ରଦର୍ଶନୀରେ କେବଳ ସୁନାର ପୋଷାକ ନୁହେଁ, ସୁନା ଖଚିତ ସାଇକଲ୍ ମଧ ଦେଖିବାକୁ ମିଳିଛି, ଯାହାର ମୂଲ୍ୟ ୧.୫ ନିୟୁତ ଡିରହାମ୍ ରହିଛି। ୫ ଦିନିଆ ପ୍ରଦର୍ଶନୀରେ ଭାରତ ସମେତ ଇଟାଲୀ, ତୁର୍କୀ, ବ୍ରିଟେନ, ରୁଷ୍, ଜାପାନ, ଚୀନ, ସିଙ୍ଗାପୁର ଓ ମାଲେସିଆ ଆଦି ଦେଶର ୫୦୦ରୁ ଅଧିକ ପ୍ରଦର୍ଶନକାରୀ ସାମିଲ ହୋଇଛନ୍ତି। ଚଳିତମାସ ୨୪ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରଦର୍ଶନୀ ୨୮ ତାରିଖରେ ଶେଷ ହେବ ବୋଲି ଜଣାଯାଇଛି।



## 'ରୁପ୍ ମନ୍ତ୍ରା'ରେ କନ୍ୟାସନ୍ତାନ ଦିବସ



ଚଣ୍ଡିଗଡ଼, ୨୮।୯: ଦିବିସା ହର୍ବାଲ ପ୍ରାଇଭେଟ୍ ଲିମିଟେଡ୍‌ର ରୁପ୍ ମନ୍ତ୍ରା ପରିବାର ପକ୍ଷରୁ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ପାଳନ କରାଯାଇଛି। ଏଥିରେ କମ୍ପାନିର କର୍ମଚାରୀମାନେ ଯୋଗ ଦେଇ ଝିଅମାନଙ୍କ ମହତ୍ୱ ଉପରେ ସେମାନଙ୍କ ମତ ରଖିଥିଲେ। ଉଦ୍ୟୋଗୀ ଡ. ସଞ୍ଜୀବ ଜୁନେଜା ଯୋଗଦେଇ ଜୀବନରେ ଜଣେ ଝିଅର ମହତ୍ୱ କ'ଣ ତାହା ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ ଯେ ଝିଅ ହେଉଛି ଭଗବାନଙ୍କ ଅମୂଲ୍ୟ ଉପହାର। ସେ ଘରକୁ ଖୁସି, ଜୀବନରେ ଭଲ ପାଇବା ଆଣିଥାଏ। ସେ ଘରକୁ ଆଲୋକିତ କରିଥାଏ ବୋଲି ଜୁନେଜା କହିଥିଲେ। ଏହାକୁ ନଜରରେ ରଖି କିଛି ବର୍ଷ ପୂର୍ବେ ଡକ୍ଟର ଜୁନେଜା ଆୟୁର୍ବେଦିକ ରୁପ୍ ମନ୍ତ୍ରା ଉତ୍ପାଦ ଆଣିଥିବା କହିଥିଲେ। ଝିଅମାନଙ୍କ ସୁରକ୍ଷା ଓ ସେମାନଙ୍କୁ ଏକ ଉଜ୍ଜ୍ୱଳ ଭବିଷ୍ୟତ ଦେବା ଲାଗି ପ୍ରତିବର୍ଷ ଅନ୍ତର୍ଜାତୀୟ କନ୍ୟାସନ୍ତାନ ଦିବସ ପାଳନ କରାଯାଉଛି। ଘରେ ଉଭୟ ପୁଅ ଓ ଝିଅଙ୍କୁ ସମାନ ଭାବେ ବଢ଼ାଇବା ଲାଗି ସେ ଅଭିଭାବକମାନଙ୍କୁ ଆହ୍ୱାନ ଦେଇଛନ୍ତି।

## ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର 'ସ୍ୱଚ୍ଛତା ହିଁ ସେବା'



ଭୁବନେଶ୍ୱର, ୨୮।୯: ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଭୁବନେଶ୍ୱର ପକ୍ଷରୁ ସ୍ୱଚ୍ଛତା ହିଁ ସେବା ଅଭିଯାନ ଅନ୍ତର୍ଗତ ସଫେଇ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କଟକ, ଭୁବନେଶ୍ୱର, ବ୍ରହ୍ମପୁର, ଜୟପୁର, ଝାରସୁଗୁଡ଼ା, ସମ୍ବଲପୁର ଓ ରାଉରକେଲା ଭଳି ସ୍ଥାନରେ ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବ୍ୟାଙ୍କର ଅଞ୍ଚଳ ମୁଖ୍ୟ ଦିଲ୍ଲୀପ କୁମାର ରାଉଳ ଓ ଉପ ଅଞ୍ଚଳ ମୁଖ୍ୟ ସଞ୍ଜୀବ କୁମାର ଦାଶଙ୍କ ମାର୍ଗଦର୍ଶନରେ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି। କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧ .୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।



## ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ବ୍ୟାପକ ରିହାତି

ଭୁବନେଶ୍ୱର, ୨୮।୯: ଜନତା ମଇଦାନଠାରେ ଚାଲିଥିବା ଦ୍ୱାଦଶ ଭୁବନେଶ୍ୱର ଅନ୍ତର୍ଜାତୀୟ ବାଣିଜ୍ୟ ମେଳାରେ ଲୋକମାନଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳିଛି। ମେଳା ଆରମ୍ଭ ହେବାପରଠାରୁ ୫୦ ହଜାରରୁ ଅଧିକ ଲୋକ ପରିଦର୍ଶନ କରିସାରିଲେଣି। ସେମାନେ ବିଭିନ୍ନ ଉତ୍ପାଦ ଉପରେ ଦିଆଯାଉଥିବା ରିହାତିର ଲାଭ ଉଠାଇ ସପିଙ୍ଗ କରିବା ସହ ମେଳାର ମଜା ନେଉଛନ୍ତି। ଜିଏସ୍‌ଟି କୋହଳ ପରେ ଗାଡ଼ି ଦାମ୍ ହ୍ରାସ ପାଇଥିବାରୁ ସ୍କୋଡା, ଟୟୋଟା ଆଦିର ଷ୍ଟଲ୍ ଗ୍ରାହକଙ୍କୁ ଆକୃଷ୍ଟ କରୁଛି ବୋଲି ଗୁପ୍ତା ଇଭେଣ୍ଟସର ନିର୍ଦ୍ଦେଶକ ସୁଜିତ ଗୁପ୍ତା, ମୁଖ୍ୟ ସଂଯୋଜକ ରଞ୍ଜିତ କର୍ମୀ ଓ ବୀର ବାହାଦୁର ସିଂ ସୂଚନା ଦେଇଛନ୍ତି। ଏଥି ସହିତ ଫୁଡ୍ ଜୋନ୍‌ରେ ସୁସ୍ୱାଦୁ ଖାଦ୍ୟ ଉପଭୋଗ କରୁଛନ୍ତି। ବାଣିଜ୍ୟ ମେଳାରେ ବିଭିନ୍ନ ଡିଜାଇନ୍‌ରଙ୍କ କଲେକ୍ସନ ଯଥା ଡ୍ରେସ୍ ମ୍ୟାଟେରିଆଲ୍, ସମ୍ବଲପୁରୀ ହସ୍ତକଳା, ହ୍ୟାଣ୍ଡଲୁମ୍ କଲେକ୍ସନ, ସମ୍ବଲପୁରୀ, ବମ୍‌କେଇ, ବାଂଲାଦେଶୀ ଶାଢ଼ି, ଥାଇଲାଣ୍ଡ୍ ଡ୍ରେସ୍, ସ୍ପେସିଆଲ୍ ଓ ଆକର୍ଷଣୀୟ ଜୁଏଲାରି, ୱାଟର୍ ଫାଉଣ୍ଟେନ, ଆଫଗାନିସ୍ତାନ ଓ ଦୁବାଇରୁ ଆସିଥିବା ଡ୍ରାଏ ଫୁଡ୍‌ସ, ବିନା ଚିନିରେ ତିଆରି ହୋଇଥିବା ମିଠା(ବକଲବା), ଦିଲ୍ଲୀର ଆଣ୍ଟିକ୍ ପ୍ରଡକ୍ଟ ଇତ୍ୟାଦିର ସମ୍ଭାର ରହିଛି। ନାରୀ ସୌନ୍ଦର୍ଯ୍ୟ ଓ ପ୍ରସାଧାନ ସାମଗ୍ରୀ ମେଳାରେ ସ୍ଥାନ ପାଇଛି। ବାଣିଜ୍ୟ ମେଳାରେ ଭୁବନେଶ୍ୱରର ସୁଶ୍ରୁତ ହସ୍ପିଟାଲ ଆଣ୍ଡ୍ ଟ୍ରମା କେୟାର ତରଫରୁ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆଯାଉଛି।



## ଓସିଏସ୍‌ରେ ବଣିକ ଆଇଏଏସ୍‌ର ସଫଳତା

ଭୁବନେଶ୍ୱର, ୨୮।୯: ଓଡ଼ିଶା ପ୍ରଶାସନିକ ସେବା (ଓସିଏସ୍) ପରୀକ୍ଷା ୨୦୨୩ରେ ବଣିକ-ଆଇଏଏସ୍ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ପରୀକ୍ଷାରେ କୃତକାର୍ଯ୍ୟ ୩୧୮ ଜଣଙ୍କ ମଧ୍ୟରୁ ବଣିକ-ଆଇଏଏସ୍‌ର ୧୫୯ ଜଣ ଛାତ୍ରଛାତ୍ରୀ ରହିଛନ୍ତି। ଶୋଭନ ପଟ୍ଟନାୟକ (୩) ଏବଂ ମହମ୍ମଦ ନାଜିଫ୍ ହାତିଫ୍ ( ୮) ଶ୍ରେଷ୍ଠ ୧୦ ଜଣଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ବଣିକ ଅନୁଷ୍ଠାନର ପ୍ରତିଷ୍ଠାତା ସୁବ୍ରତ କୁମାର ଛାଟୋଇ ଏହି ସଫଳତାର ଶ୍ରେୟ ଉତ୍କୃଷ୍ଟ ପରୀକ୍ଷା ପ୍ରସ୍ତୁତି, ସଠିକ୍ ମାର୍ଗଦର୍ଶନ ଏବଂ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତ କରାଯାଇଥିବା ସ୍ୱତନ୍ତ୍ର ପାଠ୍ୟକ୍ରମକୁ ଦେଇଛନ୍ତି। ବଣିକ ଦେଉଥିବା ସଠିକ୍ ପାଠ୍ୟ ପୁସ୍ତକ, ନିପୁଣ ଶିକ୍ଷକ ମଣ୍ଡଳୀ, ସାକ୍ଷାତକାର ପ୍ରସ୍ତୁତି ଏବଂ ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ ମିଳିତ ରୂପରେ ଯେକୌଣସି ପ୍ରତିଯୋଗିତାମୂଳକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାରେ ସହାୟକ ହେଉଛି। ଆଜି ସଫଳ ଛାତ୍ରଛାତ୍ରୀଙ୍କ ଅଭିଭାବକମାନେ ସିଆରପିସ୍ଥିତ ବଣିକ-ଆଇଏଏସ୍ କ୍ୟାମ୍ପସରେ ସଫଳତା ଉତ୍ସବ ପାଳନରେ ଯୋଗ ଦେଇଥିଲେ। ଏହି ସଫଳତା ବଣିକକୁ ଏକ ଅଗ୍ରଣୀ ସିଭିଲ୍ ସର୍ଭିସ୍ କୋଚିଂ ଭାବେ ପତିଷ୍ଠିତ କରିବା ସହିତ ଆଶାୟୀମାନଙ୍କୁ ଆକର୍ଷିତ କରିବାରେ ସାହାଯ୍ୟ କରିବ।



## ଆଲିଶାନ 'ବିଗ୍ ଫେଷ୍ଟିଭାଲ୍' ଅଫର

ଭୁବନେଶ୍ୱର, ୨୮।୯: ପୁରୁଷ ପରିଧାନ ସୋ'ରୁମ୍ ଆଲିଶାନ ପକ୍ଷରୁ ବିଗ୍ ଫେଷ୍ଟିଭାଲ୍ ଅଫର ଘୋଷଣା କରାଯାଇଛି। ଏଥିରେ ଗ୍ରାହକମାନେ ସମସ୍ତ ପ୍ରକାର ବ୍ରାଣ୍ଡ ଉପରେ ୫୦୦୦ ଟଙ୍କା ପର୍ଯ୍ୟନ୍ତ ରିହାତି ପାଇପାରିବେ। ଏହା ବ୍ୟତୀତ କେତେକ ନିର୍ଦ୍ଦିଷ୍ଟ ବ୍ରାଣ୍ଡ ଉପରେ ୭ ପ୍ରତିଶତ ରିହାତି ରହିଛି। ଆଲିଶାନରେ କଲରପ୍ଲସ୍, ପାର୍କ ଆଭେନ୍ୟୁ, ପାର୍କସ୍, ଆଲେନସୋଲି, ଭାନହୁସେନ, ଲୁଇଫିଲିପ, ଲିଭାଇସ, ରେମଣ୍ଡ, ବ୍ଲାକବେରୀ, ୟୁଏସପୋଲୋ, ଟର୍ଟଲ, ଆରୋ, ମୁଫଟି, କିଲର, ବିଙ୍ଗ ହ୍ୟୁମାନ, ସିଲିଓ, ରେୟାର ରାବିଟ୍ ବ୍ରାଣ୍ଡର ସମ୍ଭାର ରହିଛି। ଏହି ଅଫରରେ ଆଲିଶାନ ପକ୍ଷରୁ ଫେଷ୍ଟିଭ ରୟାଲ୍‌ଟି ଗିଫ୍ଟ ଭାଉଚର୍ ପ୍ରଦାନ କରାଯାଉଛି। ଚଳିତ ପୂଜା ଋତୁରେ ଗ୍ରାହକମାନେ ଅଫରର ଲାଭ ଉଠାଇବା ସହିତ ଅତ୍ୟାଧୁନିକ ପୋଷାକ ପିନ୍ଧି ଷ୍ଟାଇଲିସ୍ ଦେଖାଯିବେ ବୋଲି ଆଲିଶାନର ତତ୍ତ୍ୱାବଧାରକ ଯୁଗଳ ଅଗ୍ରୱାଲ ବିଶ୍ୱାସ ରଖିଛନ୍ତି।

## ସିଂହବାହିନୀ ବେଶରେ ଦର୍ଶନ ଦେଲେ ମା' ମଙ୍ଗଳା



**କାକଟପୁର/ଅସ୍ତରଙ୍ଗ,୨୮।୯ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କାକଟପୁର ବାସିନୀ ମା' ମଙ୍ଗଳା ନବରାତ୍ରର ସପ୍ତମ ଦିନରେ ରବିବାର ସନ୍ଧ୍ୟାରେ କାକଟପୁର ଅଧିଷ୍ଠାତ୍ରୀ ଦେବୀ ମା' ମଙ୍ଗଳାଙ୍କର ପ୍ରସିଦ୍ଧ ସିଂହବାହିନୀ ବେଶ ଅନୁଷ୍ଠିତ ହୋଇଛି। ସନ୍ଧ୍ୟାରେ ଭଅଣ୍ଡ ଧୂପ ପରେ ମା'ଙ୍କ ଚଳନ୍ତି ପ୍ରତିମା ମନ୍ଦିର ମଧ୍ୟରେ ଥିବା ଦୁର୍ଗା ପ୍ରତିମାଙ୍କୁ ରତ୍ନବେଦୀରୁ ବାହାରକୁ ଅଣାଯାଇଥିଲା। ପରେ ଏକତ୍ର ଭାବେ ଏକ ଖଟୁଲିରେ ଜଗତି ପୂଜା କରାଯାଇଥିଲା। ଜଗତି ପୂଜା ପରେ ମା'ଙ୍କ ଚଳନ୍ତି ପ୍ରତିମାଙ୍କୁ ରତ୍ନ ସିଂହାସନରେ ପୁନଃ ଅବସ୍ଥାପିତ କରାଯାଇଥିଲା। ତା'ପରେ ମା' ମହିଷାଙ୍କୁ ଖୋଜିବା ପାଇଁ ସିଂହବାହିନୀ ବେଶ ଧାରଣ କରିଥିଲେ।ମା'ଙ୍କ ନିକଟରେ କାଷ୍ଠ ନିର୍ମିତ ସିଂହ ଲାଗି କରାଯିବା ସହ ବିଭିନ୍ନ ଦେବାଦେବୀମାନଙ୍କ ଦ୍ୱାରା ପ୍ରଦତ୍ତ ଅସ୍ତ୍ର ଲାଗି କରାଯାଇଥିଲା। ରବିବାର ରାତିରେ ମା'ଙ୍କ ସିଂହବାହିନୀ ବେଶ ଦର୍ଶନ କରିଥିଲେ ଶ୍ରଦ୍ଧାଳୁ। ଯେଉଁଥିପାଇଁ ବିଳମ୍ବିତ ରାତି ପର୍ଯ୍ୟନ୍ତ ମନ୍ଦିରରେ ପ୍ରବଳ ଭିଡ ପରିଲକ୍ଷିତ ହୋଇଥିଲା। ଆଜି (ସୋମବାର) ସକାଳେ ମଧ ଶ୍ରଦ୍ଧାଳୁମାନେ ମା'ଙ୍କ ସିଂହବାହିନୀ ବେଶ ଦର୍ଶନ କରି ଭାବବିହ୍ୱଳ ହୋଇଥିଲେ।

ଆଜି ରାତିରେ ଅଷ୍ଟମୀରେ ମା'ଙ୍କର ମହିଷାମର୍ଦ୍ଦିନୀ ବେଶ ଅନୁଷ୍ଠିତ ହେବ। ତା'ପରେ ମା'ମହିଷାଙ୍କୁ ସଂହାର କରିବାକୁ ଯିବେ। ଆଜି ସଂହାର କରିବା ପରେ ମଙ୍ଗଳବାର ନବମୀରେ ଶାନ୍ତି ବେଶରେ ମା' ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବେ।

## କାଳରାତ୍ରୀ ବେଶରେ ଦର୍ଶନ ଦେଉଛନ୍ତି ମା' ସୁରେଶ୍ୱରୀ ଓ ଭଗବତୀ



**ସୁବର୍ଣ୍ଣପୁର,୨୮।୯ (ସଂଚାର ବ୍ୟୁରୋ):** ନବରାତ୍ରର ସପ୍ତମ ଦିନରେ ସୋନପୁରର ଇଷ୍ଟଦେବୀ ମା ସୁରେଶ୍ୱରୀଙ୍କ ପୀଠରେ ଭୋର ସମୟରୁ ମନ୍ଦିର ଖୋଲା ଯାଇ ଯଥା ବିଧି ପୂଜାର୍ଚ୍ଚନା ଶେଷ ହୋଇଥିବା ବେଳେ ଆଜି କାଳରାତ୍ରୀ ବେଶରେ ମା ଉଭା ହୋଇ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି। ମନ୍ଦିରରେ ନବଦିନାତ୍ମକ ଚଣ୍ଡୀ ମହାଯଜ୍ଞର ସପ୍ତମ ଦିବସରେ ସୂର୍ଯ୍ୟ ପୂଜା, ଗୋ ପୂଜା, ଗୁରୁ, ବ୍ରାହ୍ମଣ ପୁଜନମ ବିଭିନ୍ନ ଦେବା ଦେବୀଙ୍କ ପୂଜାପାଠ ସୁରେଶ୍ୱରୀଙ୍କ ଷୋଡଶ ଉପଚାର ପୂଜା ଆରତୀ ପୁଷ୍ପାଞ୍ଜଳି ସହ ଚଣ୍ଡୀଯଜ୍ଞ, ହବନ, ଆରତୀ, ପୁଷ୍ପାଞ୍ଜଳି ଓ ପ୍ରସାଦ ବଣ୍ଟନ ହେବା ନେଇ କମିଟି ପକ୍ଷରୁ ସୂଚନା ମିଳିଛି। ସେହିପରି ସହର ର ସର୍ବ ପୁରାତନ ମା ଭଗବତୀ ଙ୍କ ପୀଠରେ ମଧ୍ଯ କାଳରାତ୍ରୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି ମା ଭଗବତୀ। ସହରର ଗଡ଼ଭିତର ସ୍ଥିତ ଦୁର୍ଗା ମନ୍ଦିରରେ ମଧ କାଳରାତ୍ରୀ ବେଶ ରେ ଦର୍ଶନ ଦେଉଛନ୍ତି ମା ଦୁର୍ଗା। ଆଜି ମା'ଙ୍କ କାଳରାତ୍ରୀ ବେଶ ତେବେ ଆସନ୍ତୁ ଜାଣିବା ମା'ଙ୍କର ଏହି ବେଶ ମହାତ୍ମ୍ୟ ବିଷୟରେ। 'କାଳରାତ୍ରି' ମା' ଦୁର୍ଗାଙ୍କର ସପ୍ତମ ଶକ୍ତି ତାଙ୍କର ଶରୀରର ବର୍ଣ୍ଣ ନିରନ୍ଧ୍ର ଅନ୍ଧକାର ପରି କଳା। ମସ୍ତକର କେଶ ଆଲୁଳାୟିତ ଗଳାରେ ବିଦ୍ୟୁତ୍ ପରି ଦୀପ୍ତ ମାଳା। ସେ ତ୍ରିନେତ୍ରା ଏବଂ ସେହି ନେତ୍ରତ୍ରୟ ବ୍ରହ୍ମାଣ୍ଡ ପରି ବର୍ତ୍ତୁଳ। ତାଙ୍କର ନାସିକାର ଶ୍ୱାସ ପ୍ରଶ୍ୱାସରେ ବହୁଶିଖା ଦୃଶ୍ୟମାନ ହୁଏ। ଦେବୀ ଗଦ୍ଦର୍ଭବାହନା ଓ ଚତୁର୍ଭୁଜା। ତାଙ୍କର ଦକ୍ଷିଣ ଦୁଇ ଭୁଜରେ ଅଭୟ ଓ ବରଦମୁଦ୍ରା ଏବଂ ବାମ ଦୁଇ ଭୁଜରେ ଲୌହକଣ୍ଟକ ଓ ଖଡ଼୍ଗ ପରିଲକ୍ଷିତ ହୁଏ। ମାତ୍ର ରୂପ ଭୟଙ୍କର ହେଲେ ମଧ, ଏହି ଦେବୀ ଦୃଷ୍ଟ ବିନାଶିନୀ ଓ ମଙ୍ଗଳଦାତ୍ରୀ ତେଣୁ ତାଙ୍କର ଅନ୍ୟନାମ 'ଶୁଭଙ୍କରୀ'। କାଳରାତ୍ରି' ନବରାତ୍ରିର ସପ୍ତମଦିନର ଉପାସ୍ୟା ଏହି ଦିନ ସାଧକଙ୍କର ମନ ସହସ୍ରାରଚକ୍ରରେ ଅବସ୍ଥାନ କରେ। ଦେବୀଙ୍କର ସାକ୍ଷାତ ସାଧକଙ୍କୁ ମହାପୁଣ୍ୟ ପ୍ରଦାନ କରେ ତାଙ୍କର ସମସ୍ତ ପାପ ଓ ବାଧାବିଘ୍ନର ବିନାଶ ଘଟି ସେ ଅକ୍ଷୟ ପୁଣ୍ୟର ଅଧିକାରୀ ହୁଅନ୍ତି ।

## ମା'ଙ୍କ ଆରାଧନା ପାଇଁ ଉତ୍ସବମୁଖର ରାଜନଗର



**ରାଜନଗର,୨୮।୯ (ସଂଚାର ବ୍ୟୁରୋ):** ଆରମ୍ଭ ହୋଇଛି ମା'ଦୁର୍ଗାଙ୍କ ଆରାଧନା। ମା'ଙ୍କ ପୂଜାର୍ଚ୍ଚନା ପାଇଁ ଉତ୍ସବ ମୁଖର ହୋଇପଡିଛି ରାଜନଗର। ରାଜନଗର ଦେବୀଘରେ ମା'ଦୁର୍ଗାଙ୍କ ପୂଜାର୍ଚ୍ଚନା ପାଇଁ ଆଜି ସଂଧ୍ୟାରେ ବିଲ୍ୱବରଣ ନୀତି ଆରମ୍ଭ ହୋଇଛି । ବିଲ୍ୱ ବା ବେଲ ବୃକ୍ଷରେ ମା'ପାର୍ବତୀ ଅବସ୍ଥାନ କରିଥାନ୍ତି । ଏଥିପାଇଁ ଅକାଳ ଶୋଧନ ସମୟରେ ଜଗତ୍‌ଜନନୀ ମା'ଦୁର୍ଗାଙ୍କୁ ବେଲ ବୃକ୍ଷରୁ ଆମନ୍ତ୍ରଣ କରି ଅଣାଯାଏ । ଏଥିସହିତ ଅଧିବାସ, ବୋଧନ ଓ ଆମନ୍ତ୍ରଣ କରାଯାଏ । ଜୀବ ଓ ପରାତ୍ମାଙ୍କ ପ୍ରତୀକ ହରପାର୍ବତୀ ରୂପେ ଯୁଗ୍ମ ବେଲଫଳ ଅଣାଯାଏ । ଏହି ବେଲବରଣରୁ ମା'ଙ୍କର ଷଷ୍ଠୀ ପୂଜା ଆରମ୍ଭ ହୋଇଛି । ଆଜି ସଂଧ୍ୟାରେ ଦେବୀଘରୁ ଥାଟପାଟରେ ରୋଷଣୀରେ ମା'ଙ୍କ ବିଲ୍ୱବରଣ ପାଇଁ ରାଜନଗର ଗାଁର ବଡଦାଣ୍ଡରେ ପହଁଛିଥିଲେ । ସେଠାରେ ପୂଜାର୍ଚ୍ଚନା କରାଯାଇଥିଲା । ପଣ୍ଡିତ ସଂକର୍ଷଣ ମିଶ୍ର , ବିଜୟ କୁମାର ନନ୍ଦ, ରବି ନାରାୟଣ ମିଶ୍ର, ପ୍ରଦୀପ କୁମାର ମିଶ୍ର, ହେମନ୍ତ କୁମାର ମିଶ୍ର, ରଜନୀକାନ୍ତ ଦେବତା, ସୂର୍ଯ୍ୟ ନାରାୟଣ ମିଶ୍ର,ଅଭୟ କୁମାର ମିଶ୍ର, ହରପ୍ରସାଦ ସଢଙ୍ଗୀ ପ୍ରମୁଖ ପୂଜାନୀତି ସମ୍ପନ୍ନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶାରଦୀୟ ଦୁର୍ଗାପୂଜା କମିଟିର ସଭାପତି ତଥା ଆଇଆଇସି ନରେଶ କୁମାର ସାହୁ , ସଂପାଦକ ପ୍ରଭାତ ଚନ୍ଦ୍ର ମିଶ୍ର, ରମେଶ କୁମାର ଲାଲ, ଚିତରଂଜନ ଦାସ,ବାଇଧର ସେଠୀ , ନାରାୟଣ ମାହୁନ୍ତ, ମହେଶ୍ୱର ନାୟକ ,ବିଚିତ୍ର ମଳିକ, ଶରତ କୁମାର ଦାସ , ବିଜୟ କୁମାର ଗୁପ୍ତା, ନୃସିଂହ ଚରଣ ଲେଙ୍କା, ପଂଚାନନ ବାରିକ, ସୁବଳ ପରିଡା,ବିଭୁତି ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ମା'ଙ୍କ ପୂଜାର୍ଚ୍ଚନା ପାଇଁ ରାଜନଗର ଉତ୍ସବ ମୁଖର ହୋଇପଡିଛି । ସେହିପରି ଗଳିଦାଣ୍ଡର ମା'ବନଦୁର୍ଗାଙ୍କର ପୂଜା ପାଇଁ ଆଜି ବିଲ୍ୱବରଣ ନୀତି ଅନୁଷ୍ଠିତ ହୋଇଯାଇଛି ।

## ବଟେଶ୍ୱର ମା'ଭଗବତୀଙ୍କର ବଗଲାମୁଖୀ ବେଶ



**ସାଲେପୁର,୨୮।୯ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକର ବଟେଶ୍ୱର ଗ୍ରାମରେ ପ୍ରତିଷ୍ଠିତ ପ୍ରସିଦ୍ଧ ମା'ଭଗବତୀ ବଗଲାମୁଖୀ ବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଇଛନ୍ତି। ଏହି ବେଶ ଦେଖିବାପାଇଁ ଭକ୍ତମାନଙ୍କର ଭିଡ଼ ଲାଗିରହିଛି।

# ଏମ୍‌ଡିଏମ୍ ସୋସିଆଲ ଅଡିଟ ଲୋକଦେଖାଣିଆ

### ସଠିକ ଯାଞ୍ଚ ହେଉନାହିଁ



**କାକଟପୁର/ଅସ୍ତରଙ୍ଗ,୨୮।୯ (ସଂଚାର ବ୍ୟୁରୋ):** ସମାନତା, ଗୁଣବତ୍ତା ଓ ସଠିକ ଖର୍ଚ୍ଚ ପରିଚାଳନା ପାଇଁ ପିଏମ୍ ପୋଷଣ ଯୋଜନା ଅନ୍ତର୍ଗତ ସୋସିଆଲ ଅଡିଟ କରାଯାଉଛି। ଫଳରେ ମଧାହ୍ନ ଭୋଜନ ସ୍କିମରେ ସ୍ୱଚ୍ଛତା ବଜାୟ ରହି ପାରିବ। ମଧାହ୍ନ ଭୋଜନ ପ୍ରସ୍ତୁତି ଓ ପରିବେଶଣ ବେଳେ ସ୍ୱଚ୍ଛତା, ପ୍ରଧାନଶିକ୍ଷକ, ପ୍ରଧାନଶିକ୍ଷୟତ୍ରୀ, ସହକାରୀ ଶିକ୍ଷକ, ଶିକ୍ଷୟତ୍ରୀ, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ, ଅଭିଭାବକ ଏବଂ ଏହାର ଅନ୍ୟ ହିତାଧିକାରୀ ମାନଙ୍କ ସହଯୋଗ, ଏ ସଂକ୍ରାନ୍ତରେ ଆବଶ୍ୟକ କାଗଜ ପତ୍ର ଓ ରେଜିଷ୍ଟର ଅଡିଟ ଟିମ୍ କୁ ପ୍ରଦାନ, ପିଏମ ପୋଷଣ ଶକ୍ତି ନିର୍ମାଣ ଓ ମଧାହ୍ନ ଭୋଜନ ସମ୍ପର୍କରେ ପୋଷ୍ଟର ପ୍ରଦର୍ଶନ, ମଧାହ୍ନ ଭୋଜନରେ ବ୍ୟବହୃତ ରାସନ ଏଫଏସଏସଏଆଇ ଦ୍ୱାରା ପ୍ରମାଣିକୃତ ହୋଇଛି କି ନାହିଁ, ସତେଜ ପନିପରିବା ବ୍ୟବହୃତ ହୋଇଛି କି ନାହିଁ ତାର ଯାଞ୍ଚ କରିବା ମଧ ଅଡିଟର ଅଂଶବିଶେଷ। ପିଲାଙ୍କ ଅନୁପାତରେ ଖାଦ୍ୟ ପରିବେଷଣ ପାଇଁ ଥାଳି ରୋଷେଇ ହେଉଥିବା ସ୍ଥାନ ଓ ବାସନ କୁସନ ପରିଷ୍କାର ପରିଛନ୍ନ ହୋଇଛି କି ନାହିଁ, ବିଶୁଦ୍ଧ ପାନୀୟ ଜଳ ଯୋଗାଣ ଉପରେ ବି ଗୁରୁତ୍ୱରୋପ କରାଯିବ।

ପରିବେଷଣ କରାଯାଉଥିବା ଭୋଜନର ମାନ ପ୍ରତି ସୋମବାର ପ୍ରଦାନ କରାଯାଉଥିବା ଆଇରନ ଏବଂ ଫୋଲିକ ଏସିଡ ବଟିକା ଉପଲବ୍ଧି, ପରାମର୍ଶ ପୁସ୍ତିକା ଅଛି କି ନାହିଁ ଯଦି ଅଛି ସେବା ବାବରେ ସଚେତନତା କରାଯାଉଛି କି ନାହିଁ ଅଡିଟ ଟିମ୍ ବୁଲି ଦେଖିବେ। ଅସ୍ତରଙ୍ଗ ବ୍ଲକ ଶିକ୍ଷା କାର୍ଯ୍ୟାଳୟର ମଧାହ୍ନ ଭୋଜନ ଦାୟିତ୍ୱରେ ଥିବା ଏବିଇଓ, ସିଆରସିସି, ବିଆରସିସି ଓ ବିଇଓ ବିଭିନ୍ନ ସମୟରେ ସ୍କୁଲ ମାନଙ୍କୁ ଯାଇ ମଧାହ୍ନ ଭୋଜନ ସମ୍ପର୍କିତ ରେକର୍ଡ ଯାଞ୍ଚ କରିବା ଓ ଏହି କାର୍ଯ୍ୟକ୍ରମ କିପରି ସୁପରିଚାଳନା ହେବ ସେଥିପାଇଁ ସବିଶେଷ ଆଲୋଚନା କରିବେ।

ଏହି କ୍ରମରେ ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକର କିଛି ବିଦ୍ୟାଳୟର ମଧାହ୍ନ ଭୋଜନ ତଦାରଖ ପାଇଁ ଜିଲ୍ଲା ସୋସିଆଲ ଅଡିଟଙ୍କ ଜରିଆରେ ବ୍ଲକ ସ୍ତରୀୟ ସୋସିଆଲ ଅଡିଟ (ବିଏସଏ) ମାନଙ୍କୁ ନିୟୋଜିତ କରି ସ୍କୁଲ ମାନଙ୍କରେ ଛାତ୍ର, ଛାତ୍ରୀ ମାନଙ୍କ ପାଇଁ ଚାଲୁଥିବା ମଧାହ୍ନ ଭୋଜନ ପରିଚାଳନାର ଏକ ସବିଶେଷ ରିପୋର୍ଟ ସଂଗ୍ରହ କରିବା ପାଇଁ ଅସ୍ତରଙ୍ଗ ବ୍ଲକରେ ଅଡିଟ ଆରମ୍ଭ ହୋଇଥିବା ବେଳେ ସଠିକ ଅଡିଟ ହେଉ ନାହିଁ, ଯାହା ନୀତି ନିୟମ ରହିଛି ତାହାର ଅନୁଧ୍ୟାନ ହେଉନାହିଁ। କେବଳ ଲୋକ ଦେଖାଣିଆ ପରିଦର୍ଶନ କରୁଛନ୍ତି ବୋଲି ସାଧାରଣ ଆଲୋଚନା ହୋଇଛି।

ଅସ୍ତରଙ୍ଗ ବ୍ଲକର ଅନେକ ସ୍କୁଲରେ ମଧାହ୍ନ ଭୋଜନ ପରିବେଷଣକୁ ନେଇ ବିଭିନ୍ନ ସମୟରେ ଅନିୟମିତତା ନେଇ ଅଭିଯୋଗ ଉଠୁଛି। କେଉଁଠି ଆବଶ୍ୟକ ସଂଖ୍ୟକ ଛାତ୍ରଛାତ୍ରୀ ନ ଥାଇ ରିପୋର୍ଟରେ ପୋର୍ଟାଲକୁ ତଥ୍ୟ ଦିଆଯାଉଛି ତ ପୁଣି ମଧାହ୍ନ ଭୋଜନର ମାନକୁ ଓ ପରିଷ୍କାର ପରିଛନ୍ନତା ନେଇ ପ୍ରଶ୍ନ ଉଠିଛି। ଯାହାର ମାଳ ମାଳ ଉଦାହରଣ ରହିଛି। ଅନେକ ବିଦ୍ୟାଳୟ ରେ ନିମ୍ନ ମାନର ଖାଦ୍ୟ ଯଥା ପାଣିଆ ଅଣ୍ଡା ଝୋଳକୁ ନେଇ ମଧ ଆପତ୍ତି ବିଗତ ଦିନରେ ଉଠିଥିଲା। ରୋଷେଇ ମେନୁରେ ଭାତ ଓ ଅଣ୍ଡା ଝୋଳ ଥିବା ଅନେକ ସମୟରେ ଅଣ୍ଡା ଦିଆଯାଇ ଘରକୁ ପଠାଇ ଦେଉଛନ୍ତି। ବାହାରେ ମାଟି କାଦୁଅରେ ଅପରିଷ୍କାର ପରିବେଶରେ ବସି ପିଲାମାନେ ଖାଉଥିବା ଦେଖିବାକୁ ମିଳୁଛି। ଯେଉଁଥି ପାଇଁ ଛାତ୍ର, ଛାତ୍ରୀ ମାନେ ମଧାହ୍ନ ଭୋଜନ ଖାଇବାକୁ ମୁହଁ ଫେରାଉଛନ୍ତି। ଅଥଚ ପୋର୍ଟାଲକୁ ଶତ ପ୍ରତିଶତ ପିଲା ଖାଉଥିବା ଉପସ୍ଥାନ ଯାଉଥିଲା। ଏଥିସହିତ ପୋଷଣ ଯୁକ୍ତ ଲଡୁ ଅନେକ ବିଦ୍ୟାଳୟରେ ବଣ୍ଟନ ହେଉନାହିଁ।

## ମନ୍ତ୍ରୀଙ୍କ କାଳୁଆ ଯାତ୍ରା ଓ ଦୁର୍ଗା ମେଢ଼ ପରିଦର୍ଶନ



**ବ୍ରହ୍ମପୁର,୨୮।୯ (ସଂଚାର ବ୍ୟୁରୋ):** ଗୋସାଇଁନୂଆଗାଁ ବଡ଼ ସାହି ସ୍ଥିତ ଶ୍ରୀ ଶ୍ରୀ ଶ୍ରୀ ମାଁ କାଳୁଆଙ୍କୁ ଦର୍ଶନ କରିବା ପାଇଁ ଓଡ଼ିଶା ସରକାରଙ୍କ ମାନ୍ୟବର ବାଣିଜ୍ୟ ଓ ପରିବହନ ଏବଂ ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଅସ୍ଥାୟୀ ମଣ୍ଡପରେ ପହଞ୍ଚି ମାଁ କାଳୁଆଙ୍କ ଆଶିର୍ବାଦ ନେବା ସହ ଜଗତର କଲ୍ୟାଣ ପାଇଁ କାମନା କରିଛନ୍ତି।

କାଳୁଆ ପୂଜା କମିଟି ସଭାପତି ଜଗନ୍ନାଥ ଚୌଧୁରୀ,ରିଟୁ ପଣ୍ଡା, ଶ୍ରୀକାନ୍ତ ସାହୁ, ଶିଶିର ପଣ୍ଡା, ସୁଶାନ୍ତ କୁମାର ପାତ୍ର, ଜୟକୃଷ୍ଣ ମିଶ୍ର, ରାଜେନ୍ଦ୍ର ପାଣିଗ୍ରାହୀଙ୍କ ସମେତ ବହୁ ଗ୍ରାମବାସୀ ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କୁ ପାଛୋଟି ନେବା ସହ ଉପଢ଼ୌକନ ଦେଇ ସମ୍ମାନିତ କରିଥିଲେ । ଏହାପରେ ମନ୍ତ୍ରୀ ଶ୍ରୀ ଜେନା ବିଜିପୁର ସ୍ଥିତ ଦୁର୍ଗା ପୂଜା ମେଢ଼ ଦର୍ଶନ କରିଥିଲେ । ପରେ ମାନ୍ୟବର ମନ୍ତ୍ରୀ ବିଭୂତି ଭୂଷଣ ଜେନା, ମାନ୍ୟବର ବ୍ରହ୍ମପୁର ବିଧାୟକ କେ.ଅନିଲ କୁମାର,ବିଜେପିର ବରିଷ୍ଠ ନେତା ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି ପ୍ରମୁଖ ଗାନ୍ଧୀନଗର ସ୍ଥିତ ଦୁର୍ଗା ପୂଜା ଟାଟାବେଞ୍ଚ ସ୍ଥିତ ଦୁର୍ଗା ପୂଜା ମେଢ଼ ଦର୍ଶନ କରି ମାଁ ଦୂର୍ଗାଙ୍କ ଆଶିଷ ଭିକ୍ଷା ଲାଭ କରିଥିଲେ। ପରେ କମାପଲ୍ଲୀ ଦୁର୍ଗା ପୂଜା ମେଢ଼ ଦର୍ଶନ କରିଥିଲେ । ସାଥିରେ ଭାରତୀୟ ଜନତା ପାର୍ଟିର ବରିଷ୍ଠ ନେତା ସୁନିଲ କୁମାର ସାହୁ, ଜିଲ୍ଲା ଉପସଭାପତି ଗଙ୍ଗାଧର ଶତପଥୀ, ରାଜ୍ୟ ଯୁବମୋର୍ଚ୍ଚା ସମ୍ପାଦକ ତୁତୁନ୍ ପାତ୍ର, ପୂର୍ବତନ ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ଚୌଧୁରୀ, ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ବି.ରବି ରାଓ, ସମ୍ପାଦକ କିଶୋର କୁମାର ସାହୁ, ସଞ୍ଜୟ କୁମାର ଦାସ, କୃଷ୍ଣ ପଲାଇ, ନୀଳକଣ୍ଠ ବେହେରା,ଶ୍ରୀଧର ପାଳ ପ୍ରମୁଖଙ୍କ ସମେତ ବହୁ ଦଳୀୟ ନେତୃବୃନ୍ଦ ଉପସ୍ଥିତ ଥିଲେ ।

## ହଜାର ହଜାର ଟଙ୍କାର ବାଣ ଜବତ, ଜଣେ ଅଟକ

**ନୀଳଗିରି,୨୮।୯ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବରହମପୁର ଥାନା ଅଞ୍ଚଳରେ ବେଆଇନ ଭାବରେ ତିଆରି ହୋଇଥିବା ହଜାର ହଜାର ଟଙ୍କାର ବେଆଇନ ବାଣ ଜବତ କରିବା ସହିତ ପୋଲିସ ଜଣକୁ ଅଟକ କରିଥିବା ଜଣାପଡ଼ିଛି। ଅଟକ ହୋଇଥିବା ଯୁବକ ଜଣକ ହେଲେ ବରହମପୁର ଥାନା ଅଧିନ ବରହମପୁର ପଞ୍ଚାୟତର ସତ୍ୟନାରାୟଣ ପୁଟି। ଆଗକୁ ପାର୍ବଣ ଋତୁ ଥିବାରୁ ବାଣ ପ୍ରସ୍ତୁତ କରି ବିକ୍ରି କରିବା ପାଇଁ ବାଣ ତିଆରି କରୁଥିଲେ। ବରହମପୁର ଥାନା ଆଇଆଇସି ପ୍ରେମଦା ନାୟକ କୌଣସି ସୂତ୍ରରୁ ଖବର ପାଇ ଦଳବଳ ନେଇ ବାଣ ତିଆରି ସ୍ଥାନ ଉପରେ ଅଚାନକ ଚଢ଼ାଉ କରି ବାଣ ସହ ଉକ୍ତ ଯୁବକ ଙ୍କୁ ଅଟକ କରିଛନ୍ତି। ଜବତ ହୋଇଥିବା ବାଣର ମୂଲ୍ୟ ହଜାର ହଜାର ଟଙ୍କାର ହେବ ବୋଲି ଜଣାପଡ଼ିଛି। ଏନେଇ ବରହମପୁର ଥାନା ପକ୍ଷରୁ ଯୁବକକୁ ଥାନାରେ ଅଟକ ରଖି ପୋଲିସ ଘଟଣାର ଅଧିକ ତଦନ୍ତ କରୁଥିବାର ଜଣା ପଡ଼ିଛି।

## ବିଶ୍ୱ ଜଳାତଙ୍କ ଦିବସ ପାଳିତ




**କେନ୍ଦ୍ରାପଡା,୨୮।୯(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ରେ ବିଶ୍ୱ ଜଳାତଙ୍କ ଦିବସ ଆତ୍ମା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ମୁଖ୍ୟ ପ୍ରାଣି ଚିକିତ୍ସା ଅଧିକାରୀ ଡ଼ଃ ମନୋଜ କୁମାର ପଟ୍ଟନାୟକଙ୍କ ଅଧକ୍ଷତା ରେ ଆୟୋଜିତ ଏହି ଜଳାତଙ୍କ ଦିବସରେ ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ରବିନ୍ଦ୍ର କୁମାର ମଲିକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋରଞ୍ଜନ କୁମାର ରାଉତ, ଅତିରିକ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରମୋଦ କୁମାର ପ୍ରହରାଜ, ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର କୁମାର ବାରିକ, ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲିକ ଏବଂ ଏସପିସିଏ ର ଉପାଧକ୍ଷ ଫକୀର ଚରଣ ଖଟୁଆ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଜଳାତଙ୍କ ରୋଗର ଭୟାବହ, ଲକ୍ଷଣ ଏବଂ ଏହାର ପ୍ରତିକାର ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଆଲୋଚନା କରିଥିଲେ । ସାରା ବିଶ୍ୱରୁ କିଭଳି ଭାବରେ ଏହି ଜଳାତଙ୍କ ରୋଗ ଲୋପ ପାଇବ ଏବଂ ଏଥିପାଇଁ ମନୁଷ୍ୟ ଡାକ୍ତର, ପ୍ରାଣୀ ଚିକିତ୍ସକ, ଗୃହପାଳିତ ପ୍ରାଣୀ ମାନଙ୍କ ମାଲିକ ଏବଂ ସମାଜର ଭୂମିକା ବିଷୟରେ ଆଲୋଚନା କରା ଯାଇଥିଲା। ଏହି ଅଲୋଚନା ଚକ୍ରରେ ଜିଲ୍ଲାର ପ୍ରାଣୀ ବିଭାଗର କର୍ମକର୍ତ୍ତା, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମଚାରୀ, ଏସିଡିଏସ କର୍ମକର୍ତ୍ତା, ସମାଜସେବୀ/ସେବିକାଙ୍କ ସହିତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଅଂଶ ଗ୍ରହଣ କରିଥିଲେ । କାର୍ଯ୍ୟକ୍ରମ କୁ ଜିଲ୍ଲା ପ୍ରାଣି ଚିକିତ୍ସାର ଉପ ନିର୍ଦ୍ଦେଶକ ଡ଼ଃ ତୁଷାରଚନ୍ଦ୍ର ମିଶ୍ର ପରିଚାଳନା କରିଥିବା ବେଳେ ଡ଼ଃ ପ୍ରଭଞ୍ଜନ କବି ଧନ୍ୟବାଦ ଅର୍ପଣ କରିଥିଲେ ।

## ଶାନ୍ତି କମିଟି ବିବାଦ: ନିଜ ମୁଣ୍ଡରୁ ଦୋଷ ଖସାଉଛି ପ୍ରଶାସନ

**ଯାଜପୁର,୨୮।୯ (ସଂଚାର ବ୍ୟୁରୋ):** ଆସନ୍ତା କାଳୀପୂଜା ପାଇଁ ଯାଜପୁରରେ ପ୍ରସ୍ତୁତି ଯୋରଦାର ଭାବେ ଚାଲିଥିବାବେଳେ, ଶାନ୍ତି କମିଟିକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଏବେ ପୂଜା ପୂର୍ବରୁ ସହରର ଗରମାଗରମ ଚର୍ଚ୍ଚାରେ ପରିଣତ ହୋଇଛି। ପ୍ରତିବର୍ଷ ନିୟମିତ ଭାବେ ପୂଜା ପୂର୍ବରୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ଆୟୋଜିତ ହୋଇଥାଏ। ଏହି ବୈଠକରେ ପୂଜା କମିଟିର କର୍ମକର୍ତ୍ତା, ଶାନ୍ତି କମିଟିର ସଦସ୍ୟ ଓ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ, ସମଗ୍ର ପରିସ୍ଥିତିକୁ ଆଲୋଚନା କରିଥାନ୍ତି।

କିନ୍ତୁ ଚଳିତ ବର୍ଷ ୨୪ତାରିଖରେ ଅନୁଷ୍ଠିତ ବୈଠକରେ ଶାନ୍ତି କମିଟିର କୌଣସି ସଦସ୍ୟଙ୍କୁ ନିମନ୍ତ୍ରଣ କରାଯାଇନଥିବାରୁ ବିବାଦର ସୃଷ୍ଟି ହୋଇଥିଲା। ଏଥିରେ କର୍ମକର୍ତ୍ତାମାନେ ପ୍ରତିବାଦ ସ୍ୱରୂପ ବୈଠକକୁ ବର୍ଜନ କରିଥିଲେ। ପୁରୁଣା ୧୨, ନୂଆ ୫ ବିବାଦର ମୂଳ କାରଣ। ସୂଚନାଯୋଗ୍ୟ, ପୂର୍ବରୁ ଶାନ୍ତି କମିଟିରେ ୧୨ ଜଣ ସଦସ୍ୟ ରହିଥିଲେ। ଗତବର୍ଷ ଜିଲ୍ଲା ପ୍ରଶାସନ ପକ୍ଷରୁ ପୁଣି ୫ ନୂତନ ନାମ ଯୋଡ଼ାଯାଇଥିଲା। କିନ୍ତୁ ପୂର୍ବତନ ସଦସ୍ୟମାନଙ୍କ ପ୍ରବଳ ବିରୋଧରେ, ଶେଷ ପର୍ଯ୍ୟନ୍ତ ପ୍ରଶାସନ ସେମାନଙ୍କୁ ବାହାର କରିଦେବାକୁ ବାଧ ହୋଇଥିଲା।ଏବେ, ଚଳିତ ବର୍ଷ ପୁଣି ସେହି ୫ଜଣଙ୍କ ନାମ ତାଲିକାରେ ଯୋଡ଼ାଯାଇଥିବାରୁ, ଆଉଥରେ ଏକ ଅସନ୍ତୋଷ ପରିସ୍ଥିତି ସୃଷ୍ଟି ହୋଇଛି।

ଦ୍ୱିତୀୟ ବୈଠକରେ ଜିଲ୍ଲାପାଳଙ୍କ ନିଷ୍ପତ୍ତି

ପ୍ରଥମ ବୈଠକ ବିବାଦରେ ବାତିଲ ହୋଇଯିବା ପରେ, ୨୬ ତାରିଖରେ ପୁଣିଥରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବୈଠକ ଆୟୋଜନ କରାଯାଇଥିଲା। ସେଠାରେ ଜିଲ୍ଲାପାଳ ଅମୃତ ରଞ୍ଜନ କର ସ୍ପଷ୍ଟ କରିଥିଲେ ଯେ, ନୂତନ ଶାନ୍ତି କମିଟି ଗଠନ କରିବାର ଦାୟିତ୍ୱ ଯାଜପୁର ପୂଜା କମିଟିଙ୍କୁ ଦିଆଯାଇଛି।

ଏହି ନିଷ୍ପତ୍ତିରେ ନୂତନ ୫ଜଣଙ୍କ ଅନ୍ତର୍ଭୁକ୍ତି ସନ୍ଦିଗ୍ଧ ହୋଇଥିବା ସହିତ, ଏବେ ନୂଆ କମିଟି 'ଦଳମତ ନିର୍ବିଶେଷ' ଭାବେ ଗଠନ ହେବାକୁ ପରାମର୍ଶ ମିଳିଛି।ସାଧାରଣରେ ତୀକ୍ଷ୍ଣ ଆଲୋଚନା ଏହାକୁ ନେଇ ସହରରେ ଜୋରଦାର ଆଲୋଚନା ଚାଲିଛି। ଜିଲ୍ଲା ପ୍ରଶାସନ ନିଜ ମୁଣ୍ଡରୁ ଦୋଷ ଖସାଇ, ପୂଜା କମିଟିଙ୍କ ଉପରେ ଦାୟିତ୍ୱ ଛାଡ଼ିଦେଇଥିବାକୁ ଅନେକେ 'ପ୍ରଶାସନିକ ଦୁର୍ବଳତା' ବୋଲି ବ୍ୟାଖ୍ୟା କରୁଛନ୍ତି। କାଳୀପୂଜା ପୂର୍ବରୁ ଏହି ବିବାଦର ଶେଷ ସମାଧାନ ହେବ କି, ନାହିଁ ପୂଜାକୁ ପ୍ରଭାବିତ କରିବ ସେଥିପାଇଁ ସହରବାସୀ ଏବେଠାରୁ ଅପେକ୍ଷା କରୁଛନ୍ତି।

# ସମବାୟ ସମିତିରୁ ସାର ଚୋରାଚାଲାଣକୁ ନେଇ ଉତ୍ତେଜନା



**ସାଲେପୁର,୨୮।୯ (ସଂଚାର ବ୍ୟୁରୋ):** ଏକ ସୋସାଇଟିରେ ସାର କଳାବଜାରି ଓ ଚୋରାରେ ବିକ୍ରି କରାଯାଉଥିବାରୁ ଚାଷୀମାନଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଗତ କାଲି ରାତିରେ ଜନୈକ ବ୍ୟକ୍ତିଙ୍କୁ ସୋସାଇଟିରେ ସାର ବିକ୍ରି କରୁଥିବା ବେଳେ ସମ୍ପୃକ୍ତ ବ୍ୟକ୍ତିକୁ ଧରି ତାର ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ୍ କରିବା ଘଟଣା ସ୍ଥାନୀୟ ଅଞ୍ଚଳରେ ମୁଖ୍ୟ ଚର୍ଚ୍ଚାର ବିଷୟ ହୋଇଛି।

ଖବରରୁ ପ୍ରକାଶ ଯେ ଏବେ ରାଜ୍ୟରେ ସାରର ଘୋର ଅଭାବ ରହିଥିବା ବେଳେ ସରକାରଙ୍କ ପକ୍ଷରୁ ଯୋଗାଇ ଦିଆଯାଉଥିବା ସ୍ୱଳ୍ପ ପରିମାଣର ସାରକୁ ଚାଷୀମାନଙ୍କୁ ଚଢ଼ା ଦରରେ ବିକ୍ରି କରାଯାଉଥିବା ବେଳେ ରାତି ଅଧରେ ଏହି ସାରକୁ କଳାବଜାରୀ ମଧ କରାଯାଉଛି। ସଉରୀ ପଞ୍ଚାୟତର ଶ୍ରୀ ଚାଟେଶ୍ୱର ପ୍ରାଥମୀକ କୃଷି ସେବା ସମବାୟ ସମିତିକୁ ସରକାରଙ୍କ ପକ୍ଷରୁ ଏହି ଅଞ୍ଚଳର ଚାଷୀମାନଙ୍କ ପାଇଁ ଯୋଗାଇ ଦିଆଯାଉଥିବା ସାରକୁ ସରକାରଙ୍କ ପକ୍ଷରୁ ଧାର୍ଯ୍ୟକରାଯାଇଥିବା ମୂଲ୍ୟ ଅନୁଯାୟୀ ବିକ୍ରୟ କରାନଯାଇ ପ୍ୟାକେଟ୍ ପିଛା ୩୫୦ଟଙ୍କା ଦରରେ ଚାଷୀମାନଙ୍କୁ ସମବାୟ ସମିତି କର୍ମଚାରୀମାନେ ବିକ୍ରୟ କରୁଥିବାର ଅଭିଯୋଗ ହେଉଛି। ସେହିପରି ପ୍ରକୃତ ଚାଷୀମାନଙ୍କୁ ସାର ପ୍ରଦାନ କରା ନଯାଇ ରାତିଅଧିଆ ଚୋରାରେ ସାର ବିକ୍ରି କରାଯାଉଥିବା ଅଭିଯୋଗ ହେଉଛି। ଏହି ସାର ଚୋରାଚାଲାଣକୁ ନେଇ ସମବାୟ ସମିତ କାର୍ଯ୍ୟାଳୟ ସମ୍ମୁଖରେ ଚାଷୀମାନେ ପ୍ରତିବାଦ କରିବା ସହ ସେମାନଙ୍କ ମଧ ତୀବ୍ର ଉତ୍ତେଜନା ଦେଖିବାକୁ ମିଳିଛି।

# ୟୁରିଆ ସାର ଆବଶ୍ୟକ ଠାରୁ ଯୋଗାଣ କମ୍

### ଚାଷୀଙ୍କୁ ବିକ୍ରୟ ପାଇଁ ନାକେଦମ୍ ହେଉଛନ୍ତି ସମବାୟ ସମିତିର କର୍ମଚାରୀ



**ଡେରାବିଶ,୨୮।୯ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଅଞ୍ଚଳରେ ପାଖାପାଖି ୪୦୦୦ ଏକର ଚାଷ ଜମିରେ ଖରିଫ୍ ଧାନ ଚାଷ କରାଯାଇଛି। ବ୍ଲକ ଅଞ୍ଚଳର ଚାଷମୀନଙ୍କୁ ସରକାରଙ୍କ ପକ୍ଷରୁ ମାର୍କଫେଡ଼ ମାଧମରେ ୧୦ଗୋଟି ସମବାୟ ସମିତି ଜରିଆରେ ରିହାତି ଦରରେ ସାର ଯୋଗାଇ ଦେଉଛନ୍ତି। ସରକାରଙ୍କ ପକ୍ଷରୁ ପ୍ରଥମ ପର୍ଯ୍ୟାୟରେ ରୁଆ ବେଉଷଣ ସମୟରେ ଗ୍ରୋମର ପଟାସ ଓ ୟୁରିଆ ଯୋଗାଇ ଦିଆଯାଇଥିଲା। ତେବେ ଚାଷୀମାନେ ରୁଆବେଉଷଣ କରି ସାରିବା ପରେ ଆବଶ୍ୟକ ହେଉଥିବା ୟୁରିଆ ସାର ଯୋଗାଇବାରେ ସରକାର ଏବେ ବିଫଳ ହୋଇଛନ୍ତି।

ସମସ୍ତ ସମବାୟ ସମିତିକୁ ମାର୍କଫେଡ୍ ଜରିଆରେ ଯୋଗାଇ ଦିଆଯାଉଥିବା ସାର ସମୁଦ୍ରକୁ ଶଙ୍ଖେ ସଦୃଶ ହୋଇଛି। ଯେଉଁଥିପାଇଁ ସମିତିର କର୍ମଚାରୀ ଓ ପରିଚାଳନା କମିଟିର ସଦସ୍ୟମାନଙ୍କୁ ଚାଷୀମାନଙ୍କ ମଧରେ ଏହି ସାର ବିତରଣ କରିବା ପାଇଁ ନାକେଦମ୍ ହେବାକୁ ପଡ଼ୁଛି। ଏପରି ଘଟଣା ସମସ୍ତ ୧୦ ଗୋଟି ସମବାୟ ସମିତିର ଚାଷୀମାନଙ୍କ କ୍ଷେତ୍ରରେ ଘଟୁଥିବା ଅଭିଯୋଗ ହେଉଛି। ଏପରେ ଖୋଲାବଜାରରେ ୟୁରିଆ ସାର ମିଳୁନଥିବା ବେଳେ ଯେଉଁଠି ମିଳୁଛି ତାହା ପୁଣି ବହୁ ଚଢ଼ା ଦରରେ ଚାଷୀମାନେ କିଣୁଛନ୍ତି। ଯାହା ଫଳରେ ଯେଉଁ ସମିତିକୁ ୟୁରିଆ ସାର ଆସୁଥିବା ଖବର ଚାଷୀମାନେ ପାଉଛନ୍ତି ସେହି ସମିତି ଅଧିନସ୍ଥ ଚାଷୀମାନେ ସାର ନେବା ପାଇଁ ବହୁ ସଂଖ୍ୟାରେ ଭିଡ଼ ଜମାଉଥିବା ଦେଖିବାକୁ ମିଳିଛି। ଆଜି ଏପରିକ ଘଟଣା ଦେଖିବାକୁ ମିଳିଛି ବ୍ଲକ ଅନ୍ତର୍ଗତ ରତାଦିଆ ସମବାୟ ସମିତି କାର୍ଯ୍ୟାଳୟ ପରିସରରେ।

ଆଜି ଦିନ ୯ଟା ସମୟରେ ସମିତିରେ ସାର ବିକ୍ରୟ ହେଉଥିବା ଖବର ପାଇ ୫୦୦ରୁ ଅଧିକ ଚାଷୀ ରୁଣ୍ଡ ହୋଇ ଜମା ହୋଇଥିଲେ। କିନ୍ତୁ ଏତେ ସଂଖ୍ୟକ ଚାଷୀଙ୍କୁ ଦେବା ପାଇଁ ସାର ନଥିବା କରଣରୁ ପ୍ରାଥମିକ ଭାବରେ ପ୍ରଥମେ ଆସିଥିବା ଲୋକମାନଙ୍କ ଠାରୁ ଆଧାର କାର୍ଡ଼ ସଂଗ୍ରହ କରାଯାଇ ମେସିନ୍‌ରେ ଚାଷୀଙ୍କ ଟିପ ଚିହ୍ନ ନେଇ ସାର ଦିଆଯାଇଥିଲା। ଚାଷୀମାନଙ୍କୁ ନିୟନ୍ତ୍ରଣ କରିବା ପାଇଁ ଓ ଫେରିଯାଉଥିବା ଚାଷୀମାନଙ୍କୁ ପରବର୍ତ୍ତୀ ସମୟରେ ଅଗ୍ରାଧିକାର ଭିତିରେ ସାର ଯୋଗାଇ ଦେବାକୁ ସମିତିର ସଭାପତି ବିମଳ ତ୍ରିପାଠୀ ପ୍ରତିଶ୍ରୁତି ଦେବା ସହ ନିଜେ ଉପସ୍ଥିତ ରହି ଚାଷୀମାନଙ୍କୁ ସୁଚାରୁ ରୂପେ ସାର ବିତରଣ କରିଥିଲେ। ସମିତିର ସମ୍ପାଦକ ସୁବୋଧ କୁମାର ଲେଙ୍କା, ସତ୍ୟମ ବାରିକ, ସୁଧାଂଶୁ ଭୂଷଣ ଷଣ୍ଢ, ପରିଚାଳନା କମିଟିର ସଦସ୍ୟ ପ୍ରମୋଦ କୁମାର ଭଦ୍ର, ସୁନିତା ବଳ, ଧ୍ରୁବ ଚରଣ ବାରିକ ସାର ବିତରଣରେ ସହଯୋଗ କରିଥିଲେ

## ଉତ୍କଳ ସମ୍ମିଳନୀ ପକ୍ଷରୁ ରାଧାନାଥଙ୍କ ଜୟନ୍ତୀ ପାଳିତ




**କେନ୍ଦ୍ରାପଡ଼ା,୨୮।୯(ସଂଚାର ବ୍ୟୁରୋ):** ଓଡ଼ିଆ କାବ୍ୟ ସାହିତ୍ୟରେ ଆଧୁନିକତାର ଯୁଗ ପ୍ରର୍ବକ କବିବର ରାଧାନାଥ ରାୟଙ୍କ ୧୭୮ତମ ଜୟନ୍ତୀ ସମାରୋହ ଉତ୍କଳ ସମ୍ମିଳନୀ ଓ କେନ୍ଦ୍ରାପଡ଼ା ଜିଲ୍ଲା ସାହିତ୍ୟ ସଂସଦ ପକ୍ଷରୁ ମିଳିତ ଭାବରେ ପାଳିତ ହୋଇଯାଇଛି । ଉତ୍କଳ ସମ୍ମିଳନୀ ଜିଲ୍ଲା ଶାଖାର ୩୦ ତମ ପ୍ରତିଷ୍ଠା ଦିବସ ଅବସରରେ ପବ୍ଲିକ ରିଡିଙ୍ଗ୍ ରୁମ୍ ପରିସରରେ ସଭାପତି ପ୍ରାଧାପକ ନନ୍ଦକିଶୋର ପରିଡାଙ୍କ ପରିଚାଳନାରେ ଆୟୋଜିତ ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପ୍ରାଧାପକ ମୋହନ ଚରଣ ଜେନା ରାଧାନାଥଙ୍କୁ ଓଡ଼ିଆ ସାହିତ୍ୟରେ ନବଜାଗରଣର ସ୍ରଷ୍ଟା ଭାବେ ଅଭିହିତ କରିଥିଲେ । ଏହି ସଭାରେ ପ୍ରାଧାପକ ସୁରେନ୍ଦ୍ରନାଥ ଆଚାର୍ଯ୍ୟ ମୁଖ୍ୟବକ୍ତା, ଅଧାପକ ଅଜୟ ସାମଲ ଓ ଶୁଭ୍ରାଂଶୁ ଦାସ ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ ।




# ଥଣ୍ଡା କ୍ଷୀରରେ ରହିଛି ଚମତ୍କାରୀ ଫାଇଦା



ସୁସ୍ଥ ଶରୀର ପାଇଁ ଯେମିତି ଉତ୍ତମ ଖାଦ୍ୟର ଆବଶ୍ୟକତା ଥାଏ ସେହିପରି କ୍ଷୀର ମଧ୍ୟ ଆମ ଶରୀର ପାଇଁ ଜରୁରୀ। ସମୟ ପରିବର୍ତ୍ତନ ହେବା ସହିତ ଖାଇବାରେ ମଧ୍ୟ ପରିବର୍ତ୍ତନ ହେଉଛି। ସେଥିପାଇଁ ବର୍ତ୍ତମାନ ଅଧିକାଂଶ ଲୋକ ଖାଇବା ପିଇବା ପ୍ରତି ସଚେତନ ହୋଇଗଲେଣି। ପନିପରିବା,ଫଳମୂଳ ଭଳି କ୍ଷୀର ଆମ ଶରୀର ପାଇଁ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ଯାହା ଆମ ପାଇଁ ଲାଭଦାୟକ ହୋଇଥାଏ। ତେଣୁ ନିଜ ଦୈନନ୍ଦୀନ ଜୀବନରେ କ୍ଷୀର ପିଇବାକୁ ସାମିଲ କରିବା ଖୁବ୍ ଜରୁରୀ। ସେଥିପାଇଁ ଅଧିକାଂଶ ସମୟରେ କ୍ଷୀର ପିଇବାକୁ ପରାମର୍ଶ ଦିଆଯାଏ।

କ୍ଷୀରରେ ପ୍ରୋଟିନ୍ ଭରପୂର ମାତ୍ରାରେ ଥାଏ ବୋଲି ବିଶ୍ୱାସ କରାଯାଇଥାଏ। କିଛି ଲୋକଙ୍କୁ କ୍ଷୀର ପିଇବାକୁ ଆଦୌ ଭଲ ଲାଗି ନଥାଏ। କ୍ଷୀରରେ କ୍ୟାଲସିୟମ ଏବଂ ପ୍ରୋଟିନ ଭରପୂର ମାତ୍ରାରେ ମହଜୁଦ ଥାଏ ଯାହା ଶରୀର ପାଇଁ ବହୁତ ସାହାଯ୍ୟକାରୀ ହୋଇଥାଏ। ତେବେ ଆସନ୍ତୁ କ୍ଷୀର ପିଇବାର ଫାଇଦା ସମ୍ପର୍କରେ ଆସନ୍ତୁ ଜାଣିବା।

ଉଚ୍ଚ ରକ୍ତଚାପ ପାଇଁ ଆପଣ ଥଣ୍ଡା କ୍ଷୀର ପିଇପାରିବେ। ଉଚ୍ଚ ରକ୍ତଚାପ ପାଇଁ ଖୁବ ପ୍ରଭାବଶାଳୀ ହୋଇଥାଏ। ଏହା ପିଇବା ଦ୍ୱାରା ରକ୍ତ ସଂଚାଳନ କରେ ଏଥି ସହ ଶରୀରରେ ଥିବା ହରମୋନକୁ ନିୟନ୍ତ୍ରଣ କରିଥାଏ। ବର୍ତ୍ତମାନ ସମୟରେ କିଛି ଲୋକଙ୍କୁ ଏସିଡିଟି ଭଳି ସମସ୍ୟା ଅଧିକ ଦେଖିବାକୁ ମିଳୁଛି। ଏଭଳି ସମସ୍ୟା ପାଇଁ କ୍ଷୀର ବେଷ୍ଟ ହୋଇଥାଏ। ଯାହା ପିଇବା ଦ୍ୱାରା ଏସିଡିଟିରୁ ମୁକ୍ତି ମିଳିଥାଏ। ଏହା ସହିତ ପେଟ ଯନ୍ତ୍ରଣାରୁ ମଧ୍ୟ ଆରାମ ଦେଇଥାଏ। ଏତିକି ନୁହେଁ ବରଂ ଉଜ୍ୱଳ ତ୍ୱଚା ପାଇଁ କ୍ଷୀର ରାମବାଣ ସଦୃଶ ହୋଇଥାଏ। ଯାହା ଚେହେରାରେ ଚମକ ଆସିବା ସହିତ ତ୍ୱଚାକୁ ଟାଇଟ,ହାଇଡ୍ରେଟ ଏବଂ ନରମ କରାଇଥାଏ। ଫାଇଦା ମିଳିଥାଏ ସତ କିନ୍ତୁ କ୍ଷୀର ପିଇବାରେ ଗୋଟିଏ ନିୟମ ରହିଛି ଏବଂ ଉପଯୁକ୍ତ ସମୟ ରହିଛି।

ଗରମ କ୍ଷୀର ନୁହେଁ ଏହି ସବୁ ସମସ୍ୟାକୁ ଦୂର କରିବା ପାଇଁ ଥଣ୍ଡା କ୍ଷୀରର ଆବଶ୍ୟକତା ଥାଏ। ତେଣୁ ଏହି ସବୁ ସମସ୍ୟା ପାଇଁ ଥଣ୍ଡା କ୍ଷୀର ଉପଯୋଗୀ। ସେହିପରି ଥଣ୍ଡା କ୍ଷୀର ପିଇବାର ମଧ୍ୟ ଗୋଟିଏ ନିୟମ ରହିଛି। ଯେମିତିକି କେଉଁ ସମୟରେ ଥଣ୍ଡା କ୍ଷୀର ପିଇବା ଦ୍ୱାରା ଫାଇଦା ମିଳିଥାଏ। ତେବେ ଆସନ୍ତୁ ଆଜି ଆପଣଙ୍କୁ ସେସମ୍ପର୍କରେ ଜଣାଇବୁ। ଅନେକ ଲୋକ ବ୍ୟାୟାମ କରିବା ପରେ ଏମିତି ଡ୍ରିଙ୍କ୍ସ ପିଇବାକୁ ଚାହିଁଥାନ୍ତି। ଯେଉଁଥିରେ ସେମାନଙ୍କ ଶରୀରକୁ ଫାଇଦା ମିଳି ପାରିବ। ଏହିଭଳି ପରିସ୍ଥିତିରେ ଆପଣ ଥଣ୍ଡା କ୍ଷୀର ପିଇ ପାରିବେ ଏହାକୁ ପିଇବା ଦ୍ୱାରା ଶରୀରକୁ ପ୍ରୋଟିନ ମିଳିଥାଏ।

# ଶରୀରକୁ ଫିଟ୍ ରଖିବାକୁ ପିଅନ୍ତୁ ଲେମନ୍ ଗ୍ରାସ୍ ଟି

ବର୍ତ୍ତମାନ ସମୟର ସବୁଠାରୁ ବଡ ଚିନ୍ତା ହେଉଛି ସଜନ ସମସ୍ୟା। ପ୍ରାୟ ସମସ୍ତେ ସ୍ଲିମ ଓ ଫିଟ ରହିବାକୁ ଚାହୁଁଥିଲେ ହେଁ ବ୍ୟସ୍ତବହୁଳ ଜୀବନରୁ ସମୟ କାଢିବା ଅନେକଙ୍କ ପକ୍ଷରେ ସମ୍ଭବ ହୋଇପାରୁନାହିଁ। ତେବେ ଏଥିରେ ବ୍ୟସ୍ତ ହେବାର କିଛି ନାହିଁ। କିଛି କିଛି ଛୋଟ ଛୋଟ କଥା ଅଛି, ଯାହାକୁ ଉପଯୋ।ଗ କଲେ ଆପଣ ବି ଫିଟ୍ ରହିପାରିବେ। ଏଥିପାଇଁ ଆପଣଙ୍କୁ ଅତିରିକ୍ତ ସମୟ ବି ଦେବାକୁ ପଡ଼ିବ ନାହିଁ। ସେଥିରୁ ଗୋଟିଏ ହେଉଛି ଲେମନଗ୍ରାସ ଟି'ର ସେବନ। ଗ୍ରୀନଟି ଟି ପରି ବଜାରରେ ଏହି ଟି ଉପଲବ୍ଧ ହେଉଛି। ଏହାର ଗନ୍ଧ ଲେମ୍ବୁ ପରି ଓ ସ୍ୱାଦ କମଳା ପରି। ଏହା ଆପଣଙ୍କ ଫିଟ୍ ରଖିପାରିବେ। ତା'ହେଲେ ଆସନ୍ତୁ ଜାଣିବା ଏହାର ସ୍ୱାସ୍ଥ୍ୟ ଉପକାରୀ ଗୁଣ ସମ୍ପର୍କରେ।

- ଲେମନଗ୍ରାସ୍ ଟି ପିଇଲେ ଡାଇବେଟିସ୍, ହୃଦରୋଗ ଓ ବ୍ଲଡପ୍ରେସର ଭଳି ମାରାତ୍ମକ ରୋଗ ନିୟନ୍ତ୍ରଣରେ ରହିଥାଏ।
- ଲେମନଗ୍ରାସ ଟିକୁ ବ୍ୟବହାର କରିବା ଦ୍ୱାରା ଓଜନ କମିବା ସହ ଥକାପଣ ଓ ମୁଣ୍ଡବିନ୍ଧା ଦୂର ହୋଇଥାଏ। ଏହା ଶରୀରରେ ପେନ୍ କିଲର୍ ପରି କାମ କରିଥାଏ।
- ଏଥିରେ ପ୍ରଚୁର ପରିମାଣର ଆଣ୍ଟି-ଆକ୍ସିଡାଣ୍ଟ ଓ ଆଣ୍ଟି-ମାଇକ୍ରୋବାୟଲ ଗୁଣ ରହିଛି, ଯାହା ଶରୀରର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।
- ନିୟମିତ ଭାବରେ ଲେମନଗ୍ରାସ୍ ଟି ପିଇଲେ ଷ୍ଟ୍ରେସ୍ କମ୍ ହେବା ସହିତ ମୁଡ୍ ଠିକ୍ ରହିଥାଏ।
- ଲେମନଗ୍ରାସ ଟି କମ୍ କ୍ୟାଲେରୀଯୁକ୍ତ ହୋଇଥିବାରୁ ଏହାକୁ ସେବନ କରିବା ଦ୍ୱାରା ଶରୀରର ଓଜନ କମ୍ ହେବା ସହ ଖାଦ୍ୟ ଶୀଘ୍ର ହଜମ ହୋଇଥାଏ।
- ଖାଇବା ପୂର୍ବରୁ ଏହିଟିକୁ ପିଅନ୍ତୁ। ଏଥିରେ ଥିବା ପଲିଫେନୋଲ ତତ୍ତ୍ୱ ଶରୀରରେ ଉର୍ଜା ପରି କାମ କରିଥାଏ।
- ଯଦି ଆପଣ ନିୟମିତ ରୂପରେ ପିଉଛନ୍ତି, ତେବେ ଏହା ଶରୀରରୁ ଅତିରିକ୍ତ ଜଳ ବାହାର କରିଥାଏ।

# ଚନ୍ଦନ ତେଲ, ପାଉଡର୍‌ର ରହିଛି ୫ଟି ଲାଭ

ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ପାଇଁ ଚନ୍ଦନ ବହୁତ ଭଲ। ଚନ୍ଦନ ପାଉଡର ଓ ତେଲରେ ୧୨୫ ପ୍ରକାର ତତ୍ତ୍ୱ ରହିଛି, ଯାହା ତ୍ୱଚାକୁ ସୁନ୍ଦର କରିବା ପାଇଁ ସାହାଯ୍ୟ କରିଥାନ୍ତି। ତେଣୁ ସମସ୍ତ ପ୍ରକାର ବିୟୁଟି ପ୍ରଡକ୍ଟରେ ଚନ୍ଦନକୁ ଉପଯୋଗ କରାଯାଇଥାଏ। ତେବେ ଆସନ୍ତୁ ଜାଣିବା ଚନ୍ଦନ ତେଲ ଓ ପାଉଡର ବ୍ୟବହାର କଲେ, କେଉଁସବୁ ଲାଭ ମିଳିଥାଏ।

- ଚନ୍ଦନ ପ୍ରାକୃତିକ ଭାବରେ ଥଣ୍ଡା ପ୍ରଦାନ କରିଥାଏ। ତେଣୁ ଏହାର ଲେପ ମୁହଁରେ ଲଗାଇଲେ, ତ୍ୱଚାରେ ହେଉଥିବା ଜଳାପୋଡା ଭଲ ହୋଇଥାଏ। ଏହାର ବାସ୍ନାରେ ମାନସିକ ଶାନ୍ତି ମିଳିଥାଏ।
- ଯେଉଁମାନେ କଥା କଥାରେ ରାଗି ଯାଇଥାନ୍ତି, ସେମାନଙ୍କୁ ଚନ୍ଦନ ଟିକା ଲଗାଇବା ପାଇଁ ପରାମର୍ଶ ଦିଆଯାଇଥାଏ। କାରଣ ଆମ ଶରୀରରେ ଥିବା ୭ଟି ଚକ୍ର ମଧ୍ୟରୁ ଗୋଟିଏ ଶକ୍ତିଶାଳୀ ଚକ୍ର ଦୁଇ ଆଇବ୍ରୋ ମଝିରେ ରହିଛି। ତେଣୁ ସେହି ସ୍ଥାନରେ ଚନ୍ଦନ ଲଗାଇଲେ ମନ ଓ ମସ୍ତିଷ୍କ ଶାନ୍ତ ରହିଥାଏ।
- ଆଖିର ଆଖପାଖ ତ୍ୱଚାକୁ ସୁନ୍ଦର କରିବା ପାଇଁ ଏହାର ଚାରିପଟେ ଚନ୍ଦନ ଓ ମହୁର ଲେପ ଲଗାନ୍ତୁ।
- ଡ୍ରାଏନେସ୍ ଯୋଗୁଁ ତ୍ୱଚାରେ କୁଞ୍ଚନ ପଡ଼ିବା ସହ ତ୍ୱଚା ଢିଲା ହୋଇଯାଏ। ଚନ୍ଦନ ଡ୍ୟାମେଜ ସେଲକୁ ରିପାୟାର କରିବାର କାର୍ଯ୍ୟ କରିଥାଏ। ଏହାର ବାସ୍ନା ବ୍ରେନ୍ ସେଲକୁ ରିଲାକ୍ସ କରିଥାଏ।
- ଚନ୍ଦନ ପାଉଡରରେ ଆଣ୍ଟି-ବ୍ୟାକ୍ଟେରିଆ ଗୁଣ ରହିଛି। ତେଣୁ ଏହାକୁ ଲଗାଇବା ଦ୍ୱାରା ସ୍କିନରେ ବ୍ୟାକ୍ଟେରିଆ ସକ୍ରିୟ ହୁଅନ୍ତି ନାହିଁ। ଏହି ପାଉଡର ମୁହଁର ତ୍ୱଚାକୁ ଅଏଲ ଫ୍ରି ମଧ୍ୟ ରଖୁଥିବାରୁ ବ୍ରଣ ସମସ୍ୟା ଦେଖା ଦିଏ ନାହିଁ।





# ସ୍ୱାସ୍ଥ୍ୟ ପାଇଁ ଖୁବ ଉପକାରୀ ଗ୍ରୀନ ମଟର



ସାଧାରଣତଃ ଶୀତ ଦିନେ ଗ୍ରୀନ ମଟର ହୋଇଥାଏ। ଗ୍ରୀନ ମଟର ଖାଇବାକୁ ପ୍ରାୟ ସମସ୍ତେ ପସନ୍ଦ କରନ୍ତି। ଏହାକୁ ସବୁ ତରକାରୀରେ ବ୍ୟବହାର କରି ହୁଏ। ଅନେକ ଲୋକ ଏହାକୁ କଞ୍ଚା ଖାଇବାକୁ ମଧ୍ୟ ପସନ୍ଦ କରନ୍ତି। ତେବେ ଏହା କେବଳ ପାଟିକୁ ସୁଆଦିଆ ଲାଗେ ନାହିଁ, ଏଥିରେ ଅନେକ ଭିଟାମିନ ସହିତ ଔଷଧୀୟ ଗୁଣ ଭରି ରହିଥାଏ, ଯାହା ଶରୀର ପାଇଁ ବହୁତ ଭଲ। ତା'ହେଲେ ଆସନ୍ତୁ ଜାଣି ନେବା ଗ୍ରୀନ ମଟର ଖାଇଲେ କେଉଁ କେଉଁ ଲାଭ ମିଳେ।

- ଶୀତଦିନେ ଖାଦ୍ୟ ଠିକ ଭାବେ ହଜମ ହୁଏ ନାହିଁ। ଏହି ସମସ୍ୟାକୁ ଠିକ୍ କରିବାରେ ମଟର ସାହାଯ୍ୟ କରିଥାଏ। ଏଥିରେ ଥିବା ଫାଇବର ଡାଇଜେଷ୍ଟିଭ ସିଷ୍ଟମକୁ ଠିକ୍ ରଖିଥାଏ। ଫଳରେ କୋଷ୍ଠକାଠିନ୍ୟ ସମସ୍ୟା ହୋଇନଥାଏ।
- ମଟରରେ ଅଧିକ ପରିମାଣରେ ଫାଇବର ଓ ପ୍ରୋଟିନ ଥିବାରୁ ଏହା ପେଟରେ ଅଧିକ ସମୟ ପର୍ଯ୍ୟନ୍ତ ରହିଥାଏ। ଫଳରେ ପେଟ ପୂରିଲା ଲାଗେ ଓ ଭୋକ କମ୍ ହୋଇଥାଏ। ଭୋକ କମ୍ ହେଲେ ଖାଇବା କମ୍ ହୁଏ ଓ ଏହାଦ୍ୱାରା ଓଜନ ହ୍ରାସ ପାଏ।
- ମଟରରେ ମ୍ୟାଗ୍ନେସିୟମ୍, ପୋଟାସିୟମ୍ ଓ କ୍ୟାଲସିୟମ୍ ରହିଛି। ଏସବୁ ତତ୍ତ୍ୱ ହାଇ ବ୍ଲଡ ପ୍ରେସର ଓ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ କରିଥାଏ। ଫଳରେ ହାର୍ଟ ଆଟାକର ଆଶଙ୍କା କମ୍ ହୋଇଥାଏ।
- ମଟର ଡାଇବେଟିସ ରୋଗୀଙ୍କ ପାଇଁ ମଧ୍ୟ ଭଲ।
- ମଟରରେ ପ୍ରଚୁର ମାତ୍ରାରେ ଆଇରନ ରହିଛି। ଏହି ଆଇରନ୍ ଶରୀରରେ ଆଲର୍ଜିକୁ କମ୍ କରିଥାଏ ଏବଂ ଏନିମିଆ ସମସ୍ୟାକୁ ଦୂର କରିଥାଏ।
- ମଟରରେର ଥିବା ଭିଟାମିନ ଓ ମିନେରାଲ୍ସ ରୋଗ ପ୍ରତିରୋଧ ଶକ୍ତିଙ୍କୁ ବଢ଼ାଇଥାଏ। ଫଳରେ ଶୀତଦିନେ ହେଉଥିବା ବିଭିନ୍ନ ରୋଗ ହେବାର ଆଶଙ୍କା କମ୍ ହୋଇଥାଏ।
- ମଟରରେ କାରୋଟେନୋଏଡ ପିଗମେଣ୍ଟ ଲୁଟିନ ନାମରେ ଏକ ତତ୍ତ୍ୱ ରହିଛି, ଯାହା ଆଖି ପାଇଁ ଭଲ। ଏହା ଦୃଷ୍ଟିଶକ୍ତିକୁ ଠିକ୍ ରଖେ।

# ହୃଦ୍‌ରୋଗୀ ପ୍ରତିଦିନ ଖାଆନ୍ତୁ ଶିମ୍ବ

- ଶୀତଦିନେ ମିଳୁଥିବା ପରିବା ହେଉଛି ଶିମ୍ବ। ଏହା ଖାଇବାକୁ ସ୍ୱାଦିଷ୍ଟ ଏବଂ ଏଥିରେ ଅନେକ ସ୍ୱାସ୍ଥ୍ୟ ଉପକାରୀ ଗୁଣ ରହିଛି। ଏଥିରେ ପ୍ରୋଟିନ, ଭିଟାମିନ୍ ଓ ମନେରାଲ୍ସ ରହିଛି, ଯାହା ଓଜନ ହ୍ରାସ କରିବା ସହିତ ପାର୍କିନସନ ପରି ରୋଗକୁ ଭଲ କରିବା ପାଇଁ ସାହାଯ୍ୟ କରିଥାଏ। ଏହା ବ୍ୟତୀତ ଶିମ୍ବ କୋଲେଷ୍ଟ୍ରଲର ସ୍ତର ନିୟନ୍ତ୍ରଣ କରିଥାଏ। ଆସନ୍ତୁ ଜାଣିବା ଶିମ୍ବ ଖାଇଲେ ଅନ୍ୟ କେଉଁସବୁ ସ୍ୱାସ୍ଥ୍ୟ ଉପକାରୀ ଲାଭ ମିଳିଥାଏ।
- ଶିମ୍ବରେ ଥିବା ଭିଟାମିନ୍ ବି, ଫୋଲେଟ୍, କ୍ୟାଲସିୟମ୍, ଆଇରନ ଓ ସେଲେନିୟମ୍ ହିମୋଗ୍ଲୋବିନ୍ ବୃଦ୍ଧି କରିଥାଏ ଏବଂ ଫାଇବର ପାଚନ ତନ୍ତ୍ରକୁ ଠିକ୍ ରଖିଥାଏ।
- ଶିମ୍ବ ନିୟମିତ ଭାବରେ ଖାଇଲେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଥାଏ। ଏହା ଏପରି ଏକ ପରିବା ଯାହା ଶରୀରରେ ଆଣ୍ଟି-ଅକ୍ସିଡାଣ୍ଟକୁ ସକ୍ରିୟ କରିଥାଏ, ଯାହା ଯୋଗୁଁ ସେଲ୍‌ଫରେ ଫ୍ରି ରାଡିକାଲ୍ସ ହୋଇନଥାଏ।



# ଶୀତଦିନେ ଫୁଲକୋବିର ଉପକାରିତା

ଶୀତ ଦିନିଆ ପରିବା ଭାବେ ଫୁଲ କୋବିର ଆଦର ଖୁବ ଅଧିକ। ଘରେ ଘରେ ଫୁଲକୋବି ଭଜା, ଚପ ସହ ତରକାରିର ଆସର ବେଶ ଜମିଥାଏ। ଫାଇବରେ ଭରପୂର ଓ ଭିଟାମିନ ବି ପୋଷକ ତତ୍ତ୍ୱ ଥିବା ଏଇ ପରିବା ଆମ ସ୍ୱାସ୍ଥ୍ୟ ଉପରେ ଉତ୍ତମ ପ୍ରଭାବ ପକାଇଥାଏ।

- ବିଶେଷଜ୍ଞଙ୍କ ମତରେ ନିୟମିତ ଫୁଲକୋବିକୁ ନିଜ ଖାଦ୍ୟ ତାଲିକାରେ ସାମିଲ କରାଇଲେ କୋଷ୍ଠକାଠିନ୍ୟ ସମସ୍ୟା ଦୂର ହୋଇଥାଏ।
- ଆଣ୍ଟିଅକ୍ସିଡ଼ାଣ୍ଟ ଭରପୂର ଏଇ ପରିବା ଆମ ଶରୀରର ରୋଗପ୍ରତିରୋଧକ ଶକ୍ତି ବଢ଼ାଇଥାଏ। ପାଶ୍ଚାତ୍ୟ ରାଷ୍ଟ୍ରରେ ଫୁଲକୋବିକୁ ସାଲାଡ଼ରେ ବ୍ୟବହାର କରାଯାଇଥାଏ।
- ଏହି ପରିବାରେ ଥିବା କ୍ୟାରୋଟିନଏଡ଼ ଓ ଫ୍ଲାବନଏଡ଼ ତତ୍ତ୍ୱ ଶରୀରର କର୍କଟ ପ୍ରତିରୋଧୀ ଶକ୍ତି ବୃଦ୍ଧି କରେ।
- ଭିଟାମିନ ସି ଭରପୂର ଥିବା ଫୁଲକୋବି ପ୍ରତ୍ୟହ ଖାଇଲେ ହୃଦରୋଗ ହେବାର ଆଶଙ୍କା କମ ହୁଏ।
- କମ କ୍ୟାଲୋରୀଯୁକ୍ତ ଏଇ ପରିବାର ଖାଇଲେ ଓଜନ ମଧ୍ୟ ଶୀଘ୍ର ହ୍ରାସ ପାଏ। ଫୁଲକୋବିରେ ୯୨%ଜଳ ଥିବାରୁ, ଏହା ଖାଇଲେ ବରଂ ଆମ ଓଜନ ନିୟନ୍ତ୍ରଣରେ ରହେ।
- ଫୁଲକୋବିରେ ଥିବା ପୋଷକ ତତ୍ତ୍ୱ କାରଣରୁ ଆମ ସ୍ମୃତି ଶକ୍ତି ବୃଦ୍ଧି ହେବା ସହ ନିଦ ମଧ୍ୟ ଭଲ ଭାବେ ହୋଇଥାଏ।
- ଆଣ୍ଠଗଣ୍ଠି ସମସ୍ୟା ଥିଲେ କିମ୍ବା ହାଡ଼ ଦୁର୍ବଳ ଥିଲେ, ପ୍ରତ୍ୟହ ଫୁଲକୋବି ନିଜ ଡ଼ାଏଟରେ ସାମିଲ କରାଇବା ଉଚିତ।



# ନାଭିରେ ତେଲ ମାଲିସରୁ ତ୍ୱଚାକୁ ମିଳେ ଅନେକ ଲାଭ

## ଏଜିଙ୍ଗ କମ୍ କରେ

ସୁନ୍ଦରତା ବଢାଇବା ପାଇଁ ନାଭିରେ ତେଲ ଲଗାଇବା ଦ୍ୱାରା ଏଜିଙ୍ଗ କମ୍ ହୋଇଥାଏ। ଏହା ଝୁରିଆ ଏବଂ ଫାଇନ୍ ଲାଇନ୍ସ ହ୍ରାସ କରେ। ଏହା ସ୍କିନ୍ ଟୋନକୁ ମଧ୍ୟ ଉନ୍ନତ କରେ। ଏହା ସହିତ, ଏହା ମୁହଁର ଚମକ ଫେରାଇ ଆଣିବାରେ ସାହାଯ୍ୟ କରେ ଏବଂ ବୟସ ବୃଦ୍ଧିକୁ ରୋକିଥାଏ।

## ଇନଫେକ୍ସନ୍ ହ୍ରାସ କରେ

ନାଭିରେ ତେଲ ଲଗାଇବା ଦ୍ୱାରା ଇନଫେକ୍ସନର ଲକ୍ଷଣ କମ ହୋଇଥାଏ। ଏହା ସ୍କିନ୍ ଇନଫେକ୍ସନ୍ ହ୍ରାସ କରେ ଏବଂ ଜୀବାଣୁ ଏବଂ ଫଙ୍ଗାଲ ଇନଫେକ୍ସନକୁ ରୋକେ। ଏହା ରକ୍ତ ସଞ୍ଚାଳନକୁ ମଧ୍ୟ ଉନ୍ନତ କରେ ଏବଂ ଏହାର ଗଠନକୁ ଉନ୍ନତ କରେ। ତେଣୁ, ଆପଣଙ୍କର ସୌନ୍ଦର୍ଯ୍ୟ ବୃଦ୍ଧି କରିବା ପାଇଁ ନାଭିରେ ତେଲ ଲଗାନ୍ତୁ।

## ତ୍ୱଚାରେ ପ୍ରାକୃତିକ ଚମକ

ଆୟୁର୍ବେଦ ଅନୁସାରେ, ନାଭିରେ ତେଲ ଲଗାଇବା ଦ୍ୱାରା ତ୍ୱଚାକୁ ପୋଷଣ ମିଳିଥାଏ, ଶୁଷ୍କତା ହ୍ରାସ ପାଇଥାଏ ଏବଂ ତ୍ୱଚାକୁ ଏକ ପ୍ରାକୃତିକ ଚମକ ମିଳିଥାଏ। ତେଲରେ ଥିବା ଅତ୍ୟାବଶ୍ୟକ ଫ୍ୟାଟି ଏସିଡ୍, ଭିଟାମିନ୍ ଏବଂ ଆଣ୍ଟିଅକ୍ସିଡାଣ୍ଟ ତ୍ୱଚାକୁ ଗଭୀର ଭାବରେ ପୋଷଣ ଦେଇଥାଏ।



# ଦୁର୍ଗମ ଅଞ୍ଚଳରେ ମିଳୁନି କାମ

## ବଢୁଛି ଦାଦନ ସମସ୍ୟା, କାହା ସ୍ୱାର୍ଥରେ ମନରେଗା ଯୋଜନା ?

**ଲାଞ୍ଜିଗଡ଼,୨୮।୯ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ହୋଇଥିବା ବେଳେ ଆଦିବାସୀଙ୍କ ପାଇଁ ସରକାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟକ୍ରମମାନ ପ୍ରସ୍ତୁତ କରୁଛନ୍ତି ସତ ହେଲେ ବିଭିନ୍ନ ଉନ୍ନୟନମୂଳକ କାମରେ ନିୟୋଜିତ ଶ୍ରମିକମାନେ ସ୍ଥାନୀୟ ଠିକାଦାରଙ୍କ ଦ୍ୱାରା ଶୋଷଣର ଶିକାର ହେବା ଓ ଠିକ୍ ସମୟରେ ପାରିଶ୍ରମିକ ପ୍ରାପ୍ୟ ପାଉନଥିବାରୁ ନିଜ ଭିଟାମାଟିରେ କାମ କରିବା ପରିବର୍ତ୍ତେ ବାହାର ରାଜ୍ୟକୁ ଦାଦନ ଖଟିଯିବାକୁ ଉଚିତ ମନେ କରୁଛନ୍ତି।

ଅନ୍ୟପକ୍ଷରେ ମନରେଗା ଯୋଜନା ଓ ଅନ୍ୟ ଯୋଜନାରେ ଠିକ ଭାବରେ ପ୍ରାପ୍ୟ ପାଉନଥିବାରୁ ସେମାନେ ପରିବାର ପ୍ରତିପୋଷଣ ପାଇଁ ବାହାର ରାଜ୍ୟ ଉପରେ ନିର୍ଭର କରିବାକୁ ବାଧ୍ୟ ହେଉଥିବା କୁହାଯାଉଛି। ତେବେ ଲାଞ୍ଜିଗଡ଼ ଏକ ଆଦିବାସୀ ଅଞ୍ଚଳ ହୋଇଥିବା ବେଳେ ଆଦିବାସୀଙ୍କ ସରଳତାର ଫାଇଦା ଉଠାଉଛନ୍ତି ଦାଦନ ସର୍ଦାରମାନେ। ଏହାର ସୁଯୋଗ ନେଇଁ ଦାଦନ ସର୍ଦାରମାନେ ପୁରୁଣା ଓ ନୂଆ ଶ୍ରମିକମାନଙ୍କୁ ବଇନା ଦେଇ ସଂରକ୍ଷିତ ରଖିବାକୁ ଗାଁ ଗାଁରେ ପହଞ୍ଚୁଛନ୍ତି। ଯିଏ ଥରେ ସର୍ଦ୍ଦାରଙ୍କ ଠାରୁ ବଇନା ଟଙ୍କା ନେଲା ସେ ସେହି ସର୍ଦ୍ଦାର ପଠାଇବା ସ୍ଥାନକୁ ଯାଇ ଖଟିବାକୁ ବାଧ୍ୟ ହୁଅନ୍ତି। ପାର୍ବଣ ଆରମ୍ଭରୁ ଗରିବ ଶ୍ରମିକ ମାନଙ୍କ ପାଇଁ ଟଙ୍କା ଦରକାର ହେଉଥିବାରୁ ସେମାନେ ବାଧ୍ୟ ହୋଇ ବଇନା ଗ୍ରହଣ କରିଥାନ୍ତି। ଫଳରେ ସର୍ଦ୍ଦାରମାନେ ଟଙ୍କା ଦେଇ ପାର୍ବଣ ପରେ ଯିବାକୁ ଚୁକ୍ତି କରିଥାନ୍ତି ଓ ଶ୍ରମିକମାନେ ପାର୍ବଣ ପରେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ଯାଇଥାନ୍ତି।

ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାରଙ୍କ ପକ୍ଷରୁ ମନରେଗା ଯୋଜନାରେ ଉତ୍ତମ କାର୍ଯ୍ୟ ଯୋଗାଇଦେବା, ଉତ୍ତମ କାର୍ଯ୍ୟ କରିବା ତଥା ଶ୍ରମିକଙ୍କ ଦୈନିକ ମେଣ୍ଟେଜକୁ ନେଇଁ ଜି.ଆର.ଏସ ଓ ପିଇଓ ମାନଙ୍କୁ ଆୱାର୍ଡ ଦିଆଯାଉଥିବା ବେଳେ ଏପଟେ ଲାଞ୍ଜିଗଡ଼ ଦୁର୍ଗମ ଅଞ୍ଚଳରୁ ହଜାର ହଜାର ଲୋକ ରାଜ୍ୟ ବାହାରକୁ ଦାଦନ ଯାଉଥିବା ବେଳେ ବ୍ଲକରେ ଦିନକୁ ଦିନ ଦାଦନ ସଂଖ୍ୟା ବୃଦ୍ଧି ପାଉଛି। ସେହି ଅନୁପାତରେ ଦାଦନ ନିର୍ଯାତନା ଓ ଏହି କିଛି ବର୍ଷ ହେଲା ଦାଦନ ଶ୍ରମିକଙ୍କ ମୃତ୍ୟୁ ସଂଖ୍ୟା ବଢ଼ିବାରେ ଲାଗିଛି। ହେଲେ ପ୍ରଶାସନ ଜାଣି ଶୁଣି ନିରବ ରହିଥିବା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

ତେବେ ଲାଞ୍ଜିଗଡ଼ ଆଦିବାସୀ ଅଧ୍ୟୁଷିତ ବ୍ଲକ ଥିବାବେଳେ ଏଥିରେ ସ୍ୱତନ୍ତ୍ର ଭାବେ କାର୍ଯ୍ୟ କରୁଛି ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇ.ଟି.ଡି.ଏ)। ଉକ୍ତ ସଂସ୍ଥା ଦ୍ୱାରା ମଧ୍ୟ ବ୍ଲକର ବିଭିନ୍ନ ପଞ୍ଚାୟତରେ କୋଟି କୋଟି ଟଙ୍କା ଅନୁଦାନର କାର୍ଯ୍ୟ ଶ୍ରମିକଙ୍କୁ ଯୋଗାଇ ଦିଆଯାଉଥିବା କୁହାଯାଉଥିବା ବେଳେ ତାହା କାହା ସ୍ୱାର୍ଥରେ ମନରେଗା ଯୋଜନା ବୋଲି ବୁଦ୍ଧିଜୀବୀ ମହଲରେ ଆଲୋକପାତ ହୁଏ।



## ସ୍ୱାମୀଙ୍କ ମୃତ୍ୟୁ ଖବର ଶୁଣି ସ୍ତ୍ରୀ ଫିନାଇଲ ପିଇ ଗୁରୁତର

▶ ସଦର ଥାନା ଘେରିଲେ ଶତାଧିକ ମହିଳା ଓ ପୁରୁଷ



**ସୁନ୍ଦରଗଡ଼,୨୮।୯ (ସଂଚାର ବ୍ୟୁରୋ):** ପୁଲିସ ଗାଡି ଧକ୍କାରେ ବାଇକ ଆରୋହି ମୃତ, ସ୍ୱାମୀଙ୍କ ମୃତ ଖବର ପାଇ ସ୍ତ୍ରୀ ଫିନାଇଲ ପିଇ ଗୁରୁତର। ସୁନ୍ଦରଗଡ ସଦର ଥାନା ଅନ୍ତର୍ଗତ କରମଡିହି ବିଜୁ ଏକ୍ସପ୍ରେସ ୱେରେ ପୁଲିସ ଲେଖାଥିବା ଏକ ଗାଡି ଭାରସାମ୍ୟ ହରାଇ ଧକ୍କା ଦେଇଥିଲା ଏକ ବାଇକ ଆରୋହିଙ୍କୁ । ଏହା ପରେ ଗାଡିଟି ରାସ୍ତା କଡକୁ ଓଲଟି ପଡିବା ପରେ ପୁଲିସ ଗାଡିରେ ଥିବା ଡ୍ରାଇଭର ଓ ପୁଲିସ ଗାଡି ଛାଡି ପଳାଇ ଯାଇଥିଲା । ଏହାପରେ ସଦର ଥାନା ପୁଲିସ ପହଞ୍ଚି ଗାଡିକୁ ଜବତ କରି ତଦନ୍ତ ଆରମ୍ଭ କରିଥିଲା । ପୁଲିସର ତଦନ୍ତ ପରେ ଏହି ଗାଡିଟି ପୁଲିସ ସ୍କ୍ୱାଡକୁ ନେଇ ରାଉରକେଲା ଯାଇଥିଲା। ସୁନ୍ଦରଗଡକୁ ଫେରୁଥିବା ବାଟରେ ଦୁର୍ଘଟଣା ଗ୍ରସ୍ତ ହୋଇଥିଲା । ବଡ ଗାଁ କାଦୁଅପଡା ଅଶୋନି ସାହୁ ଘରକୁ ଫେରୁଥିବା ବେଳେ କରମ ଡିହି ଛକରେ ପୁଲିସ ଗାଡି ଧକ୍କାରେ ମୃତ ହେଇଥିବା ବେଳେ ଏହି ଘଟଣାକୁ ନେଇ ଶତାଧିକ ମହିଳା ଓ ପୁରୁଷ ଥାନା ଘେରାଉ କରିଥିଲେ। ଡ୍ରାଇଭରକୁ ଗିରଫ କରିବା ସହ ମୃତକଙ୍କୁ ଉଚିତ କ୍ଷତିପୁରଣ ଦାବି କରିଥିଲେ ଗ୍ରାମବାସୀ। ସେପଟେ ସ୍ୱାମୀର ମୃତ ଖବର ଶୁଣି ସ୍ତ୍ରୀ ଫିନାଇଲ ପିଇ ଗୁରୁତର ଅବସ୍ଥାରେ ବଡ଼ଗାଁ ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

## ଓଏଏସ୍ ସୌମ୍ୟକାନ୍ତଙ୍କୁ ସାମ୍ବାଦିକ ସଂଘ ପକ୍ଷରୁ ସମ୍ବର୍ଦ୍ଧନା



**ସୁବର୍ଣ୍ଣପୁର,୨୮।୯ (ସଂଚାର ବ୍ୟୁରୋ):** ଓଏଏସ ପରୀକ୍ଷାରେ କୃତକାର୍ଯ୍ୟ ହେଲେ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ସୁପୁତ୍ର, ଶ୍ରୀମାନ ଶାସ୍ୱତ ସୌମ୍ୟକାନ୍ତ ଓ ୨୩୫ ନମ୍ବର ରେଙ୍କ ରେ ସଫଳ ହୋଇ ଜନ୍ମ ମାଟି କଳାହାଣ୍ଡି ଜିଲ୍ଲା ସମେତ ସୁବର୍ଣ୍ଣପୁର ଜିଲ୍ଲାର ମଧ୍ୟ ସୁନାମ ଅର୍ଜନ କରି ଗୌରବ ବଢାଇଛନ୍ତି। ସେ ଭବିଷ୍ୟତରେ ଜଣେ ଦକ୍ଷ ଆଇଏଏସ ଅଧିକାରୀ ହୋଇ ତଳସ୍ତରର ଅପହଞ୍ଚ ଅଞ୍ଚଳର ଲୋକଙ୍କୁ ଉତ୍ତମ ସେବା ଦେବାକୁ ଲକ୍ଷ୍ୟ ରଖି ନିଃସ୍ୱାର୍ଥପର ଭାବେ ରାଜ୍ୟ ତଥା ଦେଶର ସେବା କରିବାକୁ ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କ ବାସଭବନରେ ସେ ଆଜି ମିଡ଼ିଆକୁ ପ୍ରତିକ୍ରିୟା ରଖିଛନ୍ତି । ମା ମାଣିକେଶ୍ୱରୀ ମା ସୁରେଶ୍ୱରୀଙ୍କ ଆଶୀର୍ବାଦ ଓ ବାପା ମାଆ ଭଉଣି ମାନଙ୍କ ପ୍ରେରଣାରେ ଆଜି ଏ ସଫଳତା ଆଣି ଦେଇଛି ବୋଲି ମଧ୍ୟ ପ୍ରକାଶ କରିଛନ୍ତି ସୌମ୍ୟ । ଶ୍ରୀମାନ ସୌମ୍ୟକାନ୍ତଙ୍କ ବାପା ସୁବର୍ଣ୍ଣପୁର ଜିଲ୍ଲାପାଳ ଡ. ନୃପ ରାଜ ସାହୁ କହିଛନ୍ତି ଯେ ସେ ବହୁତ ପରିଶ୍ରମ କରିଥିଲା। ତାହାର କଠିନ ଅଧ୍ୟବସାୟ ଯୋଗୁଁ ତାକୁ ଏହି ସଫଳତା ମିଳିଛି। ଗାଁର ଗରିବ ନିଷ୍ପେସିତ ଲୋକଙ୍କୁ ଉନ୍ନତ ସେବା ପ୍ରଦାନ ସହ ଏକ ଦରଦି ମନ ନେଇ ଜନସାଧାରଣ ଙ୍କୁ ସେବା ଯୋଗାଇ ଦେବାକୁ ମୋର ପରାମର୍ଶ ରହିବ ବୋଲି ସେ ପ୍ରକାଶ କରିଛନ୍ତି। ଓଡ଼ିଶା ସାମ୍ବାଦିକ ସଂଘ ସୋନପୁର ଶାଖା ପକ୍ଷରୁ ସୌମ୍ୟକାନ୍ତଙ୍କୁ ଆଜି ଜିଲ୍ଲାପାଳଙ୍କ ବାସଭବନରେ ଉପଢୌକନ ଓ ସ୍ମୃତି ଫଳକ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜ୍ଞାପନ କରି ଶୁଭ କାମନା କରି ଥିଲେ ।

## କଣାସରେ ବିଶ୍ୱ ନଦୀ ଦିବସ ପାଳିତ




**କଣାସ,୨୮।୯ (ସଂଚାର ବ୍ୟୁରୋ):** କଣାସ ବ୍ଲକ ବଡାସ ଗ୍ରାମପଞ୍ଚାୟତର ବଡାସ ଗ୍ରାମରେ ପ୍ରତିଷ୍ଠିତ ପଞ୍ଚମୁଖୀ କଲ୍ୟାଣ ମଣ୍ଡପ ଠାରେ ଆଜି ବିଶ୍ୱ ନଦୀ ଦିବସ ପାଳିତ ହୋଇଯାଇଛି। ପୂର୍ବତନ ସମିତି ସଭ୍ୟ ପବିତ୍ର ସୁନ୍ଦରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ନଦୀ ଆମର ମା', ମନବ ସଭ୍ୟତା ଗଢି ଉଠିଲା ନଦୀକୂଳରେ ପାଣି ଯେଉଁଠି ଜୀବନ ସେଠି। ସମସ୍ତ ନଦୀ ପ୍ରଦୂଷିତ। ମହାନଦୀ ଛତିଗଡ଼ ସରକାରଙ୍କ ସ୍ୱାର୍ଥପରତା ଯୋଗୁଁ ମୃତ ପ୍ରାୟ। ଦୟାନଦୀ ଭୁବନେଶ୍ୱର ମହାନଗର ନିଗମର ବର୍ଯ୍ୟବସ୍ତୁ ଦ୍ୱାରା ପ୍ରଦୂଷିତ। ଭୁବନେଶ୍ୱର ସମସ୍ତ ସ୍ୱେରେଜ୍ ପାଣି ମଂଚେଶ୍ୱର ଓ ଚନ୍ଦକା ଶଲ୍ଲା ଅଞ୍ଚଳର ପ୍ରଦୂଷିତ ପାଣି ନୟାନଦୀକୁ ଗଙ୍ଗୁଆ ନାଳ ଦେଇ ଆସୁଥିବାରୁ ଦୟାନଦୀ ପାଣି ପ୍ରଦୂଷିତ। ଆଗାମୀ ଦିନରେ ଦୟାନଦୀକୁ ପ୍ରଦୂଷଣ ମୁକ୍ତ କରିବାକୁ ବଡଗୋଠ ଠାରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଜନଗଣଙ୍କ ପଦଯାତ୍ରା ଆରମ୍ଭ ହୋଇ ମୁଖ୍ୟମନ୍ତ୍ରୀ ବାସଭବନ ସମ୍ମୁଖରେ ଧାରଣା ଦିଆଯିବା ପାଇଁ ଆଜିର ସଭାରେ ନିଷ୍ପତି ହୋଇଥିଲା। ଏଥିରେ ସମସ୍ତ କ୍ଷତିଗ୍ରସ୍ତଚାଷୀ, ମତ୍ସଜୀବୀ ଓ ସାଧାରଣ ଜନତା ଯୋଗଦେବା ପାଇଁ ବକ୍ତାମାନେ ଆହ୍ୱାନ ଦେଇଥିଲେ।

## ଏସପିଙ୍କୁ ଭେଟିଲେ ଜିଲ୍ଲା ଗୃହରକ୍ଷୀ ସଙ୍ଘ



**କୋରାପୁଟ,୨୮।୯ (ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ଗୃହରକ୍ଷୀ ସଙ୍ଘ କୋରାପୁଟ ଏସପିଙ୍କୁ ସାକ୍ଷାତ କରି ନିଜର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗୃହରକ୍ଷୀ ସଙ୍ଘଙ୍କ କହିବା ଅନୁଯାୟୀ ଗୃହରକ୍ଷୀ ଭାଇ ଭଉଣୀଙ୍କ ଅବସର ହେଉ କିମ୍ବା ମୃତ୍ୟୁ ହୁଏ ତାହେଲେ କୋରାପୁଟ ଜିଲ୍ଲାର ସମସ୍ତେ ଗୃହରକ୍ଷୀ ପକ୍ଷରୁ ସହଯୋଗର ହାତ ବଢ଼ାଇବେ। ଅବସର ହେଲେ ଏକ ଲକ୍ଷ ଟଙ୍କା ପ୍ରଦାନ କରାଯିବ। ମୃତ୍ୟୁ ହେଲେ ସମସ୍ତ ଗୃହରକ୍ଷୀଙ୍କ ଗୋଟିଏ ଦିନର ଡିସିଏ ଦିଆଯିବ। ଏ ସମ୍ପର୍କରେ ଆଲୋଚନା କରିବା ଯୋଗୁଁ ଏସପି କୋରାପୁଟ ଜିଲ୍ଲା ଗୃହରକ୍ଷୀ ସଙ୍ଘକୁ ଧନ୍ୟବାଦ ଜଣାଇଛନ୍ତି। ଗୃହରକ୍ଷୀ ଅର୍ଜୁନ ନାୟକଙ୍କ ନେତୃତ୍ୱରେ ସଙ୍ଘ ସଭାପତି ନିର୍ମଲ ବାଘ, ଉପ ସଭାପତି ଗୌରୀ ଜେନା, ପି ରାଜେଶ କୁମାର, ସମ୍ପାଦକ ବୁଡୁ ସୁନା, ଟ୍ରେଜିରେର ମହେନ୍ଦ୍ର ବିଶୋଇ ଓ ତପନ ରଥଙ୍କ ସହ କର କମିଟି ମେମ୍ବର ପ୍ରବୀଣ କୁମାର ସାହୁ ଏବଂ ଡ଼ି ସମା ଉପସ୍ଥିତ ରହି ମାନ୍ୟବର ଏସ୍‌ପି ସାହେବ ଓ ସାରଜେଣ୍ଟ ସାହେବଙ୍କୁ ଧନ୍ୟବାଦ ଦେଇଥିଲେ।

## ପାଚେରି ଓ ରୋଷେଇ ଗୃହ ନିର୍ମାଣ ଦାବି



**ଫିରିଙ୍ଗିଆ,୨୮।୯ (ସଂଚାର ବ୍ୟୁରୋ):** ଆଜିବି ଅବହେଳିତ ଭାବେ ରହିଛି ଫିରିଙ୍ଗିଆ ବ୍ଲକର ଅନେକ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର ଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ। ସରକାରଙ୍କ ବିଭିନ୍ନ ଯୋଜନା ଏଠାରେ ପହଞ୍ଚି ପାରିନାହିଁ। ଏମିତି ଏକ ବିଦ୍ୟାଳୟ ହେଉଛି ଫିରିଙ୍ଗିଆ ବ୍ଲକ ପାହିରାଜୁ ପଞ୍ଚାୟତ ଗବରନଳା ଗାଁରେ ଥିବା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ। ଏହି ବିଦ୍ୟାଳୟ ୧୯୭୯ ମସିହାରେ ସ୍ଥାପିତ ହୋଇଥିଲା। ବିଦ୍ୟାଳୟଟି ଗାଁର ଥିବା ଏକ ନାଳ ନିକଟରେ ରହିଛି।

ବିଦ୍ୟାଳୟଟି ଏବେ ସମସ୍ୟା ଘେରରେ ରହିଛି। ବର୍ଷା ଦିନେ ବିଦ୍ୟାଳୟ ଭିତରେ ପାଣି ପାଣି ପଶୁଥିବା ବେଳେ ଆଜି ପର୍ଯ୍ୟନ୍ତ ପାଚେରୀ ନିର୍ମାଣ ହୋଇ ପାରିନାହିଁ। ଏଥିଯୋଗୁଁ ଛାତ୍ର ଛାତ୍ରୀମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟରେ କେବଳ ଦୁଇଜଣ ଶିକ୍ଷକ ଅଛନ୍ତି। କିନ୍ତୁ ବର୍ଷା ହେଲେ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସବୁଠାରୁ ବଡ଼ ସମସ୍ୟା ହେଉଛି ବିଦ୍ୟାଳୟରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ରହିଥିବା ରୋଷେଇ ଘର ଦୀର୍ଘ ମାସ ହେବ ଭାଙ୍ଗିରୁଜି ଯାଇଥିଲେ ମଧ୍ୟ ମରାମତି ହୋଇପାରୁ ନାହିଁ। ଅର୍ଥ ଅନୁଦାନ ଆସି ନଥିବାରୁ ମରାମତି ହୋଇପାରୁ ନଥିବା ଜଣାପଡ଼ିଛି। ଅନ୍ୟ ଉପାୟ ନ ପାଇ ପାଚିକା ଓ ସହାୟୀକ ଭଙ୍ଗା ଦଦରା ରୋଷେଇ ଘରେ ବିପଦ ସଙ୍କୁଳ ଅବସ୍ଥାରେ ପ୍ରତିଦିନ ରୋଷେଇ କରୁଛନ୍ତି। ତୁରନ୍ତ ଏହି ବିଦ୍ୟାଳୟରେ ରୋଷେଇ ଗୃହ ମରାମତି ଓ ପାଚେରୀ ନିର୍ମାଣ ପାଇଁ ଅଭିଭାବକଙ୍କ ସହ ଅଞ୍ଚଳବାସୀ ଦାବି କରିଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଫିରିଙ୍ଗିଆ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କୁ ପଚାରିବାରୁ ବିଦ୍ୟାଳୟ ପାଚେରୀ ନଥିବା ଏବଂ ରୋଷେଇ ଗୃହ ଭାଙ୍ଗିଥିବା ସ୍ୱୀକାର କରିବା ସହ କନ୍ଧମାଳ ଜିଲାପାଳ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପଞ୍ଚାୟତରେ ଲିଖିତ ଭାବରେ ଦିଆଯାଇଛି। କିଭଳି ତୁରନ୍ତ ମରାମତି ହୋଇପାରିବ ସେନେଇ ବ୍ୟବସ୍ଥା କରାଯିବ ବୋଲି ସୂଚନା ଦେଇଛନ୍ତି।

## ଚାଷୀ ସୁରକ୍ଷା ସମିତି ପକ୍ଷରୁ ପ୍ରଥମ ବୈଠକ



**ନୀଳଗିରା,୨୮।୯ (ସଂଚାର ବ୍ୟୁରୋ):** ମାଟିଆଳି ଲ୍ୟାମ୍ପ ରାଜବରହମପୁର ଅଧିନସ୍ଥ ୧୧ଗୋଟି ପଞ୍ଚାୟତର ଚାଷୀମାନଙ୍କ ସୁରକ୍ଷା ପାଇଁ ଚାଷୀ ସୁରକ୍ଷା ସମିତିର ଆହ୍ୱାନ କ୍ରମେ ରବିବାର ତେଲିପାଳ କଲ୍ୟାଣ ମଣ୍ଡପ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି।

ରାଜବରହମପୁରର ପୂର୍ବତନ ସମିତି ସଭ୍ୟ ଅକ୍ଷୟ କୁମାର ବେହେରାଙ୍କ ଆହ୍ୱାନ କ୍ରମେ ତଥା କେସିପୁରର ପୂର୍ବତନ ସମିତି ସଭ୍ୟ ସୁରେଶ ନାୟକଙ୍କ ସଭାପତିତ୍ୱ ରେ ମାଟିଆଳି ଲ୍ୟାମ୍ପରେ ଉପୁଜୁଥିବା ସମସ୍ୟା ତଥା ମାଟିଆଳି ଲ୍ୟାମ୍ପ ମଧ୍ୟରେ ହେଉଥିବା ଅନିୟମିତତା ବିଷୟରେ ଉପସ୍ଥିତ ଚାଷୀମାନେ ନିଜ ନିଜର ମତାମତ ପ୍ରଦାନ କରିଥିଲେ । ବିଗତ ବର୍ଷରେ ଚାଷୀମାନେ ଧାନ ବିକ୍ରି କରିବାବେଳେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଥିବା ତଥା ଚାଷ ଋଣ ପରିଶୋଧ ସମୟରେ ବିଭିନ୍ନ ଆଳ ଦେଖାଇ ବିନା ରସିଦରେ ହାତଗୁଞ୍ଜା ନେଉଥିବା କଥା ଚାଷୀମାନେ ବ୍ୟକ୍ତିଗତ ଭାବେ ମତବ୍ୟକ୍ତ କରିଥିଲେ । ତତ୍ ସହିତ ଲ୍ୟାମ୍ପର କର୍ମଚାରୀ ଦୀର୍ଘଦିନ ଧରି ଦରମା ପାଉ ନଥିବାର ଅଭିଯୋଗ କରୁଥିଲେ ମଧ୍ୟ ଚାଷୀମାନଙ୍କ ଋଣ ଆଦାୟ କରି ମନ ଇଚ୍ଛା ନିଜ ପକେଟରେ ରଖୁଥିବାର ନଜର ଆସୁଛି ଯାହା ପାଇଁ ଲ୍ୟାମ୍ପ ବୁଡିଯିବା ସହିତ ଚାଷୀ ମାନଙ୍କ ଭବିଷ୍ୟତ ଅନ୍ଧାର ହୋଇଯିବାର ସମ୍ଭାବନାକୁ ଏଡାଇ ଦିଆଯାଇ ନପାରେ। ଏହାର ସମାଧାନ ନହେଲେ ଆଗାମୀ ଦିନରେ ଚାଷୀ ମାନଙ୍କୁ ନେଇ ଚାଷୀ ସୁରକ୍ଷା ସମିତି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବ ବୋଲି ଚେତାବନୀ ଦେଇଛନ୍ତି।

## କେନ୍ଦୁଘାଟିରେ ମା’ ବନ ଦୁର୍ଗାଙ୍କ ନବରାତ୍ରୀ ପୂଜା



**ମ.ରାମପୁର,୨୮।୯ (ସଂଚାର ବ୍ୟୁରୋ):** ଭାରତୀୟ ସଂସ୍କୃତିରେ ବିଭିନ୍ନ ପର୍ବ ପର୍ବାଣୀର ବିଶେଷ ସ୍ଥାନ ଅଛି । ପ୍ରତ୍ୟେକ ପର୍ବର ନିଜସ୍ୱ ମହତ୍ତ୍ୱ ଓ ସନ୍ଦେଶ ମଧ୍ୟ ରହିଛି । ତନ୍ମଧ୍ୟରୁ “ନବରାତ୍ରୀ” ସମସ୍ତଙ୍କ ପାଇଁ ଏକ ପବିତ୍ର ଓ ଆଧ୍ୟାତ୍ମିକ ପର୍ବ । ଏହାକୁ “ଶକ୍ତି ପୂଜା” ବୋଲି ମଧ୍ୟ ବିବେଚନା କରାଯାଏ। ଏହି କ୍ରମରେ କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଗୌଡକେଲା ନିକଟସ୍ଥ କେନ୍ଦୁଘାଟି ପାହାଡ ଶିଖରେ ପୂଜା ପାଆନ୍ତି ମା’ ବନଦୁର୍ଗା। ଉକ୍ତ ପାହାଡ଼ ପାଦଦେଶରୁ ଶିଖର ଦେଇ ଯାଇଥିବା ରାୟପୁର-ଗୋପାଳପୁର ୫୯ ନମ୍ବର ଜାତୀୟ ରାଜପଥରେ ଯାତ୍ରା କରୁଥିବା ପ୍ରତିଟି ଯାତ୍ରୀ ମା’ଙ୍କ ଶରଣାପନ୍ନ ହୋଇ ନିଜ ଗନ୍ତବ୍ୟ ସ୍ଥଳରେ ସୂଚାରୁ ରୂପେ ପହଞ୍ଚିବା ପାଇଁ ଆଶିର୍ବାଦ ଭିକ୍ଷାକରି ଯାଇଥାନ୍ତି । ଲୋକଙ୍କ ବିଶ୍ୱାସ ରହିଛି ଯେ ମା’ ବନଦୁର୍ଗାଙ୍କୁ ସ୍ମରଣ କରି ଯାତ୍ରା କଲେ ସେ ବିପଦ ଆପଦରୁ ରକ୍ଷା କରିଥାନ୍ତି। ଯାହା ଲୋକଙ୍କ ଆସ୍ଥା ପାଲଟିଛି।

ପ୍ରତିବର୍ଷ ଭଳି ଚଳିତବର୍ଷ ୨୨ ତାରିଖ ଆଶ୍ୱିନ ମାସର ଶୁକ୍ଳପକ୍ଷ ପ୍ରତିପଦା ତିଥିରେ ମାଙ୍କ ନବରାତ୍ରୀ ପୂଜା ଯଥାବିଧି ମତେ ଅନୁଷ୍ଠିତ ହୋଇ ତାହା ବିଜୟା ଦଶମୀ ତିଥିରେ ଶେଷ ହେବ । ତେବେ ନବରାତ୍ରୀ ଠାରୁ ପ୍ରତ୍ୟହ ଏଠି ମା’ଙ୍କ ଦର୍ଶନ ସକାଶେ ଶତାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହେଉଥିବା ବେଳେ ସମସ୍ତଙ୍କ ପାଇଁ ଅର୍ଣ୍ଣ ପ୍ରସାଦ ବ୍ୟବସ୍ଥା ରହିଛି। ଏହାସହ ବିଜୟା ଦଶମୀ ତିଥିରେ ଚାରି ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହେବାନେଇ କମିଟି ପକ୍ଷରୁ ସୂଚନା ରହିଛି। ଏଥିରେ ମୁଖ୍ୟ ପୂଜକ କଂଗ୍ରେସ ଦଣ୍ଡସେନା ସମସ୍ତ ପୂଜା ନିତିକାନ୍ତି ସମ୍ପାଦନା କରୁଥିବା ବେଳେ ପୂଜା କମିଟି ସଭାପତି ଶ୍ରୀ ଜିବେଶ କୁମାର ପଣ୍ଡା ସମସ୍ତ ଦାୟିତ୍ୱ ଭାର ନିର୍ବାହ କରୁଛନ୍ତି। ଯେଉଁଥିରେ ଉକ୍ତ ଅଞ୍ଚଳବାସୀଙ୍କ ସମସ୍ତ ପ୍ରକାର ସାହାଯ୍ୟ ସହଯୋଗ ରହିଛି।

## ଅପହୃତ ଯୁବକ ଉଦ୍ଧାର

**ବୈଶିଙ୍ଗା,୨୮।୯ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅର୍ନ୍ତଗତ ଗଡଦେଉଳିଆ ବଜାର ନିକଟରୁ ଶନିବାର ସନ୍ଧ୍ୟା ସମୟରେ ଜଣେକ ଯୁବକଙ୍କୁ ବନ୍ଧୁକ ମୁନରେ ଅପହରଣ କରାଯାଇଥିବା ନେଇ ଅଭିଯୋଗ ହୋଇଛି। ମିଳିଥିବା ସୂଚନା ମୁତାବକ ବାଲେଶ୍ୱର ଜିଲ୍ଲାର ରେମୁଣା ଥାନା ଅନ୍ତର୍ଗତ କଲ୍ୟାଣପୁର ଗ୍ରାମର ଭାଗବତ ରାଉତଙ୍କ ପୁଅ ଶୁଭକାନ୍ତ ଭୁବନେଶ୍ୱରଠାରେ ରହି ଅନଲାଇନ ଟ୍ରେଡିଙ୍ଗ ବ୍ୟବସାୟ କରିଥାନ୍ତି। ତେବେ ବ୍ୟବସାୟିକ ଶତୃତା ଯୋଗୁଁ ତାଙ୍କୁ ବାଲେଶ୍ୱର ରେମୁଣା ଅଞ୍ଚଳର ୬ ଜଣ ଯୁବକ ବିଭିନ୍ନ ସମୟରେ ଧମକ ଚମକ ଦେଉଥିବା ବେଳେ ଶନିବାର ସନ୍ଧ୍ୟା ସମୟରେ ଗଡଦେଉଳିଆ ବଜାରରୁ ଅଭିଯୁକ୍ତମାନେ ତାଙ୍କ ମୁଣ୍ଡରେ ବନ୍ଧୁକ ଲଗାଇ ବାଇକ ଯୋଗେ ବାଲେଶ୍ୱର ଦିଗରେ ନେଇ ପଳାଇଯାଇଥିଲେ। ଏ ସମ୍ପର୍କରେ ଶୁଭକାନ୍ତଙ୍କ ଶାଳକ ଜ୍ୟୋତିର୍ମୟ ମହାନ୍ତି ବୈଶିଙ୍ଗା ଥାନାରେ ଏତଲା ଦେବାପରେ ପୁଲିସ ଟିମ ବିଭିନ୍ନ ସମ୍ଭାବ୍ୟ ସ୍ଥାନରେ ଚଢାଉ କରିଥିଲା। ଅପରାହ୍ନରେ ଅଭିଯୁକ୍ତମାନେ ଶୁଭକାନ୍ତଙ୍କୁ ଚେତାବନୀ ଦେଇ ଛାଡିଦେଇଥିବା ଜଣାପଡ଼ିଛି। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି।




## ସ୍ୱାତୀର ବାର୍ଷିକ ସାଧାରଣ ପରିଷଦ ବୈଠକରେ ଗୋଷ୍ଠୀ ଭାଗିଦାରିତାକୁ ପ୍ରାଧାନ୍ୟ



**ଫୁଲବାଣୀ,୨୮।୯ (ସଂଚାର ବ୍ୟୁରୋ):** ଜାତିସଂଘର ଚିରନ୍ତନ ବିକାଶ ଲକ୍ଷ୍ୟ -୨୦୩୦କୁ ହାସଲ ଦିଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସବୁ ସ୍ତରରେ ପ୍ରସ୍ତୁତି ଚାଲିଥିବା ବେଳେ ଏସବୁ ଲକ୍ଷ୍ୟ ହାସଲ ଦିଗରେ ସରକାରୀ ଉଦ୍ୟମ ସହ ଗୋଷ୍ଠୀ ଏବଂ ନାଗରୀକ ସମାଜ ଗୁଡିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । ଏହି ପରିପ୍ରେକ୍ଷିରେ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସ୍ୱାତୀ ଦ୍ୱାରା ଗତ ୨୭ ତାରିଖରେ ଅନୁଷ୍ଠାନର ଜି.ଉଦୟଗିରି ସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ପରିଶରରେ ଏହାର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଥିଲା` ନାଗରୀକ ସମାଜ ଗୁଡିକର ପ୍ରତ୍ୟକ୍ଷ ସହଯୋଗ ଏବଂ ଗୋଷ୍ଠୀର ଭାଗୀଦାରିତା ବିନା ବିକାଶର ଏହି ଦୂରନ୍ତ ଲକ୍ଷ୍ୟକୁ ହାସଲ କରିବା ସମ୍ଭବ ହେବ ନାହିଁ ବୋଲି ସ୍ୱାତୀ ଦ୍ୱାରା ଆୟୋଜିତ ବାର୍ଷିକ ସାଧାରଣ ପରିଷଦ ବୈଠକ ରେ ମତ ପ୍ରକାଶ ପାଇଛି ।

ଏହି ବୈଠକରେ ଆଦି କର୍ମଯୋଗୀ ଅଭିଯାନରେ କିପରି ଅଧିକରୁ ଅଧିକ ଅନୁସୂଚିତ ଜନଜାତି ପରିବାରକୁ ଯୋଡାଯାଇ ଶସକ୍ତ କରାଯାଇ ପାରିବ ସେ ଦିଗରେ ଆଲୋଚନା କରାଯାଇଥିଲେ । ପରେ ପରେ ଅନୁଷ୍ଠାନର ଅଭ୍ୟନ୍ତରୀଣ ଅଭିଯୋଗ କମିଟିକୁ ଶସକ୍ତ କରିବା ଦିଗରେ କି କି ପଦକ୍ଷେପ ମାନ ନେବା ଆବଶ୍ୟକ ସେ ଦିଗରେ ଆଲୋଚନା କରାଯାଇଥିଲେ` ଏଥିସହିତ ଆଗାମି ୫ ବର୍ଷରେ ଅନୁଷ୍ଠାନର ଆଭିମୂଖ୍ୟ ଗୁଡିକୁ ଆଲୋଚନା କରି କିପରି ଗୋଷ୍ଠିର ସହଭାଗିତା ବଢାଇ ସେମାନଙ୍କୁ ଅଧିକରୁ ଅଧିକ ସାମିଲ କରାଯାଇ ପାରିବ ସେ ଦିଗରେ ଗୁରୁତ୍ୱ ଦିଆଯାଇ ଆଗଧାଡିରେ କାର୍ଯ୍ୟରତ କର୍ମକର୍ତା ମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଥିଲେ। ଅନୁଷ୍ଠାନ ର ସମ୍ପାଦକ ହରି ଶଙ୍କର ରାଉତ ବୈଠକ କୁ ପରିଚାଳନା କରିବା ସହିତ ପ୍ରଗତିର ତିବ୍ରତାକୁ ଅନୁଶୀଳନ କରି ଏହାକୁ କିପରି ତ୍ୱରାନ୍ୱିତ କରାଯାଇ ପାରିବ ସେଥିପ୍ରତି ସାମାଜିକ ସଂଗଠନର କର୍ମକର୍ତାମାନେ ଧ୍ୟାନ ଦେବାକୁ ଆହ୍ୱାନ ଦେଇଥିଲେ।

## ନର୍ଲା ବ୍ଲକ ଯାଦବ ସମିତି ବୈଠକ

**ନର୍ଲା,୨୮।୯ (ସଂଚାର ବ୍ୟୁରୋ):** ନର୍ଲା ବ୍ଲକ ଯାଦବ ସମିତିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ସ୍ଥାନୀୟ ଯାଦବ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ ଯାଦବ ସମିତି ସଭାପତି ଲିଙ୍ଗରାଜ କରୁଆଁଙ୍କ ଅଧ୍ୟକ୍ଷତାରେ ଏନେଇ ଆୟୋଜିତ ସଭାରେ ଆଗାମୀ ଜିଲ୍ଲା ଯାଦବ ମହାସଭା ଆୟୋଜନ ସମ୍ବନ୍ଧୀୟ ଆଲୋଚନା ଏବଂ ସାଙ୍ଗଠନିକ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ବୈଠକରେ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭା ଅଭ୍ୟର୍ଥନା କମିଟି ସଭାପତି ଗିରିଧାରୀ ଗଉଡ, ବ୍ଲକ ଉପସଭାପତି ଦୁଲ୍ଲଭ ମାହାର, ସୁନୀଲ କୁମାର ଧଙ୍ଗଡାମାଝୀ ଓ ମାର୍କଣ୍ଡ ଜାଲ, ଯୁଗ୍ମ ସମ୍ପାଦକ ଅଜିତ କରୁଆଁ, କୋଷାଧ୍ୟକ୍ଷ ଗିରିଧାରୀ ଗଉଡ, ବରିଷ୍ଠ ଯାଦବ ନେତୃତ୍ୱ ତ୍ରିଲୋଚନ ନାଏକ, ଭଗବାନ ପୋଢ, ବନମାଳି ଗଉଡ, ଗୌରଚନ୍ଦ୍ର ଭୋଇଙ୍କ ସମେତ ବ୍ଲକର ସମସ୍ତ ଆଞ୍ଚଳିକ ସମିତିର କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବ୍ଲକ ଯାଦବ ସମିତିର ସାଧାରଣ ସମ୍ପାଦକ ମଧୁସୂଦନ ରାଉତ ସଭା ପରିଚାଳନା କରିଥିବାବେଳେ ନର୍ଲା ବ୍ଲକ ଯାଦବ ସମିତିର ଯୁବ ସଭାପତି ପ୍ରସୁନ୍ନ କୁମାର ଜାଲ ଧନ୍ୟବାଦ ଅର୍ପଣ କରିଥିଲେ।



**କଣାସରେ ଇୟୁରିଆ ସାର ଯୋଗାଣ ସମୁଦ୍ରକୁ ଶଙ୍ଖେ**

## ସାର ପାଇଁ ଚାଷୀଙ୍କ ମଧ୍ୟରେ ଠେଲାପେଲା



**କଣାସ,୨୮।୯ (ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟ ସରକାର ଚାଷୀମାନଙ୍କ ପ୍ରଗତି ହେଲେ ଦେଶର ପ୍ରଗତି ସମ୍ଭବ ବୋଲି ଗଣମାଧ୍ୟମରେ ଡେଙ୍ଗୁରା ପିଟୁଥିବା ବେଳେ ଚାଷୀମାନଙ୍କ ପ୍ରଗତି ପାଇଁ ବିଭିନ୍ନ ଯୋଜନାମାନ କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ଚାଷୀମାନଙ୍କୁ ଠିକ୍ ସମୟରେ ସାର ଯୋଗାଇ ପାରୁନଥିବାରୁ ପୁରୀ ଜିଲ୍ଲା କଣାସ ବ୍ଲକର ଚାଷୀମାନେ ଇୟୁରିଆ ସାର ପାଇଁ ହଟହଟା ହେଉଥିବା ଦେଖିବାକୁ ମିଳିଛି।

କଣାସ ଠାରେ ଥିବା ପଞ୍ଚୁପଦ୍ମା ମହିଳା ସମିତି ସର ବିକ୍ରି କରିବା ପାଇଁ ସରକାରଙ୍କ ଠାରୁ ସୀକୃତି ପାଇଥିବା ବେଳେ ଆଜି ମାତ୍ର ୬୬୬ବସ୍ତା ସାର ପହଞ୍ଚି ଥିବାରୁ କଣାସ, ସିରେଇ, ତ୍ରିଲୋଚନପୁର, ଦୋକନ୍ଦା, ବଡାସ, ପାଣ୍ଡିଆକେରା, ଗଡ଼ବଡପୁଟ, ଗଡ଼ସାନପୁଟ ଗ୍ରାମର ଶହଶହ ଚାଷୀ ସାର ନେବା ପାଇଁ ଭିଡ ଜମାଇବା ସହିତ ଠେଲା ପେଲା ହେଉଥିବା ଦେଖିବାକୁ ମିଳିଥିଲା। ସାର ସମ୍ପର୍କରେ ପଞ୍ଚୁପଦ୍ମାର କର୍ମକର୍ତ୍ତାଙ୍କୁ ପଚାରିବାରୁ ସେ କୁହନ୍ତି ୨ହଜାର ୫ଶହ ବସ୍ତା ସାରା ପାଇଁ ଦୀର୍ଘ ଏକ ମାସ ହେଲା ଲେଖି ଜଣାଇବା ପରେ ଆଜି ମାତ୍ର ୬୬୬ବସ୍ତା ସାର ଆସିଥିବାରୁ ଚାଷୀମାନଙ୍କ ମଧ୍ୟରେ ସାରା ପାଇଁ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି।

ଆଉ କେତେକ ସ୍ଥାନରେ ସାର ଚଢା ଦରରେ ସାର ବିକ୍ରି ହେଉଥିଲେ ମଧ୍ୟ କଣାସ ଠାରେ ନିଯୁକ୍ତି ପାଇଥିବା କୃଷି ଅଧିକାରୀ ସେଥି ପ୍ରତି ଦୃଷ୍ଟି ଦେଉନଥିବାରୁ ଚାଷୀମାନଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ଦେଖାଦେଇଛି। ତୁରନ୍ତ ରାଜ୍ୟସରକାର ଚାଷୀମାନଙ୍କ ଆବଶ୍ୟକ ମୁତାବକ ଇୟୁରିଆ ସାର ଯୋଗାଇଦେବା ପାଇଁ ଚାଷୀମାନଙ୍କ ପକ୍ଷରୁ ଦାବୀ ହେଉଛି।